# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୨/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 2/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୩୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 308 | ମୂଲ୍ୟ ₹୭/-




ମହାମାନବ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ଶ୍ରଦ୍ଧାଞ୍ଜଳି।

**ଆଜିର ସମ୍ପାଦକୀୟ**

## ବୋଲରଙ୍କୁ ଅଣଦେଖା

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍: କାଉଣ୍ଟରରେ ଟିକେଟ୍ ବିକ୍ରି ଆରମ୍ଭ


ରିପୋର୍ଟ ଖେଳ ପୃଷ୍ଠାରେ


**ଆଜିର ମନ୍ତବ୍ୟ**

ସଂଘୀୟ ସହଯୋଗିତାକୁ ନେଇ ଆମ ବିଚାରଧାରା ମହାନ୍ ହୋଇପାରେ। କିନ୍ତୁ ଏହାକୁ ସଫଳ କରିବା ପାଇଁ ସବୁ ଶକ୍ତିକୁ ଏକାଠି ହେବାକୁ ପଡ଼ିବ।

**-ଏମ୍.କେ.ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ**

DSPL - 209

## ବନ୍ୟପ୍ରାଣୀ ସପ୍ତାହ ୨୦୨୨ ପାଳନ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଶାନ୍ତି ଓ ଅହିଂସାର ଉପାସକ ମହାତ୍ମା ଗାନ୍ଧୀଙ୍କର ପୁଣ୍ୟ ଜନ୍ମତିଥି ଅବସରରେ ଅକ୍ଟୋବର ୨ ତାରିଖଠାରୁ ୮ ତାରିଖ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ସାରା ଦେଶରେ ପ୍ରତିବର୍ଷ ପାଳିତ ହୋଇଆସୁଛି ।

ବନ୍ୟପ୍ରାଣୀଙ୍କ ସୁରକ୍ଷା, ସଂରକ୍ଷଣ ଏବଂ ମାନବ ସମାଜ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଆମର ପ୍ରତିବଦ୍ଧତା ଏକାନ୍ତ ଅପରିହାର୍ଯ୍ୟ । ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଏହି ଅବସରରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସେମାନଙ୍କ ଆବାସସ୍ଥଳୀର ସଂରକ୍ଷଣ ଓ ଅଭିବୃଦ୍ଧି ପାଇଁ ସରକାରଙ୍କ ପଦକ୍ଷେପରେ ସ୍ଥାନୀୟ ଅଧିବାସୀ, ସ୍ୱେଚ୍ଛାସେବୀ ତଥା ଜନସାଧାରଣଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-08006/13/0005/2223

DSPL - 209

## ବନ୍ୟପ୍ରାଣୀ ସପ୍ତାହ ୨୦୨୨ ପାଳନ ଉପଲକ୍ଷେ ମାନ୍ୟବର ମନ୍ତ୍ରୀଙ୍କ ବାର୍ତ୍ତା



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସାରା ଦେଶ ତଥା ଆମ ରାଜ୍ୟରେ ଅକ୍ଟୋବର ୨ ରୁ ୮ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଅଛି । 'ଜୀବେ ଦୟା' ଓ 'ଅହିଂସା ପରମ ଧର୍ମ' ଆମ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର । ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ବନ୍ୟପ୍ରାଣୀ ସୁରକ୍ଷା ଓ ସେମାନଙ୍କର ବାସସ୍ଥଳୀର ସଂରକ୍ଷଣ କରିବା ପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ବନ୍ୟପ୍ରାଣୀ ସପ୍ତାହ ପାଳନ କରିବାର ଆଭିମୁଖ୍ୟ ଅଟେ ।

ପ୍ରାକୃତିକ ସଂପଦ ଓ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା ଘଞ୍ଚ ଜଙ୍ଗଲ, ବିରଳ ବନ୍ୟପ୍ରାଣୀ ଓ ଜୈବବିବିଧତାର ଗନ୍ତାଘର । ଗହିରମଥା ଓ ଋଷିକୁଲ୍ୟା ମୁହାଣରେ ବିରଳ ସାମୁଦ୍ରିକ କଇଁଚ ଅଲିଭ୍ ରିଡ୍ଲେର ସାମୂହିକ ଅଣ୍ଡା ଦାନ ପ୍ରକ୍ରିୟା ଏବଂ ଚିଲିକା ଓ ଭିତରକନିକା ଆର୍ଦ୍ର ଭୂମିରେ ଶୀତଋତୁରେ ପରିବ୍ରାଜକ ପକ୍ଷୀଙ୍କ ସମାବେଶ ବିଶ୍ୱବିଦିତ ।

ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ କାର୍ଯ୍ୟକାରୀ କରାଯାଉଥିବା ଉନ୍ନୟନ ପ୍ରକଳ୍ପ କେତେକାଂଶରେ ମଣିଷ-ବନ୍ୟପ୍ରାଣୀ ମଧ୍ୟରେ ବିବାଦ ସୃଷ୍ଟି କରୁଅଛି । ସ୍ଥାନୀୟ 'ବନ ସୁରକ୍ଷା ସମିତି' ଓ 'ପରିବେଶ ଉନ୍ନୟନ ସମିତି'ମାନଙ୍କ ସହଯୋଗରେ ବନ ବିଭାଗ କର୍ମଚାରୀମାନେ ସମସ୍ୟାର ଆଶୁ ସମାଧାନ ପାଇଁ ସମୁଚିତ ପଦକ୍ଷେପ ନେଉଅଛନ୍ତି ।

ମାନବ ସମାଜ ଓ ବନ୍ୟପ୍ରାଣୀ ଅଙ୍ଗାଙ୍ଗୀଭାବେ ଜଡ଼ିତ । ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା, ପୁନରୁଦ୍ଧାର ଓ ଅଭିବୃଦ୍ଧି ନିମନ୍ତେ ମୁଁ ଜନସାଧାରଣଙ୍କ ଆନ୍ତରିକ ସହଯୋଗ କାମନା କରୁଅଛି ।

ପ୍ରଦିପ କୁମାର ଅମାତ

(ପ୍ରଦିପ କୁମାର ଅମାତ)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-08006/13/0005/2223




**ଇମ୍ରାନ ଖାନ୍‌ଙ୍କ ନାଁରେ ଗିରଫ ପରୱାନା** | ଜଣେ ମହିଳା ବିଚାରପତିଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ)ର ମୁଖ୍ୟ ଇମ୍ରାନ ଖାନ୍‌ଙ୍କ ନାମରେ ଇସ୍‌ଲାମାବାଦର ମାଜିଷ୍ଟ୍ରେଟ୍ ଗିରଫ ପରୱାନା ଜାରି କରିଛନ୍ତି। ଅତିରିକ୍ତ ଜିଲା ଓ ଦୌରା ଜଜ୍ ଜେବା ଚୌଧରୀଙ୍କୁ ଧମକ ଦେବା ଅଭିଯୋଗରେ ପିଟିଆଇ ଅଧକ୍ଷ ଇମ୍ରାନ୍‌ଙ୍କ ବିରୋଧରେ ଅଗଷ୍ଟ ୨୦ରେ ପିପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ମାମଲାରେ ୧୪୨ ବର୍ଷ ଜେଲ

**ପଥାନାମ୍‌ଥିଟ୍ଟା(କେରଳ),୧।୧୦ :** ଜଣେ ନାବାଳିକାଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ବଳାତ୍କାର କରିଥିବା ଜଣେ ୪୧ ବର୍ଷୀୟ ବ୍ୟକ୍ତିଙ୍କୁ କେରଳର ଏକ ଅଦାଲତ ୧୪୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ପଥାନାମ୍‌ଥିଟ୍ଟା ଅତିରିକ୍ତ ଜିଲା ଓ ଦୌରା କୋର୍ଟ ବିଚାରପତି ଜୟକୁମାର ଜନ୍ ଅପରାଧୀ ଆନନ୍ଦନ ପି.ଆର୍.ଙ୍କ ଉପରେ ୫ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ଜିଲାରେ ପୋକ୍ସୋ ମାମଲାରେ ଏହା ସର୍ବାଧିକ ଦଣ୍ଡବିଧାନ। ତେବେ ଅପରାଧୀ ସର୍ବମୋଟ ୬୦ ବର୍ଷ ଜେଲରେ ରହିବେ ବୋଲି ଜାରି ବିବୃତିରେ କୁହାଯାଇଛି। ଅପରାଧୀ ଆନନ୍ଦନ ୧୦ ବର୍ଷୀୟା ପୀଡ଼ିତାଙ୍କ ସମ୍ପର୍କୀୟ ଓ ତାଙ୍କ ଘରେ ରହୁଥିବାବେଳେ ୨୦୧୯ରୁ ୨୦୨୧ ମଧ୍ୟରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ତାଙ୍କ ବିରୋଧରେ ପୋକ୍ସୋ ସମେତ ଆଇପିସିର ଧାରା ୫୦୬ରେ ମାମଲା ରୁଜୁ ହୋଇଥିଲା।

### ପାକ୍ ସରକାରଙ୍କ ଟୁଇଟର ଆକାଉଣ୍ଟ ଭାରତରେ ସ୍ଥଗିତ

**ଇସ୍‌ଲାମାବାଦ,୧।୧୦ :** ଏକ ଆଇନଗତ ଦାବିକୁ ନେଇ ପାକିସ୍ତାନ ସରକାରଙ୍କ ଟୁଇଟର ଆକାଉଣ୍ଟକୁ ଭାରତରେ ସ୍ଥଗିତ ରଖାଯାଇଛି। ଭାରତର ସୂଚନା ପ୍ରଯୁକ୍ତି ଆଇନରେ ବିଭିନ୍ନ ଦୂତାବାସର ସରକାରୀ ଟୁଇଟର ଆକାଉଣ୍ଟ, ପାକିସ୍ତାନୀ ଖବରଦାତା, ବିଶିଷ୍ଟ ବ୍ୟକ୍ତିଙ୍କ ଆକାଉଣ୍ଟକୁ ବ୍ୟାନ୍ କରି ନୂଆଦିଲ୍ଲୀ ସୂଚନା ପ୍ରବାହରେ ବାଧା ସୃଷ୍ଟି କରୁଥିବା ଗତ ଜୁନ୍‌ରେ ପାକ୍ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ଭାରତ ସରକାରଙ୍କ ଏଭଳି ପଦକ୍ଷେପକୁ ନେଇ ଇସ୍‌ଲାମାବାଦ ଚିନ୍ତାବ୍ୟକ୍ତ କରିଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ସୁମାତ୍ରାରେ ଭୂକମ୍ପ

**ଜାକର୍ତ୍ତା,୧।୧୦:** ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ଶନିବାର ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ଜଣେ ବ୍ୟକ୍ତି ପ୍ରାଣ ହରାଇବା ସହ ୧୧ ଜଣ ଆହତ ହୋଇଛନ୍ତି। ୧୫ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ଉତ୍ତର ସୁମାତ୍ରା ପ୍ରଦେଶର ଉପକୂଳ ସହର ସିବୋଲ୍‌ଗାର ଉତ୍ତରପୂର୍ବରେ ୪୦ କିଲୋମିଟର ଦୂରରେ ୫.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥବା ଆମେରିକା ଭୂତାତ୍ତ୍ୱିକ ସର୍ଭେ ପକ୍ଷରୁ କୁହାଯାଇଛି। ଗତ ଫେବୃୟାରୀରେ ପଶ୍ଚିମ ସୁମାତ୍ରା ପ୍ରଦେଶରେ ହୋଇଥିବା ୬.୨ ତୀବ୍ରତାର ଭୂକମ୍ପରେ ୨୫ ଜଣଙ୍କ ମୃତ୍ୟୁ ଘଟିବା ସହ ୪୬୦ ଜଣ ଆହତ ହୋଇଥିଲେ।

### ଇରାନ୍‌ରେ ବିଚ୍ଛିନ୍ନତାବାଦୀଙ୍କ ଆକ୍ରମଣ: ୧୯ ମୃତ

**ଦୁବାଇ,୧।୧୦ :** ଇରାନର ଜାହେଦାନ ସହରର ଏକ ଥାନା ଉପରେ ସଶସ୍ତ୍ର ବିଚ୍ଛିନ୍ନତାବାଦୀଙ୍କ ଆକ୍ରମଣରେ ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡର ୩ ସଦସ୍ୟଙ୍କ ସମେତ ୧୯ ଜଣ ନିହତ ହୋଇଛନ୍ତି। ଶୁକ୍ରବାର ସହରର ଏକ ମସ୍‌ଜିଦରେ ନମାଜ ପାଠ ଚାଲିଥିବାବେଳେ ଆକ୍ରମଣକାରୀମାନେ ସେମାନଙ୍କ ଭିତରେ ଲୁଚି ରହି ନିକଟବର୍ତ୍ତୀ ଥାନା ଉପରେ ଆକ୍ରମଣ କରିଥିଲେ। ପ୍ରାଦେଶିକ ଗଭର୍ନର ହୋସେଇନ୍ ମୋଦାରେସିଙ୍କ ସୂଚନା ଅନୁଯାୟୀ ଆକ୍ରମଣରେ ୧୯ ଜଣଙ୍କ ମୃତ୍ୟୁ ହେବା ସହ ୩୨ ଗାର୍ଡ ସଦସ୍ୟ ଓ ବାସିଜୀ ବାହିନୀ ସଦସ୍ୟ ଆହତ ହୋଇଛନ୍ତି।

# ଲିମ୍ୟାନ୍‌ରୁ ରୁଷୀୟ ସୈନ୍ୟଙ୍କ ପଳାୟନ



ଡୋନେସ୍କର ଲିମ୍ୟାନ୍ ସହରରେ ଜଣେ ୟୁକ୍ରେନୀୟ ସୈନ୍ୟ ଟ୍ୟାଙ୍କ ଭିତରୁ ବାହାରକୁ ଚାହିଁଛନ୍ତି।

**କିଭ୍/ମସ୍କୋ/ୱାଶିଂଟନ୍, ୧।୧୦**

- ■ରୁଷିଆ କବଳରୁ ମୁକୁଳିଲା ୫ ୟୁକ୍ରେନ୍ ଗାଁ
- ■ମସ୍କୋ ଉପରେ ଆମେରିକାର ନୂଆ କଟକଣା

ବନ୍ଧୁକ ମୁନରେ ଭୋଟିଂ କରାଇ ରୁଷିଆ ବେଆଇନ ଭାବେ ପୂର୍ବ ୟୁକ୍ରେନ୍‌ର ଡୋନେସ୍କ, ଲୁହାନ୍‌ସ୍କ ସମେତ ଜାପୋରିଝିଆ ଏବଂ ଖେରସନ୍‌କୁ ନିଜର ବୋଲି ଘୋଷଣା କରିଛି। ହେଲେ ଏବେ ବି ୟୁକ୍ରେନ୍ ଉକ୍ତ ଅଞ୍ଚଳକୁ ଫେରାଇ ଆଣିବା ପାଇଁ ଉଦ୍ୟମ ଚଳାଇଛି। ଡୋନେସ୍କର ପ୍ରମୁଖ ସହର ଲିମ୍ୟାନ୍‌ରେ ୟୁକ୍ରେନ୍ ସୈନ୍ୟ ପ୍ରାୟ ୫ ହଜାର ରୁଷୀୟ ସୈନ୍ୟଙ୍କୁ ଆତ୍ମସମର୍ପଣ ପାଇଁ ବାଧ୍ୟ କରିବା ପରେ ସେମାନେ ସେଠାରୁ ପଛଘୁଞ୍ଚା ଦେଇଛନ୍ତି। ଏ ନେଇ ଲୁହାନ୍‌ସ୍କ ଗଭର୍ନର ସେରେଗି ଗଇଦେ ଶନିବାର ସୂଚନା ଦେଇଛନ୍ତି। ମର ନଚେତ୍ ଆତ୍ମସମର୍ପଣ କର ନଚେତ୍ ଜାଗା ଛାଡ଼ି ପଳାଅ ବୋଲି ସେମାନଙ୍କ ଆଗରେ ସର୍ତ୍ତ ରଖାଯାଇଥିଲା। ରୁଷୀୟ ସୈନ୍ୟଙ୍କ ପଳାୟନ ପରେ ଡୋନେସ୍କରେ ଥିବା ୫ ଗାଁ ଏବେ ରୁଷିଆ କବଳରୁ ମୁକ୍ତ ହୋଇଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଜାପୋରିଝିଆ ସ୍ଥିତ ଆଣବିକ ଶକ୍ତି କେନ୍ଦ୍ରର ମୁଖ୍ୟ ଇହୋର ମୁରାଶୋଭ୍‌ଙ୍କୁ ରୁଷିଆ ଅପହରଣ କରିନେଇଥିବା ୟୁକ୍ରେନ୍ ଅଭିଯୋଗ କରିଛି। ରୁଷୀୟ ସୈନ୍ୟ ମୁରାଶୋଭ୍‌ଙ୍କ କାର୍ ଅଟକାଇ ତାଙ୍କୁ ଅଜ୍ଞାତ ସ୍ଥାନକୁ ନେଇଯାଇଛନ୍ତି। ମସ୍କୋ ବେଆଇନ ଭାବେ ଦଖଲ କରିଥିବା ଅଞ୍ଚଳକୁ ଫେରାଇଅଣାଯିବ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ସେପଟେ ରୁଷିଆ ୟୁକ୍ରେନ୍ ସହ ଶାନ୍ତି ଆଲୋଚନା ପାଇଁ ରାଜି ଥିବା କହିବା ପରେ ବି ଉତ୍ତରପୂର୍ବ ସହର ଖର୍କିଭରେ ସେଲ୍, ବୋମା ମାଡ଼ ଜାରି ରଖିଛି। ଜନସାଧାରଣଙ୍କୁ ଟାର୍ଗେଟ କରି ଶୁକ୍ରବାର ସେଲିଂ ଯୋଗୁ ଅନ୍ୟୂନ ୨୦ ନାଗରିକଙ୍କ ମୃତ୍ୟୁ ଘଟିଛି। ଲୋକେ ଭୟରେ ଉକ୍ତ ଅଞ୍ଚଳ ଛାଡ଼ି ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ରୁଷିଆ ସେମାନଙ୍କ ଉପରେ ବୋମାମାଡ଼ କରିଛି ବୋଲି ଖର୍କିଭ ଗଭର୍ନର ଓଲେହ ସିନିହୁବୋଭ୍ କହିଛନ୍ତି। ୟୁକ୍ରେନ୍‌ର ୪ ଅଞ୍ଚଳକୁ ରୁଷିଆ ନିଜ ଭୂଖଣ୍ଡରେ ବେଆଇନ ଭାବେ ସାମିଲ କରିବାକୁ ନେଇ ଆମେରିକା ମସ୍କୋ ଉପରେ ନୂଆ କଟକଣା ଲଗାଇଛି। ରୁଷିଆ ମିଲିଟାରି-ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସର ୧୪ ଜଣ, ରୁଷିଆ ଆର୍ଥିକ କାରବାର ବୁଝୁଥିବା ୩ ପ୍ରମୁଖ ଲିଡର ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ୨୭୮ ଆଇନ ପ୍ରଣେତାଙ୍କ ଉପରେ ୱାଶିଂଟନ୍ କଟକଣା ଲାଗୁ କରିଛି।

## ୟୁଏନ୍‌ଏସ୍‌ସିରେ ରୁଷିଆ ବିରୋଧରେ ନିନ୍ଦା ପ୍ରସ୍ତାବ: ବିରତ ରହିଲା ଭାରତ

**ନୂଆଦିଲ୍ଲୀ,୧।୧୦**

ଗଣଭୋଟ ଜରିଆରେ ୟୁକ୍ରେନ୍‌ର ୧୫ ପ୍ରତିଶତ ଅଞ୍ଚଳ ରୁଷିଆ ନିଜ ଭୂଖଣ୍ଡରେ ମିଶାଇବା ନିଷ୍ପତ୍ତିକୁ ବିରୋଧ କରି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଅଣାଯାଇଥିବା ନିନ୍ଦା ପ୍ରସ୍ତାବରୁ ଭାରତ ଦୂରେଇ ରହିଛି। ପରିବର୍ତ୍ତିତ ସ୍ଥିତି ପାଇଁ ଭାରତ ପ୍ରସ୍ତାବରୁ ବିରତ ରହିଥିବା କହିଛି। ଆମେରିକା ଏବଂ ଆଲ୍‌ବାନିଆ ପକ୍ଷରୁ ୟୁଏନ୍‌ଏସ୍‌ସିରେ ଅଣାଯାଇଥିବା ନିନ୍ଦା ପ୍ରସ୍ତାବ ବିରୋଧରେ ରୁଷିଆର ଭିଟୋ ପ୍ରୟୋଗ ଯୋଗୁ ଏହା ଗୃହୀତ ହୋଇପାରି ନାହିଁ। ପରିଷଦର ୧୫ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ୧୦ ଜଣ ପ୍ରସ୍ତାବକୁ ସମର୍ଥନ ଜଣାଇଥିବାବେଳେ ଚାଇନା, ବ୍ରାଜିଲ, ଗାବନ ଓ ଅନ୍ୟମାନେ ମତଦାନରୁ ବିରତ ରହିଥିଲେ।

ୟୁକ୍ରେନ୍‌ର ୧୫ ପ୍ରତିଶତ କୁହାଯାଉଥିବା ଉକ୍ତ ୪ ଅଞ୍ଚଳ ଉପରେ ରୁଷିଆ ଶାସନ କରିବ ବୋଲି ପୂର୍ବରୁ ଏହାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଘୋଷଣା କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ସବୁଠୁ ବଡ଼ ମିଶ୍ରଣ। ଏହା ବିରୋଧରେ ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ଲିଣ୍ଡା ଥୋମାସ ଗ୍ରୀନ୍‌ଫିଲ୍ଡ ପ୍ରସ୍ତାବ ଆଣି ୟୁକ୍ରେନ୍ ସ୍ଥିତିରେ କୌଣସି ପରିବର୍ତ୍ତନକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସ୍ୱୀକୃତି ନ ଦେବା ଲାଗି ଅନୁରୋଧ କରିଥିଲେ। ଏଥିସହିତ ଉକ୍ତ ଅଞ୍ଚଳରୁ ରୁଷିଆକୁ ତା'ର ସୈନ୍ୟ ପ୍ରତ୍ୟାହାର କରିନେବା ଲାଗି ବାଧ୍ୟ କରିବାକୁ ଲିଣ୍ଡା କହିଥିଲେ। ତୁରନ୍ତ ହିଂସା ଏବଂ ଯୁଦ୍ଧ ବନ୍ଦ କରିବା ଲାଗି ସମସ୍ତ ଉଦ୍ୟମ ଲାଗି ଆମେ ଅନୁରୋଧ କରୁଛୁ। ମତାନ୍ତର ଓ ବିବାଦ ସମାଧାନର ଏକମାତ୍ର ବାଟ ଆଲୋଚନା। ଶାନ୍ତି ପଥରେ ସମସ୍ତ କୂଟନୈତିକ ମାର୍ଗକୁ ଖୋଲା ରଖିବା ଆବଶ୍ୟକ ବୋଲି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କମ୍ବୋଜ୍ କହିଥିଲେ। ବିବାଦ ଆରମ୍ଭରୁ ଭାରତ ତା'ର ଆଭିମୁଖ୍ୟ ସ୍ପଷ୍ଟ କରିଦେଇଥିବା ସେ ୟୁଏନ୍‌ଏସ୍‌ସିକୁ କହିଥିଲେ।

## ପୋଖରୀକୁ ଖସିଲା ଟ୍ରାକ୍ଟର ୨୭ ତୀର୍ଥଯାତ୍ରୀ ମୃତ

**କାନପୁର,୧।୧୦**

ଉତ୍ତର ପ୍ରଦେଶର କାନପୁରର ଘାଟେମପୁରରେ ଶନିବାର ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର ନିୟନ୍ତ୍ରଣ ହରାଇ ପୋଖରୀକୁ ଖସିପଡ଼ିଛି। ଏଥିରେ ୨୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି। ଟ୍ରାକ୍ଟରରେ ମୋଟ ୫୦ ଜଣ ଥିବା କୁହାଯାଉଛି। ଉନ୍ନାଓର ଚନ୍ଦ୍ରିକା ଦେବୀ ମନ୍ଦିରରୁ ଦର୍ଶନ ସାରି ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ପାଇ ସ୍ଥାନୀୟ ପୋଲିସ ଲୋକଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇବା ସହ ଘଟଣାର ଅନୁଧ୍ୟାନ କରୁଛି।

## ଇନ୍ଦୋର ସବୁଠୁ ସ୍ୱଚ୍ଛ ସହର

**ନୂଆଦିଲ୍ଲୀ,୧।୧୦**

ମଧ୍ୟପ୍ରଦେଶର ଇନ୍ଦୋର କ୍ରମାଗତ ଷଷ୍ଠ ଥର ପାଇଁ ଭାରତର ସବୁଠୁ ସ୍ୱଚ୍ଛ ସହର ମାନ୍ୟତା ହାସଲ କରିଥିବାବେଳେ ଗୁଜରାଟର ସୁରଟ କ୍ରମାଗତ ତୃତୀୟ ଥର ପାଇଁ ଦ୍ୱିତୀୟ ସ୍ଥାନରେ ରହିଛି। ନବି ମୁମ୍ବାଇ ତୃତୀୟ ସ୍ଥାନରେ ଥିବାବେଳେ ନୂଆଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ଚଳିତ ବର୍ଷ ନବମ ସ୍ଥାନକୁ ଖସିଯାଇଛି। ଗତବର୍ଷ ଏହା ପଞ୍ଚମ ସ୍ଥାନରେ ଥିଲା। ସେହିପରି ଗତବର୍ଷ ନବମ ସ୍ଥାନରେ ଥିବା ଏନ୍‌ସିଆର୍ ସହର ନୋଏଡ଼ା ଚଳିତ ବର୍ଷ ଏକାଦଶ ସ୍ଥାନକୁ ଖସିଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ସ୍ୱଚ୍ଛ ସହରଗୁଡ଼ିକର ର୍‍ୟାଙ୍କ ପ୍ରକାଶ କରିଛନ୍ତି। ସେହିପରି ଏକ ଲକ୍ଷରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ୫ ସବୁଠୁ ସ୍ୱଚ୍ଛ ପୌରାଞ୍ଚଳ ମଧ୍ୟରେ ମହାରାଷ୍ଟ୍ରର ୪ଟି ସହର ରହିଛି। ଉକ୍ତ ରାଜ୍ୟର ପଞ୍ଚଗନି ଚଳିତ ବର୍ଷ ସବୁଠୁ ସ୍ୱଚ୍ଛ ସହର ମାନ୍ୟତା ପାଇଥିବାବେଳେ ଦ୍ୱିତୀୟ ସ୍ଥାନରେ ଛତିଶଗଡ଼ର ପାଟନ ରହିଛି। ୬୨ କ୍ୟାଣ୍ଟନମେଣ୍ଟ ବୋର୍ଡ ଏବଂ ୯୧ ଗଙ୍ଗା ସହରାଞ୍ଚଳ ସମେତ ମୋଟ ୪,୩୫୪ଟି ପୌରସଂସ୍ଥାକୁ ନେଇ ସ୍ୱଚ୍ଛ ସର୍ବେକ୍ଷଣ କରାଯାଇଥିଲା।

## ସପ୍ତାହେ ମଧ୍ୟରେ ଉତ୍ତର କୋରିଆର ଚତୁର୍ଥ କ୍ଷେପଣାସ୍ତ୍ର ପରୀକ୍ଷା

**ସିଓଲ,୧।୧୦**

ଉତ୍ତର କୋରିଆ ଶନିବାର ଦୁଇଟି ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଛି। ଚଳିତ ସପ୍ତାହରେ ଏହା ଉତ୍ତର କୋରିଆର ଚତୁର୍ଥ କ୍ଷେପଣାସ୍ତ୍ର ପରୀକ୍ଷା। ଏହାକୁ ପଡୋଶୀ ଦକ୍ଷିଣ କୋରିଆ ଦୃଢ଼ ନିନ୍ଦା କରିଛି। ଆଣବିକ ଅସ୍ତ୍ରରେ ଉତ୍ତର କୋରିଆର ମନୋନିବେଶ ନିଜ ଲୋକଙ୍କ ଯନ୍ତ୍ରଣା ବଢ଼ାଇ ଦେଇଥିବା ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ୍ କହିଛନ୍ତି। ଏଭଳି ଅସ୍ତ୍ର ବ୍ୟବହାରର ପରିଣତି ସମ୍ପର୍କରେ ସେ ପଡୋଶୀ ଦେଶକୁ ଚେତାଇ ଦେଇଛନ୍ତି। ଦକ୍ଷିଣ କୋରିଆ, ଆମେରିକା ସହ ଏହାର ମିତ୍ର ରାଷ୍ଟ୍ରଗୁଡ଼ିକ ଏହାର ଜବାବ ଦେବେ ବୋଲି ୟୁନ୍ କହିଛନ୍ତି। ଅଣୁଅସ୍ତ୍ର ପ୍ରତିଯୋଗିତାରୁ ନିବୃତ୍ତ ରହିବା ଲାଗି ଗତ ୩୦ ବର୍ଷ ହେଲା ଅନ୍ତର୍ଜାତୀୟ ଚାପ ସତ୍ତ୍ୱେ ଉତ୍ତର କୋରିଆ ଏଥିରୁ ନିବୃତ୍ତ ହେଉନାହିଁ। ଫଳରେ ସେଠାର ଦେଶବାସୀଙ୍କୁ ଅନେକ ଦୁଃଖ ଯନ୍ତ୍ରଣାର ସମ୍ମୁଖୀନ ହେବାକୁ ପଡୁଛି। ଅଣୁଅସ୍ତ୍ର ନିର୍ମାଣରୁ ଓହରିଗଲେ ବ୍ୟାପକ ସହାୟତା ଓ ସମର୍ଥନ ଯୋଗାଇ ଦିଆଯିବ ବୋଲି ୟୁନ୍‌ଙ୍କ ପ୍ରସ୍ତାବକୁ ଉତ୍ତର କୋରିଆ ନେତା କିମ୍ ଜଙ୍ଗ୍ ଉନ୍ ପୂର୍ବରୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

## ଜାମିଆରେ ଗୋଷ୍ଠୀ ସଂଘର୍ଷ: ୯ ଛାତ୍ର ନିଲମ୍ବିତ

**ନୂଆଦିଲ୍ଲୀ,୧।୧୦: (ପି.ଟି)**

ଦିଲ୍ଲୀର ଜାମିଆ ମିଲ୍ଲିଆ ଇସ୍‌ଲାମିଆ ୟୁନିଭର୍ସିଟିରେ ଶନିବାର ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ପରେ ୯ ଜଣ ବିଦ୍ୟାର୍ଥୀଙ୍କୁ କଲେଜରୁ ନିଲମ୍ବନ କରାଯାଇଛି। କ୍ୟାମ୍ପସରେ ବିଶୃଙ୍ଖଳା କରିବା ନେଇ କର୍ତ୍ତୃପକ୍ଷ ସମ୍ପୃକ୍ତ ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିବା କୁହାଯାଇଛି। ଜାମିଆର ଏଲ୍‌ଏଲ୍‌ଏମ୍ ସେମିଷ୍ଟର ୩'ର ଛାତ୍ର ନଉମନ ଅଲ୍ଲୀଙ୍କ ଦେହରେ ଗୁଳି ବାଜି ଗଭୀର ଆଘାତ ଲାଗିଥିଲା। ଉକ୍ତ ୯ ଛାତ୍ରଙ୍କୁ ପୋଲିସ ଗିରଫ କରି ନେଇଛି। ବିଶ୍ୱବିଦ୍ୟାଳୟ ପରିସରରେ ବିଶୃଙ୍ଖଳା ପରିବେଶ ସୃଷ୍ଟି କରିବା ଏବଂ ହୋଲି ଫ୍ୟାମିଲି ହସ୍ପିଟାଲ ନିକଟରେ ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗୁଳିମାଡ଼ କରାଯିବା ନେଇ ଜାମିଆ ନଗର ଏବଂ ନ୍ୟୁ ଫ୍ରେଣ୍ଡସ୍ ପୋଲିସ ଷ୍ଟେଶନ୍ ପକ୍ଷରୁ ୨ଟି ମାମଲା ରୁଜୁ ହୋଇଛି।

# ରାସ୍ତାରେ ବୋଟ୍, ସମୁଦ୍ରରେ କାର୍



ବାତ୍ୟା ଇଆନ୍ ପ୍ରଭାବରେ ବୋଟ ଗୁଡିକ ସମୁଦ୍ରରୁ ଭାସିଆସି ଫ୍ଲୋରିଡାର ଫର୍ଟ ମ୍ୟେର୍ସ ବିଚ୍ ରାସ୍ତା ପାର୍ଶ୍ୱରେ ଲାଗିଛି।

**ଫର୍ଟ ମ୍ୟେର୍ସ ବିଚ୍/ଚାର୍ଲେଷ୍ଟନ୍,୧।୧୦**

**ଇଆନ୍ ବାତ୍ୟାରେ ଫ୍ଲୋରିଡା ଉପକୂଳ ବିପର୍ଯ୍ୟସ୍ତ: ୩୦ ମୃତ**

ପ୍ରଳୟଙ୍କରୀ ସାମୁଦ୍ରିକ ବାତ୍ୟା ଇଆନ୍ ଆମେରିକାର ଫ୍ଲୋରିଡ଼ା ଉପକୂଳକୁ ବିପର୍ଯ୍ୟସ୍ତ କରିଦେଇଛି। ବାତ୍ୟାରେ ବହୁସଂଖ୍ୟାରେ ବୋଟ୍ ସମୁଦ୍ରରୁ ଭାସିଆସି ବିଭିନ୍ନ ରାସ୍ତାରେ ଲାଗିଥିବାବେଳେ କାର୍‌ଗୁଡ଼ିକ ସମୁଦ୍ରରେ ଭାସୁଥିବା ଦେଖାଯାଇଛି। ସମୁଦ୍ର ଜୁଆର ମାଡ଼ିଆସି ବହୁ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ସେହିପରି ସାଉଥ୍ କାରୋଲିନାରେ ହୋଇଥିବା କ୍ଷୟକ୍ଷତି ଆକଳନ ହୋଇପାରି ନାହିଁ। ଇଆନ୍ ଫ୍ଲୋରିଡା ଉପକୂଳ ଛୁଇଁବା ପୂର୍ବରୁ ପଶ୍ଚିମ କ୍ୟୁବାରେ ତାଣ୍ଡବ ରଚିଥିଲା ଏବଂ ସେଠାରୁ ବଳ ଗୋଟାଇ ଶେଷରେ ସାଉଥ୍ କାରୋଲିନାରେ ମାଡ଼ ହୋଇଥିଲା। ଏଥିରେ ଫ୍ଲୋରିଡାର ୨୭ ଜଣଙ୍କ ସମେତ ମୋଟ ୩୦ ଜଣ ପ୍ରାଣ ହରାଇଛନ୍ତି। ମେକ୍ସିକୋ ଉପସାଗର ଉପକୂଳ ଇଆନ୍ କ୍ଷୟକ୍ଷତିର କେନ୍ଦ୍ରସ୍ଥଳ ଥିଲା। ବାତ୍ୟା ବେଳେ ଫର୍ଟ ମ୍ୟେର୍ସ ବିଚ୍ ଜନଶୂନ୍ୟ ହୋଇଯାଇଥିଲା। ଏବେ ସେମାନେ ଘରକୁ ଫେରିବା ଆରମ୍ଭ କରିଛନ୍ତି। ଉକ୍ତ ଅଞ୍ଚଳରେ କାଠ ନିର୍ମିତ ଘରଗୁଡ଼ିକ ମାଟିରେ ମିଶିଯାଇଛି।

## ନାବାଳିକାଙ୍କୁ ଗଣବଳାତ୍କାର ପରେ ବ୍ଲାକ୍‌ମେଲିଂ

**୮ ଜଣଙ୍କ ନାଁରେ ମାମଲା**

**ଜୟପୁର,୧।୧୦**

ରାଜସ୍ଥାନରେ ଜଣେ ୧୭ ବର୍ଷୀୟା ବାଳିକାଙ୍କୁ ଗଣବଳାତ୍କାର ପରେ ଏହାର ଭିଡିଓ ବ୍ୟବହାର କରି ୮ ଜଣ ଲୋକ ତାଙ୍କୁ ମାସ ମାସ ଧରି ବ୍ଲାକ୍‌ମେଲିଂ କରିଚାଲିଥିଲେ। ସେମାନେ ଅର୍ଥ ଦାବି କରି ବିଫଳ ହେବା ପରେ ଉକ୍ତ ଭିଡିଓକୁ ଅନ୍‌ଲାଇନରେ ଛାଡ଼ିଥିଲେ। ପୀଡ଼ିତା ଓ ତାଙ୍କ ମାଆବାପା ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ୮ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ଅଭିଯୁକ୍ତମାନେ ପ୍ରଥମେ ପୀଡ଼ିତାଙ୍କ ପରିବାରକୁ ୫୦ ହଜାର ଟଙ୍କା ମାଗିଥିଲେ। ପରେ ସେମାନେ ୨.୫ ଲକ୍ଷ ଦେବାକୁ ଦାବି କରିଥିଲେ ବୋଲି ପୋଲିସ କହିଛି। ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୁକ୍ତ ଗିରଫ ହୋଇ ନ ଥିବାବେଳେ ଆଇପିସି, ପୋକ୍ସୋ ଏବଂ ସୂଚନା ପ୍ରଯୁକ୍ତି ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।

# ଜାତିସଂଘରେ ଗାନ୍ଧିଜୀଙ୍କ ହଲୋଗ୍ରାମ

**ଜାତିସଂଘ, ୧।୧୦**

**ଶିକ୍ଷା, ଅହିଂସାର ବାର୍ତ୍ତା ବାଣ୍ଟିଲା**



ଅହିଂସା ଓ ଶାନ୍ତିର ପ୍ରତୀକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ ଜାତିସଂଘରେ ଗାନ୍ଧିଜୀଙ୍କୁ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରାଯାଇଛି। ଅକ୍ଟୋବର ୨କୁ ସାରା ବିଶ୍ୱ ଅହିଂସା ଦିବସ ଭାବେ ପାଳନ କରୁଥିବାବେଳେ ଏହି ବୈଶ୍ୱିକ ସଙ୍ଗଠନର ମୁଖ୍ୟାଳୟରେ ପ୍ରୋଜେକ୍ଟରରେ ପ୍ରଥମ କରି ଗାନ୍ଧିଜୀଙ୍କ ହଲୋଗ୍ରାମ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଭଏସ୍ ଓଭର ମାଧ୍ୟମରେ ଭାରତକୁ ସ୍ୱାଧୀନତାର ସ୍ୱାଦ ଚଖାଇଥିବା ଗାନ୍ଧିଜୀଙ୍କ ଶିକ୍ଷା ଓ ଅହିଂସା ବାର୍ତ୍ତା ବଣ୍ଟାଯାଇଥିଲା।

ଜାତିସଂଘ ଏବଂ ୟୁନେସ୍କୋ ମହାତ୍ମା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଫର୍ ପିସ୍ ଆଣ୍ଡ ସସ୍‌ଟେନେବଲ ଡେଭେଲପମେଣ୍ଟ (ଏମ୍‌ଜିଆଇପି) ପାଇଁ ଥିବା ଭାରତର ସ୍ଥାୟୀ ମିଶନ ଦ୍ୱାରା ଆୟୋଜିତ ଏକ ଆଲୋଚନାରେ ଏହି ହଲୋଗ୍ରାମ ପ୍ରଦର୍ଶିତ ହୋଇଥିଲା। ସାକ୍ଷରତା ଶିକ୍ଷାର ଅନ୍ତ କିମ୍ବା ଆରମ୍ଭ ନୁହେଁ। ଏହାର ମାନେ ଜଣେ ଶିଶୁ ଏବଂ ବ୍ୟକ୍ତିଙ୍କ ଶରୀର, ମନ ତଥା ଆତ୍ମାର ବିକାଶ ବୋଲି ଗାନ୍ଧିଜୀଙ୍କ ହଲୋଗ୍ରାମ ବାର୍ତ୍ତା ଦେଇଥିଲା। ଗାନ୍ଧିଜୀଙ୍କ ଜୀବନ ଓ ଆଦର୍ଶ ଏକ ଶାନ୍ତିପୂର୍ଣ୍ଣ ଏବଂ ସହନଶୀଳ ପୃଥିବୀ ପାଇଁ ବାଟ ଖୋଲିଥାଏ ବୋଲି ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରସ୍ କହିଥିଲେ। ହେଲେ ଆମେ ସେହି ରାସ୍ତାରେ ନ ଯିବା ଦୁଃଖର କଥା। ଦୁନିଆ ଦିନକୁ ଦିନ ଅଧିକ ବିବାଦ ଓ ଜଳବାୟୁ ପରିବର୍ତ୍ତନର କରାଳ ରୂପ ଦେଖୁଛି। ବିଶ୍ୱ ସମୁଦାୟକୁ ଏକ ପରିବାର ଭାବେ ଏକାଠି ହୋଇ ଗାନ୍ଧିଜୀଙ୍କ ରାସ୍ତାରେ ଚାଲିବା ଉଚିତ ବୋଲି ସେ ପ୍ରକାଶ କରିଥିଲେ। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କାମ୍ବୋଜ୍ ଏହି ଆଲୋଚନାରେ ଉପସ୍ଥିତ ଥିଲେ। ଏମ୍‌ଜିଆଇପି ନିର୍ଦ୍ଦେଶକ ଅନନ୍ତ ଦୁରାଇପ୍ପାଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ମଣିଷର ବିକାଶରେ ଶିକ୍ଷା'। ୨୦୦୭ ଜୁନ୍‌ରେ ଜାତିସଂଘ ସାଧାରଣ ସଭାରେ ଅକ୍ଟୋବର ୨କୁ ଅନ୍ତର୍ଜାତୀୟ ଅହିଂସା ଦିବସ ଭାବେ ପାଳନ କରିବାକୁ ଏକ ପ୍ରସ୍ତାବ ପାରିତ ହୋଇଥିଲା। ଏହି ପ୍ରସ୍ତାବରେ ବାପୁଜୀଙ୍କ ଜନ୍ମଦିନରେ ଶିକ୍ଷା ତଥା ଜନସଚେତନତା ମାଧ୍ୟମରେ ସତ୍ୟ ତଥା ଅହିଂସା ବାର୍ତ୍ତା ସାରା ବିଶ୍ୱରେ ବିସ୍ତାର କରିବାକୁ କୁହାଯାଇଥିଲା।

# ଭାରତୀୟ କମ୍ପାନୀ ଉପରେ ଆମେରିକା କଟକଣା

**ନୂଆଦିଲ୍ଲୀ, ୧।୧୦**




ଇରାନରୁ ପେଟ୍ରୋକେମିକାଲ ଏବଂ ପେଟ୍ରୋଲିୟମ ଉତ୍ପାଦ କିଣୁଥିବା ଭାରତର ଏକ କମ୍ପାନୀ ଉପରେ ଆମେରିକା କଟକଣା ଲଗାଇଛି। ଇରାନୀୟ ଉତ୍ପାଦ କିଣି ତାହାକୁ ଦକ୍ଷିଣ ଓ ପୂର୍ବ ଏସିଆ ପଠାଉଥିବା ୮ କମ୍ପାନୀର ଅନ୍ତର୍ଜାତୀୟ ନେଟ୍‌ୱର୍କ ଉପରେ ଆମେରିକାର ଅର୍ଥ ବିଭାଗ ଏହି କଟକଣା ଜାରି କରିଛି। ଇରାନକୁ ନେଇ କୌଣସି ଭାରତୀୟ କମ୍ପାନୀ ଉପରେ ୱାଶିଂଟନ୍‌ର ଏପରି ପଦକ୍ଷେପ ପ୍ରଥମ ଘଟଣା। କଟକଣା ଲାଗିଥିବା ଏହି ଭାରତୀୟ କମ୍ପାନୀ ତିବାଲାଜୀ ପେଟ୍ରୋକେମ୍ ପ୍ରାଇଭେଟ ଲିମିଟେଡ୍‌ର କାର୍ଯ୍ୟାଳୟ ମୁମ୍ବାଇରେ ରହିଛି।

ଆମେରିକାର ବହୁ କଟକଣାର ଶିକାର ଇରାନର ଦଲାଲମାନେ ବାସ୍ତବରେ ଅନେକ ବୈଶ୍ୱିକ କମ୍ପାନୀଗୁଡ଼ିକୁ ପେଟ୍ରୋକେମିକାଲ ଓ ପେଟ୍ରୋଲିୟମ ଉତ୍ପାଦର ପରିବହନ ସହ ଆର୍ଥିକ କାରବାର କରିଥାନ୍ତି। ଆମେରିକାର କହିବା ଅନୁସାରେ, ତିବାଲାଜୀ ପେଟ୍ରୋକେମ୍ ଇରାନରୁ ଏହି ଉତ୍ପାଦ କିଣି ତାହାକୁ ଚାଇନା ପଠାଉଥିଲା। ଏଥିରେ ଇରାନରେ ଥିବା ହଂକଂର ଟ୍ରିଲିଆନ୍ସ ପେଟ୍ରୋକେମିକାଲ କୋ. ଲିଃ ନେଟ୍‌ୱର୍କର ଶାଖା କମ୍ପାନୀ ଦଲାଲ ଭୂମିକା ନିଭାଇଛି। ପୂର୍ବରୁ ଏହି କମ୍ପାନୀ ଉପରେ ଆମେରିକା କଟକଣା ଲଗାଇଥିଲା। ଟ୍ରିଲିଆନ୍ସ ଲକ୍ଷ ଲକ୍ଷ ଡଲାର ମୂଲ୍ୟର ପେଟ୍ରୋଲିୟମ ଉତ୍ପାଦ ଭାରତକୁ ମଧ୍ୟ ପଠାଇଥିବା ୱାଶିଂଟନ ଦାବି କରିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ଚାଇନା, ଜର୍ମାନୀରେ ମଧ୍ୟ ଏହି କମ୍ପାନୀର ଶାଖା ରହିଛି। କଟକଣା ଅନୁସାରେ, ଏହି କମ୍ପାନୀ କିମ୍ବା ଏହା ସହ ଜଡ଼ିତ ବ୍ୟକ୍ତିଙ୍କ ସମ୍ପତ୍ତି ଆମେରିକାରେ ଥିଲେ ବା କୌଣସି ଆମେରିକୀୟ ଏପରି କାରବାର ବା କମ୍ପାନୀ ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ ସମ୍ପର୍କରେ ଥିଲେ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ। ୨୦୧୯ରେ ଭାରତ ଇରାନରୁ ତୈଳ ଉତ୍ପାଦ ଆମଦାନୀ ନ କରିବାକୁ ନିଷ୍ପତ୍ତି ନେଇଥିଲା। ଏହା ପୂର୍ବରୁ ନୂଆଦିଲ୍ଲୀ ମୋଟ ଆବଶ୍ୟକତାର ୧୧% ତୈଳ ଇରାନରୁ ଆଣୁଥିଲା।

### ଇରାନରୁ ଆଣୁଥିଲା ପେଟ୍ରୋଲିୟମ ଉତ୍ପାଦ

କୌଣସି ଭାରତୀୟ କମ୍ପାନୀ ଏପରି କାରବାର କରୁଥିବା ସମ୍ପର୍କରେ ଜଣା ନାହିଁ ବୋଲି ଇରାନ ପକ୍ଷରୁ କୁହାଯାଇଛି। ଆମେରିକାର ଏହି ପଦକ୍ଷେପକୁ ଇରାନର ଜଣେ କୂଟନୀତିଜ୍ଞ ଶତ୍ରୁତାପୂର୍ଣ୍ଣ ଏବଂ ବେଆଇନ ବୋଲି କହିଛନ୍ତି। ଜାତୀୟ ସ୍ୱାର୍ଥ ଏବଂ ନିଜ ଅଧିକାର ବଜାୟ ରଖିବା ପାଇଁ ତେହରାନ ଆବଶ୍ୟକ ପଦକ୍ଷେପ ନେବ ବୋଲି ସେ କହିଛନ୍ତି। ପ୍ରକାଶଥାଉ କି, ୨୦୧୫ରେ ଆମେରିକା ନେତୃତ୍ୱରେ ପାଶ୍ଚାତ୍ୟ ରାଷ୍ଟ୍ର ଇରାନ୍ ସହ ଜଏଣ୍ଟ କମ୍ପ୍ରେହେନ୍‌ଶିଭ୍ ପ୍ଲାନ୍ ଅଫ୍ ଆକ୍ସନ (ଜେସିପିଓଏ) ଆଣବିକ ଚୁକ୍ତି କରିଥିଲା। ଏଥିରେ ତେହରାନ୍ ଏହାର ନ୍ୟୁକ୍ଲିୟର ପ୍ରୋଗ୍ରାମରୁ ପଛକୁ ହଟିଥିଲା। ୨୦୧୮ରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଚୁକ୍ତିରୁ ଓହରିବା ସହ ଇରାନ ଉପରେ କଟକଣା ଲଗାଇଥିଲେ।

ଧରିତ୍ରୀ
DHARITRI
ରବିବାର, ଅକ୍ଟୋବର ୨/୨୦୨୨ | Sunday, October 2/2022 | ପୃଷ୍ଠା-୧



## ରୋଡ୍ରିଗ୍ରେଜ୍ ପ୍ଲେୟର ଅଫ୍ ଦି ମ୍ୟାଚ

ଶ୍ରୀଲଙ୍କା ବିପକ୍ଷ ମହିଳା ଏସିଆ କପ୍ ଟି୨୦ କ୍ରିକେଟ ମ୍ୟାଚରେ ଭାରତର ଜେମିମା ରୋଡ୍ରିଗ୍ରେଜ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୨

୧୦

## ହିନ୍ଦୀ ଶିଖୁଛନ୍ତି ସାମନ୍ଥା

ବଲିଉଡ୍‌ରେ କ୍ୟାରିୟର୍ ଗଢ଼ିବାକୁ ଚାହୁଁଥିବା ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ହିନ୍ଦୀ ଶିଖୁଛନ୍ତି।







ଶନିବାର ମହାଷଷ୍ଠୀ ଉପଲକ୍ଷେ କଟକ ରାଣୀହାଟ ପୂଜାମଣ୍ଡପରେ ସୁନା ମୁକୁଟରେ ପୂଜା ପାଉଥିବା ମା' ଦୁର୍ଗା ଏବଂ ଭୁବନେଶ୍ୱର ଓଲ୍ଡ ଷ୍ଟେଶନ ବଜାର ମଣ୍ଡପରେ ରୁପାମେଢ଼।

# ଡିଜିଟାଇଜେଶନ ହୋଇପାରୁନି ପାକ୍ସ

- ୨୦୨୨ ଗାନ୍ଧୀ ଜୟନ୍ତୀ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ଥିଲା
- ୨୦% କମ୍ପ୍ୟୁଟରୀକରଣ ହୋଇପାରିନି

**କଟକ ଅଫିସ, ୧।୧୦**

କୃଷକଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବା ଲକ୍ଷ୍ୟରେ କୋ-ଅପରେଟିଭ ସୋସାଇଟି କାର୍ଯ୍ୟକାରୀ ହେଉଛି। ରାଜ୍ୟରେ ମୋଟ୍ ୨୭୧୦ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ରହିଛି। ହେଲେ ବିଭିନ୍ନ ସମୟରେ ପାକ୍ସଗୁଡ଼ିକରେ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। କେଉଁଠି ଭୂତଚାଷୀଙ୍କ ନାଁରେ କୃଷିଋଣ ଉଠାଣ ହେଉଛି ତ, କେତେବେଳେ ଶିଳ୍ପପତି ମିଛ ଚାଷୀ ପରିଚୟପତ୍ର ଦେଇ କୃଷିଋଣ ଉଠାଇ ଲାଭବାନ୍ ହେଉଥିବା ଖବର ମିଳୁଛି। ତେଣୁ ଏହିସବୁ ଦୁର୍ନୀତିକୁ ରୋକିବା ସହ ପାକ୍ସଗୁଡ଼ିକର କାର୍ଯ୍ୟକୁ ସରଳୀକରଣ କରିବା ଲକ୍ଷ୍ୟରେ ସରକାର ୨୦୧୭ରେ କମ୍ପ୍ୟୁଟରୀକରଣ କରିବା ଆରମ୍ଭ କରିଛନ୍ତି। ଏପରି କି ୨୦୨୨ ଗାନ୍ଧୀ ଜୟନ୍ତୀ ସୁଦ୍ଧା ରାଜ୍ୟର ସମସ୍ତ ପାକ୍ସକୁ ଡିଜିଟାଇଜେଶନ କରିବାକୁ ଲକ୍ଷ୍ୟ ରହିଥିଲା। ହେଲେ ଏଯାବତ୍ ମାତ୍ର ୨୦% ପାକ୍ସ ମଧ୍ୟ କମ୍ପ୍ୟୁଟରୀକରଣ କରାଯାଇପାରି ନ ଥିବା ଅନୁସନ୍ଧାନରୁ ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ, ଅଧିକାଂଶ ପାକ୍ସରେ କୃଷକଙ୍କ ପରିବର୍ତ୍ତେ ରାଜନୈତିକ ନେତା ଓ କର୍ମୀମାନେ ସଦସ୍ୟ ରହୁଛନ୍ତି। ତେଣୁ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିବା ଭୟରେ ସମବାୟ ସମିତିଗୁଡିକୁ କମ୍ପ୍ୟୁଟରୀକରଣ କରାଯାଇପାରୁ ନ ଥିବା ସାଧାରଣରେ ଆଲୋଚନା ହେଉଛି। ଏବେ ସମସ୍ତ ସିଡ୍ୟୁଲ ବ୍ୟାଙ୍କ ଓ ଅଣସିଡ୍ୟୁଲ ବ୍ୟାଙ୍କଗୁଡ଼ିକ କମ୍ପ୍ୟୁଟରୀକରଣ ହୋଇଥିବାରୁ ହିତାଧିକାରୀମାନେ ସମସ୍ତ ସୁବିଧା ପାଇପାରୁଛନ୍ତି। ହେଲେ ପ୍ୟାକ୍ସଗୁଡିକ କମ୍ପ୍ୟୁଟରୀକରଣ ହୋଇ ନ ପାରିବାରୁ କୃଷକମାନେ କେବଳ ନିଜ ଅଞ୍ଚଳର ସମବାୟ ବ୍ୟାଙ୍କରୁ ଟଙ୍କା ଉଠାଣ ବ୍ୟତୀତ ଅନ୍ୟ ଅଞ୍ଚଳରେ ଦରକାରବେଳେ ସମ୍ପୃକ୍ତ ବ୍ୟାଙ୍କରୁ ଟଙ୍କା ଉଠାଣର ସୁଯୋଗ ପାଇପାରୁ ନାହାନ୍ତି। ରାଜ୍ୟର ସମସ୍ତ ୨୭୧୦ କାର୍ଯ୍ୟକ୍ଷମ ପାକ୍ସକୁ ଚଳିତ ବର୍ଷ ଗାନ୍ଧୀ ଜୟନ୍ତୀ ସୁଦ୍ଧା କମ୍ପ୍ୟୁଟରୀକରଣ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ। ହେଲେ ଏପର୍ଯ୍ୟନ୍ତ ୨୦ ପ୍ରତିଶତ ପାକ୍ସରେ ମଧ୍ୟ କମ୍ପ୍ୟୁଟର ସଂଯୋଗୀକରଣ କାର୍ଯ୍ୟାରମ୍ଭ ହୋଇପାରି ନ ଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି। ଉଦାହରଣ ସ୍ୱରୂପ ଅବିଭକ୍ତ କଟକ ଜିଲାରେ ୪୬୮ ପାକ୍ସ ରହିଥିବାବେଳେ ☞ପୃଷ୍ଠା-୨




# ୫ଜି ଯୁଗ ଆରମ୍ଭ

**ନୂଆଦିଲ୍ଲୀ,୧।୧୦(ପି.ଟି.)**

ଭାରତରେ ୫ଜି ଯୁଗ ଆରମ୍ଭ ହୋଇଛି। ଏଣିକି ମୋବାଇଲ ଫୋନ୍‌ରେ ଅଲଟ୍ରା ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ଉପଲବ୍ଧ ହୋଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ପଞ୍ଚମ ପିଢ଼ିବା ୫ଜି ମୋବାଇଲ ସେବାର ଶୁଭାରମ୍ଭ କରିବା ଅବସରରେ ଏକ ନୂଆ ଯୁଗର ଆରମ୍ଭ ହେଲା ଯାହା ଅସୀମ ସୁଯୋଗ ପ୍ରଦାନ କରିବ ବୋଲି କହିଛନ୍ତି।

୫ଜି ସେବାର ଶୁଭାରମ୍ଭ ସହ ଭାରତୀ

### ଦେଶର ୮ ସହରରେ ସେବା ଉପଲବ୍ଧ

ଏୟାରଟେଲ୍ ଦିଲ୍ଲୀ, ମୁମ୍ବାଇ, ବାରାଣସୀ, ବେଙ୍ଗାଲୁରୁ ସମେତ ୮ ସହରରେ ଏହି ସେବା ଆରମ୍ଭ କରିଛି। ୨୦୨୪ ମାର୍ଚ୍ଚ ସୁଦ୍ଧା ସାରା ଦେଶରେ ଏହି ସେବା ଉପଲବ୍ଧ କରାଇବାର ପ୍ରତିଶ୍ରୁତି ଦେଇଛି। ସେହିପରି ଦେଶର ନଂ.୧ ଟେଲିକମ୍ ଅପରେଟର ଚଳିତ ମାସରେ ୪ଟି ମେଟ୍ରୋ ସହରରେ ଏହି ସେବା ଉପଲବ୍ଧ କରାଇବାକୁ ଯାଉଥିବାବେଳେ ଆସନ୍ତା ବର୍ଷ ଶେଷ ସୁଦ୍ଧା ସାରା ଦେଶରେ ☞ପୃଷ୍ଠା-୨

# ଦାରିଦ୍ର୍ୟ ଦୂରକରିବ ରୋବୋ

### ୩ ବର୍ଷରେ ଲୋକଙ୍କ ପାଖରେ ପହଞ୍ଚିବ ମସ୍କଙ୍କ ଅପ୍ଟିମସ୍

**ୱାଶିଂଟନ୍, ୧।୧୦**

ବିଶ୍ୱର ସବୁଠୁ ଧନୀ ଏଲନ ମସ୍କଙ୍କ ବୈଦ୍ୟୁତିକ୍ କାର ନିର୍ମାଣକାରୀ କମ୍ପାନୀ ଟେସ୍‌ଲା ଏହାର ବାର୍ଷିକ ଏଆଇ ଦିବସ ପାଳନ ଅବସରରେ ଏକ ହ୍ୟୁମ୍ୟାନଏଡ୍ ରୋବୋ ଅପ୍ଟିମସ୍‌ର ପ୍ରଦର୍ଶନ କରାଇଛି। ଅବିକଳ ମଣିଷ ଭଳି ଏହି ରୋବୋ କାମ କରିପାରିବ। ଏପରିକି ଭବିଷ୍ୟତରେ ଏହା ଦାରିଦ୍ର୍ୟ ଦୂର କରିପାରିବ ବୋଲି ମସ୍କ କହିଛନ୍ତି। ଖୁବଶୀଘ୍ର ଏହାକୁ ମନୁଷ୍ୟ ବ୍ୟବହାର ନିମନ୍ତେ ପୂର୍ଣ୍ଣ ପ୍ରସ୍ତୁତ କରାଯିବ। ସାଧାରଣ କାର୍‌ଠାରୁ ଏହାର ମୂଲ୍ୟ କମ୍ ରହିବ। ଉତ୍ପାଦନ ବଢ଼ିଲେ ଧୀରେ ଧୀରେ ମୂଲ୍ୟ ହ୍ରାସ ପାଇ ଏହା ସମସ୍ତଙ୍କ ନିକଟରେ ପହଞ୍ଚିପାରିବ। ଲୋକେ ନିଜ ପ୍ରିୟଜନଙ୍କୁ ☞ପୃଷ୍ଠା-୨





## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅକ୍ଷୟାନନ୍ଦ
ପରିବାରବର୍ଗ


ଦର୍ଶିନୀ
ପରିବାରବର୍ଗ


ପରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମନ୍ତ୍ରୀଙ୍କ ପାଚେରି ଭାଙ୍ଗିଲେ ଗ୍ରାମବାସୀ

**ବାରିପଦା ଅଫିସ, ୧।୧୦:** ଯିବା ଆସିବା ଲାଗି ରାସ୍ତା ଛାଡ଼ିବାକୁ ଲୋକେ ଅନୁରୋଧ କରିଥିଲେ। ହେଲେ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଲୋକଙ୍କ ରୋଷର ଶିକାର ହୋଇଛନ୍ତି ମହିଳା ଶିଶୁ ବିକାଶ ଓ ମିଶନଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ। ମୟୂରଭଞ୍ଜ ଜିଲା କରଞ୍ଜିଆ ଏନ୍‌ଏସି ୧୪ ନଂ. ୱାର୍ଡ ଅଙ୍କୁରା ମୌଜାରେ ମନ୍ତ୍ରୀଙ୍କ ଘର ଚତୁଃପାର୍ଶ୍ୱରେ ନିର୍ମାଣ ହେଉଥିବା ପାଚେରିକୁ ଶନିବାର ସ୍ଥାନୀୟ ଲୋକେ ବିରୋଧ କରି ଭାଙ୍ଗି ଦେଇଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ପାଚେରି ନିର୍ମାଣ ହେଉଥିବା ସ୍ଥାନ ମନ୍ତ୍ରୀ ହେମ୍ବ୍ରମଙ୍କ ନିଜସ୍ୱ। ଉକ୍ତ ସ୍ଥାନ ଦେଇ ଲୋକେ ଚଳପ୍ରଚଳ କରୁଥିବାରୁ ରାସ୍ତା ପାଇଁ ଜାଗା ଛାଡ଼ିବାକୁ ଅନୁରୋଧ କରିଥିଲେ। ହେଲେ ମନ୍ତ୍ରୀଙ୍କ ସ୍ୱାମୀ ଏଥିପ୍ରତି ଗୁରୁତ୍ୱ ନ ଦେଇ ପାଚେରି ନିର୍ମାଣ କରିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ବିରୋଧ କରିବା ସହ କିଛି ଇଟାଖଣ୍ଡ ଖସାଇ ଦେଇଥିଲେ। ପରେ ଉଭୟପକ୍ଷଙ୍କ ମଧ୍ୟରେ ବୁଝାମଣା ପରେ ପରିସ୍ଥିତି ସୁଧୁରିଥିଲା।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛନ୍ଦ ନ ଜାଣଇ ନନ୍ଦ ରାଣୀ,**
**ପୁତନା କୋଳେ ପୁଅ ଦେଲେ ଆଣି ।**

ପୁତନା ରାକ୍ଷସୀର ମନ୍ଦ ଉଦ୍ଦେଶ୍ୟ ବୁଝି ନ ପାରି ଯଶୋଦା ରାଣୀ କୃଷ୍ଣଙ୍କୁ ପୁତନା କୋଳରେ ସମର୍ପି ଦେବା ଭଳି ନିର୍ମାୟା ବ୍ୟକ୍ତି ସହଜରେ ଅନ୍ୟର ଛନ୍ଦ କପଟ ବୁଝିବାରେ ଅସମର୍ଥ ହୋଇଥାନ୍ତି। ଧୂର୍ତ୍ତ ବ୍ୟକ୍ତିଙ୍କର କୂଟ କପଟ ଜାଣି ନ ପାରି ନିଜର ସର୍ବସ୍ୱ ଦାନ କରିବସୁଥିବା ବ୍ୟକ୍ତି ଠକାମିରେ ପଡ଼ି ପସ୍ତେଇ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛି'ଲୋ ଛିଆ;**
**ଏତେ ହଟହଟା ନ ମଲୁ କିଆଁ ।**

ଯେତେବେଳେ ଜଣଙ୍କ ପାଇଁ ଅନ୍ୟ ଜଣେ ହଇରାଣ ହରକତ ହୁଏ ସେତେବେଳେ ଭୁକ୍ତଭୋଗୀ ବ୍ୟକ୍ତି ମନରେ ଏକପ୍ରକାର ଅସନ୍ତୋଷ ଭାବ ଆସିଯାଏ। ଏହାର ମାତ୍ରା କ୍ରମଶଃ ଯେତେ ଅଧିକ ହୁଏ ମନରେ ବିତୃଷ୍ଣା ଭାବ ସେତେ ଅଧିକ ବୃଦ୍ଧି ପାଏ। ଏପରିସ୍ଥଳେ ଉକ୍ତ ବ୍ୟକ୍ତି ପ୍ରତି ମନରେ ଥିବା ପୂର୍ବ ସ୍ନେହ ସରାଗ ଭାବ କମିଯିବା ସହ ତା'ର ମୁହଁ ନ ଦେଖିବା ଲାଗି ଇଚ୍ଛା କରିବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ନବମସ୍ଥ ଚନ୍ଦ୍ର ଆକର୍ଷଣୀୟ ମନୋରମ ଜିନିଷ ଲାଭ କରିବା ସକାଶେ ସାହାଯ୍ୟ କରିବେ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ଅଶାନ୍ତି ଅନୁଭବ କରିପାରନ୍ତି। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଦୀର୍ଘ ଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ।

**ବୃଷ** ଦୁର୍ବଳ ଶୁକ୍ର ପ୍ରଭାବରୁ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ଯାନବାହନ, ଦୋକାନ ବଜାର, ସଭା ସମିତିରୁ ଉପକୃତ ହେବେ। ପରିବାରରେ ଏମିତି କେତେକ କଥା ଘଟିପାରେ, ଯାହାକି ଅନ୍ୟ ସମ୍ମୁଖରେ ମଧ୍ୟ ଆଦୌ କହିପାରିବେ ନାହିଁ। ଆର୍ଥିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ।

**ମିଥୁନ** ଗ୍ରହ ସମ୍ପର୍କରୁ ପାରିବାରିକ ସ୍ତରରେ ସମସ୍ତଙ୍କ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ନିଜର ଲୋକମାନେ ଶତ୍ରୁତା କରି କେତେକ କାମ ପାଇଁ ପ୍ରତିବନ୍ଧକ ସାଜିବେ। ଶିଳ୍ପ, ବ୍ୟବସାୟ, ପରିବହନ, ଏଜେନ୍‌ସିପ୍, କଳା, ସାହିତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ।

**କର୍କଟ** ରାହୁଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ଆକସ୍ମିକ ଅସୁବିଧା ଦେଖାଦେବା କାରଣରୁ କାମ ହାସଲ କଷ୍ଟକର ହେବ। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସକାଶେ ପରିବାରରେ ବ୍ୟସ୍ତତା ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବାରେ କୌଣସି ଅସୁବିଧା ହେବନାହିଁ। ଅବଶ୍ୟ କଚେରି ମାମଲା ମନ୍ଥର ହୋଇପାରେ।

**ସିଂହ** ଏକାଦଶ ସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ହେତୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ନିଜର ଲୋକମାନଙ୍କ ପରୋକ୍ଷ ବିରୁଦ୍ଧାଚରଣ ହେତୁ ସାମୟିକ ଚିନ୍ତିତ ରହିବାକୁ ପଡ଼ିପାରେ। ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସଫଳତା ପାଇବେ। ଜମିଜମା ସମ୍ପର୍କୀୟ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ।

**କନ୍ୟା** ଚନ୍ଦ୍ର ଓ ମଙ୍ଗଳଙ୍କ ସମସପ୍ତମ ଦୃଷ୍ଟିଜନିତ କ୍ଳାନ୍ତିବୋଧ କରିବେ। କର୍ମକ୍ଷେତ୍ରରେ ବହୁତ ଦିନରୁ ସ୍ଥଗିତ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ପ୍ରଶାସନ, ପରିବହନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପ୍ରକାଶନ, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତା କ୍ଷେତ୍ରରୁ ସୁନାମ ମିଳିବ।

**ତୁଳା** ମୁଖଭାବକୁ ମଙ୍ଗଳ ଦେଖୁଥିବାରୁ ସ୍ପଷ୍ଟବାଦିତା କାରଣରୁ ଆଜିର କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ସମ୍ପର୍କ ଭଲ ରହିବନି। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ଆର୍ଥିକ ସ୍ଥିତି ଦୁଶ୍ଚିନ୍ତାର ଅନ୍ତ ଘଟିବ। ସଭାସମିତି, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସମ୍ଭାବନା ନାହିଁ।

**ବିଛା** କୌଣସି ଅପୂରଣୀୟ ଆଶା ମନକୁ ବାରମ୍ବାର ଆଲୋଡ଼ିତ କରିବ। ଯାନବାହନ, ଗୃହସୀମା, ଦୂରବନ୍ଧୁ, ସଭାସମିତି, ଜମିଜମା, ସମ୍ପର୍କୀୟଙ୍କ ସ୍ଥିତି ମଧ୍ୟମ ପ୍ରକାର ରହିବ । ଅନୁରାଧା ଯାହାକୁ ବେଶୀ ବିଶ୍ୱାସ କରୁଛନ୍ତି, ସେ ହିଁ ପ୍ରତାରଣା କରିବ। ପ୍ରଶାସନ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ଧନୁ** ତିନୋଟି ଗ୍ରହଙ୍କ ସନ୍ନିବେଶ ହେତୁ କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ଦେଖାଦେଇପାରେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ମକର** ସପ୍ତମାଧିପତି ବ୍ୟୟଭାବସ୍ଥ ହେତୁ ସ୍ୱାମୀ ସ୍ତ୍ରୀରେ ମତାନ୍ତର, ପ୍ରତିଦ୍ୱନ୍ଦ୍ୱିତାରେ ବିଫଳତା ଓ ଯାତ୍ରା, ବ୍ୟବସାୟ ସନ୍ତୋଷଜନକ ନ ହୋଇପାରେ। ପରିସ୍ଥିତି ପ୍ରତି ସଜାଗ ରହି କାମ କରିବା ଭଲ ହେବ, ଅନ୍ୟଥା ମାନସିକ ଦୁଶ୍ଚିନ୍ତାରେ ପଡ଼ିବେ। ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବା କଷ୍ଟକର ହୋଇପାରେ।

**କୁମ୍ଭ** ବୃହସ୍ପତିଙ୍କ ଶୁଭ ପ୍ରଭାବରୁ ଯୁକ୍ତିଯୁକ୍ତ ବାର୍ତ୍ତାଳାପ କରି ବିବାଦୀୟ ପରିସ୍ଥିତିକୁ ସୁଧାରିନେବେ। ଆକସ୍ମିକ କେତେକ ସମସ୍ୟା ଦେଖାଦେବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୂଆ ଯୋଜନାର ରୂପରେଖ ଉପରେ ଗୁରୁତ୍ୱଦେବେ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ଅସୁବିଧାର ସମ୍ମୁଖୀନ ହେବେ।

**ମୀନ** ଗ୍ରହଙ୍କ ଅନୁକୂଳତା ସତ୍ତ୍ୱେ ବାରମ୍ବାର ଚିନ୍ତା କରିବା ପରେ କୌଣସି ପଦକ୍ଷେପ ନେବା ଠିକ୍ ହେବ। ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ, କିନ୍ତୁ ଏଥିପାଇଁ କିଛି ବୁଦ୍ଧିର ଖେଳ ଖେଳିବାକୁ ପଡ଼ିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ସଭାସମିତି, ଆନୁଷ୍ଠାନିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

## ପ୍ରଥମ ପୃଷ୍ଠାରୁ...

### ଡିଜିଟାଇଜେଶନ ...

ସେଥିରୁ ଯୋଜନା ଆରମ୍ଭର ୫ବର୍ଷ ମଧ୍ୟରେ ମାତ୍ର ୨୯ଟିରେ କମ୍ପ୍ୟୁଟରୀକରଣ ହୋଇଛି। ସେହିପରି ସାରା ରାଜ୍ୟରେ ଏ ପର୍ଯ୍ୟନ୍ତ ମୋଟ ୨୧୦ଟି ପାକ୍ସରେ କମ୍ପ୍ୟୁଟରୀକରଣ ହୋଇଥିବା ସୂଚନା ରହିଥିଲେ ହେଁ ସମ୍ପୃକ୍ତ ପାକ୍ସଗୁଡ଼ିକ ପୂର୍ଣ୍ଣାଙ୍ଗ କମ୍ପ୍ୟୁଟରୀକରଣ ହୋଇ ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଯୋଗାଯୋଗ କରାଯିବାରୁ ସମସ୍ତ ପାକ୍ସକୁ କମ୍ପ୍ୟୁଟରୀକରଣ କରାଯିବାକୁ ସରକାର ପ୍ରାଥମିକତା ଦେଉଛନ୍ତି। ଖୁବ୍ ଶୀଘ୍ର କମ୍ପ୍ୟୁଟରୀକରଣ କାର୍ଯ୍ୟ ଶେଷ ହେବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ମିଛ ଚାଷୀ ନାଁରେ କୃଷି ଋଣ ପ୍ରଦାନ ହେଉଥିବା ତଥ୍ୟ ଲୋକଲୋଚନକୁ ଆସିବା ଭୟରେ କମ୍ପ୍ୟୁଟରୀକରଣ କରାଯାଉ ନ ଥିବା କଥାକୁ ଅସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ସମବାୟ ମହାନିବନ୍ଧକ ଉଦ୍ଧବ ଚନ୍ଦ୍ର ମାଝୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ସୁଦ୍ଧା ସମସ୍ତ ପାକ୍ସରେ କମ୍ପ୍ୟୁଟରୀକରଣ କରାଯିବା ଲକ୍ଷ୍ୟ ରହିଥିଲା। ହେଲେ କେତେକ ପାକ୍ସରେ କର୍ମଚାରୀ ଅଭାବ ସମସ୍ୟା ରହିଥିବାରୁ ଡିଜିଟାଇଜେଶନ ପ୍ରକ୍ରିୟା ବିଳମ୍ବ ହୋଇଥିବା କହିଛନ୍ତି।

### ଦାରିଦ୍ର୍ୟ ଦୂର ...

ଏହି ରୋବୋ ଉପହାର ଦେଇପାରିବେ ବୋଲି ଟେସ୍‌ଲା ସିଇଓ ମସ୍କ ପ୍ରକାଶ କରିଛନ୍ତି। ଏହି ଅବସରରେ ରୋବୋଟି ମଞ୍ଚରେ ଚାଲିବା, ଆଣ୍ଠେଇବା, ବସିବା ସହ ଲୋକଙ୍କୁ ହାତ ହଲାଇ ଅଭିବାଦନ ଜଣାଉଥିବା ଦେଖିବାକୁ ମିଳିଥିଲା।

ଏହି ରୋବୋ ଦ୍ୱାରା ମଣିଷ ଅନେକ କିଛି କାର୍ଯ୍ୟ ହାସଲ କରିପାରିବ। ୭୩ କେଜି ଓଜନର ରୋବୋର ବାହୁରେ ୨.୩ କିଲୋୱାଟ-ଆୱାରର ବ୍ୟାଟେରି ପ୍ୟାକ୍ ରହିଛି। ଏଥିରେ ଲାଗିଥିବା ଚିପ୍ ସିଷ୍ଟମ୍ ସହାୟତାରେ ରୋବୋ ନିଜ ହାତଗୋଡ଼ ଉଠାଇପାରିବ। ବିଭିନ୍ନ କାମରେ ଏହା ସାହାଯ୍ୟ କରିବା ସହ ବୁଝି ହେଉ ନ ଥିବା ବା କଷ୍ଟସାଧ କାର୍ଯ୍ୟ ସମ୍ପୂର୍ଣ୍ଣ ଦିଗରେ ଏହା ଲାଭଦାୟକ ହେବ। ବୟସ୍କ ଲୋକେ ଏଥିରୁ ବହୁ ପରିମାଣରେ ଉପକୃତ ହେବେ। ମଣିଷ ସମାଜରେ ଏକ ମୌଳିକ ପରିବର୍ତ୍ତନ ଆଣିବାରେ ରୋବୋ ସହାୟକ ହେବ ବୋଲି ମସ୍କ ଦାବି କରିଛନ୍ତି। ଅପ୍ଟିମସ୍ ସହାୟତାରେ ଜଣେ ବ୍ୟକ୍ତି ଥରକରେ ଏକାଧିକ କାର୍ଯ୍ୟ କରିବାରେ ସକ୍ଷମ ହେବେ। ଏହା ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଏବଂ ଅନ୍ୟ କେହି ଖରାପ ଉଦ୍ଦେଶ୍ୟରେ ସେଥିରେ ପରିବର୍ତ୍ତନ ନ କରିପାରିବା ଭଳି ବ୍ୟବସ୍ଥା ରହିଛି। ମଣିଷ ଭଳି ଆକୃତିର ଏହି ରୋବୋ ଆସନ୍ତା ୩ରୁ ୫ ବର୍ଷ ମଧ୍ୟରେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ହେବ ବୋଲି ମସ୍କ କହିଛନ୍ତି। ମସ୍କଙ୍କ ଏହି ଉଦ୍ଭାବନକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମଣିଷ ସମାଜ ପାଇଁ ବିପଦ ବୋଲି ପୂର୍ବରୁ ମସ୍କ କହିଥିବାବେଳେ ଏବେ ମାନବ ସଭ୍ୟତାରେ ପରିବର୍ତ୍ତନ ଆଣିବା ଭଳି ରୋବୋ ପ୍ରସ୍ତୁତ କରିବାକୁ ନେଇ ଅନେକେ ପ୍ରଶ୍ନ ଉଠାଇଛନ୍ତି। ତେବେ ଅନେକେ ଏହି ରୋବୋ ସପକ୍ଷରେ ସୋସିଆଲ ମିଡିଆରେ ସେମାନଙ୍କ ସକାରାତ୍ମକ ମତ ରଖିଛନ୍ତି।

### ୫ଜି ଯୁଗ ...

ସେବା ଯୋଗାଇବ ବୋଲି କହିଛି। ତେବେ ତୃତୀୟ ଟେଲିକମ୍ ଅପରେଟର ଭୋଡାଫୋନ୍ ଆଇଡିଆ ଲିଃ କେବେଠାରୁ ୫ଜି ସେବା ଆରମ୍ଭ କରିବ ସେନେଇ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ।

ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଆୟୋଜିତ ଇଣ୍ଡିଆ ମୋବାଇଲ କଂଗ୍ରେସ (ଆଇଏମ୍‌ସି) ୨୦୨୨ରେ ୫ଜି ସେବା ଶୁଭାରମ୍ଭ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ବିଶ୍ୱର ୫ମ ବୃହତ୍ ଅର୍ଥବ୍ୟବସ୍ଥା ପାଇଁ ଶନିବାର ଏକ ସ୍ୱତନ୍ତ୍ର ଦିନ। ୫ଜି ନାମରେ ୧୩୦ କୋଟି ଭାରତୀୟ ଏକ ଆଶ୍ଚର୍ଯ୍ୟ ଉପହାର ପାଇଛନ୍ତି, ଯାହା ନୂଆ ଯୁଗର ସୂର୍ଯ୍ୟୋଦୟ ତଥା ଅସୀମ ସୁଯୋଗର ଅୟମାରମ୍ଭ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୪ଜି ତୁଳନାରେ ୫ଜିରେ ଡାଉନ୍‌ଲୋଡ୍ ସ୍ପିଡ୍ ବହୁଗୁଣିତ ହେବା ସହ ପ୍ରତିବନ୍ଧକ ମୁକ୍ତ ହେବ। କମ୍ ସମୟ ମଧ୍ୟରେ କୋଟି କୋଟି ଡିଭାଇସ୍‌କୁ ଡାଟା ଶେୟାର କରାଯାଇପାରିବ। ସ୍ୱାସ୍ଥ୍ୟସେବା, ଶିକ୍ଷାଠାରୁ ଆରମ୍ଭ କରି କୃଷି, ବିପର୍ଯ୍ୟୟ ପର୍ଯ୍ୟବେକ୍ଷଣ ପର୍ଯ୍ୟନ୍ତ ସବୁ ସେକ୍ଟରରେ ୫ଜି ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି। ୨ଜି, ୩ଜି ଏବଂ ୪ଜି ଟେକ୍‌ନୋଲୋଜି ପାଇଁ ଭାରତ ବାହାର ଦେଶ ଉପରେ ନିର୍ଭରଶୀଳ ଥିଲା। କିନ୍ତୁ ୫ଜି ସେବା ଭାରତର ନିଜସ୍ୱ ଟେକ୍‌ନୋଲୋଜି ଇତିହାସ ସୃଷ୍ଟି କରିଛି। ଏହାଦ୍ୱାରା ଭାରତ ପ୍ରଥମ ଥର ପାଇଁ ଟେଲିକମ୍ ପ୍ରଯୁକ୍ତିରେ ବୈଶ୍ୱିକ ମାନ ସ୍ଥାପନ କରିଥିବା ମୋଦି କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଇଣ୍ଡିଆ ମୋବାଇଲ କଂଗ୍ରେସରେ ଥିବା ଏରିକ୍‌ସନ୍ ଷ୍ଟଲ୍‌ରୁ ୫ଜି ଟେକ୍‌ନୋଲୋଜି ସହାୟତାରେ ପରୀକ୍ଷାମୂଳକ ଭାବେ ସୁଇଡେନ୍‌ରେ କାର୍ ଚଳାଇଥିଲେ। କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଏହାକୁ ଟୁଇଟରରେ ଶେୟାର କରିଛନ୍ତି।


# classifieds

**Everyday**
**0674-2580101, 2549302**




## BRIDE WANTED

**Beautiful Brahmin girl required for Manager PSU Bank/ Package 15lakh/ height-6'/ Age-31. Contact: 7978293658.** D-1688

## GROOM WANTED

Government ଚାକିରିଆ, age-34, ଏକୁଟିଆ ରହୁଥିବା divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7077495623. D-1693




## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

**2BHK flat 2nd Floor, Shravani Enclave-4, Kapila Prasad, Sundarpada, rent 7,000/- with garage. Contact: 8984286856, 9937557194.** D-71655

Duplex Apollo Hospital-2.3cr, Duplex Balianta-85lakh, Apartment Rasulgarh-89lakh, Land Kalarahanga-2700, Tankapani-2700, Hanspal-2600, Aiims-2350, Patrapada-2000, Pahala-1800, Padasahi-1600. 8984071303. D-1681

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

**Gated community society plot sale at Puri-Pipili Bypass just Rs.-7,80,000/-. 8114935847.** D-74133

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

ତୁରନ୍ତ ଘରକରି ରହିବା ପାଇଁ **Nakhara** ପାଖରେ **6,00,000/-, 10,00,000** ଏବଂ **Hanspal** ପାଖରେ ରାସ୍ତା, ପାଚେରି ଥାଇ **electricity** ସହିତ ଘରବାରି **plot** ବିକ୍ରିହେବ। **7008333454, 9439777716.** D-73980

**Commercial space for sale in Forest Park, Unit-6, 190sqft. super builtup. 9937928349.** D-1655

N.H. side ORERA Approved project at Twincity, Telengapentha, Cuttack near Panda Cancer Hospital. 2BHK flats available Unit Price Rs.-61,00,000.00 onwards. Delivery Shortly. Contact Number-9238315816. D-73976

ଘରବାରି **boundary plot** ନଖରା ତ୍ରିନାଥବଜାରରୁ ୨କିଲୋମିଟର ମେନ୍‌ରୋଡ୍‌ରୁ ୧୦୦ମିଟର **1300** ବର୍ଗ ଫୁଟକୁ **13,00,000/-. 9437306208.** D-74130

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-1669

GA freehold plot 3750sqft. at Bharatpur GA Colony for sale. Owner- 7978214375. D-71657

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-1668

Around 5.5 gunth land with building at Baniamal, Po/district Kendrapada for sale . Contact - 9437048845. D-1665

**Simplex, Duplex and Triplex available for sale within gated community and facilities like Childrens Play Area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1680

**Gharabari Bank finance plot sale at Janla-Gangapada NH side, Bhubaneswar. 9437522339.** D-74132

1200sqft. gharabari plot with boundary wall at Satyavamapur near BJEM School-2. 9853760097. D-73981

**Commercial Cum residential plot at Brahmanjharilo Cuttack (Niali Road) 6km. to Phulanakhara, 11km. to Bhubaneswar. 7809525452.** D-73979

GA freehold plot 2400sqft. at Bharatpur GA Colony for immediate sale. Owner- 7978214375. D-71656

**Layout approval (30'road)** ସହିତ **Bank Finance** ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି **(100% clean) plot @9,00,000/-**ରେ କିଣନ୍ତୁ। **OD GROUP. 9437033320.** D-74112

ନଖରା **East College Front,** ବାଲିଅନ୍ତାରେ **SC/ General plot** କିଣି ତୁରନ୍ତ ଘର କରନ୍ତୁ। **9776846520.** D-74126

Land with building for sale at Cuttack Alisha Bazar. 7978751719. D-71356

**Duplex sale at Bhubaneswar @45 lakhs and apartment @63lakhs. 9439206202.** D-74129

**ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799.** D-1651

ଭୁବନେଶ୍ୱର ହଂସପାଳ ଛକ ନିକଟରେ **3BHK Duplex Modern Amenities** ସହିତ ମିଳୁଛି। 9658122456, 8327785834. D-74122




Do you want to construct buildings on your own plot. Contact: 7008268129, 9439143273. D-71352

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




**Relax, Refresh your body, Mind at Saikrupa Spa with best therapies. 8984068077.** D-1543

Newly open full body massage ladies and gents. 9040171280. D-73977

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73975




**Mastermind Abacus complete Brain development program for kids online & offline, free admission till 10th Oct. 8144544348.** D-1656

## AFFIDAVIT

By virtue of an affidavit before Executive Magistrate, Jharsuguda on dated 24.06.2022. I Manoj Gej have changed my surname from Gej to Patra and since then I am known and called as Manoj Patra, S/o- Ashok Patra, resident of Chaukipada, PO/ Dist.- Jharsuguda, Odisha for all purpose. D-1683

By virtue of an affidavit executed before the Executive Magistrate, Talcher on dated 26.09.2022, I, Mirja Sahajan Baig, At- Qtr. No.-B/76, Ananta Vihar, PO.- Dera Colliery, PS.- Colliery, Sub Division- Talcher, Dist.- Angul, do hereby declare that my Wife's name shall be known as "Kasari Bibi" instead of "Kashri Khanam" in my service record with immediate effect & my daughter's name shall be known as "Sehnaz Mirza" instead of "Sehnaj Mirza" in all official records with immediate effect. D-1687

By virtue of an affidavit in the Court of Executive Magistrate, Angul, I, Iswar Behera, At/Po-Sankhapur, P.S.- Bantala, Dist.- Angul do hereby state that the date of Birth of my son Deepak Behera has wrongly mentioned as 30.12.1991 in place of 12.08.2000, similarly My second son namely Sagar Behera is 17.12.2000 instead of 18.03.2001 in my service record. Hence this affidavit produce for Army Authority to correction the Original Date of Birth of my son Deepak Behera is 12.08.2000 and Sagar Behera is 18.03.2001. D-1695

## LOST

ଆମେ, ୧. ସଞ୍ଜୟ କୁମାର ନନ୍ଦ, ପିତା- ସ୍ୱର୍ଗତ ସଚ୍ଚିଦାନନ୍ଦ ନନ୍ଦ, ଠିକଣା- ମିଶନ ରୋଡ୍, ସୁନ୍ଦରଗଡ଼, ଓଡ଼ିଶା-୭୭୦୦୦୧ ଏବଂ ୨. ଅବଦୁଲ୍ ସାଜିଦ୍, ପିତା- ସ୍ୱର୍ଗତ ଅବଦୁଲ୍ ଜବ୍ବାର, ଠିକଣା- ସୁନାରିପଡ଼ା, ରଙ୍ଗାଢ଼ିପା, ସୁନ୍ଦରଗଡ଼, ଓଡ଼ିଶା-୭୭୦୦୦୧ ଏତଦ୍‌ଦ୍ୱାରା ଘୋଷଣା କରୁଛୁ କି ଆମର ଜମି ସମ୍ପତ୍ତି ଯାହାକି ମୌଜା- ବଡ଼ବାହାଲଠାରେ ଅବସ୍ଥିତ ଓ ୨ ଏକର ୩୧ ଡିସିମିଲ ପରିମାଣର ଅଛି ଏବଂ ଯାହାର ଖାତା ନମ୍ବର ୭୮/୯୧, ପ୍ଲଟ୍ ନମ୍ବରଗୁଡ଼ିକ ୧୧/୧୩୪୭, ୧୩, ୧୨/୧୪୭୯, ୧୫/୧୪୮୦, ୧୨ ଓ ୧୫, ତାହାର ମୂଳ ପଞ୍ଜୀକୃତ ବିକ୍ରିନାମା ଯାହାକି ୨୭।୧୨।୨୦୧୧ ତାରିଖ ଦିନ ପଞ୍ଜୀକୃତ ହୋଇଥିଲା ଏବଂ ତାହାର ସଂଖ୍ୟା ୧୧୭୦୧୧୦୨୧୫୭, ତାହା କୌଣସି ସ୍ଥାନରେ ଗତ ୧୫।୦୯।୨୦୨୨ଦିନ ହଜିଯାଇଛି। ଅନେକ ସଘନ ଅନ୍ୱେଷଣ ପରେ ମଧ୍ୟ ତାହା ଆମର ହସ୍ତଗତ ହୋଇନାହିଁ। ଏଣୁ ଆମେ ସୁନ୍ଦରଗଡ଼ ଟାଉନ୍ ଥାନାରେ ଏକ "ନିଖୋଜ ଅଭିଯୋଗ" ଦାଏର କରିଛୁ, ଯାହାକି ୧୬।୦୯।୨୦୨୨ ତାରିଖରେ ଷ୍ଟେସନ/ସାଧାରଣ ଡାଏରୀ ସଂଖ୍ୟା ୦୦୯ରେ ନଥିଭୁକ୍ତ ହୋଇଛି। ଆମେ ଘୋଷଣା କରୁଛୁ କି ଉକ୍ତ ଜମି ନଥିପତ୍ରଟି କୌଣସି ସ୍ଥାନରେ ବନ୍ଧକ ରଖାଯାଇନାହିଁ ବା କୌଣସି ପଦ୍ଧତିରେ ନ୍ୟସ୍ତ କରାଯାଇନାହିଁ ଏବଂ ଆମେ ସେହି ସମ୍ପତ୍ତିକୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏସ୍.ଏମ୍.ଇ. ଶାଖା, ଝାରସୁଗୁଡ଼ା ଷ୍ଟେସନ ଛକ, ଶାଖା ସଙ୍କେତ-୧୦୯୨୩ଠାରେ ଏକ ଋଣ/ଉଧାର ସୁବିଧା ପାଇଁ ବନ୍ଧକ ରଖି ନ୍ୟସ୍ତ କରିବାକୁ ଉଦ୍ଦେଶ୍ୟ ପ୍ରକାଶ କରୁଛୁ। ଧ-୧୬୯୦

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୫-ଜି ସେବାର ଶୁଭାରମ୍ଭ କରୁଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇ ଅଭିନନ୍ଦନ ଜଣାଉଛନ୍ତି।

# ରାଷ୍ଟ୍ରପତିଙ୍କ ଗାଁରେ ୫-ଜି

**ବାରିପଦା ଅଫିସ, ୧।୧୦**

ରାଜ୍ୟର ପ୍ରଥମ ୫-ଜି ସେବା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗାଁ ମୟୂରଭଞ୍ଜ ଜିଲା କୁସୁମୀ ବ୍ଲକ ପାହାଡ଼ପୁରସ୍ଥିତ ଏସ୍‌ଏଲ୍‌ଏସ୍ ସ୍ମାରକୀ ଆବାସିକ ବିଦ୍ୟାଳୟରୁ ଶନିବାର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ ଦିଲ୍ଲୀସ୍ଥିତ ପ୍ରଗତି ମଇଦାନରୁ ଉଦ୍‌ଘାଟନ କରିଛନ୍ତି।

ମୟୂରଭଞ୍ଜ ମାଟିର ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ଜିଲାର ଚିତ୍ର ଧୀରେ ଧୀରେ ବଦଳିବାରେ ଲାଗିଛି। ଦେଶରେ ୫-ଜି ସେବା ଆରମ୍ଭ ହୋଇଥିବା ବେଳେ ଦୁର୍ଗମ ଅଞ୍ଚଳ ପାହାଡ଼ପୁର ଗ୍ରାମରୁ ଏହି ସେବାକୁ ଡେମୋନଷ୍ଟ୍ରେଶନ (ପ୍ରଦର୍ଶିତ) କରାଯାଇଛି। ଶିକ୍ଷାକ୍ଷେତ୍ରରେ ଏହି ସେବା ଉପଲବ୍ଧକୁ ଦେଖି ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଶ୍ରେଣୀକକ୍ଷରେ ବସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମକୁ ସେମାନେ ବେଶ୍ ଉପଭୋଗ କରିଛନ୍ତି। ଏହି ସେବା ଦ୍ୱାରା ଫାଷ୍ଟ ଡିଜିଟାଲ ସେବା ଲୋକଙ୍କୁ ମିଳିପାରିବ। ଖୁବ୍‌ଶୀଘ୍ର ଫାଇଲ ଡାଉନ୍‌ଲୋଡ ଏବଂ ଅପ୍‌ଲୋଡ୍ ହେବା ସହିତ କମ୍ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହେବ। ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଫଳ କରିବା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭାରତ ସରକାରଙ୍କ ତରଫରୁ ଟେଲିକମ ବିଭାଗର ଡେପୁଟି ଡାଇରେକ୍ଟର ଜେନେରାଲ ବିଜୟ କୁମାର ନାୟକ, ରିଲାଏନ୍ସ ଜିଓର ରାଜ୍ୟ ମୁଖ୍ୟ ପ୍ରଦୀପ ରାଉତ, ଯଶୀପୁର ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝି, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜନ୍ମେଜୟ ଗିରି ପ୍ରମୁଖ ଛାତ୍ରୀଛାତ୍ରଙ୍କ ସହିତ ମିଶି ଏହି ଐତିହାସିକ ମୁହୂର୍ତ୍ତକୁ ଉପଭୋଗ କରିଛନ୍ତି। ଏହି ଅବସରରେ ଜିଓ ୨-୫ଜି ସେବା ଦ୍ୱାରା ପରିଚାଳିତ ଶିକ୍ଷା ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର ଲାଇଭ ପ୍ରଦର୍ଶନରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ତେବେ ଏହି ସେବାପ୍ରାପ୍ତ ହେବାରେ ଓଡ଼ିଶାର ପ୍ରଥମ ସ୍କୁଲ ଭାବେ ଏସ୍‌ଏଲ୍‌ଏସ୍ ବିଦ୍ୟାଳୟ ହାଇ ସ୍ପିଡ ୫-ଜି ପ୍ରଯୁକ୍ତିର ରୂପାନ୍ତରଣ ଅନୁଭୂତି ହାସଲ କରିଛି। ଏହାସହିତ ଶିକ୍ଷା କ୍ଷେତ୍ରରେ ସଫଳ ଲାଇଭ ୫-ଜି ପ୍ରୟୋଗର ପ୍ରଦର୍ଶନରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟି କରିଛି। ଏହି ସେବା ଜରିଆରେ ମୁମ୍ବାଇର ଧୀରୁଭାଇ ଅମ୍ବାନୀଙ୍କ ଇଣ୍ଟରନ୍ୟାଶନାଲ ସ୍କୁଲ ଦ୍ୱାରା ପରିଚାଳିତ ହେଉଥିବା ଏକ ଲାଇଭ ପାଠପଢା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ରହି ସିଧାସଳଖ ଲାଇଭ କାର୍ଯ୍ୟକ୍ରମ ଦେଖିଛନ୍ତି।



୫-ଜି ସେବା ଲୋକାର୍ପଣ ଉତ୍ସବକୁ ଛାତ୍ରୀଛାତ୍ର ଓ ଅତିଥିମାନେ ଲାଇଭ ଦେଖୁଛନ୍ତି।














ବର୍ତ୍ତମାନ ସେହି ନିର୍ଦ୍ଧାରିତ ସମୟ ଆସିଯାଇଛି। ଏତିକି ବେଳେ ହିଁ ଆମ ସମସ୍ତଙ୍କୁ ଚୂଡ଼ାନ୍ତ ଓ ନିଶ୍ଚିତ ସିଦ୍ଧାନ୍ତ ନେବାକୁ ପଡ଼ିବ। ପ୍ରଭୁ ! ମିଥ୍ୟାକୁ ଜୟକରିବା ଲାଗି ଆମକୁ ଶକ୍ତି ଦିଅ ଏବଂ ଆମେ ଯେପରି ତୁମରି ସତ୍ୟ ଓ ପବିତ୍ରତାକୁ ସଂପୂର୍ଣ୍ଣ ଭାବେ ଆଦରି ନେଉ ଏବଂ ତୁମର ବିଜୟ ସକାଶେ ଉପଯୁକ୍ତ ହେଉ। —ଶ୍ରୀମା

# ବୋଲରଙ୍କୁ ଅଣଦେଖା



ଆକାର ପଟେଲ

ଲର୍ଡ୍ସରେ ଭାରତୀୟ ମହିଳା କ୍ରିକେଟ ଟିମ୍ ଇଂଲଣ୍ଡ ଟିମ୍‌କୁ ପରାସ୍ତକରି ବିଜୟୀ ହୋଇଥିଲା। ଭାରତର ଏହି ବିଜୟକୁ ନେଇ ବ୍ରିଟିଶ ମିଡିଆ ଏବଂ କ୍ରିକେଟରମାନେ ଲଗାତର ଚର୍ଚ୍ଚା ଜାରି ରଖିଛନ୍ତି। ଦୀପ୍ତି ଶର୍ମା ବୋଲିଂ କରୁଥିବା ସମୟରେ ନନ୍‌ଷ୍ଟ୍ରାଇକର ପଟେ ଇଂଲଣ୍ଡ ବ୍ୟାଟର କ୍ରିଜ୍ ଛାଡ଼ି ଦେଇଥିବା ସମୟରେ ଦୀପ୍ତି ତାଙ୍କୁ ରନ୍ ଆଉଟ କରିଥିଲେ। ଏହି ରନ୍‌ଆଉଟକୁ ନେଇ ବାଦ ବିବାଦ ଉଠିଛି। କିନ୍ତୁ ଏ କ୍ଷେତ୍ରରେ ନିୟମ ସମ୍ପୂର୍ଣ୍ଣ ସ୍ପଷ୍ଟ। ବାସ୍ତବରେ ୨୦୧୭ରେ ଏହି ନିୟମ ବୋଲର ଆର୍. ଅଶ୍ୱିନୀଙ୍କ ସପକ୍ଷରେ ସ୍ପଷ୍ଟ ହୋଇଥିଲା। ପୂର୍ବ ଏମ୍‌ସିସି ନିୟମରେ ବଲ୍ ଡେଲିଭରି କରିବା ପୂର୍ବରୁ ନନ୍ ଷ୍ଟ୍ରାଇକର ପଟେ ବ୍ୟାଟରଙ୍କୁ ରନ୍ ଆଉଟ କରିବା ଲାଗି ବୋଲରଙ୍କୁ ଅନୁମତି ଦିଆଯାଇଥିଲା। ଏବେ ସବୁ ସ୍ତରୀୟ କ୍ରିକେଟରେ ନନ୍ ଷ୍ଟ୍ରାଇକରଙ୍କୁ ରନ୍ ଆଉଟ କରାଯାଇପାରିବ। ବଲ୍ ଡେଲିଭରି କରିବାର ଶେଷ କ୍ଷଣରେ ବି ଏହା କରାଯାଇପାରିବ। କିନ୍ତୁ ଏହି ନିୟମାନୁସାରେ ଦୀପ୍ତି ଶର୍ମା ନନ୍ ଷ୍ଟ୍ରାଇକରଙ୍କୁ ରନ୍ ଆଉଟ କରିବା ଯୋଗୁ ତାଙ୍କୁ ନିନ୍ଦା କରାଗଲା। ଇଂଲଣ୍ଡ ବିଚାରରେ ଦୀପ୍ତି ତାଙ୍କ ପତିପକ୍ଷକୁ ରନ୍ ଆଉଟ କରିବା ପୂର୍ବରୁ ତାଙ୍କୁ ଚେତାବନୀ ଦେବା ଉଚିତ ଥିଲା। ବଲ୍ ଡେଲିଭରି ପୂର୍ବରୁ ଯଦି ବ୍ୟାଟର ରନ ନେବାକୁ କ୍ରିଜ୍ ବାହାକୁ ଯିବା ଲାଗି ଯୋଜନା କରି ସେମାନେ ବୋଲର କିମ୍ବା କିପରଙ୍କୁ ସୂଚନା ଦେବାକୁ ଏକ ଦାୟିତ୍ୱ ବୋଲି ମନେ କରୁନାହାନ୍ତି। ଯଦି ସେମାନେ ଏହା କରୁନାହାନ୍ତି,ତେବେ ବ୍ୟାଟରମାନଙ୍କୁ ଚେତାବନୀ ଦେବା ଏକ ଦାୟିତ୍ୱ ବୋଲି ବୋଲରମାନେ କାହିଁକି ବିଚାର କରିବେ ? ବୋଲରଙ୍କୁ ଅଣଦେଖା କରିବା ଏବଂ ପ୍ରତିରୋଧ କରିବାକୁ ନିୟମଗୁଡ଼ିକ ଲେଖାଯାଇଛି କିମ୍ବା ପୁନଃ ଲେଖନ କରାଯାଇଛି। କ୍ରିକେଟ ଏକ ବ୍ୟାଟ୍ସମ୍ୟାନ ଖେଳ ବୋଲି ବହୁ ସମୟରେ ଆମକୁ କୁହାଯାଏ। କିନ୍ତୁ ଆଇସିସି ବୋଲରମାନଙ୍କ ଜୀବନକୁ କଠିନ କରିଛି। ବୋଲର ଏକ ଏଲ୍‌ବିଡବ୍ଲ୍ୟୁ ଦାବି କରିପାରିବେ, କିନ୍ତୁ ବଲ୍‌ଟି ଯଦି ଲେଗ୍‌ଷ୍ଟମ୍ପ ବାହାରେ ପିଚ୍ ଖାଇଥାଏ କିମ୍ବା ଅଫ୍‌ଷ୍ଟମ୍ପ ବାହାରେ ତା ଦେହରେ ବାଜିଥାଏ ତେବେ ୧୯୭୦ ଦଶନ୍ଧିରେ ଅଣାଯାଇଥିବା ନିୟମ ବ୍ୟାଟ୍ସମ୍ୟାନଙ୍କୁ ରକ୍ଷା କରିବ। ଫାଷ୍ଟ ବୋଲରଙ୍କ ପାଇଁ ଫ୍ରଣ୍ଟ୍‌ଫୁଟ୍ ରୁଲ୍‌କୁ ମଧ୍ୟ ୧୯୬୦ ଦଶନ୍ଧିରେ ପରିବର୍ତ୍ତନ କରାଗଲା। ନିକଟରେ ବାଉନ୍ସର ଉପରେ କଟକଣା ଲଗାଯାଇଛି। ପ୍ରଥମ ବାଉନ୍ସର ପରେ ବୋଲରଙ୍କୁ ଚେତାବନୀ ଦିଆଯାଇଥାଏ। ପଡ଼ିଆରେ ୩୦ ଗଜ ସର୍କଲ ଓ ପାୱାର ପ୍ଲେ, ଲେଗ୍‌ସାଇଡ କଟକଣା ବୋଲରଙ୍କ ଉପରେ ହିଁ ଲଦିଦିଆଯାଇଛି। ଦିନିକିଆ ଅନ୍ତର୍ଜାତୀୟରେ କ୍ରିଜ୍‌ର ଦୁଇ ପାଖରୁ ବୋଲିଂ ପାଇଁ ଦୁଇଟି ବଲ୍ ରଖାଯାଏ। ବୋଲର ଶୀଘ୍ର ବୋଲିଂ କରିବା ଲାଗି ଏହା କରାଯାଇଥାଏ ଯାହାଦ୍ୱାରା ସେମାନଙ୍କୁ କଠିନତାର ସାମ୍ନା କରିବାକୁ ହୋଇଥାଏ। ବ୍ୟାଟରମାନେ ସବୁବେଳେ ପୁରସ୍କୃତ ବା ଲାଭାନ୍ୱିତ ହେଉଥିବାବେଳେ ଫ୍ରି ହିଟ୍, ଫାଷ୍ଟ ଫର୍ ଫ୍ରଣ୍ଟଫୁଟ ନୋ ବଲ୍ ଏବଂ ୨୦୧୫ ପରେ ସବୁ ପ୍ରକାର ନୋ ବଲ୍ ଆଦି ନୂଆ ନିୟମଗୁଡ଼ିକ ଦ୍ୱାରା ବୋଲରମାନେ କ୍ଷତି ସହୁଛନ୍ତି। ନୋ ବଲ୍ ଓ ୱାଇଡ ବଲରେ ବୋଲରମାନେ ଭୁଲ୍ କଲେ ତତ୍‌କ୍ଷଣାତ ଦଣ୍ଡିତ ହେଉଥିବାବେଳେ କ୍ରିଜ୍‌ରେ ଦୌଡିବାକୁ ନେଇ ବ୍ୟାଟରଙ୍କୁ ଦୁଇଥର ବିନା ଦଣ୍ଡାତ୍ମକ ଚେତାବନୀ ଦିଆଯାଉଛି। ବ୍ୟାଟର ଆଘାତ ପ୍ରାପ୍ତ ହେଲେ ସଙ୍ଗେ ସଙ୍ଗେ ଫେରି ଆସିପାରିବେ, କିନ୍ତୁ ବୋଲରମାନେ ତାହା କରିପାରିବେ ନାହିଁ। ଦିନିକିଆ ଅନ୍ତର୍ଜତୀୟ ଏବଂ ଟି୨୦ ମ୍ୟାଚରେ ବୋଲରମାନେ ନିର୍ଦ୍ଧାରିତ ସଂଖ୍ୟକ ଓଭର ବୋଲିଂ କରିବେ, କିନ୍ତୁ ଜଣେ ବ୍ୟାଟର କେତେ ଓଭର ବ୍ୟାଟିଂ କରିପାରିବେ ତାହାର କୌଣସି ସୀମା ନହିଁ।

କ୍ରିକେଟରେ ପ୍ରତ୍ୟେକଟି ନୂତନତ୍ୱ ବିଶେଷକରି ବୋଲରମାନଙ୍କୁ ଅଣଦେଖା ଲାଗି ଉଦ୍ଦିଷ୍ଟ। ଡିସିସନ ରିଭ୍ୟୁ ସିଷ୍ଟମ(ଡିଆର୍‌ଏସ୍) ବ୍ୟବସ୍ଥା ବୋଲରଙ୍କ ସପକ୍ଷରେ ଥିବା କୁହାଯାଉଥିଲେ ବି ତାହା ଠିକ୍ ନୁହେଁ। ଉକ୍ତ ବ୍ୟବସ୍ଥାର ପ୍ରୋଟୋକଲ ବୋଲିଂ ପରିବର୍ତ୍ତେ ବ୍ୟାଟିଂ ସପକ୍ଷରେ ରହିଛି। ରିଭ୍ୟୁ ଲାଗି ବ୍ୟାଟରଙ୍କର ସ୍ୱାଧୀନତା ରହିଛି, ହେଲେ ବୋଲରଙ୍କୁ ତାଙ୍କ କ୍ୟାପଟେନଙ୍କୁ ଅପିଲ କରିବାକୁ ପଡେ। ସୁଇଚ୍ ହିଟ୍, ରିଭର୍ସ ହିଟ୍ ଆଦି ସବୁ ପ୍ରକାର ବ୍ୟାଟିଂ କୌଶଳ ଗ୍ରହଣୀୟ। କିନ୍ତୁ ବୋଲିଂ କୌଶଳକୁ ଅନେକ ସମୟରେ ଚିଟିଂ ଭାବେ ଦେଖାଯାଏ। ବ୍ୟାଟ୍ ଓ ବ୍ୟାଟିଂର ସ୍ଥିତି ବିଷୟରେ ଟେକ୍‌ନୋଲୋଜିକୁ ଅନିୟନ୍ତ୍ରିତ ଭାବେ ଅନୁମତି ଦିଆଯାଇଛି। କ୍ରିକେଟ ବଲ ଏକ ଶତାବ୍ଦୀ ଧରି ସେମିତି ରହିଛି।

ଏହିସବୁ ନିୟମ ଓ ଟେକ୍‌ନିକ ବୋଲିଂକୁ କ୍ଷତି କରିନାହିଁ ବୋଲି ଆମେ ଭାବିବା ଉଚିତ ନୁହେଁ। ହାରୋଲ୍ଡ ଲର୍‌ଉଡଙ୍କ ଠାରୁ ଆରମ୍ଭ କରି ଦଳିତ କ୍ରିକେଟର ବାଲୁ ପଲୱାଙ୍କରଙ୍କ ଯାଏ,ବୋଲିଂକୁ ନିମ୍ନ ଦୃଷ୍ଟିରେ ଦେଖାଯାଇଆସିଛି। ଆମ ଦେଶରେ ବୋଲର ଓ ବୋଲିଂକୁ କଠିନ ସ୍ଥିତିର ସାମ୍ନା କରିବାକୁ ପଡୁଛି। ବିଶ୍ୱରେ ଏକ ଲମ୍ବା ସମୟ ଧରି ବୋଲରମାନଙ୍କୁ ନିମ୍ନ ଦୃଷ୍ଟିରେ ଦେଖିବାର ରେକର୍ଡ ରହିଛି, ଯାହା ତଥ୍ୟରୁ ସ୍ପଷ୍ଟ ହୁଏ। ଭାରତୀୟ ଟିମ୍‌କୁ ଦେଖନ୍ତୁ। ଆମ ବ୍ୟାଟିଂ (ଗାଭାସ୍କର, ସେହ୍ୱାଗ, କୋହଲି, ତେନ୍ଦୁଲକର ଓ ଦ୍ରାଭିଡ)ବିଶ୍ୱସ୍ତରୀୟ କିନ୍ତୁ ବୋଲିଂ ଉତ୍ସାହପ୍ରଦ ନୁହେଁ। କପିଳ ଦେବ, କୁମ୍ବଲେ, ହରଭଜନ ଏବଂ ଅଶ୍ୱିନୀ ଆମର ସବୁଠୁ ଅଧିକ ଉଇକେଟ ନେଇଛନ୍ତି ଓ ପ୍ରଥମ ତିନିଜଣଙ୍କର ଉଇକେଟ ପିଛା ହାରାହାରି ରନ୍ ହେଉଛି ୩୦। କିନ୍ତୁ ଅଷ୍ଟ୍ରେଲିଅ କିମ୍ବା ୱେଷ୍ଟଇଣ୍ଡିଜ ଅବା ପାକିସ୍ତାନ ଭଳି ସମାନ ଗୋଷ୍ଠୀରେ ଏମାନେ ନାହାନ୍ତି। ସର୍ବକାଳୀନ ଶ୍ରେଷ୍ଠ ଟେଷ୍ଟ ବୋଲିଂ ଆଭରେଜ ତାଲିକାର ଉପରୁ ତଳ ଆଡକୁ ଆସିଲେ ଯଶପ୍ରୀତ ବୁମରା ୩୫ ଓ ଆର୍. ଅଶ୍ୱିନୀ ୭୨ ର୍‍ୟାଙ୍କ୍‌ରେ ରହିଛନ୍ତି।

Email:aakar.patel@gmail.com

# ମହାମହିମ ରାଜ୍ୟପାଳ



ଜନାର୍ଦ୍ଦନ ପତି

ଆମ ଦେଶର ସମ୍ବିଧାନର ଧାରା ୧୫୩ରେ ଲେଖାଯାଇଛି ଯେ, ପ୍ରତ୍ୟେକ ରାଜ୍ୟ ପାଇଁ ଜଣେ ରାଜ୍ୟପାଳ ରହିବେ। ମାତ୍ର ଏହି ଧାରାରେ ଜଣେ ବ୍ୟକ୍ତିକୁ ଦୁଇ ବା ତତୋଽଧିକ ରାଜ୍ୟର ରାଜ୍ୟପାଳ ଭାବେ ନିଯୁକ୍ତି କରିବାରେ କୌଣସି ବାଧା ବା ପ୍ରତିବନ୍ଧକ ରହିନାହିଁ। ପୁଣି ଧାରା ୧୫୭ରେ ଲେଖାଯାଇଛି, ଜଣେ ରାଜ୍ୟପାଳ ହେବା ପାଇଁ ଯୋଗ୍ୟତା ହେଉଛି ସେ ଜଣେ ଭାରତର ନାଗରିକ ହୋଇଥିବେ ଓ ତାଙ୍କ ବୟସ ପଞ୍ଚତିରିଶ ବର୍ଷରୁ ଅଧିକ ହୋଇଥିବ। ବାସ୍, ଏତିକି ଯୋଗ୍ୟତା ଥିଲେ ଜଣେ ମହାମହିମ ରାଜ୍ୟପାଳ ପଦବୀ ମଣ୍ଡନ କରିପାରିବେ। ଦେଶ ସ୍ୱାଧୀନ ହେବା ପରେ ବିଭିନ୍ନ ରାଜ୍ୟରେ ରାଜ୍ୟପାଳମାନେ ନିଯୁକ୍ତି ପାଇଥିଲେ। ରାଜ୍ୟପାଳମାନଙ୍କୁ ସମ୍ବିଧାନରେ ଅନେକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ଦାୟିତ୍ୱ ଓ ଅଧିକାର ଦିଆଯାଇଥିଲେ ହେଁ ସେମାନେ ସର୍ବଦା କେନ୍ଦ୍ର ସରକାରଙ୍କ ଏଜେଣ୍ଟ ଭାବେ କାର୍ଯ୍ୟ କରିଥାଆନ୍ତି। କାରଣ, ସେମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ହିଁ ନିଯୁକ୍ତି ପାଇଥା'ନ୍ତି ଓ କେନ୍ଦ୍ର ସରକାର ଯେତେବେଳେ ଚାହିଁବେ, ସେତେବେଳେ ରାଜ୍ୟପାଳମାନଙ୍କୁ ଅନ୍ତର କରିପାରିବେ।

ରାଜ୍ୟପାଳମାନେ ନିର୍ବାଚିତ ବ୍ୟକ୍ତି ନୁହନ୍ତି କି ରାଜ୍ୟପାଳ ପଦବୀ ଏକ ନିର୍ବାଚିତ ପଦବୀ ନୁହେଁ। କେନ୍ଦ୍ର ସରକାର ଯାହାକୁ ଇଚ୍ଛା କରନ୍ତି, ତାଙ୍କୁ ରାଜ୍ୟପାଳ ପଦବୀରେ ବସାଇଥାଆନ୍ତି। ମାତ୍ର ଭାରତର ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ହୋଇଥାଏ। ପାର୍ଲାମେଣ୍ଟ ସଦସ୍ୟ ଓ ବିଧାନସଭା ସଦସ୍ୟମାନେ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିଥାଆନ୍ତି। ମାତ୍ର ଆମ ଦେଶର ସମ୍ବିଧାନରେ ଲେଖା ହୋଇନାହିଁ ଯେ, ରାଷ୍ଟ୍ରପତି କେନ୍ଦ୍ର ସରକାରକୁ ଭାଙ୍ଗି ଦେଇପାରିବେ ବା ରାଷ୍ଟ୍ରପତି ଶାସନ ବ୍ୟବସ୍ଥା କାଏମ କରିପାରିବେ। ମାତ୍ର ରାଜ୍ୟପାଳ ପଦବୀ, ନିର୍ବାଚିତ ନ ହୋଇ ମଧ୍ୟ ସେମାନେ ଏକ ନିର୍ବାଚିତ ରାଜ୍ୟ ସରକାରକୁ ଭାଙ୍ଗି ଦେଇ ରାଷ୍ଟ୍ରପତି ଶାସନ ଆଳରେ ନିଜେ ଶାସନ କରିପାରିବେ। ଏଭଳି କ୍ଷମତା ତାଙ୍କୁ ସମ୍ବିଧାନରେ ଅର୍ପଣ କରାଯାଇଛି।

ଏହି ପଟଭୂମିରେ ରାଜ୍ୟପାଳମାନଙ୍କ କାର୍ଯ୍ୟକଳାପର ପର୍ଯ୍ୟାଲୋଚନା ଖୁବ୍ ଜରୁରୀ। ସ୍ୱାଧୀନତା ପ୍ରାପ୍ତି ପରେ ପ୍ରଥମେ ୧୯୫୩ ରେ ପତିଆଲା ଓ ପୂର୍ବ ପଞ୍ଜାବର ମୁଖ୍ୟମନ୍ତ୍ରୀ ଜି.ଏସ୍. ରାରେୱାଲାଙ୍କୁ ସମ୍ବିଧାନର ୩୫୬ ଧାରା ପ୍ରୟୋଗ କରାଯାଇ କ୍ଷମତାଚ୍ୟୁତ କରାଯାଇଥିଲା। ତା'ପରେ ୧୯୫୯ରେ କେରଳର କମ୍ୟୁନିଷ୍ଟ ସରକାରଙ୍କୁ ୩୫୬ ଧାରା ପ୍ରୟୋଗ କରି ଭାଙ୍ଗି ଦିଆଯାଇ ରାଷ୍ଟ୍ରପତି ଶାସନକୁ ଲଦି ଦିଆଯାଇଥିଲା। ସେତେବେଳେ କେରଳର ମୁଖ୍ୟମନ୍ତ୍ରୀ ଥିଲେ ଇ.ଏମ୍.ଏସ୍. ନମ୍ବୁଦ୍ରିପଦ। କଂଗ୍ରେସ ଦଳ କେନ୍ଦ୍ର କ୍ଷମତାରେ ଥିବା ସମୟରେ ୯୩ଥର ୩୫୬ ଧାରା ପ୍ରୟୋଗ କରି ରାଜ୍ୟପାଳମାନଙ୍କ ଜରିଆରେ ରାଷ୍ଟ୍ରପତି ଶାସନ ଆଳରେ କେନ୍ଦ୍ର ନିଜର ଶାସନ ପ୍ରତିଷ୍ଠା କରିଥିଲା। ଗୋଆ, ହରିୟାଣା, ଓଡ଼ିଶା, କର୍ଣ୍ଣାଟକ, ଗୁଜରାଟ, ମଣିପୁର, ତାମିଲନାଡୁ, ମେଘାଳୟ, ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର, ପଞ୍ଜାବ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, କେରଳ, ପୁଡୁଚେରୀ, ସିକ୍କିମ, ଜମ୍ମୁ-କଶ୍ମୀର, ଆନ୍ଧ୍ରପ୍ରଦେଶ, ମିଜୋରାମ, ଆସାମ, ହିମାଚଳପ୍ରଦେଶ, ପଶ୍ଚିମବଙ୍ଗ ଆଦି ସମସ୍ତ ରାଜ୍ୟର ନିର୍ବାଚିତ ସରକାରକୁ ଭଙ୍ଗାଯାଇ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିବାର ଦୃଷ୍ଟାନ୍ତ ବହୁବାର ଦେଖିବାକୁ ମିଳିଥିଲା। କେନ୍ଦ୍ର ସରକାରଙ୍କ ଏଭଳି ଅଗଣତାନ୍ତ୍ରିକ ପଦକ୍ଷେପ ବିରୋଧରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଥିଲେ ଏସ୍.ଆର. ବୋମାଇଙ୍କ ସରକାରଙ୍କୁ ପତନ ଘଟାଇବା ପରେ। ଭାରତର ଗଣତାନ୍ତ୍ରିକ ଇତିହାସରେ ଏହି ମାମଲା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ୧୯୯୪ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଓ ଆଦେଶକୁ ନାକଚ କରି ବୋମାଇଙ୍କୁ ପୁଣି ମୁଖ୍ୟମନ୍ତ୍ରୀ ଆସନରେ ବସାଇଥିଲେ।

ସର୍ବୋଚ୍ଚ ଅଦାଲତଙ୍କ ଏହି ଐତିହାସିକ ରାୟର ପ୍ରଭାବ ପଡିଥିଲା ରାଷ୍ଟ୍ରପତିଙ୍କ ଉପରେ। ରାଷ୍ଟ୍ରପତି କେ.ଆର. ନାରାୟଣନ୍ ୧୯୯୭ ରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ଗ୍ରହଣ କରି ନଥିଲେ। ସେତେବେଳେ କେନ୍ଦ୍ରର ଯୁକ୍ତଫ୍ରଣ୍ଟ ସରକାର ଉତ୍ତରପ୍ରଦେଶ ସରକାରଙ୍କୁ ଭାଙ୍ଗିବା ପାଇଁ ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଥିଲେ। ତେବେ ରାଷ୍ଟ୍ରପତି କେ.ଆର. ନାରାୟଣନ୍ ତାହା କାର୍ଯ୍ୟକାରୀ କରି ନଥିଲେ। ଏହାର ବର୍ଷକ ପରେ ୧୯୯୮ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ନିଷ୍ପତ୍ତି ନେଇଥିଲେ ବିହାର ସରକାରଙ୍କୁ ଭାଙ୍ଗିବା ପାଇଁ, ସେଥିରେ ମଧ୍ୟ ସେ ରାଜି ହୋଇ ନଥିଲେ। ସେତେବେଳେ ବିହାରର ମୁଖ୍ୟମନ୍ତ୍ରୀ ଥିଲେ ରାବ୍ରି ଦେବୀ। କିନ୍ତୁ ୨୦୦୫ରେ ବିହାରର ରାଜ୍ୟପାଳ ବୁଟା ସିଂ ନିର୍ବାଚିତ ବିହାର ବିଧାନସଭା ଥରେ ହେଲେ ବସି ନ ଥିଲେ ହେଁ ବିଧାନସଭାକୁ ଭାଙ୍ଗି ଦେବାକୁ ସୁପାରିସ କରିଥିଲେ।

୨୦୧୪ରେ ଭାଜପା କେନ୍ଦ୍ର କ୍ଷମତାକୁ ଯିବା ପରେ ରାଜ୍ୟପାଳମାନଙ୍କୁ ବ୍ୟବହାର କରି ରାଜ୍ୟ ସରକାରମାନଙ୍କୁ ଅସ୍ଥିର କରାଉଛି। ଜମ୍ମୁ-କଶ୍ମୀରର ରାଜ୍ୟପାଳ, ଦିଲ୍ଲୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର, ପଶ୍ଚିମବଙ୍ଗ ରାଜ୍ୟପାଳ ଓ କେରଳ ରାଜ୍ୟପାଳମାନଙ୍କର ଭୂମିକା ସମାଲୋଚନାଯୋଗ୍ୟ। ଏହି ରାଜ୍ୟପାଳମାନେ ନିଜ ପଦବୀ ଓ କ୍ଷମତା ପରିସରକୁ ଅତିକ୍ରମ କରି ଗଣମାଧ୍ୟମ ଜରିଆରେ ନିର୍ବାଚିତ ସରକାର ଓ ମୁଖ୍ୟମନ୍ତ୍ରୀମାନଙ୍କୁ କଟୁ ଭାଷାରେ ସମାଲୋଚନା କରୁଛନ୍ତି, ଅଶାଳୀନ ମନ୍ତବ୍ୟ କରୁଛନ୍ତି। ଏପରିକି ବିରୋଧୀ ଦଳର ସଦସ୍ୟମାନେ ଏଭଳି କଟୁ ଓ ଅଶାଳୀନ ଭାଷା ପ୍ରୟୋଗ କରୁଥିବାର ଦୃଷ୍ଟାନ୍ତ ବହୁତ ବିରଳ। କେନ୍ଦ୍ର ସରକାରଙ୍କ ମଦତ୍ ପାଇ ଏମାନେ ନିର୍ବାଚିତ ରାଜ୍ୟ ସରକାରମାନଙ୍କ ବିରୋଧରେ ବୟାନ ଦେଉଛନ୍ତି। ରାଜ୍ୟପାଳମାନଙ୍କ ଏପରି ଆଚରଣ ଆଜି ଆମ ଦେଶରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରିଛି। ରାଜ୍ୟପାଳମାନେ ବିଧାନସଭାର ସଦସ୍ୟ ନୁହନ୍ତି। ରାଜ୍ୟ ମନ୍ତ୍ରିମଣ୍ଡଳ ତରଫରୁ ପ୍ରସ୍ତୁତ ରିପୋର୍ଟକୁ ରାଜ୍ୟପାଳମାନେ ବିଧାନସଭା ଗୃହରେ ପାଠ କରିଥା'ନ୍ତି। ମାତ୍ର ଭାଜପା ଶାସନ କାଳରେ ରାଜ୍ୟପାଳମାନେ ଖୁଲମ୍‌ଖୁଲା ଅଣ-ଭାଜପା ବା ଭାଜପା ବିରୋଧୀ ଦଳର କ୍ଷମତାସୀନ ରାଜ୍ୟ ସରକାରମାନଙ୍କୁ ନିନ୍ଦିତ କରିବା ଏକ ଅଶୁଭ ସଂକେତ ପ୍ରଦାନ କରୁଛି। ସାମ୍ବିଧାନିକ ସଙ୍କଟ ସୃଷ୍ଟି କରିବା ପାଇଁ ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି କହିବା ବୋଧହୁଏ ଠିକ୍ ହେବ। କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟପାଳମାନଙ୍କ ଚକ୍ରାନ୍ତ ଓ କେନ୍ଦ୍ର ସରକାରଙ୍କ ଅର୍ଥବଳରେ ନିର୍ବାଚିତ ଅଣ-ଭାଜପା ବିଧାୟକମାନଙ୍କୁ ଖର୍ଦ୍ଦି କରାଯାଇ ଭାଜପା ସରକାର ପ୍ରତିଷ୍ଠା କରାଯାଉଛି ରାଜ୍ୟର ଭୋଟରମାନଙ୍କ ରାୟ ବିରୋଧରେ। କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମଣିପୁର, ଗୋଆ, ମହାରାଷ୍ଟ୍ର, ଅରୁଣାଚଳପ୍ରଦେଶ, ବିହାର, ରାଜସ୍ଥାନ, ପୁଡୁଚେରୀ ଆଦି ରାଜ୍ୟରେ ରାଜ୍ୟର ଜନସାଧାରଣ ଭାଜପାକୁ କ୍ଷମତାସୀନ ନ କରାଇଥିଲେ ହେଁ, ଭାଜପା ବିରୋଧୀ ନିର୍ବାଚିତ ବିଧାୟକମାନଙ୍କୁ ଗତ ୨୦୧୪ ପରଠାରୁ ବ୍ୟାପକ ଭାବେ ଖର୍ଦ୍ଦି କରାଯାଉଛି।

ପଶ୍ଚିମବଙ୍ଗ, କେରଳ, ଦିଲ୍ଲୀ, ତାମିଲନାଡୁ ଓ ତେଲଙ୍ଗାନା ଆଦି ରାଜ୍ୟ ସରକାରଙ୍କୁ ଭାଙ୍ଗିବାକୁ ବା ଅସ୍ଥିର କରିବାକୁ ମହାମହିମ ରାଜ୍ୟପାଳମାନଙ୍କ ଉଦ୍ୟମ ଅତ୍ୟନ୍ତ ନିନ୍ଦନୀୟ ହୋଇ ଉଠିଛି। ଆର୍‌ଏସ୍‌ଏସ୍‌ର ମୁଖ୍ୟ ମୋହନ ଭାଗବତ କେରଳ ଗସ୍ତ କଲାବେଳେ ତାଙ୍କୁ କେରଳର ରାଜ୍ୟପାଳ ସାକ୍ଷାତ୍ କରିବା ସମ୍ପର୍କରେ ପ୍ରଶ୍ନ ହେବାରୁ ରାଜ୍ୟପାଳ ଉତ୍ତରଦେଲେ ମୋର ଆରଏସ୍‌ଏସ୍ ସହ ୧୯୮୦ଠାରୁ ସମ୍ପର୍କ। ଏବେ କ'ଣ ଆର୍‌ଏସ୍‌ଏସ୍ ସହ ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କୁ କେବଳ ରାଜ୍ୟପାଳ କରାଯିବ ? ଏହା ଆମ ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ଦୁର୍ବଳ କରିବ, ଏଥିରେ ସନ୍ଦେହ ନାହିଁ। ସମଗ୍ର ଦେଶକୁ ସାମ୍ପ୍ରଦାୟିକ ଏକଚ୍ଛତ୍ରବାଦର ଯେଉଁ ଭୟଙ୍କର କଳାରାତି ମାଡ଼ିଆସୁଛି, କେରଳ ରାଜ୍ୟପାଳଙ୍କ ଭୂମିକା ତାହାର ଏକ ନଗ୍ନ ଉଦାହରଣ।

ମୋ: ୯୪୩୭୦୦୭୭୭୦

# ଅଲ୍‌ଟରନେଟିଭ୍ ନୋବେଲ ବିଜେତା

ସ୍ୱିଡେନ-ଜର୍ମାନୀ ଲେଖକ, ରାଜନେତା ତଥା ସାମାଜିକ କର୍ମୀ ଜାକୋବ ଭନ୍ ଉକ୍ସେକୁଲ୍ ୧୯୮୦ ମସିହାରେ 'ରାଇଟ୍ ଲାଇଭ୍‌ଲିହୁଡ୍ ଆୱାର୍ଡ' ପ୍ରତିଷ୍ଠା କରିଥିଲେ। ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରିବା ଲକ୍ଷ୍ୟରେ ସେ ଯେଉଁ ପୁରସ୍କାର ଗଢ଼ିଥିଲେ, ତାହାକୁ ଅଲ୍‌ଟରନେଟିଭ୍ ନୋବେଲ ବା ବିକଳ୍ପ ନୋବେଲ ଭାବେ ବିବେଚନା କରାଯାଇଥାଏ। ତାଙ୍କ ପ୍ରତିଷ୍ଠାନ ଏଭଳି ବ୍ୟକ୍ତିଙ୍କୁ ଚୟନ କରିଥାଆନ୍ତି, ଯେଉଁମାନେ ନୋବେଲ ପୁରସ୍କାର ପାଇବାରୁ ଯେଭଳି ଉପେକ୍ଷିତ ହୋଇଯାଇଛନ୍ତି ବୋଲି ପ୍ରତୀୟମାନ ହୁଅନ୍ତି। ୨୦୨୨ ପାଇଁ ୟୁକ୍ରେନୀୟ ମାନବ ଅଧିକାର କର୍ମୀ ଓଲେକ୍ସାଣ୍ଡ୍ରା ମାଟ୍‌ଭିଚୁକ୍, ସୋମାଲିଆର ମାନବ ଅଧିକାର କର୍ମୀ ଫର୍ତୁନ୍ ଅଦାନ, ଭେନେଜୁଏଲାର ଆଇୱାର୍ଡ ଏଲମନ୍ ଏବଂ ଉଗାଣ୍ଡାର 'ଆଫ୍ରିକା ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏନର୍ଜି ଗଭର୍ନାନ୍ସ'କୁ ମନୋନୀତ କରାଯାଇଛି। ସାମ୍ପ୍ରତିକ ୟୁକ୍ରେନ୍-ରୁଷିଆ ଯୁଦ୍ଧ ଚାଲିଥିବା ପରିପ୍ରେକ୍ଷୀରେ ଓଲେକ୍ସାଣ୍ଡ୍ରାଙ୍କ ନାମ ଚୟନ ହେବା ଓ ତାହା ପୁଣି ପ୍ରଥମ ଥର ପାଇଁ ୟୁକ୍ରେନ୍ ହାତକୁ ଯିବା ଏକ ଉଲ୍ଲେଖନୀୟ ବିଷୟ।

ବ୍ୟକ୍ତିତ୍ୱ



ଓଲେକ୍ସାଣ୍ଡ୍ରା ମାଟ୍‌ଭିଚୁକ୍

ଓଲେକ୍ସାଣ୍ଡ୍ରା ୮ ଅକ୍ଟୋବର ୧୯୮୩ରେ ୟୁକ୍ରେନ୍ ରାଜଧାନୀ କିଭ୍ ଅନ୍ତର୍ଗତ ବୋୟାର୍କାଠାରେ ଜନ୍ମଗ୍ରହଣ କରିଥିଲେ। ଟାରାସ୍ ଶେଭ୍‌ଚେନ୍‌କୋ ନ୍ୟାଶନାଲ ୟୁନିଭର୍ସିଟିରୁ ୨୦୦୭ରେ ଆଇନରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ୨୦୧୨ରୁ ସେ ୟୁକ୍ରେନ୍ ମାନବ ଅଧିକାର କମିଶନର ଉପଦେଷ୍ଟା ପରିଷଦର ସଦସ୍ୟ ରହିଆସିଛନ୍ତି। ୟୁରୋପିଆନ୍-ୟୁକ୍ରେନ୍ ଆସୋସିଏଶନ ଏଗ୍ରିମେଣ୍ଟରେ ଚୁକ୍ତି ନ କରିବାକୁ ସରକାର ଅଚାନକ ନିଷ୍ପତ୍ତି ନେବାରୁ ତାହାକୁ ବିରୋଧ କରି ୟୁକ୍ରେନ୍ ନାଗରିକ ୩୦ ନଭେମ୍ବର ୨୦୧୩ରେ କିଭ୍ ସ୍କୋୟାରରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରୁଷିଆ ଓ ୟୁରୋଏସିଆନ୍ ଇକୋନୋମିକ୍ ୟୁନିୟନର ନିକଟତର ହେବାକୁ ଚାହୁଁଥିବା ସରକାରଙ୍କୁ ଦେଶବାସୀ ବିରୋଧ କରିଥିଲେ। ଫଳରେ ୟୁକ୍ରେନ୍‌ରେ ଗୃହଯୁଦ୍ଧ ଭଳି ସ୍ଥିତି ଉପୁଜିଥିଲା। ସେହି ସମୟରେ ଓଲେକ୍ସାଣ୍ଡ୍ରା ଉକ୍ତ ବିକ୍ଷୋଭରେ ସମନ୍ୱୟକାରୀ ଭୂମିକାରେ ଅବତୀର୍ଣ୍ଣ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସରକାରଙ୍କ ନିଷ୍ପତ୍ତି ବିରୋଧରେ ଯାଇଥିବାରୁ ରୁଷିଆ ସହାୟତାରେ ବେଆଇନ ଭାବେ ୟୁକ୍ରେନୀୟଙ୍କୁ ଗିରଫ କରାଯାଇଥିଲା। ନିଜ ଦେଶର ଏହି ନାଗରିକଙ୍କ ମୁକ୍ତି ଲାଗି ଓଲେକ୍ସାଣ୍ଡ୍ରା ଅନ୍ତର୍ଜାତୀୟ ସମର୍ଥନ ଲୋଡ଼ିବାକୁ ଯାଇ ଅଭିଯାନ ଆରମ୍ଭ କରି ସେଥିରେ ଅନେକାଂଶରେ ସଫଳତା ପାଇଥିଲେ। ଯେଉଁଠାରେ ମାନବ ଅଧିକାର ଉଲ୍ଲଂଘନ ହେବା ସେ ଦେଖିଥାଆନ୍ତି, ତା' ବିରୋଧରେ ସ୍ୱର ଉତ୍ତୋଳନ କରିଥାଆନ୍ତି। ଫଳରେ ସେ ଜାତିସଂଘ ଚୁକ୍ତି ସଂସ୍ଥାରେ ପ୍ରଥମ ୟୁକ୍ରେନୀୟ ମହିଳା ଭାବେ ସଦସ୍ୟ ହେବାର ଗୌରବ ଅର୍ଜନ କରିଥିଲେ। ବର୍ତ୍ତମାନ ୟୁକ୍ରେନ୍‌ରେ ରୁଷିଆର ଆକ୍ରମଣ ଯୋଗୁ ବାସଚ୍ୟୁତ ହୋଇଥିବା ଅସଂଖ୍ୟ ଲୋକଙ୍କ ଦୁର୍ଦ୍ଦଶାକୁ ଅନ୍ତର୍ଜାତୀୟ ଗଣମାଧ୍ୟମରେ ସ୍ଥାନିତ କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ଯୁଦ୍ଧ ଅପରାଧର ତଦନ୍ତ ସହିତ ବିଭିନ୍ନ କ୍ଷେତ୍ରରେ ହେଉଥିବା ମାନବ ଅଧିକାର ଉଲ୍ଲଂଘନ ସଂକ୍ରାନ୍ତରେ ବିଚାର କରିବା ଲାଗି ସ୍ୱତନ୍ତ୍ର 'ହାଇବ୍ରିଡ୍ କୋର୍ଟ' ସ୍ଥାପନ ସକାଶେ ସେ ଦେଇଥିବା ପ୍ରସ୍ତାବ ଏବେ ବୈଦେଶିକ ନୀତି ନିର୍ଦ୍ଧାରକଙ୍କ ଦୃଷ୍ଟି ଆକର୍ଷଣ କରିଛି।

– ଜିତେନ୍ଦ୍ର କୁମାର ନାୟକ

# ପଦଯାତ୍ରାରେ ଗାନ୍ଧିଜୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ଆଧୁନିକ ପଦଯାତ୍ରାର ଜନକ ମହାମାନବ ମହାତ୍ମା ଗାନ୍ଧୀ। ତାଙ୍କ ପୂର୍ବରୁ ଧର୍ମପ୍ରବର୍ତ୍ତକମାନେ ଅନୁଗତ ଶିଷ୍ୟଙ୍କୁ ନେଇ ଯେଉଁ ପଦଯାତ୍ରା କରୁଥିଲେ, ତାହା କେବଳ ଥିଲା ନିଜ ଧର୍ମର ପ୍ରଚାର ଓ ପ୍ରସାର ପାଇଁ ଉଦ୍ଦିଷ୍ଟ। ସତ୍ୟ ଓ ଅହିଂସାର ଆଜୀବନ ପୂଜାରୀ ଗାନ୍ଧିଜୀ ପ୍ରଥମକରି ଏହାକୁ ଅହିଂସ ଆନ୍ଦୋଳନ ସହିତ ଯୋଡ଼ିଲେ ଏକ ମହତ୍ତର କୌଶଳ ଭାବରେ। ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ଅନେକ ବାର ପଦଯାତ୍ରା କରି ସଫଳତା ପାଇଛନ୍ତି ଏବଂ ସେଠାରେ ତାଙ୍କର ଶେଷ ପଦଯାତ୍ରା ଥିଲା (୧୯୧୩ ଅକ୍ଟୋବର ୨୫) ଡର୍ବାନରୁ ଜୋହାନ୍ସବର୍ଗର ଟଲଷ୍ଟୟ ଫାର୍ମ ପର୍ଯ୍ୟନ୍ତ ତିନିଶହ ମାଇଲ ଦୂରତାର ଦୀର୍ଘଯାତ୍ରା। ଦୀର୍ଘ ଦୁଇ ଦଶନ୍ଧି କାଳ (୧୮୯୩-୧୯୧୪) ଦକ୍ଷିଣ ଆଫ୍ରିକାରେ ସଂଗ୍ରାମୀ ଜୀବନ ଅତିବାହିତ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ (୯ ଜାନୁୟାରୀ ୧୯୧୫)ର ଅଳ୍ପ କେତେମାସ ପରେ (୨୫ ମେ' ୧୯୧୫) ଗାନ୍ଧିଜୀ ପ୍ରତିଷ୍ଠା କଲେ 'ସତ୍ୟାଗ୍ରହ ଆଶ୍ରମ'। ଇଂରେଜମାନଙ୍କୁ ଏ ଦେଶରୁ ହଟେଇବା ପାଇଁ ସେଠାରେ ସେ ପ୍ରସ୍ତୁତ କଲେ ଅହିଂସ ଆନ୍ଦୋଳନର ବିସ୍ତୃତ ଖସଡ଼ା। କମ୍ପାନୀ ସରକାରଙ୍କ ଏହି ଏକଚାଟିଆ ଲବଣ ଆଇନ (୧୯୧୪) ବିରୋଧରେ ଆନ୍ଦୋଳନ ପାଇଁ ଅନ୍ତରାତ୍ମାର ଆହ୍ୱାନକ୍ରମେ ସଂକଳ୍ପ ନେଲେ। ଗାନ୍ଧିଜୀ ପଦଯାତ୍ରା ମାଧ୍ୟମରେ ଆଇନ ଅମାନ୍ୟ ଆନ୍ଦୋଳନ ବା ଲବଣ ସତ୍ୟାଗ୍ରହ ପାଇଁ ପ୍ରସ୍ତୁତ ହେଲା କାର୍ଯ୍ୟସୂଚୀ। ତଦନୁଯାୟୀ ୧୯୩୦ ମାର୍ଚ୍ଚ ୧୨ରେ ୭୮ ଜଣ ସହଯୋଗୀଙ୍କୁ ନେଇ ଗାନ୍ଧିଜୀ ଅହମ୍ମଦାବାଦରୁ ଆରମ୍ଭ କଲେ ଐତିହାସିକ ଡାଣ୍ଡିଯାତ୍ରା। ୨୪୧ ମାଇଲ ଯାତ୍ରା ପରେ ଏପ୍ରିଲ ୬ ରେ ସମୁଦ୍ରରୁ ଲୁଣ ମାରିଲେ ହଜାର ହଜାର ସତ୍ୟାଗ୍ରହୀ। ୨୪ ଦିନର ଏହି ପଦଯାତ୍ରାର ପ୍ରଭାବରେ ଓଡ଼ିଶାର ଇଞ୍ଚୁଡ଼ି ଓ କୁହୁଡ଼ି ସମେତ ଦେଶର ବିଭିନ୍ନ ସ୍ଥାନରେ ଚାଲିଲା ଲବଣ ସତ୍ୟାଗ୍ରହ। ବ୍ରିଟିଶ୍ ସାମ୍ରାଜ୍ୟରେ ସୃଷ୍ଟିହେଲା କମ୍ପନ। ମେ' ୪ ମଧ୍ୟରାତ୍ରିରେ ଗିରଫ ହେଲେ ଗାନ୍ଧିଜୀ। ପରଦିନ ସକାଳେ ଏହି ଖବର ପ୍ରଚାର ହେବାମାତ୍ରେ ଆଇନ ଅମାନ୍ୟ କରି ପର୍ଯ୍ୟାୟକ୍ରମେ ଗିରଫ ହେଲେ ୬୦ ହଜାର ସତ୍ୟାଗ୍ରହୀ। ଫଳରେ ଗାନ୍ଧିଜୀଙ୍କୁ ଖଲାସ କରିବା ପାଇଁ ବାଧ୍ୟ ହେଲେ ସରକାର। ଶେଷରେ ଗାନ୍ଧୀ-ଇରୱିନ ଚୁକ୍ତି ଅନୁଯାୟୀ ସରକାର ଭାରତୀୟଙ୍କ ଦାବି ମାନିନେବା ପରେ ପ୍ରତ୍ୟାହୃତ ହେଲା ଲବଣ ସତ୍ୟାଗ୍ରହ।



ପରାଧୀନତାର ନିର୍ଯ୍ୟାତନା ଗାନ୍ଧିଜୀଙ୍କୁ ଯେତିକି ଆଘାତ ଦେଇଥିଲା, ସେତିକି କଷ୍ଟ ଦେଇଥିଲା ଅସ୍ପୃଶ୍ୟତା ବ୍ୟାଧି। ଏହି ସାମାଜିକ ବ୍ୟାଧିର ନିରାକରଣ ପାଇଁ ଓଡ଼ିଶାରେ ଅନୁଷ୍ଠିତ ହୋଇଥିଲା ହରିଜନ ପଦଯାତ୍ରା। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଗାନ୍ଧିଜୀ ରେଳଯୋଗେ ଆସି ପୁରୀରେ ପହଞ୍ଚିଲା (୧୯୩୪ ଜୁନ ୭ ତାରିଖ) ବେଳକୁ ସହରସାରା ହାଉହାଉ। ହିନ୍ଦୁଧର୍ମର ସର୍ବନାଶ ପାଇଁ ଗାନ୍ଧୀବୁଢ଼ା ଆସୁଛି ବୋଲି ଦଳେ ରକ୍ଷଣଶୀଳ ସନାତନୀ ବୁଲି ବୁଲି ପ୍ରଚାର କରୁଥିଲେ ଏବଂ କାନ୍ଥବାଡ଼ରେ ଲେଖିଥିଲେ- 'ଫେରିଯାଅ ଗାନ୍ଧୀ, ତୁମେ ହିନ୍ଦୁଧର୍ମର ଶତ୍ରୁ'। ଏଭଳି ବିରୋଧକୁ ଦୃଷ୍ଟିରେ ରଖି ରେଳଷ୍ଟେଶନରେ ବହୁ ସଂଖ୍ୟକ ପୋଲିସ ମୁତୟନ ଥିଲେ। ଗାନ୍ଧିଜୀ ରେଳରୁ ଗୋଡ଼ କାଢୁକାଢୁ ଏଭଳି ସୁରକ୍ଷା ବ୍ୟବସ୍ଥା ଦେଖି ଖୁବ୍ ଗମ୍ଭୀର ହୋଇଗଲେ ଓ ଭାବିଲେ, ହରିଜନ ଯାତ୍ରା ଭଳି ଏକ ଧର୍ମଯାତ୍ରାରେ ପୋଲିସ ତାଙ୍କୁ ଜଗିରହିବା କ'ଣ ଦରକାର ? ସମସ୍ତଙ୍କୁ ଚକିତ କରି ସେଠାରେ ସେ ଘୋଷଣା କଲେ- କୋଠି ପର୍ଯ୍ୟନ୍ତ ଗାଡ଼ିରେ ନୁହେଁ, ସେ ଚାଲିଚାଲି ଯିବେ ପୋଲିସର ବିନା ସହାୟତାରେ। ଗାନ୍ଧୀଙ୍କ ନିଷ୍ପତ୍ତିର ପ୍ରତିବାଦ କରିବ କିଏ ? ନୀରବରେ ବାଟକଢ଼େଇ ନେଲେ ଗୋପବନ୍ଧୁ ଚୌଧୁରୀ ଓ ହରେକୃଷ୍ଣ ମହତାବ ପ୍ରମୁଖ ନେତାଗଣ। ଗାନ୍ଧୀଙ୍କ ପଛେ ପଛେ ଚାଲିଲା ସାରା ସହର।

ମେ' ୯ ତାରିଖ ପୁରୀ ସିଂହଦ୍ୱାରରୁ ଆରମ୍ଭ ହେଲା 'ହରିଜନ ପଦଯାତ୍ରା'। ବୈଶାଖ ମାସ ମୁଣ୍ଡଫଟା ଖରାରେ ଉଚ୍ଚ ରକ୍ତଚାପ ଓ ଅଗ୍ନିମାନ୍ଦ୍ୟ ରୋଗରେ ପୀଡ଼ିତ ପଞ୍ଚଷଠି ବର୍ଷର ଜଣେ ଦୁର୍ବଳ ବୃଦ୍ଧଙ୍କର ଦୀର୍ଘ ପଦଯାତ୍ରାକୁ ସହଜରେ ଗ୍ରହଣ କରି ପାରୁନଥିଲେ କଂଗ୍ରେସ ନେତୃମଣ୍ଡଳୀ। ମାତ୍ର ଗାନ୍ଧିଜୀଙ୍କ ନିଷ୍ପତ୍ତି ଆଗରେ ସମସ୍ତେ ନାଚାର। ଡାଣ୍ଡିଯାତ୍ରା ବେଳୁ ଗାନ୍ଧିଜୀ ଅନୁଭବ କରିଥିଲେ ଖାଲି ବାଟ ଚାଲିଲେ ତାହା ପଦଯାତ୍ରା ହୁଏନି, ସେଥିପାଇଁ ଲୋଡ଼ା ନିର୍ଦ୍ଦିଷ୍ଟ ଆଭିମୁଖ୍ୟ। ସେଥିପାଇଁ ପଦଯାତ୍ରା ସହ ସେ ଯୋଡ଼ିଥିଲେ ଗ୍ରାମ ସଫେଇ ଓ ହରିଜନଙ୍କ ସହ ପଂକ୍ତିଭୋଜନ ଇତ୍ୟାଦି। ରହଣି ସ୍ଥାନରେ ସକାଳେ ସଞ୍ଜେ ପ୍ରାର୍ଥନା ସଭା ଅନୁଷ୍ଠିତ ହେଉଥିଲା ଏବଂ ସେଠାରେ ଉଚ୍ଚବର୍ଣ୍ଣର ଲୋକଙ୍କ ସହ ବିସ୍ତୃତ ଆଲୋଚନା କରୁଥିଲେ ସେମାନଙ୍କ ମନ ପରିବର୍ତ୍ତନ ପାଇଁ। ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ତୁହାକୁ ତୁହା ବର୍ଷା ମାଡ଼କୁ ସମ୍ଭାଳି ନେଇ ସେ ଆଗକୁ ବଢ଼ିଥିଲେ ଏବଂ ଜୁନ ୫ରେ ପହଞ୍ଚିଥିଲେ ଭଦ୍ରକ ଗରଦପୁରସ୍ଥିତ କଲ୍ୟାଣଜୀଙ୍କ ଆଶ୍ରମରେ। ଏଠାରେ ତିନିଦିନ ରହଣି ମଧ୍ୟରେ କେବଳ ଛୁଆଁଅଛୁଆଁ ଭେଦଭାବ ନୁହେଁ, ଏଥିସହିତ ସେ ଲୋକଙ୍କୁ ବୁଝେଇଥିଲେ ହିନ୍ଦୁ-ମୁସଲମାନ ମଧ୍ୟରେ ଉତ୍ତମ ଭାଇଚାରା ପ୍ରତିଷ୍ଠା ତଥା ଅର୍ଥନୀତିକୁ ସୁଦୃଢ଼ କରିବା ନିମନ୍ତେ ଚାଷକାର୍ଯ୍ୟ, ଗୋପାଳନ ଓ ସୂତାକାଟିବାର ଉପକାରିତା ସମ୍ପର୍କରେ। ପ୍ରତିକୂଳ ପାଗ ଯୋଗୁ ଏହିଠାରୁ ହରିଜନ ପଦଯାତ୍ରା ବନ୍ଦ ହୋଇଗଲା ସତ, ହେଲେ ଏହି ବିରଳ ପଦଯାତ୍ରା ଯୋଗୁ ଓଡ଼ିଶାରେ ସୃଷ୍ଟି ହେଲେ ହଜାର ହଜାର ସତ୍ୟାଗ୍ରହୀ ଓ ରଚନାତ୍ମକ କର୍ମୀ।

ଗାନ୍ଧିଜୀଙ୍କ ତୃତୀୟ ପଦଯାତ୍ରା ଥିଲା ପୂର୍ବ ବଙ୍ଗର ନୂଆଖାଲିରେ। ୧୯୪୬ ରେ ନୂଆଖାଲିରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗା ଥିଲା ଖୁବ ମର୍ମନ୍ତୁଦ। ଏହି ମୁସଲମାନବହୁଳ ଅଞ୍ଚଳରେ ହିନ୍ଦୁମାନଙ୍କ ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାର ସମ୍ପର୍କରେ ଅବଗତ ହୋଇ ଗାନ୍ଧିଜୀ ଖୁବ୍ ବିମର୍ଷ ହୋଇପଡ଼ିଲେ ଏବଂ ଶାନ୍ତି ଫେରାଇ ଆଣିବା ପାଇଁ ସେଠାରେ ପହଞ୍ଚି (୧୯୪୭ ଜାନୁୟାରୀ) ଆରମ୍ଭ କଲେ ପଦଯାତ୍ରା। ଏହି ଅବସରରେ ଗାଁ ଗାଁରେ ଯେଉଁ ସଭାବନା ସଭାମାନ ଆୟୋଜନ ହେଲା, ସେଠାରେ ଗାନ କରାଗଲା ରାମଧୁନ୍ ଓ ରଘୁପତି ରାଜାରାମ... ଆଦି ଗୀତ। ଦଙ୍ଗାବିଧ୍ୱସ୍ତ ଗ୍ରାମଗୁଡ଼ିକୁ ପଦଯାତ୍ରାରେ ଯାଇ ଗାନ୍ଧିଜୀ ଲୋକଙ୍କୁ କେବଳ ଗୋଟିଏ କଥା କହି ଚାଲିଲେ- ସହିଷ୍ଣୁତା ଓ ଅହିଂସା ହେଉଛି ସବୁଧର୍ମର ସାରତତ୍ତ୍ୱ।

ମୋ: ୬୩୭୧୬୪୨୪୬୪

# ଏଇ ଭାରତରେ

ପୁରୁଣା ପୁରୁଣା ଶାଢ଼ି, କପଡ଼ା, ପରଦା, ବେଡ୍‌ଶିଟ ଆଦିର ପୁନଃ ଉପଯୋଗ କରି ନୂଆ ଡିଜାଇନର ଫେଶନେବଲ ଡ୍ରେସ୍ ତିଆରି କରୁଛନ୍ତି କୋଲକାତାର ମେଘନା ନାୟକ। ସେ ପ୍ରତିବର୍ଷ କୋଲକାତାର ବିଭିନ୍ନ ପୂଜା ମଣ୍ଡପରୁ କପଡା ସଂଗ୍ରହ କରି ଏଥିରେ ଲଗାଇଥାନ୍ତି। ମେଘନାଙ୍କ ବୟସ ୩୭। ମେଘନା ଫାଲମଥ ୟୁନିଭର୍ସିଟିରୁ ସାମ୍ବାଦିକତାରେ ୨୦୦୮ରେ ଡିଗ୍ରୀ ହାସଲ କରିବା ପରେ କୋଲକାତାରେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ସାମ୍ବାଦିକ ବୃତ୍ତି ଛାଡ଼ି ଫ୍ୟାଶନ ଡିଜାଇନ ଜଗତକୁ ପ୍ରବେଶ କରିଥିଲେ। ୨୦୧୧ରେ ଏକ ପରିବେଶ ଉପଯୋଗୀ 'ଲତାସୀତା' ବ୍ରାଣ୍ଡ୍ ଆରମ୍ଭ କରି ତା' ମାଧ୍ୟମରେ ଆକର୍ଷଣୀୟ ପୋଷାକ ପ୍ରସ୍ତୁତ କରୁଛନ୍ତି। ବର୍ଜ୍ୟ କପଡ଼ା ଦ୍ୱାରା ବିଶ୍ୱରେ ୨୦% ଜଳ ପ୍ରଦୂଷିତ ହୁଏ ଏବଂ ଫ୍ୟାଶନ ୧୦% ବୈଶ୍ୱିକ କାର୍ବନ ନିର୍ଗମନର କାରଣ ହୋଇଥାଏ ବୋଲି ଜାଣିବା ପରେ ସେ ପୁରୁଣା କପଡ଼ାର ପରିବେଶ ସହନୀୟ ଉତ୍ପାଦ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨ ଅକ୍ଟୋବର ୧୯୯୭

- ମାରୁତି ଉଦ୍ୟୋଗ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ଭାବେ ଆର୍.ଏସ୍.ଏସ୍.ଏମ୍.ଏନ୍. ଭାସ୍କରୁଡଙ୍କ ନିଯୁକ୍ତିକୁ ଚାଲେଞ୍ଜ କରି ଅନ୍ୟତମ ଅଂଶୀଦାର ଜାପାନର ସୁଜୁକୀ ମୋଟର କର୍ପୋରେଶନ ଆନ୍ତର୍ଜାତିକ ଆର୍ବିଟ୍ରେସନ ଅଦାଲତରେ ଆବେଦନ କରିଛି।
- ଆନ୍ଧ୍ରପ୍ରଦେଶର କୁଡାପା ଜିଲ୍ଲାରେ ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ପୋଲ ତଳକୁ ଖସିପଡ଼ିବା ଫଳରେ ୭୦ ମୃତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | 8 | | 4 | | | 5 |
| | 7 | | | 1 | | | | 2 |
| | | | 3 | 5 | | | | |
| 6 | | 1 | 4 | | | | | |
| 5 | | 3 | | | | | | |
| | 4 | | | | | | | 3 |
| 7 | | | | | | | 5 | 8 |
| | 2 | | | 8 | 5 | | | 7 |
| | | | | | 2 | | 1 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 4 | 1 | 6 | 9 | 3 | 5 | 2 |
| 1 | 2 | 5 | 4 | 3 | 8 | 6 | 9 | 7 |
| 6 | 9 | 3 | 2 | 7 | 5 | 4 | 8 | 1 |
| 4 | 6 | 2 | 7 | 5 | 3 | 8 | 1 | 9 |
| 3 | 1 | 9 | 8 | 4 | 2 | 7 | 6 | 5 |
| 5 | 8 | 7 | 6 | 9 | 1 | 2 | 4 | 3 |
| 2 | 3 | 8 | 9 | 1 | 4 | 5 | 7 | 6 |
| 9 | 5 | 6 | 3 | 8 | 7 | 1 | 2 | 4 |
| 7 | 4 | 1 | 5 | 2 | 6 | 9 | 3 | 8 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୋଷ୍ଟାଲ ଘରୋଇକରଣ ନ ହେଉ

ମହାଶୟ,

କେନ୍ଦ୍ର ସରକାର ଘରୋଇକରଣରୁ ନିବୃତ୍ତ ରୁହନ୍ତୁ। କାରଣ ଏହାଦ୍ୱାରା କର୍ମଚାରୀଙ୍କ ଭବିଷ୍ୟତ ଆଦୌ ନିଶ୍ଚିତ ନୁହେଁ। ପୂର୍ବରୁ ଏୟାରଲାଇନ୍ସ, ଆକାଶବାଣୀ ଏବଂ ଦୂରଦର୍ଶନକୁ ଘରୋଇ ସଂସ୍ଥା ହାତରେ ଟେକି ଦେଇଛନ୍ତି, ଯାହା ମୌଳିକ ସ୍ୱାର୍ଥ ଉପରେ ଏକ କୁଠାରାଘାତ। ଏବେ ପୋଷ୍ଟାଲ ଘରୋଇକରଣ ପାଇଁ ଯୋଜନା କରାଯାଉଛି। ସାମୂହିକ ହିତ ଦୃଷ୍ଟିରୁ ଏହା ଗ୍ରହଣୀୟ ନୁହେଁ। କେନ୍ଦ୍ରର ଏକଚାଟିଆ ନୀତିକୁ ସହ୍ୟ କରା ନ ଯାଉ। ଏହି ନୀତି ବିରୋଧରେ ସ୍ୱର ଉଠାଇ ଘରୋଇକରଣ ଧାରାକୁ ରୋକିବା ଦରକାର।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

### ଚିରନ୍ତନୀ

ନବ ନବ ବଇଭବ
ଚଉଦିଗେ ଭରେ,
ଅନ୍ତର ଦିନତାରେ
ନିଶିଦିନ ମରେଁ।

(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୩୧,୧୯,୮୭୮ | ୬୫,୪୯,୭୨୪ | ୬୦,୨୮,୫୮,୪୮୬ |
| ଭାରତ | ୪,୪୫,୯୧,୧୧୨ | ୫,୨୮,୬୫୫ | ୪,୪୦,୨୪,୧୬୪ |
| ଓଡ଼ିଶା | ୧୩,୩୪,୨୩୬ | ୯୧୯୪(+୫୩) | ୧୩,୨୩,୬୪୬ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ନବବିବାହିତାଙ୍କୁ ହତ୍ୟା ଅଭିଯୋଗ

- ଆତ୍ମହତ୍ୟା କରିଥିବା ଶାଶୁଘର ଲୋକଙ୍କ ସୂଚନା
- ପ୍ରଥମେ ଅପମୃତ୍ୟୁ ପରେ ହତ୍ୟା ମାମଲା ରୁଜୁ

ରସୁଲପୁର,୧।୧୦(ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ବାହାଦଲାପୁର ପଞ୍ଚାୟତ ଓରାଳି ଗ୍ରାମରେ ଶୁକ୍ରବାର ରାତିରେ ଜଣେ ନବ ବିବାହିତାଙ୍କୁ ହତ୍ୟା କରାଯାଇଛି। ସେ ହେଲେ ଗ୍ରାମର ରାଜକିଶୋର ମଳିକଙ୍କ ସ୍ତ୍ରୀ ପିଙ୍କି ପ୍ରଧାନ। ଏ ସମ୍ପର୍କରେ ପିଙ୍କିଙ୍କ ବାପା ରଞ୍ଜନ ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶାଶୁଘର ଲୋକେ ତାଙ୍କୁ ପିଟି ଦରମରା କରିବା ପରେ ତଣ୍ଟି ଚିପି ମାରି ଦେଇଛନ୍ତି। ପରେ ଏହାକୁ ଆତ୍ମହତ୍ୟାରୂପ ଦେବାକୁ ଚେଷ୍ଟା କରିଛନ୍ତି ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପିଙ୍କିଙ୍କ ଶାଶୁଘର ଲୋକେ ଏହାକୁ ଆତ୍ମହତ୍ୟା ବୋଲି କହିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପ୍ରଥମେ ଥାନାରେ ନଂ-୧୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ପରେ ନଂ.୩୦୨/୨୨ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁସାରେ, ଗତ ଏପ୍ରିଲ ୧୪ରେ ଓରାଳି ଗ୍ରାମର ରାଜକିଶୋର ପିଙ୍କିଙ୍କୁ ତାଙ୍କ ଘରୁ ନେଇ ପଳାଇ ଆସିଥିଲେ। ପରେ ଉଭୟଙ୍କ ବିବାହ ହୋଇଥିଲା। ମାତ୍ର ବିବାହର କିଛି ଦିନପରେ ପିଙ୍କିଙ୍କୁ ତାଙ୍କ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏ ସମ୍ପର୍କରେ ଫିଙ୍କି ବାପଘର ଲୋକଙ୍କୁ ଫୋନରେ ଜଣାଇ ଆସୁଥିଲେ। ତେବେ ଶାଶୁଘର ଲୋକଙ୍କ ସହ ମିଶି ଚଳିବାକୁ ପିଙ୍କିଙ୍କୁ ତାଙ୍କ ମା'ବାପା ଓ ପରିବାରର ସଦସ୍ୟମାନେ ବୁଝାଇ କହୁଥିଲେ। ତେବେ ଦିନକୁ ଦିନ ନିର୍ଯାତନା ବଢୁଥିଲା। ମାତ୍ର ଏହାଜାଣି ବି ବାପଘର ଲୋକେ ଝିଅକୁ ଦେଖା କରିବାକୁ ଆସୁ ନ ଥିଲେ। ଏହି ସୁଯୋଗରେ ରାଜକିଶୋର ଓ ତାଙ୍କ ମା'ମଞ୍ଜୁଲତା ପିଙ୍କିକୁ ମାରିଦେଇ ଆତ୍ମହତ୍ୟାର ରୂପ ଦେଇଛନ୍ତି। ରାଜକିଶୋର ପିଙ୍କିଙ୍କ ଭାଇ ଅଜୟ ପ୍ରଧାନଙ୍କୁ ଫୋନ ଯୋଗେ ପିଙ୍କି ମରି ଯାଇଥିବା ସମ୍ପର୍କରେ ଜଣାଇଥିଲେ। ତେବେ ରାତି ଅଧିକ ହୋଇଥିବାରୁ ସେମାନେ ଓରାଳି ଗାଁକୁ ଆସିପାରି ନ ଥିଲେ। ପିଙ୍କିକୁ ମାରି ଦେଇ ଚିକିତ୍ସା କରିବା ଆଳରେ ଶାଶୁଘର ଲୋକେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପିଙ୍କିକୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପିଙ୍କିଙ୍କ ବାପା ଥାନାରେ ଦେଇଥିବା ଅଭିଯୋରେ ଉଲ୍ଲେଖ କରିଛନ୍ତି। ପିଙ୍କି ଆତ୍ମହତ୍ୟା କରିଥିବା ଶାଶୁଘର ଲୋକଙ୍କଠାରୁ ଖବର ପାଇବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସୌମ୍ୟଜିତ୍


@ ବିଶ୍ୱରଞ୍ଜନ


@ ଅମିୟ


@ ପଙ୍କଜ


@ କସ୍ତୁରୀ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍ଫି ଉଠାଇ ପଠାନ୍ତୁ। ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଦିଅନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍ଫି ଉଠାଇବା ଅନୁଚିତ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ପାରାଦୀପ ପୌରପାଳିକାକୁ ସ୍ୱଚ୍ଛ ସହର ପୁରସ୍କାର

ପାରାଦୀପ, ୧।୧୦(ସ୍ୱ.ପ୍ର.): କେନ୍ଦ୍ର ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଶନିବାର ନୂଆଦିଲ୍ଲୀରେ ପାରାଦୀପ ପୌରପାଳିକା ସ୍ୱଚ୍ଛ ସହର ପୁରସ୍କାର ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ସଚିବ ରୂପା ମିଶ୍ରଙ୍କଠାରୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଓ ନିର୍ବାହୀ ଅଧିକାରୀ କାହ୍ନୁଚରଣ ଧୀର ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏଭଳି ପୁରସ୍କାର ଓଡ଼ିଶାର ଅନ୍ୟ ୧୦ ପୌର/ବିଜ୍ଞାପିତ ଅଞ୍ଚଳକୁ ଦିଆଯାଇଥିବା ଜଣାପଡ଼ିଛି। ସେଗୁଡିକ ହେଲା ନୟାଗଡ଼, ବାସୁଦେବପୁର, ବେଲଗୁଣ୍ଠା, ଭୁବନେଶ୍ୱର, ବିଜେପୁର, ବିନିକା, ବ୍ରହ୍ମପୁର, ଚିକିଟି, ଜୁନାଗଡ଼ ଓ ପୁରୀ । ୫୦ ହଜାରରୁ ୧ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ବର୍ଗରେ ଏହି ପୁରସ୍କାର ଦିଆଯାଇଛି।


ନୂଆଦିଲ୍ଲୀରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାର କାହ୍ନ ଚରଣ ଧୀର ପୁରସ୍କାର ଗ୍ରହଣ କରୁଛନ୍ତି। (ଡାହାଣ)

# ଇଲେକ୍ଟ୍ରୋନିକ ସ୍କୁଟି ନିର୍ମାଣ କାରଖାନାରେ ଅଗ୍ନିକାଣ୍ଡ

ନିଆଁ ଲାଗିବା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଲେନି କର୍ମଚାରୀ

ଚଣ୍ଡିଖୋଲ,୧।୧୦ (ଡି.ଏନ.ଏ.): ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବଡ଼ଚଣା ଛକ ନିକଟ ଭାରତ ବେଞ୍ଜ କମ୍ପାନୀ ପରିସରରେ ଥିବା ଏକ ଇଲୋକ୍ଟ୍ରୋନିକ ସ୍କୁଟି ନିର୍ମାଣକାରୀ କମ୍ପାନୀ ଇଭିଇ କାରଖାନାରେ ଶନିବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷତି ହୋଇଛି। ମାତ୍ର ଏହି କ୍ଷୟକ୍ଷତି ସମ୍ପର୍କରେ କମ୍ପାନୀ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇନାହାନ୍ତି। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ କମର୍ଚାରୀ କମ୍ପାନୀ ପରିସରରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶନିବାର ସକାଳ ୬ଟା୩୦ରେ ସେଠାରୁ ବ୍ୟାପକ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଫଳରେ ସଙ୍ଗେସଙ୍ଗେ କମ୍ପାନୀ ଅଧିକାରୀମାନେ ଚଣ୍ଡିଖୋଲ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ସ୍ଥାନୀୟ ଲୋକ ଓ ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚି ଥିଲେ ମଧ୍ୟ କାହାରିକୁ ଭିତରକୁ ଛଡ଼ା ଯାଇ ନ ଥିଲା। ଗେଟ ତାଲା ପଡ଼ିଥିଲା। ଅଗ୍ନିଶମ ବାହିନୀର କହିବା କଥା ବ୍ୟାଟେରୀ ରହିଥିବା ଗୋଦାମ ଘରୁ ସର୍ଟ ଶର୍କିଟ ଯୋଗୁଁ ନିଆଁ ବ୍ୟାପିଥିଲା। ତେବେ କମ୍ପାନୀର କର୍ମଚାରୀମାନେ ଗେଟ ବାହାରକୁ ଆସିଥିଲେ ମଧ କେହି କିଛି ସୂଚନା ନ ଦେଇ ପଳାଇ ଥିଲେ, ଯାହାକୁ ନେଇ ସନ୍ଦେହ ଘନିଭୂତ ହୋଇଥିଲା। କମ୍ପାନୀର କାର୍ଯ୍ୟ କଳାପ ସନ୍ଦେହ ନେଇ ଫାଟକ ବାହାରେ ରହିଥିବା ଲୋକମାନେ ଚର୍ଚ୍ଚା କରୁଥିବା ଦେଖିବାକୁ ମିଳିଥିଲା।


ଇଲୋକ୍ଟ୍ରୋନିକ୍ ସ୍କୁଟି ନିର୍ମାଣକାରୀ ଇଭିଇ କାରଖାନା।

## ବାଲିଘାଟ ବନ୍ଦ ପାଇଁ ଦାବିପତ୍ର

ଯାଜପୁର ରୋଡ୍, ୧।୧୦ (ଡି.ଏନ.ଏ.): ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ମକୁନ୍ଦପୁର ପଞ୍ଚାୟତରେ ଥିବା ୩ଟି ବାଲିଘାଟରୁ ଦୈନିକ ଶତାଧିକ ଭାରିଯାନ ଦ୍ୱାରା ବାଲି ପରିବହନ ହେଉଛି। ଫଳରେ ରାସ୍ତାଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯଦ୍ଦ୍ୱାରା ଯାତାୟାତ ପ୍ରଭାବିତ ହେଉଛି। ମେ' ମାସରୁ ନିଃସଙ୍ଗପୁର ବାଲି ଘାଟ ଅବଧି ଶେଷ ହୋଇ ଯାଇଥିଲେ ମଧ ସେହି ଘାଟଠାରୁ ବାଲିପାଳ, ଗମ୍ଭାରିଆ ପର୍ଯ୍ୟନ୍ତ ବିନା ଚାଲାଣରେ ବାଲି ଉତ୍ତୋଳନ କରାଯାଉଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଓ କୋରେଇ ସଂଗ୍ରାମ ସମିତି ପକ୍ଷରୁ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତି, ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପସଭାପତି ଆଲୋକ ମହାନ୍ତି, ମକୁନ୍ଦପୁର ପୂର୍ବତନ ସରପଞ୍ଚ ନିରାକାର ସାହୁ, ଗ୍ରାମବାସୀ ସୁକାନ୍ତ ରଣା, ରଘୁନାଥ ଯେନା, ଭାସ୍କର ଯେନା ଓ ଶତ୍ରୁଘ୍ନ ଯେନା ପ୍ରମୁଖ ଯୋଗଦେଇ ସମଗ୍ର ଅଞ୍ଚଳରେ ୧୪୪ ଧାରା ଲାଗୁ କରିବା ସହ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବା ସହ ୫୦ ଲକ୍ଷ ଟଙ୍କା ଜରିମାନା କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ମଥୁରାପୁର ସେତୁ ବିପଦସଙ୍କୁଳ ଥିବାରୁ ଭାରି ଯାନଗୁଡିକୁ ନିଷେଧ କରିବାକୁ ଦାବି ହୋଇଛି।





DADLS - 44

ଓଡ଼ିଶା ସରକାର

Azadi Ka Amrit Mahotsav

**ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**
**୨ ଅକ୍ଟୋବର ୨୦୨୨**


@ ଗଦାଧର

ସକାଳ ୯.୩୦ମିନିଟ୍ : ଓଡ଼ିଶା ବିଧାନସଭା ପ୍ରାଙ୍ଗଣ

ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ତା.୨.୧୦.୨୦୨୨ରିଖ ସକାଳ ଘ.୯.୩୦ମିନିଟ୍ ସମୟରେ ବିଧାନସଭା ପ୍ରାଙ୍ଗଣସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ।

ଏହି ପ୍ରାର୍ଥନା ସଭାରେ ଓଡ଼ିଶାର
ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ
ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ
ମାନ୍ୟବର ଉପ ବାଚସ୍ପତି, ଓଡ଼ିଶା ବିଧାନସଭା ଶ୍ରୀଯୁକ୍ତ ରଜନୀକାନ୍ତ ସିଂ
ମାନ୍ୟବର ମନ୍ତ୍ରୀ, ସଂସଦୀୟ ବ୍ୟାପାର ଶ୍ରୀଯୁକ୍ତ ନିରଞ୍ଜନ ପୂଜାରୀ
ଏବଂ
ମାନ୍ୟବର ମନ୍ତ୍ରୀ, ସୂଚନା ଓ ଲୋକସମ୍ପର୍କ ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ
ଯୋଗଦେବେ।

ସକାଳ ୧୦.୦୦ ଘଟିକା : ଲୋକସେବା ଭବନ ପରିସର, ଭୁବନେଶ୍ୱର

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟ ପରିକ୍ରମା କରି ଫେରିଥିବା ଅହିଂସା ରଥର ସ୍ୱାଗତ, "ସ୍ୱରାଜ ବୃକ୍ଷ" ରୋପଣ
ଏବଂ
"ଓଡ଼ିଶାରେ ଗାନ୍ଧିଜୀ"ପୁସ୍ତକ, ସ୍ୱାଧୀନତା ଆନ୍ଦୋଳନ ଓ ଓଡ଼ିଶା ପ୍ରସଙ୍ଗରେ ଆଧାରିତ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ

ସନ୍ଧ୍ୟା ୬.୩୦ ମିନିଟ୍ : ରବିନ୍ଦ୍ର ମଣ୍ଡପ, ଭୁବନେଶ୍ୱର
ଗାନ୍ଧିଜୀଙ୍କର ପ୍ରିୟ ଭଜନଗୁଡ଼ିକର ବିଶେଷ କାର୍ଯ୍ୟକ୍ରମ

ଆୟୋଜକ – ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ

OIPR-15001/13/0139/2223
ସୂଚନା ଓ ଲୋକସମ୍ପର୍କ ବିଭାଗ

ସମୃଦ୍ଧିର ତରଙ୍ଗ ସଭିଙ୍କ ମନରେ ଖେଳୁ, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଆଉ ଅନ୍ତର୍ଭୁକ୍ତ ସେବା ସମୂହ ଜନସାଧାରଣଙ୍କୁ ମିଳୁ।
उत्सव
ମହାତ୍ମାଙ୍କ ମହାନ ବିଚାର ସମୂହର
आज़ादी का अमृत महोत्सव

ଅଭାବୀ ବର୍ଗଙ୍କ ପ୍ରତି ନିଜର ସାମାଜିକ ଦାୟୀତ୍ୱ ତୁଲେଇବାର ଆମର ଏକ ଅନନ୍ୟ ପଦକ୍ଷେପ।
- ପ୍ରଧାନମନ୍ତ୍ରୀ ଯୋଜନା ଅଧୀନରେ ସଞ୍ଚୟ ଖାତା, ସୁରକ୍ଷା ବୀମା, ବ୍ୟବସାୟ ଋଣ ଏବଂ ଶିକ୍ଷା ଋଣ ବଣ୍ଟନ
- ଗ୍ରାମୀଣ ସମୁଦାୟର ସେବା ନିମନ୍ତେ ସ୍ୱୟଂ ସହାୟତା ଗୋଷ୍ଠୀଙ୍କର ଆର୍ଥିକ ସହାୟତା
- ଛୋଟ ବ୍ୟବସାୟୀ ମାନଙ୍କୁ କ୍ୟୁଆର୍ କୋଡ ଏବଂ ଇ-ରୁପୀ କାର୍ଡ ବଣ୍ଟନ।
- ବିଦ୍ୟାଳୟ ଗୁଡ଼ିକରେ, ବିଶେଷ ଭାବରେ ଛାତ୍ରଛାତ୍ରୀଙ୍କ ପାଇଁ, ଶୌଚାଳୟ ନିର୍ମାଣ ଦ୍ୱାରା ସୁସ୍ଥ ପରିସରର ନିର୍ମାଣ।



ମହାତ୍ମା ଗାନ୍ଧୀଙ୍କ ସହ ଜଡ଼ିତ ସ୍ମୃତିକୁ ସମ୍ମାନ ଦେଇ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଗାନ୍ଧୀଜୀଙ୍କ 153 ତମ ଜୟନ୍ତୀ ଅବସରରେ ତାଙ୍କର ତିନୋଟି ... ଅର୍ଥାତ ସ୍ୱଚ୍ଛ ପରିସର, ସ୍ୱାସ୍ଥ୍ୟ ଏବଂ ସେବା ସମୂହ ଦ୍ୱାରା ଅଭାବୀ ବର୍ଗକୁ ...ଧାରା ସହ ଯୋଡ଼ିବାରେ ପ୍ରୟାସରତ!

ଉପରୋକ୍ତ ସୁବିଧା ଗୁଡ଼ିକ 15.09.2022 ଠାରୁ 01.10.2022 ପର୍ଯ୍ୟନ୍ତ ଖୋଲା ଯାଇଥିବା ଖାତା ଗୁଡ଼ିକ ପାଇଁ ପ୍ରଯୁଜ୍ୟ

यूनियन बैंक ऑफ इंडिया Union Bank of India

ଆମ ସହ ସଂପର୍କ କରନ୍ତୁ: 1800 208 2244 / 1800 425 1515 / 1800 425 3555 | www.unionbankofindia.co.in
ନିଜର ଇଣ୍ଟରନେଟ ବ୍ୟାଙ୍କିଙ୍ଗ ଡିଟେଲ୍ସ, ଯଥା ୟୁଜର ଆଇଡି/ ପାସୱାର୍ଡ କିମ୍ବା ନିଜର କ୍ରେଡିଟ୍/ଡେବିଟ୍ କାର୍ଡ ନମ୍ବର/ସିଭିଭି/ ଓଟିପି କାହା ସହିତ - ଫୋନରେ କିମ୍ବା ଇ-ମେଲ୍ ମାଧ୍ୟମରେ ସେୟାର କରନ୍ତୁ ନାହିଁ।
@unionbankofindia @UnionBankTweets UnionBankInsta YouTube UnionBankofIndiaUtube @unionbankofindia



## ସଂକ୍ଷେପରେ

### ବିକ୍ରି ପୂର୍ବରୁ ଯୁବତୀ ଉଦ୍ଧାର ପରିବାର ଲୋକଙ୍କୁ ହସ୍ତାନ୍ତର

ଚଣ୍ଡିଖୋଲ ୧।୧୦(ଡି.ଏନ୍.ଏ.): ଯୁବତୀଙ୍କୁ ବିକ୍ରି କରିବାବେଳେ ଚଣ୍ଡିଖୋଲ ଫାଣ୍ଡି ପୋଲିସ ଉଦ୍ଧାର କରି ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସମ୍ପୃକ୍ତ ଯୁବତୀଙ୍କ ଘର କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ୨ ମାସ ତଳେ ସେ ଘରୁ ରାଗି ଚାଲିଆସିଥିଲେ। ଚଣ୍ଡିଖୋଲ ନିକଟସ୍ଥ ନିଶିମଳା ଗ୍ରାମର ଜଣେ ଯୁବକ ତାଙ୍କୁ ନେଇ ରଖିଥିଲେ। ସେ ନିଜକୁ ଯାଜପୁର ଜିଲା ମହିଳା ସମିତିର ଅଧକ୍ଷ ବୋଲି ପରିଚୟ ଦେଇଥିଲେ। ଗତ ଗୁରୁବାର ଚାକିରି କରାଇ ଦେବା ଆଳରେ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମର ଦୁଇ ଜଣ ଯୁବକଙ୍କୁ ବିକ୍ରି କରିବାକୁ ସେ ମସୁଧା କରିଥିଲେ। ଏନେଇ ଅଭିଯୁକ୍ତ ଯୁବକ ଚଣ୍ଡିଖୋଲ ଛକରେ ସମ୍ପୃକ୍ତା ଯୁବତୀଙ୍କୁ ହସ୍ତାନ୍ତର କରିବାକୁ ଯାଇଥିଲେ। ଏହି ସମୟରେ କୌଣସିସୂତ୍ରରୁ ଖବରପାଇ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଚିତ୍ତ ରଞ୍ଜନ ଜେନା ସେଠାରେ ଚଢ଼ାଉ କରି ଯୁବତୀଙ୍କୁ ଉଦ୍ଧାର କରିଛନ୍ତି। ଏହାପରେ ସମ୍ପୃକ୍ତା ଯୁବତୀଙ୍କୁ ଛତିଆ ନିକଟସ୍ଥ ସେବକ ଜରାଶ୍ରମରେ ରଖାଯାଇଥିଲା। ଶନିବାର ଯୁବତୀଙ୍କ ବାପା ଓ ଭାଇ ଫାଣ୍ଡିରେ ପହଞ୍ଚିବା ପରେ ସେମାନଙ୍କୁ ହସ୍ତାନ୍ତର କରାଯାଇଛି।

### ୩ ଶତାୟୁ ନାଗରିକଙ୍କୁ ସମ୍ବର୍ଦ୍ଧନା

କୁଜଙ୍ଗ,୧।୧୦ (ଡି.ଏନ୍.ଏ.): ବରିଷ୍ଠ ନାଗରିକ ଦିବସ ଅବସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଶନିବାର କୁଜଙ୍ଗ ବ୍ଲକ ପ୍ରଶାସନ ତରଫରୁ ୩ ଶତାୟୁ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଏହି ଅବସରରେ କୁଜଙ୍ଗର ଶତାୟୁ ନାଗରିକ ହାଡିବନ୍ଧୁ ଶତପଥୀ (୧୦୪), ଜିଲାନାସି ପଞ୍ଚାୟତ ତେନ୍ତୁଲିଆ ଖମାର ଗ୍ରାମର ଇନ୍ଦ୍ରମଣି ତରାଇ (୧୦୩), ଭୂତମୁଣ୍ଡାଇ ପଞ୍ଚାୟତର ବଟକୃଷ୍ଣ ମଲ୍ଲିକ (୧୦୨)ଙ୍କ ଘରେ ପହଞ୍ଚି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅର୍ଜୁନ କୁମାର ରାଉଳ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

### ଯୌତୁକ ନିର୍ଯାତନା ଅଭିଯୋଗ: ସ୍ୱାମୀ କୋର୍ଟ ଚାଲାଣ

ପାଣିକୋଇଲି, ୧।୧୦:ପାଣିକୋଇଲି ଥାନା ଅନ୍ତର୍ଗତ ଅଲତିରି (କାଙ୍କଲା) ଗ୍ରାମରେ ଅଧିକ ଯୌତୁକ ଦାବି କରି ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଅଭିଯୋଗରେ ଶନିବାର ସ୍ୱାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ମେଘନାଦ ମଳିକ। ସ୍ତ୍ରୀ ମମତା ମଳିକଙ୍କ ଅଭିଯୋଗ ଅନୁଯାୟୀ, ୪ ବର୍ଷ ତଳେ ମେଘନାଦଙ୍କ ସହ ବୈଦିକ ରୀତିରେ ତାଙ୍କ ବିବାହ ହୋଇଥିଲା। ବିବାହ କିଛିଦିନ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଗତ ୩୦ ତାରିଖରେ ମମତାଙ୍କ ସ୍ୱାମୀ, ଶାଶୁ, ନଣନ୍ଦ ଓ ନଣନ୍ଦର ଝିଅ ମିଶି ତାଙ୍କୁ ମାଡ଼ ମାରିବା ସହ ବାପଘରୁ ଅଧିକ ଟଙ୍କା ଆଣିବାକୁ ଦାବି କରିଥିଲେ। ଏଥିସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଅନ୍ୟ ଉପାୟ ନ ପାଇ ମମତା ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ.୨୨୫/୨୨) ରୁଜୁ କରି ମେଘନାଦଙ୍କୁ ଗିରଫ କରିଛି।

# ପରିତ୍ୟକ୍ତ ଅବସ୍ଥାରେ ବେଢ଼ିମଠ

## ଐତିହାସିକ ସ୍ମୃତି ପୀଠର ମାନ୍ୟତା ଦାବି

ଏରସମା,୧।୧୦(ସ୍ୱ.ପ୍ର.)

ଭାରତର ମୁକ୍ତି ସଂଗ୍ରାମରେ ପ୍ରମୁଖ ଭୂମିକା ନେଇଥିବା ଏରସମା ତହସିଲ ଅନ୍ତର୍ଗତ ଚଟୁଆ ପଞ୍ଚାୟତସ୍ଥିତ ବେଢ଼ି ମଠ ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହି ସ୍ଥାନକୁ ଐତିହାସିକ ସ୍ମୃତିପୀଠର ମାନ୍ୟତା ଦେବାକୁ ଦାବି ହୋଇଛି। ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ଯେଉଁ କେତୋଟି ଐତିହାସିକ ସ୍ଥଳକୁ ଲବଣ ସତ୍ୟାଗ୍ରହର ସ୍ମାରକୀ ଭାବେ ପରିଗଣିତ କରାଯାଉଛି ତାହା ମଧ୍ୟରେ ବେଢ଼ି ମଠ ଅନ୍ୟତମ ବୋଲି କୁହାଯାଏ। ଏ ସମ୍ପର୍କରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ କହିଛନ୍ତି, ଏଠାରେ ସ୍ୱାଧୀନତା ସଂଗ୍ରାମୀ ଚଟୁଆର ବୃନ୍ଦାବନ ପାତ୍ର, ଜଗନ୍ନାଥ ଶତପଥୀ, ସିଂହପୁରର ଦୁର୍ଯ୍ୟୋଧନ ପଟ୍ଟନାୟକ, ପାରାଦୀପ ଗଡ଼ର ନାରାୟଣ ବୀରବର ସାମନ୍ତ, ମାଗୁଣି ଚରଣ ରଥଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ମାତ୍ର ରାଜ୍ୟ ସରକାର ଏଥିପ୍ରତି ଉଦାସୀନ ମନୋଭାବ



ବେଢ଼ୀମଠରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି।

ପୋଷଣ କରିଛନ୍ତି। ଏହି ମଠର ଚତୁଃପାର୍ଶ୍ୱକୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜବରଦଖଲ କରିବାକୁ ଉଦ୍ୟମ କରୁଛନ୍ତି। ଏସବୁ ଜବରଦଖଲ ଉଚ୍ଛେଦ କରି ଏହି ସ୍ଥାନକୁ ପୁନରୁଦ୍ଧାର କରିବା ପାଇଁ ତରାଇ ଦାବି କରିଛନ୍ତି। ନିକଟରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅହିଂସା ରଥ ଏଠାକୁ ପରିକ୍ରମା କରିବାକୁ ଆସିଥିଲା। ଏହି ସମୟରେ ବେଢ଼ି ମଠର ପରିତ୍ୟକ୍ତ ଅବସ୍ଥା ଦେଖି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଲବଣ ସତ୍ୟାଗ୍ରହ ସମୟରେ ଏହି ମଠ ଏକ ମର୍ମନ୍ତୁଦ ଅଧ୍ୟାୟ ସୃଷ୍ଟି କରିଥିଲା। ୧୯୩୦ରେ ଅକ୍ଷୟ ତୃତୀୟା ଦିନ ଅବିଭକ୍ତ ଏରସମା ନିର୍ବାଚନମଣ୍ଡଳୀର ଲୋକେ ମହାତ୍ମା ଗାନ୍ଧୀଙ୍କ ଡାକରାକୁ ସମ୍ମାନ ଜଣାଇ ବେଢିମଠାରୁ ହିଁ ଲୁଣମରା ଅଭିଯାନ ଆରମ୍ଭ କରିଥିଲେ। କୁଜଙ୍ଗର ପାଟରାଣୀ ଭାଗ୍ୟବତୀ ମହାଦେଈ, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତ, ରତ୍ନମାଳି ଜେମା, ଦୁର୍ଯ୍ୟୋଧନ ପଟ୍ଟନାୟକ, ଜଗନ୍ନାଥ ଶତପଥୀ, ବାବାଜୀ ଭୀମସେନ ଦାସ, ବୃନ୍ଦାବନ ପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଶତାଧିକ ସ୍ୱାଧୀନତା ସଂଗ୍ରାମୀ ସମୁଦ୍ର ସଂଲଗ୍ନ ଉପକୂଳବର୍ତ୍ତୀ ଅଞ୍ଚଳରେ ଲୁଣ ମାରି ଇଂରେଜ ପ୍ରଶାସନକୁ ଦୋହଲାଇ ଦେଇଥିଲେ। ଏହାକୁ ବିରୋଧ କରି ତତ୍କାଳୀନ ଡେପୁଟି ମାଜିଷ୍ଟ୍ରେଟ ମାଧ ମିଶ୍ରଙ୍କ ନିର୍ଦ୍ଦେଶରେ ଇଂରେଜ ପୋଲିସ ଲାଠିଚାର୍ଜ କରିଥିଲା। ପରେ ବହୁ ସତ୍ୟାଗ୍ରହୀଙ୍କ ଗୋଡ଼ରେ ବେଢ଼ି ପକାଇ ଅକଥନୀୟ ନିର୍ଯାତନା ଦିଆଯାଇଥିଲା। ଏହାର ପ୍ରତିକ୍ରିୟା ସ୍ୱରୂପ ଏରସମାବାସୀଙ୍କ ହୃଦୟରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ ହୋଇଥିଲା। ସେବେଠାରୁ ବେଢ଼ି ମଠରେ ସ୍ୱାଧୀନତା ସଂଗ୍ରାମୀମାନେ ସଂଗଠିତ ହୋଇ ମୁକ୍ତି ସଂଗ୍ରାମକୁ ତୀବ୍ରତର କରିଥିଲେ।

### ପଟ୍ଟାମୁଣ୍ଡାଇ କୋର୍ଟରେ ବରିଷ୍ଠ ନାଗରିକ ଦିବସ

ପଟ୍ଟାମୁଣ୍ଡାଇ, ୧।୧୦(ସ୍ୱ.ପ୍ର.):

ପଟ୍ଟାମୁଣ୍ଡାଇ ତାଲୁକ୍ ଆଇନ ସେବା ସମିତି ପକ୍ଷରୁ କୋର୍ଟ ପରିସରରେ ବରିଷ୍ଠ ନାଗରିକ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ତାଲୁକ୍ ଆଇନ ସେବା ସମିତି ଅଧକ୍ଷ ସବ୍‌ଜଜ୍ ସୁଶ୍ରୀ ସଙ୍ଗୀତା ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ କୋର୍ଟର ଜେଏମ୍ଏଫ୍‌ସି ପ୍ରଣତି ପଟେଲ ମୁଖ୍ୟ ଅତିଥି, ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ମୁଖ୍ୟ ବକ୍ତା, ଆଇନଜୀବୀ ଭୀମସେନ ପ୍ରଧାନ, ଓକିଲ ସଂଘ ସଭାପତି ତପନ ମିଶ୍ର, ସମ୍ପାଦକ ରବୀନ୍ଦ୍ର ଦାଶ, ପ୍ରଫୁଲ୍ଲ ଦାଶ ଓ ବିଜୟ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ ବରିଷ୍ଠ ନାଗରିକମାନଙ୍କ ଅବହେଳା, ନିର୍ଯାତନା ଓ ଆଇନଗତ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ କୋର୍ଟର ଓକିଲ, କର୍ମଚାରୀ ଓ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ସ୍ୱାସ୍ଥ୍ୟ ଶିବିର

ଜଗତ୍‌ସିଂହପୁର,୧।୧୦:

ଜଗତ୍‌ସିଂହପୁରଠାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଶନିବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଏକ ବୃହତ୍ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ।

ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ


ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସରେ ଡାକ୍ତର ରୋଗୀଙ୍କ ଚିକିତ୍ସା କରୁଛନ୍ତି।

ଡା. କ୍ଷେତ୍ରବାସୀ ଦାସ ଓ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ନିମାଇଚରଣ ସ୍ୱାଇଁ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର ମୋଟ ୨୪୪ ଜଣ ବରିଷ୍ଠ ନାଗରିକ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୬୩ ଜଣ ଚକ୍ଷୁ ପରୀକ୍ଷା, ୩୧ ଅସ୍ଥିଶଲ୍ୟ, ୧୫ ଦନ୍ତ ପରୀକ୍ଷା, ୧୩ କର୍ଣ୍ଣ, ନାସା, ଗଳା ପରୀକ୍ଷା କରିବା ସହ ଭେଷଜ ବିଭାଗରେ ୧୧୪ ଏବଂ ମାନସିକ ରୋଗ ୮ ଜଣ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ଅବସରରେ ୮୫ ଜଣଙ୍କ ରକ୍ତ ପରୀକ୍ଷା କରାଯିବା ସହ ୧୩ ଜଣଙ୍କ ଫିଜିଓଥେରାପି କରାଯାଇଥିଲା। ଶିବିରକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାୟକ ପରିଚାଳନା କରିଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷାଧିକାରୀମାନେ ଏଥିରେ ସହାୟତା କରିଥିଲେ।

### ବିଜେଡି ଛାଡ଼ି ଭାଜପାରେ ଶିକ୍ଷାବିତ୍ ବୈକୁଣ୍ଠନାଥ ପରିଡ଼ା

ରାଜକନିକା, ୧।୧୦(ଡି.ଏନ.ଏ.)

ରାଜକନିକା ବ୍ଲକର ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ବୈକୁଣ୍ଠନାଥ ପରିଡ଼ା ବିଜେଡି ଛାଡି ଭାଜପାରେ ଆନୁଷ୍ଠାନିକ ଭାବେ ଶୁକ୍ରବାର ଯୋଗଦେଇଛନ୍ତି। ପରିଡ଼ା ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟରେ ରାଜ୍ୟ ନେତୃବୃନ୍ଦଙ୍କ ସହ ଏହି ମିଶ୍ରଣ ପର୍ବରେ ଯୋଗଦାନ କରିଥିଲେ। ଜାତୀୟ ରାଜନୀତିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏପରି ନିଷ୍ପତ୍ତି ଗ୍ରହଣ କରିଥିବା ସେ ନିଜ ପ୍ରତିକ୍ରିୟା ରଖିଛନ୍ତି। ମିଶ୍ରଣ ପର୍ବରେ ପରିଡ଼ାଙ୍କ ଭାଜପାରେ ଯୋଗଦାନ ନିଶ୍ଚିତ ଭାବେ ଆଗାମୀ ୨୦୨୪ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେବ ବୋଲି ଅନୁମାନ କରାଯାଉଛି। ଭାଜପାରେ ପରିଡ଼ାଙ୍କ ଯୋଗଦାନ ଖବର ପ୍ରଚାରିତ ହେବା ପରେ ବ୍ଲକରେ ଏ ନେଇ ଚର୍ଚ୍ଚା ଜୋର୍ ଧରିଛି। ପୂର୍ବରୁ ପରିଡ଼ା ବିଜେଡିରେ ଜଣେ ସକ୍ରିୟ କର୍ମୀ ଭାବେ ନିଜର ପରାକାଷ୍ଠା ଦେଖାଇ ସାରିଛନ୍ତି। ଭାଜପାରେ ତାଙ୍କ ଯୋଗଦାନ ନିଶ୍ଚିତ ରୂପେ ବ୍ଲକ ରାଜନୀତିରେ ଏକ ଆଲୋଡ଼ନ ସୃଷ୍ଟି କରିବ। ଆଗାମୀ ରାଜନୈତିକ ପାଣିପାଗ କେଉଁଆଡ଼କୁ ଯିବ ତାହା ସମୟ କହିବ। ମିଶ୍ରଣ ପର୍ବରେ ଭାଜପା ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ରାଜ୍ୟ ଭାଜପା ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ, ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ପ୍ରାକ୍ତନ ମନ୍ତ୍ରୀ ମନମୋହନ ସାମଲ, ପୃଥ୍ୱୀରାଜ ହରିଚନ୍ଦନ, କେନ୍ଦ୍ରାପଡ଼ା ଜିଲା ଭାଜପା ସଭାପତି କିଶୋର ପଣ୍ଡା, ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପରିଡ଼ାଙ୍କୁ ପୁଷ୍ପଗୁଚ୍ଛ, ଦଳୀୟ ଉପଢୌକନ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଭାଜପାରେ ଯୋଗଦାନ ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।


ଜଗତ୍‌ସିଂହପୁର ବ୍ଲକ ସରାପ୍ୟୋସ୍ଥିତ ସିଦ୍ଧିଶ୍ରୀକ୍ଷେତ୍ର ଆଶ୍ରମରେ ମା’ସିଦ୍ଧିଦାତ୍ରୀଙ୍କୁ ନବରାତ୍ର ପୂଜାର ଷଷ୍ଠ ଦିବସରେ କାତ୍ୟାୟନୀ ବେଶରେ ସୁସଜ୍ଜିତ କରାଯାଇଛି।

# ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ଶାଖା ଗଠନ


କାର୍ଯ୍ୟକ୍ରମରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

କୁଜଙ୍ଗ,୧।୧୦ (ଡି.ଏନ୍.ଏ.)

କୁଜଙ୍ଗସ୍ଥିତ କୋଚିଲା ମଠ ପ୍ରାଙ୍ଗଣରେ ବରିଷ୍ଠ ଅଧିବକ୍ତା ଗୋରାଚାନ୍ଦ ସିଂହଙ୍କ ଆବାହକତ୍ୱରେ ଅଖିଳ ଭାରତୀୟ ଅଧିବକ୍ତା ପରିଷଦ କୁଜଙ୍ଗ ଶାଖା ଗଠନ କରାଯିବା ସହ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଚୈତନ୍ୟ କୁମାର ମହାପାତ୍ର, ଉପସଭାପତି ପ୍ରଦୀପ କୁମାର ସାହୁ, ସାଙ୍ଗଠନିକ ଉପସଭାପତି ହୃଷୀକେଶ ନନ୍ଦ, ସାଧାରଣ ସମ୍ପାଦକ କରୁଣାକର ସାହୁ, ପ୍ରଶାସନିକ ସମ୍ପାଦକ ଅଭିମନ୍ୟୁ ସ୍ୱାଇଁ, ସାଙ୍ଗଠନିକ ସମ୍ପାଦକ ବିଦ୍ୟାଧର ମଲ୍ଲିକ, କୋଷାଧକ୍ଷ କୀର୍ତ୍ତି ପ୍ରକାଶ ବିଦ୍ୟାପତି, ସମ୍ପାଦକ ଅଲେଖ କୁମାର ମାଝି, ଯୁଗ୍ମ ସମ୍ପାଦକ କିଶୋର କୁମାର ସ୍ୱାଇଁ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରଶାନ୍ତ କୁମାର ଦାସ, ମିହିର କୁମାର ପାତ୍ର, ସଞ୍ଜୟ କୁମାର ପାଣି, ପ୍ରଭାତ କୁମାର ନାଥଶର୍ମା, ଭାସ୍କର ମାଝି ପ୍ରମୁଖ ମନୋନୀତ ହୋଇଥିଲେ। କୁଜଙ୍ଗ ଓକିଲ ସଂଘର ପୂର୍ବତନ ସଭାପତି ତଥା କେନ୍ଦ୍ର ସରକାରଙ୍କ ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲ ଗତିକୃଷ୍ଣ ଶତପଥୀ ଏଥିରେ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

ପଟ୍ଟାମୁଣ୍ଡାଇ, ୧।୧୦(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବିଭିନ୍ନ ମହଲରେ ଦାବି ଜୋର୍‌ଦାର ହୋଇଛି। ଜିଲାର ଅଗ୍ରଣୀ ସଙ୍ଗଠନ ଜନମଞ୍ଚ ପକ୍ଷରୁ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ଜନଜାଗରଣ ସୃଷ୍ଟି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇଠାରେ ଜନମଞ୍ଚ ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପ୍ରଫେସର ଦେବବ୍ରତ ପ୍ରଧାନ, ଅଭିମନ୍ୟୁ ମଲ୍ଲିକ, ପାରେଶ୍ୱର ବିଶ୍ୱାଳ, ଗୋକୁଳ ରାଉତ, ବେଲାଳସେନ ପରିଡା, ଶରତ ବିଶ୍ୱାଳ, ସର୍ବେଶ୍ୱର ସେଠୀ, ରବୀନ୍ଦ୍ର ପରିଡା, ସରୋଜ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସେମାନେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲରେ ଆବଶ୍ୟକ ଡାକ୍ତର ନିଯୁକ୍ତ କରିବା ସହ ଜିଲା, ନିର୍ବାଚନମଣ୍ଡଳୀ, ବ୍ଲକ ଓ ପଞ୍ଚାୟତସ୍ତରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତିର ଜରୁରୀ ଆବଶ୍ୟକତା ରହିଛି। ଦଳମତ ନିର୍ବିଶେଷରେ ସବୁ ଦଳ ଓ ସଙ୍ଗଠନକୁ ନେଇ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜୋର୍‌ଦାର ଉଦ୍ୟମ କରାଗଲେ ଏହା ପ୍ରଭାବଶାଳୀ ହେବା ସହ ଜିଲାବାସୀଙ୍କ ସ୍ୱପ୍ନ ସାକାର ହୋଇପାରିବ ବୋଲି ଜନମଞ୍ଚ ଆବାହକ ପରିଡ଼ା କହିଛନ୍ତି।

# ଏନ୍‌ସିସି ଛାତ୍ରୀଛାତ୍ରଙ୍କ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ପାରାଦୀପ,୧।୧୦(ସ୍ୱ.ପ୍ର.)

ପାରାଦୀପ କଲେଜ ଏନ୍‌ସିସି ଛାତ୍ରୀଛାତ୍ରମାନେ ଶନିବାର ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ମଧ୍ୟ ସାମିଲ ହୋଇଛି। ପୂର୍ବାହ୍ନରେ କଲେଜ ପରିସରରୁ ବାହାରିଥିବା ଏହି ଶୋଭାଯାତ୍ରାକୁ ଅଧକ୍ଷା ସସ୍ମିତା ଶତପଥୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗଣେଶ୍ୱର ପାତ୍ର, ରୋଟାରିଆନ କୈଳାସ ଚନ୍ଦ୍ର ମହାରଣା, ଦୀପକ ଷଡ଼ଙ୍ଗୀ, ଡା ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରା କଲେଜଠାରୁ ଆରମ୍ଭ ହୋଇ ବଡ଼ପଡିଆ ବଜାର, ବସ୍‌ଷ୍ଟାଣ୍ଡ, ମଧୁବନ ଅଞ୍ଚଳ ପର୍ଯ୍ୟନ୍ତ କରାଯାଇଥିଲା। ଏନ୍‌ସିସି କମାଣ୍ଡାଣ୍ଟ ଅକ୍ଷୟ ମିଶ୍ର ନେତୃତ୍ୱ ନେଇଥିଲେ।



ଏନ୍‌ସିସି ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରା କରୁଛନ୍ତି।

# ଜିଲାସ୍ତରୀୟ ଶିକ୍ଷକ ଦକ୍ଷତା ବିକାଶ ପ୍ରଶିକ୍ଷଣ

ପାଣିକୋଇଲି,୧।୧୦(ଡି.ଏନ.ଏ.):

ଯାଜପୁର ସମଗ୍ର ଶିକ୍ଷା ଆନୁକୂଲ୍ୟରେ ୧ମ ଓ ୨ୟ ପର୍ଯ୍ୟାୟ ୫-ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକଙ୍କ ଏକ ଜିଲାସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୬ ତାରିଖରୁ ୫ ଦିନ ଧରି ଏହି ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦୁଇ ଦିନ ନେତୃତ୍ୱ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଅବଶିଷ୍ଟ ୩ ଦିନ ଡିଜିଟାଲ ଦକ୍ଷତା ବୃଦ୍ଧି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରେଇ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ଏନ୍‌ସି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଭାତି ମିଶ୍ର, ଡିପିସି କାର୍ଯ୍ୟାଳୟର ଏମ୍ଆଇଏସ୍ ପ୍ରୋଗ୍ରାମର ରଜତ କୁମାର ସାହୁ, ବିଞ୍ଝାରପୁର ଯୋଜନା ସହାୟକ ସତ୍ୟବ୍ରତ ପାଢ଼ୀ,


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ।

ଏଡିଲିସର ଅଭିଷେକ ପଟ୍ଟନାୟକ, ବର୍ଷା ମଲ୍ଲିକ, ସୁକାନ୍ତ କୁମାର ସ୍ୱାଇଁ ପ୍ରମୁଖ ପ୍ରଶିକ୍ଷକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ।

ଶିବିରରେ ବଡ଼ଚଣା, ଧର୍ମଶାଳା, ଦାନଗଦି, ସୁକିନ୍ଦା ଓ କୋରେଇ ବ୍ଲକର ୬୫ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦାନ କରିଥିଲେ। ପାଣିକୋଇଲି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟବାଦୀ ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ଗାୟତ୍ରୀ ନାୟକ, ପ୍ରଫୁଲ୍ଲ କୁମାର ଦାଶଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ଓ ଶଶୀଧର ସିଂହ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉଦ୍‌ବୋଧନ ଦେଇ ନେତୃତ୍ୱ ବିକାଶ ଓ ଡିଜିଟାଲ ଦକ୍ଷତା ଆଜିର ସମୟ ପାଇଁ ଏକ ବଡ଼ ଆହ୍ୱାନ, ଏହାହିଁ ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ଏଥିରୁ ପ୍ରାପ୍ତ ଜ୍ଞାନ କୌଶଳକୁ ବିଦ୍ୟାଳୟ ଶ୍ରେଣୀ ଗୃହରେ ପ୍ରୟୋଗ କରି ଛାତ୍ରୀଛାତ୍ରୀଙ୍କ ବିକାଶରେ ବିନିଯୋଗ କରିପାରିଲେ ଏହାର ପ୍ରକୃତ ସଫଳତା ମିଳିପାରିବା ସହ ଆମର ଉଦ୍ଦେଶ ସାଧିତ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ପାଣିକୋଇଲି ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ପ୍ରତାପ କୁମାର ପହି ପରିଚାଳନା କରିଥିବା ବେଳେ ସମସ୍ତଙ୍କୁ ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ଦିବସରେ ୧୧ ଜଣ ସମ୍ବର୍ଦ୍ଧିତ



ଡେରାବିଶ, ୧।୧୦(ସ୍ୱ.ପ୍ର.): ବରିଷ୍ଠ ନାଗରିକ ଦିବସ ଅବସରରେ ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନ ୨୬ ପଞ୍ଚାୟତର ୧୪୫ଟି ବୁଥ୍ ଅଧୀନରେ ଥିବା ବିଭିନ୍ନ ଗ୍ରାମରେ ବାସ କରୁଥିବା ବରିଷ୍ଠ ନାଗରିକମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ନିର୍ବାଚନ କମିଶନରଙ୍କ ଦ୍ୱାରା ପ୍ରଦତ୍ତ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ବରିଷ୍ଠ ନାଗରିକଙ୍କୁ ବିଡିଓ ନମିତା ବାରିକ, ଏବିଡିଓ ଭଞ୍ଜକିଶୋର ନାୟକ ଓ ବ୍ଲକ ପଞ୍ଚାୟତ ଅଧିକାରୀ ନନ୍ଦିନୀ ଶତପଥୀ ସେମାନଙ୍କ ଘରକୁ ଯାଇ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧିତ ହୋଇଥିବା ବରିଷ୍ଠ ନାଗରିକମାନେ ହେଲେ ମଙ୍ଗଳପୁରର ଜଞ୍ଜଳି ଜେନା, ଚାଟରାଚକଡ଼ାର ଗଙ୍ଗାଧର ମଲ୍ଲିକ, କୁରୁଜଙ୍ଗାର ପଦ୍ମାବତୀ ସ୍ୱାଇଁ ଓ ସରସ୍ୱତୀ ଦାସ, ଏଣ୍ଡରର ସାବିତ୍ରୀ ବେଉରା, ଖମୋଳର ଚିନା ଜେନା ଓ ନିରାକାର ସାମଲ, ପଲେଇର କେଲୁଚରଣ ପରିଡ଼ା, ବସୁପୁରର ଶ୍ରୀଧର ସେଠୀ, ଦାନପୁରର ଶରତ ଚନ୍ଦ୍ର ନାୟକ, ଇନ୍ଦାଲୋର ମନ୍ଦିରୀ ପୃଷ୍ଟି। ଏହି କାର୍ଯ୍ୟକ୍ରମରେ ସମସ୍ତ ବୁଥ୍ ଅଧିକାରୀ ଉପସ୍ଥିତ ରହିଥିଲେ।

### ଐତିହାସିକ, ସାହିତ୍ୟିକ ପ୍ରଫୁଲ୍ଲ ଦାସଙ୍କ ଜୟନ୍ତୀ ପାଳିତ



ରାଜକନିକା, ୧।୧୦(ଡି.ଏନ.ଏ.): ଐତିହାସିକ, ଲେଖକ, ବିଶିଷ୍ଟ ସାହିତ୍ୟିକ ଡ. ପ୍ରଫୁଲ୍ଲ ଦାସଙ୍କ ୯୬ତମ ଜୟନ୍ତୀ ରାଜକନିକା ବ୍ଲକସ୍ଥିତ ଅଶୋକ ବଜାର ନୟନା ମଣ୍ଡପଠାରେ ପାଳିତ ହୋଇଯାଇଛି। କନିକା ପୂଜ୍ୟପୂଜା ପରିଷଦ ପକ୍ଷରୁ ଆୟୋଜିତ ସଭାରେ ପରିଷଦର ସଭାପତି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାମଲ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ କପିଳ ମିଶ୍ର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରାଧାପକ ନିମାଇଁ ଚରଣ ପଟ୍ଟନାୟକ ଯୋଗଦେଇ ଡ. ଦାସଙ୍କ ଜୟନ୍ତୀ ଉତ୍ସବକୁ ଗଣଉତ୍ସବ ଭାବେ ପାଳନ କରାଯାଉ ବୋଲି କହିଥିଲେ। ସାମାଜିକ କର୍ମୀ ବିଧାନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଷଦ ପକ୍ଷରୁ କାଳିପ୍ରସାଦ ନାୟକ, ବାବୁରାମ ଜେନା, ବିଜୟ କୁମାର ପଲାଇ, ଗୁଣନିଧି ବଳ, ବୈଦ୍ୟନାଥ ବଳ, ସୁରେଶ ଚନ୍ଦ୍ର ମିଶ୍ର, ଶିବ ପ୍ରସାଦ ବେହେରା, ସୀତାରାଣୀ ଦାସ, ଗୋପୀନାଥ ବିଶ୍ୱାଳ ଓ ସବିତା ବରଜ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ସାମୁଦ୍ରିକ ଜୀବ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବି

- ଅଲିଭ୍ ରିଡ୍‌ଲେଙ୍କ ଜୀବନ ଚକ୍ର ଏବେବି ପ୍ରହେଳିକା
- ଗୋରୀ ପରେ ମିଳିଲେଣି ୧୬ ଧଳା କୁମ୍ଭୀର
- ନୀଳରକ୍ତ କଙ୍କଡ଼ା, ଶାମୁକାରୁ ମିଳିବ ଔଷଧ

କେନ୍ଦ୍ରାପଡ଼ା ଅଫିସ, ୧।୧୦

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବାର୍‌ହାପୁରଠାରେ ଗହୀରମଥା ମେରାଇନ ଟର୍ଟଲ ପ୍ରୋଟେକ୍ସନ ଆଣ୍ଡ ମ୍ୟାନ୍‌ଗ୍ରୁଭ କଞ୍ଜରଭେଶନ ସୋସାଇଟିର ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଥିଲା। ସୋସାଇଟି ସଭାପତି ସତ୍ୟପ୍ରକାଶ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସାମୁଦ୍ରିକ ଜୀବ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି ହୋଇଛି। ଏଥିରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ, ପ୍ରଭୁପ୍ରସାଦ ମହାପାତ୍ର, ଆଶିଷ କୁମାର ସେନାପତି ଆଲୋଚକ ଭାବେ ଯୋଗଦେଇଥିଲେ। ସେମାନେ କହିଥିଲେ, ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ପରି ଏଠାରେ ଧଳା ବଉଳା କୁମ୍ଭୀର, ଡଲ୍‌ଫିନ, ଅଲିଭ୍ ରିଡ୍‌ଲେ, ଅକ୍ଟୋପସ୍, ଅଶ୍ୱ ଖୁରାକୃତି ନୀଳରକ୍ତର କଙ୍କଡ଼ା, ଶାମୁକା ଆଦି ବିଶ୍ୱପ୍ରସିଦ୍ଧ। ତେବେ ଏମାନଙ୍କ ଜୀବନଚର୍ଯ୍ୟା, ସ୍ଥାନୀୟ ପରିବେଶ, ଔଷଧୀୟ ଗୁଣବତ୍ତା ଆଦି ଏବେ ରହସ୍ୟଘେରରେ।

ନିର୍ଦ୍ଦିଷ୍ଟ ସମୟରେ ବିରଳ ଅଲିଭ୍ ରିଡ୍‌ଲେଙ୍କ ଏହି ଅଞ୍ଚଳକୁ ଆଗମନ, ଅଣ୍ଡାଦାନ ପରେ ମାଇ ଅଲିଭ୍ ରିଡ୍‌ଲେଙ୍କ ପଳାୟନ, ଦେଢ଼ମାସ ପରେ ଶାବକଙ୍କ ପଶ୍ଚାତ୍‌ଗମନ ଆଦି ଏବେ ବି ରହସ୍ୟଘେରରେ ରହିଛି। ସେହିପରି ପୁରୀର ରାମଚଣ୍ଡୀ ତଟାଦେଶରେ ୨୦୧୨ ମସିହାରୁ ଅଦ୍ୟାବଧି ଅଲିଭ୍ ରିଡ୍‌ଲେଙ୍କ ଦେଖା ନ ଯିବାର କାରଣ ଖୋଜିବା ସହ ଗବେଷଣାଗାରରେ ଏହି ସାମୁଦ୍ରିକ ଜୀବର ଜୀବନଚକ୍ର ଅନୁଧ୍ୟାନ ହୋଇପାରିବ। ସେହିପରି ଏହି ଅଞ୍ଚଳର ବିରଳ ଧଳା କୁମ୍ଭୀର ଗୋରୀ ଏହାର ରଙ୍ଗ ପାଇଁ ବିଶ୍ୱ ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଛି। ଗୋରୀ କୁମ୍ଭୀର ଡାଙ୍ଗମାଳର ଆବଦ୍ଧ ସୀମାରେ ଥିଲେ ମଧ ଚଳିତ ବର୍ଷ ୧୬ଟି ଧଳା କୁମ୍ଭୀରଙ୍କ ଗଣନା ହୋଇଛି, ଯାହା ଗବେଷକଙ୍କ ଗବେଷଣା ପାଇଁ ଆହ୍ୱାନ କରୁଛି। ଅପରପକ୍ଷରେ ଏଠାରେ ଦେଖାଯାଉଥିବା ଜେଲି ଫିସ୍, ଡଲ୍‌ଫିନ, ଅକ୍ଟୋପସ୍ ଆଦି ସାମୁଦ୍ରିକ ଜୀବ ସମ୍ପର୍କରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ଅଧିକ ସଚେତନତା ସୃଷ୍ଟିର ଆବଶ୍ୟକତା ଅଛି। ସେହିପରି ବିରଳ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ଏଠାରେ ଏକ ଆହ୍ୱାନ ହୋଇଛି। ଏହି କଙ୍କଡ଼ା ଓ ଶାମୁକାରୁ ପ୍ରସ୍ତୁତ ଔଷଧ ମାନବ ସମାଜ ପାଇଁ କେତେଦୂର ଉପଯୋଗୀ ହୋଇପାରିବ, ତାହାର ଗବେଷଣା ଜରୁରୀ ହୋଇପଡ଼ିଛି। ଅପରପକ୍ଷରେ କେନ୍ଦ୍ରାପଡ଼ା ଜିଲାରେ ତଟକ୍ଷୟ ଉଗ୍ରରୂପ ଧାରଣ କରିଛି। ଏହାର ନିରାକରଣ ସମ୍ପର୍କରେ ଗବେଷଣା ହୋଇପାରିବ। ସାମୁଦ୍ରିକ ଜୀବଙ୍କ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଜାତୀୟ ଉଦ୍ୟାନ ମଧ୍ୟରେ ଏକ ଗବେଷଣାଗାର ପ୍ରତିଷ୍ଠା ପାଇଁ ସେମାନେ ଏହି ଆଲୋଚନାଚକ୍ର ମାଧ୍ୟମରେ ଦାବି କରିଛନ୍ତି। ଏଡିଏମ୍ ପୀତାମ୍ବର ସାମଲ ଏହି ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



ଗହୀରମଥାରେ ଅଲିଭ୍ ରିଡ୍‌ଲେ କଇଁଛ ଶାବକ ସମୁଦ୍ରକୁ ଯାଉଛନ୍ତି। (ଫାଇଲ ଫଟୋ)

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଡେରାବିଶ, ୧।୧୦(ସ୍ୱ.ପ୍ର.)

ଡେରାବିଶ ଥାନା ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ ଗ୍ରାମ ପୋଖରୀରେ ବୁଡ଼ି ଶୁକ୍ରବାର ରାତିରେ ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ କଦଳୀପଡ଼ୁଆ ମଠ ମହନ୍ତ ମନୋଜ ଦାସଙ୍କ ପୁଅ ଦିଗ୍‌ବିଜୟ(୩୨)। ରାତି ୧୦ଟାରେ ଦିଗ୍‌ବିଜୟ ଗାଁ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ତାଙ୍କ ଗୋଡ଼ ଖସିଯିବାରୁ ସେ ଗଭୀର ଜଳକୁ ଚାଲିଯାଇଥିଲେ। ପହଁରା ଜାଣି ନ ଥିବାରୁ ପୋଖରୀରେ ବୁଡ଼ିଯାଇଥିଲେ। ଦିଗ୍‌ବିଜୟ ଦୀର୍ଘସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଶୌଚ ହେବାକୁ ଯାଇ ପୋଖରୀରେ ବୁଡ଼ିଯାଇଥିବା ସନ୍ଦେହ କରି ଡେରାବିଶ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଦିଗ୍‌ବିଜୟଙ୍କୁ ଅଚେତ ଅବସ୍ଥାରେ ପୋଖରୀରୁ ଉଦ୍ଧାର କରିଥିଲେ। ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହ ଶନିବାର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏକ ଶୋକାକୁଳ ପରିବେଶରେ ମଠ ପରିସରରେ ଦିଗ୍‌ବିଜୟଙ୍କ ମୃତଦେହକୁ ସମାଧିସ୍ଥ କରାଯାଇଛି।

# ବିଦ୍ୟାଳୟ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ



ଅନିୟମିତତାକୁ ନେଇ ଖବରଦାତା ସମ୍ମିଳନୀରେ ଅଭିଭାବକ, ଗ୍ରାମବାସୀ ।

ରାଜକନିକା, ୧।୧୦(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଶିକ୍ଷା ମଣ୍ଡଳ ଅଧୀନରେ ଥିବା ରାଜକନିକା ବ୍ଲକର ସୁଶ୍ରୀଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ଏନେଇ ଶନିବାର ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ, ରାଜକନିକାର କାଳିକାପୁରଠାରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟ ସୁଶ୍ରୀଦେବୀ ଉଚ୍ଚ ବିଦ୍ୟାଳୟ ପରିସରର ଉନ୍ନତି ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଭିନ୍ନ ଭିନ୍ନ ପ୍ରକଳ୍ପ ପାଇଁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଛି। ଉକ୍ତ ଟଙ୍କାରେ କାର୍ଯ୍ୟ ହେବା ପରିବର୍ତ୍ତେ ବିଭାଗୀୟ ଅଧିକାରୀ ଓ ଠିକାଦାର ମିଳିମିଶି ମିଥ୍ୟା ବିଲ୍ କରି ଅର୍ଥ ହଡ଼ପ କରି ନେଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଛି। ପରେ ଉକ୍ତ ବିଦ୍ୟାଳୟର ଜଣେ ପୁରାତନ ଶିକ୍ଷକ ଏହାକୁ ବିରୋଧ କରିଥିଲେ। ଫଳସ୍ୱରୂପ ଜିଲା ଶିକ୍ଷାଧିକାରୀ ଉକ୍ତ ଶିକ୍ଷକଙ୍କୁ ବିଦ୍ୟାଳୟରୁ ବିଦା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ୧୫ ଦିନ ହେବ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି। କିନ୍ତୁ ଧାରଣାସ୍ଥଳକୁ ଶିକ୍ଷା ବିଭାଗର କୌଣସି ଅଧିକାରୀ ଆସୁନାହାନ୍ତି କି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି।

### ଚୋରି ଟ୍ରାକ୍ଟର ଜବତ, ୨ ଅଭିଯୁକ୍ତ ଗିରଫ

ପଟ୍ଟାମୁଣ୍ଡାଇ, ୧।୧୦(ସ୍ୱ.ପ୍ର.):

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଷଣ୍ଢପଲ୍ଲୀ ଗାଁରୁ ସେପ୍ଟେମ୍ବର ୨୫ ତାରିଖ ବିଳମ୍ବିତ ରାତିରେ ଏକ ଟ୍ରାକ୍ଟର ଚୋରି ହୋଇଥିଲା। ଟ୍ରାକ୍ଟର ଚୋରି ସମ୍ପର୍କରେ ମାଲିକ ଥାନାରେ ସେପ୍ଟେମ୍ବର ୨୬ରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କି ଶନିବାର କୋର୍ଟ ଚାଲାଣ କରିଛି। ଆଇଆଇସି ତପନ କୁମାର ରାଉତଙ୍କ ନିର୍ଦ୍ଦେଶରେ ପୋଲିସ ନଂ. ୪୮୦/୨୨ରେ ମାମଲା ରୁଜୁକରି ଘଟଣାର ଛାନ୍‌ଭିନ କରୁଥିଲା। ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜଗତ୍‌ସିଂହପୁର ଜିଲା ଗୁରୁଜଙ୍ଗାରୁ ଚୋରି ଟ୍ରାକ୍ଟର ଜବତ କରିବା ସହ ଏଥିରେ ସମ୍ପୃକ୍ତ ବାଲିକୁଦା ଥାନା ଟିଟିରା ଗାଁର ବୁଲୁ ସ୍ୱାଇଁ ( ୨୫) ଓ କିଶନନଗର ଥାନା ବାବୁଜଙ୍ଗା ଗାଁର ଦୀପକ ସେଠୀ ( ୨୬)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।



### ମା’ ଶାରଳାଙ୍କ ପୀଠରେ ମହାସପ୍ତମୀ ପୂଜା



ମହାସପ୍ତମୀରେ ମହିଷାମର୍ଦ୍ଦିନୀ ବେଶରେ ମା’ ଶାରଳା।

ତିର୍ତ୍ତୋଲ,୧।୧୦ (ଡି.ଏନ.ଏ.):

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁରସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା’ ଶାରଳାଙ୍କ ପୀଠରେ ଶନିବାର ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା’ଙ୍କୁ ମହିଷାମର୍ଦ୍ଦିନୀ ବେଶରେ ସୁସଜ୍ଜିତ କରାଯାଇଥିଲା। ସନ୍ଧ୍ୟାରେ ମା’ ଭକ୍ତମାନଙ୍କୁ ସୁନାବେଶରେ ଦର୍ଶନ ଦେଇଥିଲେ। ବିଳମ୍ବିତ ରାତିରେ ମନ୍ଦିର ବେଢ଼ାରେ କାଳିକା ନୃତ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି। ରବିବାର ପୀଠରେ ମହାଷ୍ଟମୀ ପୂଜା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ବରିଷ୍ଠ ନାଗରିକଙ୍କ ଚିକିତ୍ସା




ବରିଷ୍ଠ ନାଗରିକଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ମହାକାଳପଡ଼ା,୧।୧୦(ଡି.ଏନ୍.ଏ.):

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଖରିନାସୀ ଗ୍ରାମସ୍ଥିତ ବରିଷ୍ଠ ନାଗରିକ ନିବାସରେ ଶନିବାର ୨୫ ବରିଷ୍ଠ ନାଗରିକଙ୍କ ବିଭିନ୍ନ ରୋଗର ପରୀକ୍ଷା କରାଯାଇଛି। ବିଡିଓ ଦେବାଶିଷ ରାଉତ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ନିରଞ୍ଜନ କର ଓ ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡା. କଲ୍ୟାଣୀ ବେହେରା ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ରୋଗ ନେଇ ପରୀକ୍ଷା କରିଥିଲେ। ପରେ ଔଷଧ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜିଲା ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା। ତେବେ ଜନକଲ୍ୟାଣୀ ସେବା ସଂସ୍ଥା ଦ୍ୱାରା ପରିଚାଳିତ ବରିଷ୍ଠ ନାଗରିକ ନିବାସର ପରିଚାଳକ ପବିତ୍ର କୁମାର ପରିଡ଼ା, ନିବାସ ଅଧୀକ୍ଷକ ରେବତୀ ଗାରୁ, ମନ୍ଦାକିନୀ ବିଶ୍ୱାଳ ଏବଂ ରଶ୍ମିତା ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ବ୍ୟାପକ ହେଉଛି ଚାଷଜମିର କିସମ ପରିବର୍ତ୍ତନ

### କୃଷକ ହରାଇବେ ଜୀବିକା

ପଟ୍ଟାମୁଣ୍ଡାଇ,୧।୧୦(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ୨୦୧୮ରୁ ୨୦୨୧ ମଧ୍ୟରେ ପ୍ରାୟ ୧ ହଜାର ହେକ୍ଟର ଅଧିକ ଅମଳକ୍ଷମ ଉର୍ବର ଚାଷଜମି ହ୍ରାସ ପାଇଛି। ଯଦି ଏଭଳି ଧାରାରେ ଚାଷଜମି ସଂଖ୍ୟା ହ୍ରାସ ପାଏ ତେବେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ଚାଷଜମି ୨ ଦଶନ୍ଧି ମଧ୍ୟରେ ଶେଷ ହୋଇଯିବ ବୋଲି ଆକଳନ କରାଯାଉଛି। ଫଳରେ ଚାଷୀ ଜୀବିକା ହରାଇବାର ସମ୍ଭାବନା ସୃଷ୍ଟି ହେବ।

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଓ ଏହାର ଆଖପାଖରେ ଥିବା ଜମି ଦର ଆକାଶଛୁଆଁ ହୋଇଛି। ପୌରାଞ୍ଚଳ ଓ ନିକଟବର୍ତ୍ତୀ ଅଞ୍ଚଳ ବିଶେଷକରି ରାଜନଗର ପୂର୍ତ୍ତ ବିଭାଗ ରାସ୍ତାର ଦୁଇ ପାଖ ସମେତ ପଟ୍ଟାମୁଣ୍ଡାଇ-ତାତନା ରାସ୍ତା, କଟକ-ଚାନ୍ଦବାଲି ରାସ୍ତାର ପୋହଳ ଛକଠାରୁ ପଟ୍ଟାମୁଣ୍ଡାଇ ବାଇପାସ୍ ଛକ ପର୍ଯ୍ୟନ୍ତ ରାସ୍ତା, ବାଲିପାଟଣା ରାସ୍ତା, ଚଉଦକୁଲାଟ ରାସ୍ତା ଓ ନୀଳକଣ୍ଠପୁର ରାସ୍ତାର ଦୁଇପାର୍ଶ୍ୱରେ ଘରସବୁ ଗଢ଼ିଉଠୁଛି। ଅନ୍ୟପକ୍ଷରେ ୩ ଦଶନ୍ଧି ମଧ୍ୟରେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରୁ ବାହାରିଥିବା ପୋଖରିଆପଡା ମାଇନର କେନାଲର ଚିହ୍ନବର୍ଣ୍ଣ ଆଉ ନାହିଁ। ଏହାର ଉଭୟ ପାର୍ଶ୍ୱରେ ଥିବା ଚାଷଜମି ସବୁ ଘରବାଡି କିସମରେ ପରିଣତ ହୋଇ କୋଠାବାଡି ହୋଇ ସହରରେ ପରିଣତ ହୋଇଛି। ଫଳରେ ଉକ୍ତ କେନାଲକୁ ଜଳସମ୍ପଦ ବିଭାଗ ମୃତ ଘୋଷଣା କଲା ପରେ ଏହାକୁ ଅନ୍ୟ ବିଭାଗକୁ ହସ୍ତାନ୍ତର କରିଦିଆଯାଇଛି। ଗ୍ରାମାଞ୍ଚଳର ଚନ୍ଦନନଗର, କଖାରୁଣୀରେ ମଧ ଏହି ଧାରାରେ ଜମିର ଦାମ୍ କମ୍ ନୁହେଁ। ରାସ୍ତାକଡ଼ରେ ଥିବା ଏକ ଗୁଣ୍ଠ ଜମିର ଦାମ୍ ୧୫ ଲକ୍ଷରୁ ୩୦ ଲକ୍ଷ ମୂଲ୍ୟରେ ପହଞ୍ଚିଛି। ଏହି ଅଞ୍ଚଳରେ ଜଣେ ସାଧାରଣ ଚାକିରିଆ ଓ ନିମ୍ନମଧ୍ୟବିତ୍ତ ପରିବାର ନିମନ୍ତେ ଘର ଖଣ୍ଡିଏ ପାଇଁ ଜମି କିଣିବା ପ୍ରାୟତଃ ସାତସପନ। ଏପରି ସ୍ଥିତିରେ ଗ୍ରାମାଞ୍ଚଳରେ ଚାଷଜମି କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ପୌରାଞ୍ଚଳରେ ପୋଖରିଆପଡା କେନାଲ ପାଖ ଜମି ସବୁ କୋଠା ବାଡ଼ିରେ ପରିଣତ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇରୁ ତାତନା ରାସ୍ତାର ଦୁଇପାର୍ଶ୍ୱ ଜମି ସବୁ କୋଠାବାଡି ହୋଇସାରିଛି। ସେହିଭଳି ଏମ୍ଏନ୍ ହାଇସ୍କୁଲଠାରୁ ବକ୍ତାରପୁର ଦେଇ କଖାରୁଣୀ ପୋଲ ପର୍ଯ୍ୟନ୍ତ ଦୁଇପାର୍ଶ୍ୱ ଜମିରେ କୋଠାବାଡ଼ି ଗଢ଼ି ଉଠୁଛି। ପୁନଶ୍ଚ ପଟ୍ଟାମୁଣ୍ଡାଇ ଜଳସମ୍ପଦ ଅଫିସଠାରୁ ପହରାଜପୁର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ କୋଠାବାଡ଼ି ହୋଇସାରିଛି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ବଜାର ସଂଲଗ୍ନ ବେଲତଳ, ଦକ୍ଷିଣଦିଆ, ପୋଖରିଆପଡା ପୋତା ଗୋବରୀ ନଦୀର ଦୁଇପାର୍ଶ୍ୱ ଜମିକୁ ୧୯୩୦ ବନ୍ଦୋବସ୍ତରେ ବ୍ୟାପକ ହେର୍‌ଫେର ଓ ଚଞ୍ଚକତା କରାଯାଇଛି। ଏହି ସମୟରେ ବହୁ ମୂଲ୍ୟବାନ୍ ସରକାରୀ ଜମିକୁ କେତେଜଣ ମୁଷ୍ଟିମେୟ ଲୋକ ହାତେଇ ନେଇଛନ୍ତି। ପୋତି ହୋଇପଡିଥିବା ଗୋବରୀ ନଦୀ ଜାତୀୟ ସମ୍ପତ୍ତି ହୋଇଥିଲେ ମଧ ଜମିଦାର ଓ ଗୁମାସ୍ତାଙ୍କଠାରୁ ହାତଲେଖା ଆଣି କେତେଜଣ ଚତୁର ଏବଂ ପ୍ରଭାବଶାଳୀ ଲୋକ ତହସିଲ କାର୍ଯ୍ୟାଳୟରୁ ଲିଜ୍ ନେଇ ଭୋଗଦଖଲ କରୁଛନ୍ତି। ଏଥିସହ ଜଳାଶୟକୁ ବିକ୍ରିକରି ସେଠାରେ ବଡ଼ ବଡ଼ କୋଠା ଛିଡ଼ା କରୁଛନ୍ତି। ପୋତାନଈ କିସମ ଜଳାଶୟ ରହିଛି। ହେଲେ ବେଆଇନ ଭାବେ ଏହାକୁ ପୋତାଯାଇ ପକ୍କାଘର ନିର୍ମାଣ କରାଯାଉଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ପଟ୍ଟାମୁଣ୍ଡାଇଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ପ୍ରାୟ ୨୦ କିମି ଗୋବରୀ ନଦୀ କ୍ରମଶଃ ପୋତି ହୋଇପଡିଛି। ଏଥିସହ ପାଣି ଅଭାବ ଯୋଗୁ ହଜାର ହଜାର ଏକର ଉର୍ବର ଚାଷଜମି ପଡ଼ିଆ ପଡୁଛି। ଫଳରେ ଲୋକଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ଘଟିପାରୁନାହିଁ। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ରାସ୍ତାଗୁଡିକର ଦୁଇପାର୍ଶ୍ୱରେ ଥିବା ନୟନଯୋରି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଫଳରେ ଉଭୟ ପାର୍ଶ୍ୱ ଜମିକୁ ଜଳସେଚନ ହୋଇପାରୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଚାଷ ପ୍ରତି ବିମୁଖ ଭାବ ସୃଷ୍ଟି ହେବାରୁ ଜମି ପଡ଼ିଆ ରହୁଛି। ଏ ଦିଗରେ ରାଜ୍ୟ ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ରାସ୍ତା ପାର୍ଶ୍ୱ ଚାଷ ଜମିରେ ଘର ନିର୍ମାଣ କରାଯାଇଛି।


ଶହୀଦନଗର


ଝାରପଡ଼ା


ରସୁଲଗଡ଼


ବରମୁଣ୍ଡା


ପୁରୁଣା ଷ୍ଟେଶନ ବଜାର

ଦୁର୍ଗାପୂଜା ପାଇଁ ସାରା ରାଜ୍ୟ ଉତ୍ସବମୁଖର। ମଣ୍ଡପ ଚଳଚଞ୍ଚଳ ହୋଇଉଠିଲାଣି। ଶନିବାର ରାତିରେ ମଣ୍ଡପରେ ମା'ଙ୍କ ଷଷ୍ଠୀ ପୂଜା ଆରମ୍ଭ ହେବା ସହ ମା' ଧରାବତରଣ କରିଛନ୍ତି। ରାଜଧାନୀ ଭୁବନେଶ୍ୱର, କଟକ, ରାଉରକେଲା ଆଦି ସହରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ବଡ଼ ବଡ଼ ଆକର୍ଷଣୀୟ ତୋରଣ ଛିଡ଼ା ହୋଇଛି। କରୋନା ଯୋଗୁ ଗତ ୨ବର୍ଷ ଧରି ପୂଜା ଜାକଜମକରେ ହୋଇ ନ ଥିବାରୁ ଚଳିତବର୍ଷ ଲୋକମାନେ ପୂଜାକୁ ମନଭରି ଉପଭୋଗ କରିବାକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି।


କଟକରୋଡ୍


ବମିଖାଲ


ନୟାପଲ୍ଲୀ


କଟକ ଚାନ୍ଦିନୀଚୌକ


ରାଉରକେଲା

# ବିରୋଧୀ ଦଳ ନେତା ପଦ ଛାଡ଼ିଲେ ଖାର୍ଗେ

## କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ

### କେ.ଏନ୍. ତ୍ରିପାଠୀଙ୍କ ନାମାଙ୍କନପତ୍ର ଖାରଜ

ନୂଆଦିଲ୍ଲୀ,୧।୧୦

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲାଗି ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ କେ.ଏନ୍. ତ୍ରିପାଠୀ ଦାଖଲ କରିଥିବା ନାମାଙ୍କନପତ୍ର ଖାରଜ ହୋଇଯାଇଛି। ଫଳରେ ନିର୍ବାଚନ ମଇଦାନରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଶଶୀ ଥରୁର ରହିଛନ୍ତି। ଶୁକ୍ରବାର ନାମାଙ୍କନପତ୍ର ଦାଖଲ ଶେଷ ଦିନରେ ୩ ଜଣ ଯାକ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଖାର୍ଗେ ୧୪ ସେଟ୍, ଥରୁର ୫ ସେଟ୍ ଏବଂ ତ୍ରିପାଠୀ ଗୋଟିଏ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ। ତ୍ରିପାଠୀଙ୍କ ପ୍ରସ୍ତାବକଙ୍କ ମଧ୍ୟରୁ ଜଣକ ଦସ୍ତଖତ ମେଳ ଖାଇ ନ ଥିବାବେଳେ ଅନ୍ୟ ଜଣେ ଏକାଧିକ ଥର ଦସ୍ତଖତ କରିଥିବା ଜଣାପଡ଼ିବାରୁ ତାଙ୍କ ନାମାଙ୍କନପତ୍ରକୁ ଖାରଜ କରିଦିଆଯାଇଥିବା ଏଆଇସିସି କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରି କହିଛନ୍ତି।

ଆସନ୍ତା ୧୭ ତାରିଖରେ ହେବାକୁ ଥିବା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲାଗି ମଲ୍ଲିକାର୍ଜୁନ ଖାର୍ଗେ ନାମାଙ୍କନପତ୍ର ଦାଖଲ କରିବା ପରେ ଦଳର ଜଣେ ବ୍ୟକ୍ତି ଗୋଟିଏ ପଦବୀ ନୀତିକୁ ସମ୍ମାନ ଦେଇ ସେ ରାଜ୍ୟ ସଭାର ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ଶୁକ୍ରବାର ରାତିରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପତ୍ର ଲେଖି ଜଣାଇଥିଲେ। କଂଗ୍ରେସ ସଂସଦୀୟ ଦଳ ନେତା ସୋନିଆ ନୂଆ ନେତା ନିଯୁକ୍ତି କରିବା ସହ ଏ ସମ୍ପର୍କରେ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଜଣାଇଦେବେ।

୨୫ ବର୍ଷରେ ପ୍ରଥମ ଥର ଲାଗି ଗାନ୍ଧୀ ପରିବାର ବାହାରୁ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ହେବାକୁ ଯାଉଛନ୍ତି। ଉକ୍ତ ପରିବାରର ସମର୍ଥନ ଥିବା ୮୦ ବର୍ଷୀୟ ଖାର୍ଗେ ଅଧ୍ୟକ୍ଷ ନିର୍ବାଚିତ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି।


ମଲ୍ଲିକାର୍ଜୁନ ଖାର୍ଗେ


କେ.ଏନ୍. ତ୍ରିପାଠୀ

### ବିରୋଧୀ ଦଳ ନେତା ଦୌଡ଼ରେ ଦିଗ୍‌ବିଜୟ, ଚିଦାମ୍ବରମ

ନୂଆଦିଲ୍ଲୀ,୧।୧୦ : କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ ରାଜ୍ୟ ସଭା ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି। ଏବେ ଏହି ପଦବୀ ଲାଗି ବରିଷ୍ଠ ନେତା ପି. ଚିଦାମ୍ବରମ ଏବଂ ଦିଗ୍‌ବିଜୟ ସିଂ ଦୌଡ଼ରେ ଥିବା ଚର୍ଚ୍ଚା ହେଉଛି। ତେବେ କଂଗ୍ରେସ ଅଧ୍ୟକ୍ଷା ତଥା ସଂସଦୀୟ ଦଳ ନେତା ସୋନିଆ ଗାନ୍ଧୀ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

# ଦେବୀ ଦୁର୍ଗାଙ୍କ ହାତରେ ଟିଏମ୍‌ସି ପତାକା

## ନିନ୍ଦା କଲା ଭାଜପା

କୋଲକାତା,୧।୧୦

ଦେବୀ ଦୁର୍ଗାଙ୍କ ମହାଷଷ୍ଠୀ ପୂଜା ପଶ୍ଚିମବଙ୍ଗରେ ଆରମ୍ଭ ହୋଇଛି। ତେବେ ଏକ ପୂଜା ପେଣ୍ଡାଲରେ ଦେବୀଙ୍କ ହାତରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପତାକା ରହିଛି। ଏହାକୁ ନେଇ ରାଜନୈତିକ ବିତର୍କ ଆରମ୍ଭ ହୋଇଛି। ଭାଜପା ଏହାକୁ କଡ଼ା ଭାଷାରେ ନିନ୍ଦା କରିଛି।

ସୂଚନାନୁସାରେ, ହୁଗୁଳିଜିଲା ଗୁଡାପ ପଞ୍ଚାୟତର ଏକ ପୂଜା ପେଣ୍ଡାଲରେ ଏଭଳି ଭାବେ ଦେବୀଙ୍କୁ ପ୍ରତିଷ୍ଠା କରାଯାଇଛି। ଭାଜପାର ଅଭିଯୋଗ ପରେ ପଞ୍ଚାୟତ ସଦସ୍ୟମାନେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୁଷ୍ଟ ଶକ୍ତିଗୁଡ଼ିକୁ ନଷ୍ଟ କରି ରାଜ୍ୟର ବିକାଶ କରୁଛନ୍ତି। ଆମେ ତାଙ୍କ ଦ୍ୱାରା ଅନୁପ୍ରାଣିତ। ଦେବୀ ଦୁର୍ଗା ଦୁଷ୍ଟ ଶକ୍ତିଙ୍କୁ ଧ୍ୱଂସ କରିଥାନ୍ତି। ଏହି ରାଜ୍ୟରେ ଭାଜପା ନାମକ ଏକ ଦୁଷ୍ଟ ଶକ୍ତି ଅଛି। ସେଥିପାଇଁ ଏଥର ଦୁର୍ଗା ମୂର୍ତ୍ତିରେ ମହିଷାସୁରକୁ ତ୍ରିଶୂଳ ବଦଳରେ ଟିଏମ୍‌ସି ପତାକା ଦ୍ୱାରା ବଧ କରାଯାଇଥିବା ଦର୍ଶାଯାଇଛି। ଏନେଇ ଭାଜପା ନେତା ତୁଷାର ମଜୁମଦାର କହିଛନ୍ତି ଏହା ଦ୍ୱାରା ପଶ୍ଚିମବଙ୍ଗର ସଂସ୍କୃତି ଓ ଧାର୍ମିକ ପରମ୍ପରା ନଷ୍ଟ ହୋଇଛି। ମୁଖ୍ୟମନ୍ତ୍ରୀ ରାଜ୍ୟରେ ହିନ୍ଦୁ ଧର୍ମକୁ ନଷ୍ଟ କରୁଛନ୍ତି। ବର୍ତ୍ତମାନ ତ୍ରିଶୂଳ ସ୍ଥାନରେ ତୃଣମୂଳ ପତାକା ଦେବୀ ଦୁର୍ଗାଙ୍କ ହାତରେ ଧରାଇ ଦିଆଯାଇଛି। ଆମେ ଏଭଳି କାର୍ଯ୍ୟର ଦୃଢ଼ ନିନ୍ଦା କରୁଛୁ ବୋଲି ସେ କହିଛନ୍ତି।



# ମନ୍ତ୍ରୀଙ୍କ ଭାଷଣକୁ ବିରୋଧ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ଭୁବନେଶ୍ୱର ବରମୁଣ୍ଡାଠାରେ ଶୁକ୍ରବାର ବିଜେଡି ସାଙ୍ଗଠନିକ ସଭା ଓ ପଦଯାତ୍ରା ପ୍ରସ୍ତୁତି ଶିବିର ଅବସରରେ ମନ୍ତ୍ରୀ ପ୍ରତାପ ଦେବ ଦେଇଥିବା ଭାଷଣକୁ ଭାଜପା କଡ଼ା ବିରୋଧ କରିଛି। ପ୍ରତାପ କହିଥିଲେ, ସାଢ଼େ ୪ କୋଟି ଓଡ଼ିଆଙ୍କର ଗୋଟିଏ ପରିଚୟ ଥିଲା ପ୍ରଭୁ ଜଗନ୍ନାଥ। ଏବେ ଆପଣମାନେ ଭାରତ ବର୍ଷର ଯେ କୌଣସି ଜାଗାକୁ ଯିବେ ଏବଂ ଓଡ଼ିଶାରୁ ବୋଲି ପରିଚୟ ଦେବେ, ସମ୍ମୁଖରେ ଥିବା ବ୍ୟକ୍ତିଙ୍କ ମୁହଁରୁ ପ୍ରଥମେ ନବୀନ ପଟ୍ଟନାୟକଙ୍କ ନାଁ ବାହାରିବ। ଶିଳ୍ପମନ୍ତ୍ରୀ ପ୍ରତାପଙ୍କ ଏପରି ମନ୍ତବ୍ୟକୁ ଭାଜପା ନେତା ସମ୍ବିତ୍ ପାତ୍ର ନିନ୍ଦା କରିଛନ୍ତି। ଶନିବାର ଏନେଇ ସେ ଟୁଇଟ୍ କରି କହିଛନ୍ତି, ଏହା ଅହଂକାରର ଚରମ ପରିଚୟ। ମନ୍ତ୍ରୀ ସାଢ଼େ ୪ କୋଟି ଓଡ଼ିଆଙ୍କ ସହ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ହିନ୍ଦୁଙ୍କ ଭାବନା ପ୍ରତି ହୀନମନ୍ୟତା ସୃଷ୍ଟି କରିଛନ୍ତି। ସେ ଯାହା କହିଛନ୍ତି କ'ଣ ମୁଖ୍ୟମନ୍ତ୍ରୀଙ୍କ ସହମତି ରହିଛି କି ବୋଲି ସମ୍ବିତ୍ ପ୍ରଶ୍ନ କରିଛନ୍ତି। ଯଦି ସହମତ ନାହାନ୍ତି ତା'ହାଲେ ସମ୍ପୃକ୍ତ ମନ୍ତ୍ରୀଙ୍କୁ ତିରସ୍କାର କରନ୍ତୁ। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ପ୍ରତାପଙ୍କ ଭାଷଣକୁ ନାପସନ୍ଦ କରିବା ସହ କହିଛନ୍ତି, ଏଭଳି ବକ୍ତବ୍ୟ ରଖି ଅହଂକାରର ଶୀର୍ଷରେ ବିଜେଡି ପହଞ୍ଚିଛି। ଜଗନ୍ନାଥଙ୍କ ବିକଳ୍ପ ଭାବେ ନିଜ ଦଳର ନେତାଙ୍କୁ ଦେଖିବା ଆରମ୍ଭ କରିଛନ୍ତି। ଏହାଠାରୁ କଦର୍ଯ୍ୟ ମାନସିକତା, ଚାଟୁକାରିତା ଆଉ କିଛି ବି ହୋଇ ନ ପାରେ। ଓଡ଼ିଶାବାସୀଙ୍କୁ ଏହାଠାରୁ ବଡ଼ ଅପମାନ ଆଉ କିଛି ହୋଇ ନ ପାରେ ବୋଲି ସେ କହିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଜନତା ମଇଦାନ ସଭାକୁ କାଉଣ୍ଟର ଲାଗି ବରମୁଣ୍ଡାରେ ବିଜେଡି ସମାବେଶ କରିଥିଲା। ଏଥିରେ ଯୋଗଦେଇ ମନ୍ତ୍ରୀ ଦେବ ବିବାଦୀୟ ଭାଷଣ ରଖି ଆଲୋଚନାକୁ ଆସିଛନ୍ତି। ଗୋଟିଏପଟେ ବିଜେଡି ଏଭଳି କାଉଣ୍ଟର ସଭା କରିବା ପଛରେ ଭାଜପା ମୁଖିଆଙ୍କ ଗସ୍ତ ଭୟ ଲୁଚି ରହିଥିବା ନେଇ ଆଲୋଚନା ହେଉଥିବା ବେଳେ ଅନ୍ୟପଟେ ବିବାଦୀୟ ମନ୍ତବ୍ୟ ଏହାକୁ ତେଜିବାରେ ସହାୟକ ହୋଇଛି। ଅନ୍ୟ ପକ୍ଷରେ ମନ୍ତ୍ରୀ ପ୍ରତାପ ଦେବ ଟୁଇଟ କରି କହିଛନ୍ତି ଯେ ବିରୋଧୀ ଅଯଥା ରାଜନୀତି କରୁଛନ୍ତି। ମୋର ଭାଷଣକୁ କଦର୍ଥ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ବିଷୟରେ ସୂଚନା ଦେଇଥିଲି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.eTenderCPMGSU BBS2022003, ତା.22.09.2022ରିଖ

**କାର୍ଯ୍ୟର ନାମ:** ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଠାରୁ ଲିଙ୍ଗରାଜ ଟେମ୍ପୁଲ ରୋଡ୍ ପିଏଚ୍ ପର୍ଯ୍ୟନ୍ତ ପ୍ରସ୍ତାବିତ ନୂଆ ଲାଇନ୍ ଫ୍ଲାଇ ଓଭର (3 କି.ମି.) ବ୍ୟତୀତ ଏବଂ ଫ୍ଲାଇ ଓଭର (7 କି.ମି.) କି.ମି. ନିମନ୍ତେ ଅନ୍ତିମ ସ୍ଥାନ ସର୍ବେକ୍ଷଣ (FLS) କାର୍ଯ୍ୟ ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 21.02 ଲକ୍ଷ, EMD(ଟଙ୍କାରେ): 42,100/-, କାର୍ଯ୍ୟ ଶେଷ ହେବା ଅବଧି: 02 (ଦୁଇ)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.17.10.2022 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଦ୍ଧ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୂର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ଯନ୍ତ୍ରୀ/GSU ଅନୁଗୁଳ

PR-119/CF/22-23



**DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA**

Nayapalli, Bhubaneswar - 751012

**Re-advertisement Reference No. 3814, Dated: 30.09.22**

**TRAINING OF GOVERNMENT DOCTORS**

No.E-507:- In continuation of classified advertisement vide caption No. E- 453 dated 09.09.2022. It is informed that the last date for apply for **training of Government doctors for the course of 1 Year Training of Post Graduate Diploma in Public Health Management (PGDPHM)**, Which was published in Times of India, Prameya & Dharitri Daily on 09.09.2022 has been extended to 20.10.2022. Those doctors who have already applied need not apply again. All other terms and conditions remain unchanged.

Sd./- Director, SIH&FW (Odisha), Bhubaneswar

OIPR-10003/11/0091/2223



**LINGARAJ LAW COLLEGE**

**(CONSTITUENT COLLEGE OF BERHAMPUR UNIVERSITY)**

ENGINEERING SCHOOL ROAD, BERHAMPUR GANJAM, ODISHA, PIN - 760010

ESTD. 1969

Admission Notice No. 584/LLC/BU/2022 Dtd.30.09.2022

**LL.B. (3 YEAR, CBCS, SEMESTER PATTERN) ADMISSION NOTICE: 2022-23**

**(SCHEDULED TRIBE ONLY)**

In continuation to Admission Notification No. 242/LLC/BU/2022 Dtd.05.07.2022 Online Applications are invited from Scheduled Tribe candidates only for admission into Three Year LL.B. Course (CBCS: Semester Pattern) for the Academic Session 2022-23. Interested applicants are advised to visit the College website: **https://llcbam.edu.in** for more Information, Prospecuts and Online Application Form.

**Important Dates:**

| | | |
|---|---|---|
| i) | Availability of Online Application Form & Prospectus | 02.10.2022 |
| ii) | Last date for submission of Online Application form | 10.10.2022 |

Sd./- Principal



ଭାଜପା ନେତୃବୃନ୍ଦ ଶନିବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି।


**ସମ୍ବଲପୁରୀ ବସ୍ତ୍ରାଳୟ**

gg-15

ମହାଳୟା, ଦଶହରା ଓ କୁମାରପୂର୍ଣ୍ଣିମା ଉପଲକ୍ଷେ

ବିଶେଷ ସରକାରୀ ରିହାତି

**୧୦%+୨୦%**

ତା୨୩।୦୯।୨୦୨୨ରୁ ତା୦୯।୧୦।୨୦୨୨ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

For online purchase visit

**www.sambalpuribastralaya.com**

Scan the QR code to visit our website.

OIPR-31032/11/0021/2223


## ରାଜରାସ୍ତାକୁ ଓହ୍ଲାଇବାକୁ ଭାଜପାର ଚେତାବନୀ

### ବିଜେଡି ନେତା ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣା

**ଭୁବନେଶ୍ୱର,୧।୧୦(ବ୍ୟୁରୋ):** ପୁରୀ ଜିଲା ଗୋପ ବ୍ଲକ ୧୧ ନଂ. ଜିଲା ପରିଷଦ ଜୋନ ସଭ୍ୟ ତଥା ବିଜୁ ଜନତା ଦଳ ନେତା ଧର୍ମେନ୍ଦ୍ର ସାହୁ ମୃତ୍ୟୁ ପୂର୍ବରୁ ସୋସିଆଲ ମିଡିଆରେ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ କରିଥିଲେ । ସାହୁ ନିଜର ମୃତ୍ୟୁ ପାଇଁ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କୁ ଦାୟୀ କରିଛନ୍ତି । କିନ୍ତୁ ପୋଲିସ ପାଖରେ ସବୁ ତଥ୍ୟ ଓ ପ୍ରମାଣ ଥାଇ ବି କାହିଁକି ଗଣଶିକ୍ଷା ମନ୍ତ୍ରୀଙ୍କୁ ଗିରଫ କରାଯାଉନାହିଁ ବୋଲି ରାଜ୍ୟ ଭାଜପା ଉପସଭାନେତ୍ରୀ ପ୍ରଭାତୀ ପରିଡା ପ୍ରଶ୍ନ କରିଛନ୍ତି । ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ସ୍ୱର୍ଗତ ସାହୁ ତାଙ୍କ ଘନିଷ୍ଠ ବନ୍ଧୁଙ୍କ ସହ ଫୋନରେ କଥାବାର୍ତ୍ତା ହୋଇଥିଲେ । ଏହାର ଭିଡିଓ ରେକର୍ଡ ସେ ଗଣମାଧ୍ୟମ ନିକଟରେ ଉପସ୍ଥାପନ କରିଛନ୍ତି । ସାହୁଙ୍କ ମୃତ୍ୟୁକୁ ୭ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କାହିଁକି ପଦକ୍ଷେପ ନେଉନାହିଁ ବୋଲି ପ୍ରଭାତୀ କହିଛନ୍ତି। ଯଦି ପୋଲିସ ଅଧିକାରୀ ଏହି ଘଟଣାର ସମ୍ବେଦନଶୀଳ ତଦନ୍ତ ନ କରନ୍ତି ତେବେ ଭାରତୀୟ ଜନତା ପାର୍ଟି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ପରିଡ଼ା ଚେତାବନୀ ଦେଇଛନ୍ତି ।ଶନିବାର ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମୃତ ସାହୁଙ୍କ ସହିତ ମନ୍ତ୍ରୀ ଦାଶଙ୍କ ସୁସମ୍ପର୍କ ଥିଲା । ମନ୍ତ୍ରୀ ନିଜେ ପ୍ରଭାବ ପକାଇ ଗତ ପଞ୍ଚାୟତ ନିର୍ବାଚନରେ ଶାସକ ବିଜେଡି ତରଫରୁ ଜିଲା ପରିଷଦ ସଦସ୍ୟ ଭାବେ ତାଙ୍କୁ ନିର୍ବାଚିତ କରାଇଥିଲେ । ମାତ୍ର ୫ ମାସ ହେବ ନିର୍ବାଚିତ ହୋଇଥିବା ସାହୁ ମୃତ୍ୟୁ ପୂର୍ବରୁ ଏକ ଭିଡିଓ ବାର୍ତ୍ତା ଜରିଆରେ ରାଜନୈତିକ ବିବାଦ ହିଁ ପାରିବାରିକ କଳହର ମୁଖ୍ୟ କାରଣ ବୋଲି କହିଥିଲେ । ଭାଇରାଲ ଅଡିଓ କ୍ଲିପ୍‌ରେ ମଧ୍ୟ ସ୍ୱର୍ଗତ ସାହୁ ନିଜ ମୃତ୍ୟୁର କାରଣ ପାଇଁ ମନ୍ତ୍ରୀଙ୍କ ସମେତ ୭ ଜଣଙ୍କ ନାମ ଉଲ୍ଲେଖ କରିଛନ୍ତି । ଏହି ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ଅନେକ ତଥ୍ୟ ସାମ୍ନାକୁ ଆସିବା ସହିତ ଜଣେ ନବନିର୍ବାଚତ ଜନପ୍ରତିନିଧିଙ୍କୁ ପ୍ରକୃତ ନ୍ୟାୟ ମିଳିପାରିବ ବୋଲି ପ୍ରଭାତୀ କହିଛନ୍ତି। ଏହି ଅବସରରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଦିଲୀପ ନାୟକ, ଆଶ୍ରିତ ପଟ୍ଟନାୟକ, ପ୍ରଭଞ୍ଜନ ମହାପାତ୍ର, ଉମାକାନ୍ତ ନାୟକ, ଦିଗ୍‌ଦର୍ଶନ ପଟ୍ଟନାୟକ, ବାଇଧର ମଲ୍ଲିକ, ଜ୍ୟୋତି ମହାପାତ୍ର, ଜୟନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ଓଝା, ସୁଶାନ୍ତ ସ୍ୱାଇଁ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ ଓ ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ସ୍ମୃତି ପଟ୍ଟନାୟକ, ଜିଲା ସଭାପତି ବାବୁ ସିଂ, ଜିଲା ଉପସଭାପତି ଜଗନ୍ନାଥ ପ୍ରଧାନ, ଦିଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


**यूनियन बैंक ऑफ इंडिया Union Bank of India** — A Government of India Undertaking — आन्ध्रा Andhra — कार्पोरेशन Corporation

**କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର**

୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୪୧୯୩୬ / ୨୫୩୮୫୦୨/୨୬

ଇମେଲ୍: crld.robhubaneshwar@unionbankofindia.com

**ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ବନ୍ଧକଦାତାମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)**ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନମୂଳକ/ଭୌତିକ/ସାଙ୍କେତିକ ଦଖଲ ନେଇ **"ଯାହାବି ସେଠାରେ ଅଛି", "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି"** ଭିତ୍ତିରେ ତା.୨୦.୧୦.୨୦୨୨ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**କୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ଅସ୍ତରଙ୍ଗ ଶାଖା, ମେନ୍ ରୋଡ୍, ପୋ.: ଅସ୍ତରଙ୍ଗ, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍- ୭୫୨୧୦୯, ଫୋନ୍ ନଂ.: ୮୩୨୭୭୯୯୭୨୭**

| ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| (୧) ଶ୍ରୀ ଯଶୋବନ୍ତ ସ୍ୱାଇଁ, ପିତା: ବାବାଜୀ ସ୍ୱାଇଁ, (୨) ଶ୍ରୀ ବାବାଜୀ ସ୍ୱାଇଁ, ପିତା: ୰ ଦୁର୍ଯ୍ୟୋଧନ ସ୍ୱାଇଁ, ସମସ୍ତଙ୍କ ବାସସ୍ଥାନ ଠିକଣା- ଗ୍ରାମ: ଜିଉନ୍ତି, ପୋ.: କାହାଳ, ଥାନା: କାକଟପୁର, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୧୦୯ | ୩୦.୦୬.୨୦୨୨ ସୁଦ୍ଧା ଟ.୧୫,୭୭,୪୯୫.୫୨ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ବିବରଣୀ-୧ : ଶ୍ରୀ ବାବାଜୀ ସ୍ୱାଇଁ,** ପିତା: ୰ ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୪୧, ପ୍ଲଟ୍ ନଂ.: ୭୮୭, କ୍ଷେତ୍ର: ଏକର୦.୦୫ଡିସିମିଲି, ପ୍ଲଟ୍ ନଂ.: ୭୯୮, କ୍ଷେତ୍ର: ଏକର୦.୦୨ଡିସିମିଲି, ପ୍ଲଟ୍ ନଂ.: ୭୯୭, କ୍ଷେତ୍ର: ଏକର୦.୦୬ଡିସିମିଲି, ପ୍ଲଟ୍ ନଂ.: ୭୯୯, କ୍ଷେତ୍ର: ଏକର୦.୦୧ଡିସିମିଲି, ଗ୍ରାମ/ମୌଜା: ଜିଉନ୍ତି, ଥାନା: କାକଟପୁର, ଜିଲ୍ଲା: ପୁରୀ, ରାଜ୍ୟ: ଓଡ଼ିଶା, ପିନ୍-୭୫୨୧୦୯, ଏହାର ଚଉହଦି- ଉତ୍ତର: ପୂର୍ଣ୍ଣ ଚନ୍ଦ୍ର ନାୟକଙ୍କ ଘର, ଦକ୍ଷିଣ: ରାସ୍ତା, ପୂର୍ବ: ଉଦୟନାଥ ସ୍ୱାଇଁଙ୍କ ଘର, ପଶ୍ଚିମ: ଈଶ୍ୱର ସ୍ୱାଇଁଙ୍କ ଘର

ସଂରକ୍ଷିତ ମୂଲ୍ୟ: ଟ.୧୨,୬୨,୮୦୦/- / ଅମାନତ ଜମା: ଟ.୧,୩୦,୦୦୦/-

**ପୁରୀ-୨ ଶାଖା, କଚେରୀ ରୋଡ୍, ଟାଉନ ହଲ ନିକଟ, ପୁରୀ, ପିନ୍-୭୫୨୦୦୧, ଫୋନ୍ ନଂ.: ୯୪୭୯୨୪୫୨୧୨**

| ଋଣଗ୍ରହୀତା/ଜାମିନ୍‌ଦାର/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| (୧) ଶ୍ରୀମତୀ ଜୟଶ୍ରୀ ମହାପାତ୍ର, ସ୍ୱାମୀ: ଅଜିତ କିଶୋର ମହାପାତ୍ର, ସୁରଙ୍ଗୀ ମଠ ଲେନ୍, ହରଚଣ୍ଡି ସାହି, ପୁରୀ, ଓଡ଼ିଶା-୭୫୨୦୦୧, (୨) ଶ୍ରୀ ଅଜିତ କିଶୋର ମହାପାତ୍ର, ପିତା: ୰ ଯୁଗଳ କିଶୋର ମହାପାତ୍ର, ହଜୁରୀ ଲେନ୍, ହରଚଣ୍ଡି ସାହି, ପୁରୀ, ଓଡ଼ିଶା-୭୫୨୦୦୧, (୩) ଶ୍ରୀ ବିଶ୍ୱଜିତ ମହାପାତ୍ର, ପିତା: ଅଜିତ କିଶୋର ମହାପାତ୍ର, ମଣିକର୍ଣ୍ଣୀକା ସାହି, ହଜୁରୀ ଲେନ୍, ବାନାୟର ମନ୍ଦିର, ପୁରୀ, ଓଡ଼ିଶା, ପିନ୍-୭୫୨୦୦୧ | ୩୦.୦୬.୨୦୨୨ ସୁଦ୍ଧା ଟ.୮,୨୫,୬୬୦.୬୪ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ବିବରଣୀ-୨ : ଶ୍ରୀମତୀ ଜୟଶ୍ରୀ ମହାପାତ୍ର,** ସ୍ୱାମୀ: ଅଜିତ କିଶୋର ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୧, ଖାତା ନଂ.: ୧୪୯, କ୍ଷେତ୍ର: ଏକର୦.୦୧୮ଡିସିମିଲି, ମଣିକର୍ଣ୍ଣୀକା ସାହି, ହରଚଣ୍ଡି ସାହି, ସୁରଙ୍ଗୀ ମଠ ଲେନ୍, ପୁରୀ, ଓଡ଼ିଶା, ଏହାର ଚଉହଦି- ପୂର୍ବ: ରାସ୍ତା, ପଶ୍ଚିମ: ଜଗନ୍ନାଥ ରଣା, ଉତ୍ତର: ରାସ୍ତା, ଦକ୍ଷିଣ: ବାନା ଖୁଣ୍ଟିଆ

ସଂରକ୍ଷିତ ମୂଲ୍ୟ: ଟ.୧୯,୧୫,୬୦୦/- / ଅମାନତ ଜମା: ଟ.୧,୯୨,୦୦୦/-

**ପୁବାଶାସନ ଶାଖା, କୃପାଜଳ ଇଞ୍ଜିନିୟରିଂ କଲେଜ ନିକଟ, କୌଶଲ୍ୟାଗଙ୍ଗ, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୧୦୪ ଫୋନ୍ ନଂ.: ୮୬୮୧୮୮୭୯୯୭**

| ଋଣଗ୍ରହୀତା/ଜାମିନ୍‌ଦାର/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| (୧) ମେସର୍ସ ଓମ ସାଇ ରାମ ଏଜେନ୍ସି, ଏହାକୁ ପ୍ରତିନିଧିତ୍ୱ କରୁଥିବା ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶରତ କୁମାର ଦାଶ, ଟିଚର୍ସ କଲୋନୀ, ମଢ଼ିଆଳି, ପୋ/ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୧୦୪, (୨) ଶ୍ରୀ ଶରତ କୁମାର ଦାଶ, ପିତା: ଦିନବନ୍ଧୁ ଦାଶ, ପୋ.: ତ୍ରିଲୋଚନପୁର, ଥାନା: କଣାସ, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୦୧୫, (୩) ଶ୍ରୀମତୀ ଶ୍ୱେତପର୍ଣ୍ଣା ମିଶ୍ର, ସ୍ୱାମୀ: ଶରତ କୁମାର ଦାଶ, ପୋ.: ତ୍ରିଲୋଚନପୁର, ଥାନା: କଣାସ, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୦୧୫ | ୩୧.୦୩.୨୦୨୨ ସୁଦ୍ଧା ଟ.୯,୭୮,୨୬୨.୬୧ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ବିବରଣୀ-୩: ଶ୍ରୀ ଶରତ କୁମାର ଦାଶ ଏବଂ ଶ୍ରୀମତୀ ଶ୍ୱେତପର୍ଣ୍ଣା ମିଶ୍ର**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୨, ପ୍ଲଟ୍ ନଂ.: ୭୩୪, କ୍ଷେତ୍ର: ଏକର୦.୦୪୪ଡିସିମିଲି, ଗ୍ରାମ/ମୌଜା: କଣ୍ଣପଡା, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୧୦୪, ଏହାର ଚଉହଦି- ଉତ୍ତର: ଗଣେଷ ପ୍ରଧାନ, ଦକ୍ଷିଣ: ଦିଲ୍ଲୀପ ପରିଡା, ପୂର୍ବ: ନାରାୟଣ ଆଚାର୍ଯ୍ୟ, ପଶ୍ଚିମ: ଡେଲାଙ୍ଗ କଣାସ ରାସ୍ତା

ସଂରକ୍ଷିତ ମୂଲ୍ୟ: ଟ.୪୨,୯୬,୩୦୦/- / ଅମାନତ ଜମା: ଟ.୪,୩୦,୦୦୦/-

ବିଡ୍ ବୃଦ୍ଧି ରାଶି: ଟ.୨୦,୦୦୦/- (ସମ୍ପତ୍ତି ନଂ. ୧ ଏବଂ ୨ ନିମନ୍ତେ) ଏବଂ ଟ.୫୦,୦୦୦/- (ସମ୍ପତ୍ତି ନଂ. ୩ ନିମନ୍ତେ)

ଇ-ନିଲାମ ତାରିଖ ଏବଂ ସମୟ: ୨୦.୧୦.୨୦୨୨ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: www.mstcecommerce.com

ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ପୂର୍ବରୁ

ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍: https://www.mstcecommerce.com/auctionhome/ibapi/index.jsp ଦେଖନ୍ତୁ

ବିକ୍ରୟ ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/english/tendelViewAllAuction.aspx କୁ ଅନୁଧ୍ୟାନ କରନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୧.୧୦.୨୦୨୨ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



Annexure - II

**OFFICE OF DISTRICT MANAGER ODISHA STATE CIVIL SUPPLIES CORPORATION LIMITED (OSCSC), NABARANGPUR**

Phone: 9438200053, District Website: nabarangpur.nic.in

Tender No. 1419 Dt.30.09.2022

No. CAD-2033: District Manager, Odisha State Civil Supplies Corporation Ltd., Nabarangpur invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Transport Contractor for Transportation of Paddy from Mandi to Mill Point for the KMS 2022-23 (Considering Block as a Unit). |
| 2 | Availability of bid document in the portal | From 03.10.2022 |
| 3 | Last date/time for receipt of bids in the portal | Dt.17.10.2022 upto 05.30 P.M. |
| 4 | Date/time of opening of Technical Bid | Dt.18.10.2022 upto 10.00 A.M. |
| 5 | Name and addess of the Officer Inviting Tender | District Manager, O.S.C.S.C. Ltd., Nabarangpur |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/corrigendum/cancellation/retenders etc. if any shall be published only in above websites.

Sd./- District Manager O.S.C.S.C. Ltd., Nabarangpur

OIPR-07045/11/0005/2223



No. CAD-2031

**obcc**

**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**

(A Government of Odisha Undertaking under Works Department)

No. 6743 Date: 30.09.2022

File: SMT-1831

**NOTICE INVITING TENDER**

| | | | |
|---|---|---|---|
| 1 | Name of work | : | Selection of Agency for Facility Management Services for Utkalamani Pandit Gopabandhu Das Birth place and Memorial Museum at Suando, Odisha |
| 2 | Bid Identification No. of the Tender Document | : | 31/Tender/OBCC/2022-23 |
| 3 | Date of availability of the tender document in e-procurement portal | : | 11.10.2022 to 04.11.2022 |
| 4 | Due date & time of receipt of proposals through Online mode | : | 04.11.2022 till 5.00 P.M. |
| 5 | Date and time of opening of Technical Proposals | : | 05.11.2022 at 11.30 A.M. |
| 6 | Date and VC link of Pre-bid Meeting | : | 17.10.2022 at 11.30 A.M., **https://meet.google.com/dyr-odqx-gck** |
| 7 | Last date of receipt of pre-bid queries | : | 15.10.2022 till 5.00 P.M. |
| 8 | Date of issue of pre-bid clarifications | : | 20.10.2022 |
| 9 | Contract Duration | : | 36 (Thirty Six) Months |
| 10 | Eligible Bidders | : | Agencies who are empaneled with OBCC under Category-A of Facility Management Servcies are eligible to participate in the tender porcess. |

11. Further details can be seen from the e-Procurement portal **https://www.tendersodisha.gov.in**. For any queries please email at **md@obcc.in**. OBCC has the right to accept or reject the Notice/RFP/Proposal without assigning any reason thereof.

OIPR-34106/11/0037/2223 Sd./- EIC-cum-Managing Director

**କମିଲା କମର୍ସିଆଲ ଗ୍ୟାସ୍ ମୂଲ୍ୟ**

**ଭୁବନେଶ୍ୱର,୧।୧୦:** ଗତ ମାସ ଭଳି ଅକ୍ଟୋବରରେ ମଧ ୧୯ କେ.ଜି. କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ଦର ୨୫.୫୦ ଟଙ୍କା ହ୍ରାସ ପାଇଛି। ପୂର୍ବ ମାସ ବା ସେପ୍ଟେମ୍ବର ୧ରେ ମଧ ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ଦର ୯୧.୫୦ ଟଙ୍କା କମାଇଥିଲେ। ହେଲେ କମର୍ସିଆଲ ଗ୍ୟାସ୍ ଦର ହ୍ରାସ ହୋଇଥିଲେ ମଧ ଘରୋଇ ଏଲ୍‌ପିଜି ଦର ପୂର୍ବ ପରି ସ୍ଥିର ରହିଛି। ଶନିବାର ଏ ନେଇ ମଧ ତୈଳ ବିପଣନ କମ୍ପାନୀଗୁଡ଼ିକ ନୂଆ ଦର ସୂଚୀ ଜାରି କରିଛନ୍ତି। ତୈଳ କମ୍ପାନୀର ସୂଚନା ଅନୁସାରେ ନୂଆଦିଲ୍ଲୀରେ ବ୍ୟବସାୟିକ (୧୯ କେ.ଜି) ଏଲ୍‌ପିଜି ସିଲିଣ୍ଡର ଦର ୧୮୫୯.୫ ଟଙ୍କା ରହିଛି।

**ସଂକ୍ଷେପରେ**

## ୨୦୨୩ ଡିସେମ୍ବର ସୁଦ୍ଧା ସାରା ଦେଶରେ ୫ଜି ସେବା: ମୁକେଶ

**ନୂଆଦିଲ୍ଲୀ,୧।୧୦:** ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଆର୍‌ଆଇଏଲ୍) ର ଅଧକ୍ଷ ତଥା ବିଲିୟନେୟାର ମୁକେଶ ଅମ୍ବାନୀ ଶନିବାର ଘୋଷଣା କରିଛନ୍ତି ଯେ ଆର୍‌ଆଇଏଲ୍‌ର ଟେଲିକମ୍ ଫାର୍ମ ରିଲାଏନ୍ସ ଜିଓ ୨୦୨୩ ଡିସେମ୍ବର ସୁଦ୍ଧା ସାରା ଦେଶରେ ୫ଜି ସେବା ଆରମ୍ଭ କରିବ। ଏପରିକି ଚଳିତ ବର୍ଷ ଅକ୍ଟୋବର ଶେଷ ସୁଦ୍ଧା ଦେଶର ପ୍ରମୁଖ ସହରରେ ଜିଓ ୫ଜି ସେବା ଆରମ୍ଭ କରିବାକୁ ଦ୍ରୁତ ଗତିରେ ଅଗ୍ରଗତି କରୁଛି। ସେହିଭଳି ୬ଷ୍ଠ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି)-୨୦୨୨ ରେ ଯୋଗଦେଇ ଅମ୍ବାନୀ କହିଛନ୍ତି, ଜିଓ ସୁଲଭ ମୂଲ୍ୟରେ ୫ଜି ସେବା ଆରମ୍ଭ କରିବ। ଏପରିକି ୨୦୨୩ ଡିସେମ୍ବର ସୁଦ୍ଧା ଦେଶର ପ୍ରତ୍ୟେକ କୋଣ ଅନୁକୋଣରେ ଜିଓ ୫ଜିର ସେବା ଉପଲବ୍ଧ ହେବ ବୋଲି ଅମ୍ବାନୀ ମତବ୍ୟକ୍ତ କରିଛନ୍ତି।

## ଭାରତରେ ୨୦୨୪ ମାର୍ଚ୍ଚ ସୁଦ୍ଧା ୫ଜି ସେବା: ସୁନୀଲ

ନୂଆଦିଲ୍ଲୀ,୧।୧୦: ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଏୟାରଟେଲ ଦେଶବ୍ୟାପୀ ୫ଜି ସେବା ଆରମ୍ଭ କରିବାକୁ ଶନିବାର ଘୋଷଣା କରିଛି। ଏପରିକି ଭାରତରେ ୨୦୨୪ ମାର୍ଚ୍ଚ ସୁଦ୍ଧା ପ୍ରତି କ୍ଷେତ୍ରରେ ୫ଜି ସେବା ଯୋଗାଇବାର ଲକ୍ଷ୍ୟ ରଖିଛି ବୋଲି ଭାରତୀ ଏୟାରଟେଲର ଅଧକ୍ଷ ସୁନୀଲ ମିତ୍ତଲ ୬ଷ୍ଠ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମ୍‌ସି) ରେ ଯୋଗଦେଇ ଏଭଳି କିଛି ମତ ଉପସ୍ଥାପନ କରିଛନ୍ତି। ସେହିଭଳି ୨୦୨୩ ମାର୍ଚ୍ଚ ସୁଦ୍ଧା ଦେଶର ପ୍ରମୁଖ ସହରକୁ ୫ଜି ସେବା ଯୋଗାଇବା ସହ ୨୦୨୪ ମାର୍ଚ୍ଚ ସୁଦ୍ଧା ସମଗ୍ର ଦେଶକୁ ୫ଜି ସେବା ଯୋଗାଇବା ପାଇଁ ଭାରତୀ ଏୟାରଟେଲ ଦ୍ରୁତ ଗତି ଏବଂ ସାହସର ସହ କାର୍ଯ୍ୟ କରୁଛି ବୋଲି ମିତ୍ତଲ ମତବ୍ୟକ୍ତ କରିଛନ୍ତି। ଏପରିକି ଅକ୍ଟୋବର ୧ରୁ ଏୟାରଟେଲ ୮ଟି ଭାରତୀୟ ସହରରେ ୫ଜି ସେବା ଆରମ୍ଭ କରୁଛି । ଏଥିରେ ୧୩ଟି ସହର ଯେଉଁଠାରେ ୫ଜି ସେବା ଉପଲବ୍ଧ ହେଉଛି ବୋଲି ମିତ୍ତଲ କହିଛନ୍ତି।

# ୨୬% ବୃଦ୍ଧି ପାଇଛି ଜିଏସ୍‌ଟି ସଂଗ୍ରହ

■ଚଳିତ ବର୍ଷ ସେପ୍ଟେମ୍ବରରେ ୧.୪୭ ଲକ୍ଷ କୋଟି ଆଦାୟ

■କ୍ରମାଗତ ୭ ମାସ ଲାଗି ୧.୪୦ ଲକ୍ଷ କୋଟିରୁ ଅଧିକ ଆଦାୟ

ନୂଆଦିଲ୍ଲୀ,୧।୧୦




ଚଳିତ ବର୍ଷ ସେପ୍ଟେମ୍ବର ମାସରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଆଦାୟ (୧.୪୭ ଲକ୍ଷ କୋଟି ଟଙ୍କା) ଏକ ରେକର୍ଡ ସ୍ତରରେ ପହଞ୍ଚିଛି। ଏପରିକି ଚଳିତ ବର୍ଷ ସେପ୍ଟେମ୍ବର ଜିଏସ୍‌ଟି ଆଦାୟରେ ୨୬% ବୃଦ୍ଧି ପାଇ ମୋଟ ୧,୪୭,୬୮୬ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଥିବା ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଆଦାୟ ଟିକସ ମଧ୍ୟରୁ କେନ୍ଦ୍ର ଟିକସ (ସିଜିଏସ୍‌ଟି) ୨୫,୨୭୧ କୋଟି ଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସ୍‌ଟି) ୩୧,୮୧୩ କୋଟି ରହିଛି। ସେହିଭଳି ଆଇଜିଏସ୍‌ଟି ୮୦,୪୬୪ ଲକ୍ଷ କୋଟି ଟଙ୍କା ହୋଇଛି। ଆଇଜିଏସ୍‌ଟି ଟିକସ ଆଦାୟରେ ସାମଗ୍ରୀ ଆମଦାନୀ କର ୪୧,୨୧୫ କୋଟି ଟଙ୍କା ଆଦାୟ ହୋଇଛି। ସେହିପରି ସେସ୍ ବାବଦକୁ ୧୦,୧୩୭ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ସେଥିରେ ୮୫୬ କୋଟି ଟଙ୍କାର ସାମଗ୍ରୀ ଆମଦାନୀ କର ସାମିଲ ରହିଛି। ଅପରପକ୍ଷରେ ସରକାର କେନ୍ଦ୍ର ଟିକସ (ସିଜିଏସ୍‌ଟି) ୩୧,୮୮୦ ଟଙ୍କା ଏବଂ ରାଜ୍ୟ ଟିକସ (ଏସ୍‌ଜିଏସଟି) ପାଇଁ ୨୭,୪୦୩ ଟଙ୍କା ରାଜ୍ୟଗୁଡ଼ିକୁ ଆଇଜିଏସ୍‌ଟି ସେଟେଲମେଣ୍ଟ ପାଇଁ ପ୍ରଦାନ କରିଛନ୍ତି। ତେବେ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ପ୍ରଦାନ ପରେ କେନ୍ଦ୍ର ପାଖରେ ସେପ୍ଟେମ୍ବର ମାସରେ ୫୭,୧୫୧ ଟଙ୍କା ଏବଂ ରାଜ୍ୟଗୁଡ଼ିକ ପାଖରେ ୫୯,୨୧୬ ଟଙ୍କା ରହିଛି। ଗତ ବର୍ଷ ସେପ୍ଟେମ୍ବର ମାସ ଅପେକ୍ଷା ଚଳିତ ବର୍ଷ ଜିଏସ୍‌ଟି ସଂଗ୍ରହରେ ୨୬% ବୃଦ୍ଧି ହୋଇଛି। ଏପରିକି ଆମଦାନୀ ଦ୍ରବ୍ୟରେ ୩୯% ଏବଂ ଘରୋଇ ଦ୍ରବ୍ୟ ବିକ୍ରିରେ ୨୨% ଅଧିକ ଜିଏସ୍‌ଟି ଆଦାୟ ହୋଇଛି। ଚଳିତ ବର୍ଷ ଅଗଷ୍ଟ ମାସରେ ୭.୭ ଇ-ୱେବିଲ୍ ଜେନେରେଟ୍ ହୋଇଥିବା ବେଳେ ଜୁଲାଇ ମାସରେ ଏହା ୭.୫କୋଟି ରହିଥିଲା। ସେହିପରି ସେପ୍ଟେମ୍ବର ୨୦ ତାରିଖରେ ଗୋଟିଏ ଦିନରେ ସବୁଠାରୁ ଅଧିକ ଅର୍ଥାତ୍ ୪୯,୪୫୩ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ୮.୭୭ ଲକ୍ଷ ଚାଲାଣ କଟିଥିଲା।

ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ସେପ୍ଟେମ୍ବରର ଜିଏସ୍‌ଟି ସଂଗ୍ରହ ୧୩% ବୃଦ୍ଧି ପାଇ ୩୭୬୫ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସୂଚନା ମିଳିଛି।

## ଆଜି ଷ୍ଟାର୍ କିରଣରେ 'ଆମ ଘର ଦଶହରା'




ଭୁବନେଶ୍ୱର,୧।୧୦

ରାଜ୍ୟର ପ୍ରମୁଖ ନୂତନ ଓଡ଼ିଆ ମନୋରଞ୍ଜନଭିତ୍ତିକ ଚ୍ୟାନେଲ ଷ୍ଟାର୍ କିରଣ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଆମ ଘର ଦଶହରା' ର ଆୟୋଜନ କରାଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅରବିବାର ସନ୍ଧ୍ୟା ୬ ଘଟିକାରେ ଷ୍ଟାର୍ କିରଣରେ ପ୍ରସାରଣ ହେବ ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି। ଏପରିକି ଉକ୍ତ ଚ୍ୟାନେଲ ଦର୍ଶକମାନଙ୍କୁ ବିଶେଷ ଉତ୍ସବ ମାଧମରେ ବାନ୍ଧି ରଖିବା ସହ ସାରା ପରିବାରକୁ ସନ୍ଧ୍ୟାରେ ଏକତ୍ରିତ କରିପାରୁଛି। ସେହିଭଳି ଏହା ହେଉଛି ପ୍ରଥମ ଷ୍ଟାର୍ କିରଣ ପରିବାର ମହାମିଳନ ଉତ୍ସବ, ଯେଉଁଠାରେ ଶୋ'ର ସମସ୍ତ କଳାକାର, ଓଡ଼ିଆ ଇଣ୍ଡଷ୍ଟ୍ରିର ଗାୟକ, ନୃତ୍ୟଶିଳ୍ପୀ ତଥା ଜଣାଶୁଣା ଆଙ୍କର୍ସ ଏବଂ ସେଲିବ୍ରିଟିମାନେ ଏକତ୍ର ଦଶହରାକୁ ପାଳନ କରିବା ପାଇଁ ଉକ୍ତ ଇଭେଣ୍ଟ (ଶୋ)ରେ ଅଭିନୟ ମଧ କରିଛନ୍ତି ଏବଂ କିଛି ହାଲୁକା ମଜାଳିଆ ମୁହୂର୍ତ୍ତ ମଧ ପାଇଛନ୍ତି। ସେହିପରି ଉକ୍ତ ଶୋ'କୁ ସୁଜିତ ପାଇକରାୟ ଓ ପ୍ରିୟଙ୍କା ମହାପାତ୍ର ଆୟୋଜନ କରିଛନ୍ତି। ଏହି ଶୋ'ରେ ସମସ୍ତ ଷ୍ଟାର୍ କିରଣ ନାୟକ ଓ ଅଭିନେତାଙ୍କ ସହ ସେଲିବ୍ରିଟି ଅତିଥି ସ୍ୱରାଜ ବାରିକ ଓ ଶୀତଲ ପାତ୍ର ମଧ ସାମିଲ ରହିଛନ୍ତି। ଅପରପକ୍ଷରେ ସଙ୍ଗୀତ ନିର୍ଦ୍ଦେଶକ ଓ ଗାୟକ ଅଭିଜିତ ମଜୁମଦାରଙ୍କ ସହ ଗାୟକ ତାରିକ୍ ଅଜିଜ୍, ସତ୍ୟଜିତ ପ୍ରଧାନ, ଅର୍ପିତା ଚୌଧୁରୀ, ଜ୍ୟୋତିର୍ମୟୀ ନାୟକ ଏବଂ ଲିପ୍ସା ମହାପାତ୍ର ପ୍ରମୁଖ ସେମାନଙ୍କର ପ୍ରିୟ ଗୀତ ଗାଇ ଉକ୍ତ ଶୋ'କୁ ଅଧିକ ମେଲୋଡିଜ୍ କରିଛନ୍ତି।

## ସିଏସ୍‌ଆଇଆର୍‌ର ୮୧ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୧।୧୦

ଦେଶର ପ୍ରମୁଖ ଗବେଷଣାତ୍ମକ ସଂସ୍ଥା କାଉନ୍‌ସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍)ର ୮୧ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମ୍‌ଏମ୍‌ଟି), ଭୁବନେଶ୍ୱର ଅଡିଟୋରିୟମଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ନାଇଜରର ନିର୍ଦ୍ଦେଶକ ସୁଧାକର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଏବଂ ଶିକ୍ଷାର ଗୁରୁତ୍ୱ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ସୁଧାସତ୍ୱ ବାସୁ କହିଛନ୍ତି, ସିଏସ୍‌ଆଇଆର୍ ଦ୍ୱାରା ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷକରି କୋଭିଡ୍ ସମୟରେ ଦେଶର ଉନ୍ନତି ସମେତ ଅର୍ଥନୈତିକ ଅଭିବୃଦ୍ଧିରେ ମଧ ବହୁ କାର୍ଯ୍ୟ କରିଛି। ପରିଶେଷରେ ସଭାମଞ୍ଚରେ ଉପସ୍ଥିତ ଅତିଥି ତଥା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ 'ଅଭିବ୍ୟକ୍ତି' ନାମକ ଏକ ହିନ୍ଦୀ ପତ୍ରିକାର ମଧ ଉନ୍ମୋଚନ କରାଯାଇଥିଲା। ସେହିଭଳି ଆଇଏମ୍‌ଏମ୍‌ଟିରେ ୨୫ବର୍ଷ ପୂରଣ କରିଥିବା କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଆଇଏମ୍‌ଏମ୍‌ଟି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ ସହ ୯୦%ରୁ ଅଧିକ ମାର୍କ ରଖିଥିବା ଆଇଏମ୍‌ଏମ୍‌ଟିର କର୍ମଚାରୀଙ୍କ ପିଲାମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା।

## ସେପ୍ଟେମ୍ବରରେ ୪୭,୬୫୪ ୟୁନିଟ୍ ପିଭି ବିକ୍ରି କରିଛି ଟାଟା ମୋଟର୍ସ

ନୂଆଦିଲ୍ଲୀ,୧।୧୦

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ଶନିବାର ସେପ୍ଟେମ୍ବରର ଗାଡ଼ି ବିକ୍ରି (ଯାତ୍ରୀବାହୀ ଯାନ ବା ପିଭି) ସମ୍ପର୍କରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ସେପ୍ଟେମ୍ବରରେ ପିଭିର ସର୍ବାଧିକ ଘରୋଇ ମାସିକ ବିକ୍ରି ୪୭,୬୫୪ ୟୁନିଟ୍ ହାସଲ କରିଛି। ଏପରିକି ଚଳିତ ବର୍ଷ ସେପ୍ଟେମ୍ବରରେ କମ୍ପାନୀର ପିଭି ବିକ୍ରି ୮୫% ବୃଦ୍ଧି ପାଇଛି। ଗତ ବର୍ଷ ସେପ୍ଟେମ୍ବରରେ କମ୍ପାନୀ ୨୫,୭୩୦ ୟୁନିଟ୍ ପିଭି ବିକ୍ରି କରିଥିଲା। ଏ ସମ୍ପର୍କରେ ଟାଟା ମୋଟର୍ସ ପାସେଞ୍ଜର ଭେହିକଲ୍ସର ପରିଚାଳନା ନିର୍ଦ୍ଦେଶକ ଶୈଳେଶ ଚନ୍ଦ୍ର କହିଛନ୍ତି, ଇଭି ସେଗ୍‌ମେଣ୍ଟରେ କମ୍ପାନୀ ୨୩୯% ଅଭିବୃଦ୍ଧି ଏବଂ ୨୦୨୨ ସେପ୍ଟେମ୍ବର ମଧରେ ଆଇସିଇ ଯାନ ବିଭାଗରେ ୭୮% ଅଭିବୃଦ୍ଧି ଘଟିଛି। ସେହିଭଳି ଚଳିତ ବର୍ଷ ସେପ୍ଟେମ୍ବରରେ ୩,୬୫୫ ୟୁନିଟ୍ ଇଭି ଏବଂ ୪୩,୯୯୯ ୟୁନିଟ୍ ଆଇସିଇ ଯାନ ବିକ୍ରି ସହ ପିଭି ବର୍ଗରେ ଇଭି ବିକ୍ରୟ ଅଂଶ ୭.୬୬% ରହିଛି।

## ପାର୍ବଣରେ ପେଟିଏମ୍‌ରୁ ୟୁପିଆଇ ଅଭିଯାନ

ନୂଆଦିଲ୍ଲୀ,୧।୧୦

ଦେଶର ପ୍ରମୁଖ ଡିଜିଟାଲ ପେମେଣ୍ଟ ଓ ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥା ପେଟିଏମ୍ ପକ୍ଷରୁ 'ପେଟିଏମ୍‌ରୁ ୟୁପିଆଇ' ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ପାର୍ବଣରତ୍ତୁର ଶୁଭାରମ୍ଭ ସହ ଏହାର ପ୍ରଥମ ପେମେଣ୍ଟ ଉପରେ ୧୦୦ ଟଙ୍କା ପର୍ଯ୍ୟନ୍ତ ଏଥିରେ କ୍ୟାଶ୍‌ବ୍ୟାକ୍ ଅଫର ସୁବିଧା ମଧ ରହିଛି। ଏହି ଅଭିଯାନ ଜରିଆରେ ସଂସ୍ଥା ଓଡ଼ିଶାରେ ଦୁର୍ଗାପୂଜାକୁ ଅଭିନବ ଢଙ୍ଗରେ ପାଳନ କରିବ। ପାର୍ବଣ ସମୟରେ ଲୋକମାନେ କିପରି ପେଟିଏମ୍ ସହ ତାଙ୍କ କାରବାରକୁ ସୁରକ୍ଷିତ ଓ ନିରାପଦ ସହକାରେ କରିବେ, ତାହା ସୁନିଶ୍ଚିତ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବିଶେଷକରି ୱାନ୍ ୯୭ କମ୍ୟୁନିକେଶନ ଲିମିଟେଡ୍ (ଓସିଏଲ୍) ପେଟିଏମ୍ ବ୍ରାଣ୍ଡର ପରିଚାଳନାକାରୀ ଭାବେ ଏସବୁର ଦାୟିତ୍ୱ ଗ୍ରହଣ କରିଛି। ପେଟିଏମ୍‌ରୁ ୟୁପିଆଇ ଅଭିଯାନର ପ୍ରମୁଖ ବିଶେଷତ୍ୱ ହେଉଛି ଗୋଷ୍ଠୀ ସହ ଏକତ୍ରିତ ହେବାର ଗୁରୁତ୍ୱକୁ ପ୍ରାଧାନ୍ୟ ଦେବା, ଯାହା ପେଟିଏମ୍ ଆପ୍ ବ୍ୟବହାରକରି ତୁରନ୍ତ ୟୁପିଆଇ ଟଙ୍କା ସ୍ଥାନାନ୍ତର ସହିତ ସମସ୍ତଙ୍କ ପାଇଁ ଉତ୍ସବର ମହତ୍ତ୍ୱ ବୃଦ୍ଧି କରିବା। ବ୍ରାଣ୍ଡ ଫିଲ୍ମରେ ଏହା ମଧ ଚିତ୍ରଣ କରାଯାଇଛି ଯେ ଦୁର୍ଗାପୂଜା ଅବସରରେ ସାଂସ୍କୃତିକ ଉତ୍ସବ ପାଳନ ସମୟରେ କିପରି ପେଟିଏମ୍ ୟୁପିଆଇ ବ୍ୟବହାର କରି ନିରାପଦ ଓ ସୁରକ୍ଷିତ କାରବାର ଦ୍ୱାରା ଇକୋ ସିଷ୍ଟମକୁ ମଜଭୁତ କରାଯାଉଛି। ଚଳିତ ବର୍ଷ ପୂଜା ଅକ୍ଟୋବର ୧ ରୁ ୫ ତାରିଖ ପର୍ଯ୍ୟନ୍ତ ପାଳନ ହେବ। ଏ ସମ୍ପର୍କରେ ପେଟିଏମ୍‌ର ମୁଖପାତ୍ର କହିଛନ୍ତି, ଦୁର୍ଗାପୂଜା ଅବସରରେ ଆମର ଅଭିଯାନ ପେଟିଏମ୍‌ରୁ ୟୁପିଆଇ ପ୍ରତିଦିନର କାରବାରକୁ ସୁଗମ ଓ ସୁରକ୍ଷିତ କରିବ।

**ଫୁର୍‌ସତ୍**

# ମଞ୍ଚରେ ସୁପର ମଡେଲଙ୍କୁ ପିନ୍ଧାଗଲା ଡ୍ରେସ୍



**ପ୍ୟାରିସ:** ପ୍ରତ୍ୟେକ ଫ୍ୟାଶନ୍ ଶୋ'ରେ ସୁନ୍ଦରୀ ତରୁଣୀମାନେ ଭିନ୍ନ ଡିଜାଇନ୍‌ର ଟ୍ରେଣ୍ଡି ପୋଷାକ ପିନ୍ଧି ରାମ୍ପ ୱାକ୍‌ର ସ୍ୱତନ୍ତ୍ର ଷ୍ଟେଜ୍‌ରେ କ୍ୟାଟ୍ ୱାକ୍ କରନ୍ତି । ଆଉ ଏହି ଷ୍ଟେଜ୍‌କୁ ଘେରି ବସିଥାନ୍ତି ଅନେକ ସେଲିବ୍ରିଟି ଡିଜାଇନର୍ ଏବଂ ଦର୍ଶକ। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ମଡେଲମାନଙ୍କୁ ଡିଜାଇନର୍ ଡ୍ରେସ୍ ପିନ୍ଧାଯିବା ସାଙ୍ଗକୁ ମେକ୍‌ଅପ୍ କରାଯାଏ। ଅନେକ ସମୟରେ ମଡେଲମାନଙ୍କୁ ତାଙ୍କ ପୋଷାକ ପାଇଁ ପ୍ରଶଂସା କରାଯାଏ। ସେହିପରି ଆମେରିକାର ସୁପର ମଡେଲ ବୋଲାଉଥିବା ବେଲା ହାଡିଡି ନିଜ ପୋଷାକ ପାଇଁ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ପ୍ୟାରିସ୍‌ରେ ଅନୁଷ୍ଠିତ କୋପର୍ନି ଓମେନ୍ସ ୱେର୍ ସ୍ପ୍ରିଙ୍ଗ୍/ସମର୍ ୨୦୨୩ରେ ଫ୍ୟାଶନ୍ ଶୋ'ବେଲାଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରକାର ଡାଏ-ଡ୍ରେସ୍ ତିଆରି କରାଯାଇଥିଲା, ଯାହାକୁ ସେ ମଞ୍ଚ ଉପରକୁ ଆସି ପିନ୍ଧିଥିଲେ। ବେଲା ହାଇହିଲ୍ ପିନ୍ଧି ବକ୍ଷକୁ ହାତରେ ଘୋଡ଼ାଇ ଟପ୍‌ଲେସ୍ ହୋଇ ରନ୍‌ୱେକୁ ଆସିଥିଲେ। ଏହାପରେ ଦୁଇଜଣ ଆର୍ଟିଷ୍ଟ ତାଙ୍କ ଶରୀରରେ ଓପାକ୍ ହ୍ୱାଇଟ୍ ଲାଟେକ୍ସ ସ୍ପ୍ରେ ଛିଞ୍ଚି ଏକ ହ୍ୱାଇଟ୍ ସ୍ଲିପ୍ ଡ୍ରେସ୍ ତିଆରି କରିଥିଲେ। କିଛି କ୍ଷଣ ମଧରେ ଓପାକ୍ ହ୍ୱାଇଟ୍ ଲାଟେକ୍ସରୁ ଏକ ସଲିଡ୍, ମିଡ୍-ଲେନ୍ଥ ଡ୍ରେସ୍‌ରେ ପରିଣତ ହୋଇଯାଇଥିଲା। ବେଲା ଡ୍ରେସ୍‌ରେ ନିଜକୁ ଆଡ୍‌ଜଷ୍ଟ କରୁଥିବା ଭିଡିଓରେ ଦେଖାଯାଇଥିଲା। ଉକ୍ତ ଡ୍ରେସ୍‌ରେ ବେଲା କ୍ୟାଟ୍‌ୱାକ୍ କରି ଅନ୍ୟ ମଡେଲଙ୍କ ପରି ମଞ୍ଚରୁ ବିଦାୟ ନେଇଥିଲେ। ତେବେ ବେଲାଙ୍କ ଏହି ଡାଏ ଡ୍ରେସ୍ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି।

## ସ୍ୱତନ୍ତ୍ର ପ୍ରକାର ସ୍ପ୍ରେ ପେଣ୍ଟ୍‌ରୁ ତିଆରି ପୋଷାକ



## ଅରୁଣଙ୍କୁ ଭଗବାନ ରାମ ଭାବି ମହିଳା ଛୁଇଁଲେ ପାଦ

**ଅମରାବତି:** ୧୯୯୦ରେ ରାମାନନ୍ଦ ସାଗରଙ୍କ ଧାରାବାହିକ ରାମାୟଣ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। କଳାକାରଙ୍କ ଅଭିନୟ ଏତେ ଜୀବନ୍ତ ଥିଲା ଯେ, ପ୍ରତ୍ୟେକ ଚରିତ୍ରକୁ ଭଗବାନ ବୋଲି ଭାବୁଥିଲେ ଦର୍ଶକ। ଧାରାବାହିକରେ ପ୍ରଭୁ ରାମଙ୍କ ଚରିତ୍ରରେ ଅଭିନୟ କରିଥିବା ଅରୁଣ ଗୋଭିଲଙ୍କୁ ସତ ସତିକା ରାମ ଭାବି ଜଣେ ମହିଳା ତାଙ୍କୁ ମୁଣ୍ଡିଆ ମାରିଥିବାର ଦେଖିବାକୁ ମିଳିଛି। ଏହାର ଭିଡିଓ ମଧ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଏୟାରପୋର୍ଟରେ ମହିଳା ଜଣକ ଅରୁଣଙ୍କୁ ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ। ହାତ ଯୋଡ଼ି ତାଙ୍କ ପାଦ ଛୁଇଁ ମୁଣ୍ଡିଆ ମାରୁଥିବାବେଳେ ଅରୁଣ ତାଙ୍କୁ ଏପରି କରିବା ପାଇଁ ବାରଣ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ରାମାନନ୍ଦସାଗର ବହୁ ଚର୍ଚ୍ଚିତ ଟିଭି ସିରିଏଲ ରାମାୟଣର କାହାଣୀ ରଚନା କରିବା ସାଙ୍ଗକୁ ନିର୍ଦ୍ଦେଶନା ଓ ପ୍ରଯୋଜନା କରିଥିଲେ। ୧୯୮୭ରେ ଦୂରଦର୍ଶନ ଚ୍ୟାନେଲରେ ଏହା ପ୍ରଥମ କରି ପ୍ରସାରଣ କରାଯାଇଥିଲା।



## ଘାତକ ଜନ୍ତୁ ସହ ଖେଳ ବିପଜ୍ଜନକ

ବେଙ୍ଗାଲୁରୁ

ଅନେକ ସମୟରେ ଆମେ ପଢ଼ିଛେ ମାରାତ୍ମକ ଜନ୍ତୁଙ୍କ ସହ ଖେଳ ବିପଜ୍ଜନକ ହୋଇଥାଏ। ଏମିତି ଏକ ଘଟଣା କର୍ନାଟକର ଶିବାମୋଗ୍ଗା ଜିଲାର ବୋମ୍ମାନକାଟ୍ଟେରେ ଘଟିଛି। ଜଣେ ସାପ ଧରାଳି ଏକ ବିରାଟ ନାଗ ସାପକୁ ଜନୈକ ବ୍ୟକ୍ତିଙ୍କ ବାଡ଼ିରୁ ଉଦ୍ଧାର କରିଥିଲେ। ସାପଟିକୁ କାଇଦାରେ ଧରିବା ପରେ ସେ ତା' ମୁଣ୍ଡକୁ ଚୁମ୍ବନ କରିବାକୁ ପ୍ରୟାସ କରୁଥିଲେ। ଠିକ୍ ସେହି ସମୟରେ ସାପଟି ଯୁବକଙ୍କ ଆଡ଼କୁ ମୁଣ୍ଡ ବୁଲାଇ ତାଙ୍କ ଓଠକୁ କାମୁଡ଼ି ଦେଇଛି। ସେଠାରେ ଥିବା ଲୋକେ ଉକ୍ତ ଯୁବକଙ୍କୁ ତୁରନ୍ତ ଡାକ୍ତରଖାନା ନେଇଯାଇଥିବାବେଳେ ସମ୍ପୃକ୍ତ ଯୁବକ ଜଣକ ଏବେ ସୁସ୍ଥ ଥିବା କୁହାଯାଉଛି।

## ୬ କୋଟିରେ ସଜା ହୋଇଛି ମନ୍ଦିର ପ୍ରାଙ୍ଗଣ



**ଅମରାବତି:** ବିଭିନ୍ନ ଅଞ୍ଚଳରେ ନବରାତ୍ରି ବେଶ୍ ଧୁମଧାମରେ ପାଳନ କରାଯାଉଛି। ଆନ୍ଧ୍ର ପ୍ରଦେଶରେ ଥିବା ୧୩୫ ବର୍ଷ ପୁରୁଣା ବାସାଭି କନ୍ୟାକା ପରମେଶ୍ୱରୀ ମନ୍ଦିରକୁ ୬ କୋଟି ଟଙ୍କାରେ ସଜାଯାଇଛି। ଠାକୁରାଣୀଙ୍କୁ ସୁନା ଅଳଙ୍କାରରେ ସଜା ଯାଇଥିବାବେଳେ ମନ୍ଦିର ପ୍ରାଙ୍ଗଣକୁ ୧୦ ଟଙ୍କିଆ ନୋଟ୍‌ରୁ ଆରମ୍ଭ କରି ୫୦୦ ଟଙ୍କିଆ ନୋଟ୍‌ର ମାଳରେ ସଜାଯାଇଛି। ୬ କେଜିର ସୁନା ସାଙ୍ଗକୁ ୩ କେଜିର ରୁପା ଅଳଙ୍କାର ଦେବୀଙ୍କଠାରେ ଲଗା ଯାଇଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୩.୫ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଆନ୍ଧ୍ର ପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲା ପେନୁଗୋଣ୍ଡା ସହରରେ ମନ୍ଦିରଟି ଅବସ୍ଥିତ। ଦୁଇ ଦଶନ୍ଧି ଧରି ମନ୍ଦିରରେ ଦଶହରା ପର୍ବ ପାଳନ କରାଯାଉଛି। ମା'ଙ୍କ ଆଶୀର୍ବାଦରେ ଉପକୃତ ହୋଇଥିବା ଭକ୍ତ ମନ୍ଦିର ଉଦ୍ଦେଶ୍ୟରେ ଲକ୍ଷ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସାଙ୍ଗକୁ ଟଙ୍କା ଦାନ କରନ୍ତି। ୯ ଦିନର ପୂଜା ସରିଯିବା ପରେ ଅଳଙ୍କାର ଓ ଟଙ୍କା ସବୁ ଲୋକଙ୍କୁ ଫେରାଇ ଦିଆଯାଏ ବୋଲି ମନ୍ଦିର କର୍ତ୍ତୃପକ୍ଷ କହିଛନ୍ତି।

## ହିନ୍ଦୀ ଶିଖୁଛନ୍ତି ସାମନ୍ଥା



ମୁମ୍ବାଇ

ସାଉଥ୍ ଇଣ୍ଡିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଚୁଲବୁଲି ନାୟିକା ସାମନ୍ଥା ରୁଥ୍ ପ୍ରଭୁ ଏବେ ହିନ୍ଦୀ ଶିଖିବା ଆରମ୍ଭ କରିଛନ୍ତି। ଏ ନେଇ ସେ ଜଣେ ଟ୍ୟୁଶନ୍ ଟିଚର୍ ହାୟର କରିଥିବା ନେଇ ମଧ ଖବର ପ୍ରକାଶ ପାଇଛି। ଦିନକୁ ଦିନ ନାୟିକା ଜଣକ ହିନ୍ଦୀ ଭାଷୀ ହେବାରେ ଲାଗିଛନ୍ତି। ଏବେ ତାଙ୍କ ସମ୍ପୂର୍ଣ୍ଣ ଫୋକସ୍ ହିନ୍ଦୀ ଶିଖିବାରେ ରହିଛି ବୋଲି ତାଙ୍କର ଜଣେ ବାନ୍ଧବୀ କହିଛନ୍ତି। ଏଥିସହ ସାମନ୍ଥା ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫଙ୍କଠୁ ଭଲ ହିନ୍ଦୀ କହିବା ଆରମ୍ଭ କରିଛନ୍ତି। ଖାଲି ହିନ୍ଦୀ ଶବ୍ଦ ଉଚ୍ଚାରଣରେ ଅସୁବିଧା ହେଉଥିବା କୁହାଯାଉଛି। ଖୁବ୍ ଶୀଘ୍ର ଏହି ନାୟିକା ଜଣକ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି, ଯେଉଁଥିରେ ସେ ପ୍ରଯୋଜକ ଦିନେଶ ବିଜାନଙ୍କ ସହ କାମ କରିବାକୁ ଥିବା କୁହାଯାଉଛି। ଚଳିତବର୍ଷ କଫି ୱିଥ୍ କରଣରେ ସାମନ୍ଥା ଯୋଗ ଦେଇଥିଲେ। ସୁପରହିଟ୍ ଫିଲ୍ମ 'ପୁଷ୍ପା: ଦ ରାଇଜ୍'ରେ ଆଇଟମ୍ ଗର୍ଲ ଭାବେ ସାମନ୍ଥାଙ୍କୁ ଦେଖିବାକୁ ମିଳିଥିଲା।

## ରାଜ୍ୟରେ ୨୩୦ ପ୍ଲାଟୁନ୍ ଫୋର୍ସ ମୁତୟନ

କଟକ ଅଫିସ,୧।୧୦: ଦୁର୍ଗାପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ପାଇଁ ପ୍ରତି ଜିଲାର ପୋଲିସ ସହ ଅଧିକ ୨୩୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। କଟକରେ ୫୦ ପ୍ଲାଟୁନ, ଭୁବନେଶ୍ୱରରେ ୪୦, ବାଲେଶ୍ୱରରେ ୧୯, ଭଦ୍ରକରେ ୧୩, ରାଉରକେଲାରେ ୧୧ ଓ ସମ୍ବଲପୁରରେ ୮ ପ୍ଲାଟୁନ ଫୋର୍ସ ଜିଲା ପୋଲିସକୁ ସହାୟତା କରିବେ। ସପ୍ତାହେ ବ୍ୟାପୀ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖି ଭିଡ଼ ନିୟନ୍ତ୍ରଣ ସହ ଟ୍ରାଫିକ ପରିଚାଳନା କରିବେ। ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଦୁର୍ଗାପୂଜା, ରାବଣ ପୋଡ଼ି ଓ ଭସାଣି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ସାମ୍ପ୍ରଦାୟିକ ହିଂସା, ଅସାମାଜିକ ଓ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଅତିରିକ୍ତ ଡିଜିପି (ଆଇନଶୃଙ୍ଖଳା) ଆର୍. କେ. ଶର୍ମା କହିଛନ୍ତି।

# ଦେଶକୁ ନୂତନ ରୂପରେଖ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

## କିଟ୍ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

- ୭ ବ୍ୟକ୍ତିବିଶେଷଙ୍କୁ ଡକ୍ଟରେଟ୍
- ୧୬୩ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଫ୍‌କନ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚରର କାର୍ଯ୍ୟକାରୀ ଉପାଧ୍ୟକ୍ଷ କେ. ସୁବ୍ରମଣ୍ୟନ୍‌ଙ୍କୁ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

ଦେଶର ସାମାଜିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଜ୍ଞାନ ହେଉଛି ମୂଳ ସମ୍ବଳ। ଜ୍ଞାନ ବିପ୍ଳବ ଆମ ଜୀବନର ପ୍ରତ୍ୟେକଟି ଦିଗକୁ ଏକ ସ୍ୱତନ୍ତ୍ର ରୂପ ଦେଇଥାଏ। ବର୍ତ୍ତମାନର ଜ୍ଞାନଯୁଗ ନୂତନ ସର୍ଜନା ଓ ଚିନ୍ତାଧାରାକୁ ପୁରସ୍କୃତ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର କିଟ୍ ବିଶ୍ୱବିଦ୍ୟାଳୟର ୧୮ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ବର୍ତ୍ତମାନ ସମୟରେ ବିଶ୍ୱର ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ଭାରତ କ୍ଷିପ୍ର ଗତିରେ ଯୋଗଦାନ କରିଚାଲିଛି। ଆମ ଦେଶର ଯୁବପିଢ଼ି ଏହି ଷ୍ଟାର୍ଟଅପ୍ ଆନ୍ଦୋଳନକୁ ନେତୃତ୍ୱ ଦେଉଛନ୍ତି। ଛାତ୍ରୀଛାତ୍ର ହେଉଛନ୍ତି ଦେଶର ପରବର୍ତ୍ତୀ ନେତୃତ୍ୱ। ଦେଶକୁ ନୂତନ ରୂପରେଖ ଦେବା ଲାଗି ସେମାନଙ୍କ ପାଇଁ ସୁଯୋଗ ରହିଛି। କିଟ୍ ଛାତ୍ରୀଛାତ୍ର ସେମାନଙ୍କ ସର୍ଜନା ଓ ନୂତନ ଚିନ୍ତାଧାରା ବଳରେ ସମାଜ ଗଠନରେ ସହାୟକ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। କିଟ୍ ଗତ ୨୫ବର୍ଷ ମଧ୍ୟରେ ଦେଶର ବୈଷୟିକ ଓ ବୃତ୍ତିଗତ ଶିକ୍ଷା ସହ କ୍ରୀଡ଼ା ଓ ସମାଜସେବା କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଅଳ୍ପ ସମୟରେ ଆମେରିକାର ଆବେଟ୍ ସ୍ୱୀକୃତି ସହ ବିଭିନ୍ନ ଅନ୍ତର୍ଜାତୀୟ ଓ ଜାତୀୟ ସ୍ୱୀକୃତି ଲାଭ କରିପାରିଛି ବୋଲି ସେ କହିଛନ୍ତି।

ବିଶିଷ୍ଟ ସାମାଜିକ କର୍ମୀ ତଥା ଶାନ୍ତି ନୋବେଲ ବିଜୟିନୀ ଡ. ରିଗୋବେର୍ତ୍ତା ମେଞ୍ଚୁ ତୁମ୍ ଭର୍ଚୁଆଲରେ ଯୋଗଦେଇ କହିଲେ, ଯେଉଁମାନଙ୍କଠାରେ ମାନବିକତା ରହିଛି, ବିଶ୍ୱ ଏବେ ସେହିଭଳି ନେତୃତ୍ୱ ଆବଶ୍ୟକ କରୁଛି। ଜଣେ ନେତା ହେବା ପାଇଁ ଜଣେ ଭଲ ମଣିଷ ସହ ବୈଷୟିକ ଜ୍ଞାନର ଆବଶ୍ୟକ ରହିଛି। ଛାତ୍ରୀଛାତ୍ର ବୈଷୟିକ ଜ୍ଞାନ ପ୍ରୟୋଗ କରି ମାନବିକତାର ସହ ବିଶ୍ୱକୁ ନେତୃତ୍ୱ ଦେଇପାରିବ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା କହିଲେ, ଦେଶ ସଶକ୍ତ ହେବା କ୍ଷେତ୍ରରେ ଶିକ୍ଷା ହେଉଛି ଏକ ମାଧ୍ୟମ। ଏହା ଜଣେ ବ୍ୟକ୍ତିର ଚରିତ୍ର ଗଠନରେ ସହାୟକ ହୋଇଥାଏ।

ଏହି ଅବସରରେ ୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ବ୍ରିଟିଶ ପାର୍ଲାମେଣ୍ଟ ସାଂସଦ ଜନ୍ ଦେଶମଣ୍ଡ ଫୋକ୍ସ ଆଣ୍ଡେରସନ, ୟୁରୋପିଆନ ୟୁନିୟନ ସାଂସଦ ହିମାଂଶୁ ଗୁଲାଟି, ଜର୍ମାନର ବରିଷ୍ଠ ବୈଦେଶିକ ନୀତି ପରାମର୍ଶଦାତା ଆଣ୍ଡେରେସ ଜନ୍, ପାରାଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡ. ଦୀପା ମଲ୍ଲିକ, ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପ୍ରତିନିଧି ତଥା ଭାରତରେ ଅବସ୍ଥାପିତ ଏହାର ନିର୍ଦ୍ଦେଶକ ବିଶୋ ପାରାଜୁଲି, ମୁମ୍ବାଇସ୍ଥିତ ଆଫ୍‌କନ୍ ଇନ୍‌ଫ୍ରାଷ୍ଟ୍ରକଚରର କାର୍ଯ୍ୟକାରୀ ଉପାଧ୍ୟକ୍ଷ କେ. ସୁବ୍ରମଣ୍ୟନ୍ ଏବଂ ଏସ୍. ଏନ୍. ମହାନ୍ତି ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି। ସେହିପରି ଚଳିତବର୍ଷ ୧୬୩ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ସମେତ ବିଭିନ୍ନ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ମୋଟ ୮,୧୨୩ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରମାଣପତ୍ର ଦିଆଯାଇଥିବାବେଳେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୩ଜଣଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ, ୩୪ ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ, ନନୀବାଳା ସ୍ୱର୍ଣ୍ଣପଦକ, ଶ୍ରୀକୃଷ୍ଣ ଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣପଦକ, ପି.କେ. ବଳ ସ୍ମାରକୀ ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣପଦକ ଓ ୩୦ ଜଣଙ୍କୁ କୁଳପତି ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ୫-ଟି ସଚିବ ଭି.କେ. ପାଣ୍ଡିଆନ, ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ସସ୍ମିତା ସାମନ୍ତ, କୁଳସଚିବ ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ୩ ମାସ ବଢ଼ିଲା ମାଗଣା ଚାଉଳ ଅବଧି

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ନିକଟରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ ଆସନ୍ତା ୩ ମାସ ପାଇଁ ଅତିରିକ୍ତ ୫ କେଜି ଲେଖାଏ ଖାଦ୍ୟଶସ୍ୟ ଯୋଗାଇବା ପାଇଁ ଘୋଷଣା କରିଛନ୍ତି। ଏହାକୁ ଅନୁସରଣ କରି ରାଜ୍ୟ ସରକାର ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍‌ଏଫ୍‌ଏସ୍‌ଏସ୍)ରେ ଆଉ ୩ ମାସ ପାଇଁ ମାଗଣା ଚାଉଳ ପ୍ରଦାନ କରିବେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀମାନଙ୍କୁ ଆଉ ୩ ମାସ ପାଇଁ ଅତିରିକ୍ତ ୫ କେଜି ଚାଉଳ ମାଗଣାରେ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ଏହି ତିନି ମାସ ପାଇଁ ହିତାଧିକାରୀମାନେ ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀମାନଙ୍କ ପରି ମୁଣ୍ଡପିଛା ମାସକୁ ୫ କେଜି ଲେଖାଏ ଅତିରିକ୍ତ ଚାଉଳ ମାଗଣାରେ ପାଇପାରିବେ। ଏଥିପାଇଁ ରାଜ୍ୟ ସରକାର ୪୯ କୋଟି ଟଙ୍କା ବ୍ୟୟରେ ୧୩,୫୭୫ ମେଟ୍ରିକ ଟନ୍ ଚାଉଳ ହିତାଧିକାରୀଙ୍କୁ ଯୋଗାଇ ଦେବେ। ଏହାଦ୍ୱାରା ୨.୯୨ ଲକ୍ଷ ପରିବାରର ୯.୦୫ ଲକ୍ଷ ହିତାଧିକାରୀ ଉପକୃତ ହେବେ। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟ ସରକାର ୨୦୨୧ ଡିସେମ୍ବରରୁ ୨୦୨୨ ମାର୍ଚ୍ଚ ଏବଂ ପରେ ଆଉ ୬ ମାସ ଏପ୍ରିଲରୁ ସେପ୍ଟେମ୍ବର ମାସ ଯାଏ ବୃଦ୍ଧି କରିଥିଲେ। ଏହି ଘୋଷଣା ପରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀମାନେ ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀଙ୍କ ଭଳି ଉପକୃତ ହେବେ।

ଏଠାରେ ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଅକ୍ଟୋବରରୁ ଡିସେମ୍ବର ୩ ମାସ ଯାଏ ମାଗଣା ଚାଉଳ ଯୋଗାଇବା ପାଇଁ ସେପ୍ଟେମ୍ବର ୨୮ ତାରିଖରେ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇଥିଲା। ପିଏମ୍‌ଜିକେଏୱାଇରେ କେନ୍ଦ୍ର ସରକାର ହିତାଧିକାରୀଙ୍କୁ ସେମାନଙ୍କ ନିୟମିତ କୋଟା ସହିତ ଅତିରିକ୍ତ ୫ କିଲୋ ଖାଦ୍ୟ ସାମଗ୍ରୀ ଯୋଗାଇ ଦେବେ।

**DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA**
Nayapalli, Bhubaneswar - 751012
**Re-advertisement Reference No. 3814, Dated: 30.09.22**
**TRAINING OF GOVERNMENT DOCTORS**
No.E-507:- In continuation of classified advertisement vide caption No. E- 453 dated 09.09.2022. It is informed that the last date for apply for **training of Government doctors for the course of 1 Year Training of Post Graduate Diploma in Public Health Management (PGDPHM)**, Which was published in Times of India, Prameya & Dharitri Daily on 09.09.2022 has been extended to 20.10.2022. Those doctors who have already applied need not apply again. All other terms and conditions remain unchanged.
Sd./- Director, SIH&FW (Odisha), Bhubaneswar
OIPR-10003/11/0091/2223

# ଭାଇ ମୃତ୍ୟୁର ୩ ଦିନ ପରେ ବଡ଼ ଭଉଣୀଙ୍କ ଆତ୍ମହତ୍ୟା

ଜୟପୁର,୧।୧୦(ନି.ପ୍ର.)

୩ ଦିନ ତଳେ ଜୟପୁର ପାରାବେଡା ଶ୍ରୀରାମନଗରର ଗଦାଧର ନାୟକଙ୍କ ପୁଅ ଶିବାଶିଷଙ୍କ ମୃତଦେହ ଛାତ ଉପରୁ ଉଦ୍ଧାର ହୋଇଥିଲା। ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ହୋଇ ନ ଥିବାବେଳେ ପରିବାରକୁ ଆଉ ଏକ ଦୁଃଖ ମାଡିଆସିଛି। ଶନିବାର ଗଦାଧରଙ୍କ ବଡ଼ଝିଅ ରଶ୍ମିତା (୨୪)ଙ୍କ ମୃତଦେହ ଛାତ ଉପରୁ ଉଦ୍ଧାର ହୋଇଛି। ସେ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଇଛି। ସେ ଭୁବନେଶ୍ୱରରେ ରହି କାର୍ଯ୍ୟ କରୁଥିଲେ। ଭାଇଙ୍କ ମୃତ୍ୟୁ ଖବର ପାଇ ଘରକୁ ଆସିଥିଲେ। ଖବରପାଇ ଘଟଣା ସ୍ଥଳରେ ଟାଉନଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜୟପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।



ରଶ୍ମିତା ନାୟକ

ଗତ ୨୯ରେ ସପ୍ତମ ଶ୍ରେଣୀରେ ପଢୁଥିବା ଶିବାଶିଷଙ୍କ ମୃତଦେହ ଛାତ ଉପରୁ ସନ୍ଦେହଜନକ ଭାବେ ମିଳିଥିଲା। ଶିବାଶିଷଙ୍କୁ ଦଶହରା ପଡିଆରେ ରହୁଥିବା କେତେଜଣ ଅସାମାଜିକ ଯୁବକ ୧ହଜାର ଟଙ୍କା ମାଗି ଧମକଚମକ ଦେଉଥିବାରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ତେବେ ଶିବାଶିଷଙ୍କ ମୃତ୍ୟୁର ୩ ଦିନ ପରେ ଭଉଣୀ ରଶ୍ମିତା ଆତ୍ମହତ୍ୟା କରିବା ଘଟଣାକୁ ପୋଲିସ ଗୁରୁତର ସହ ନେଇଛି। ଏହାର ତଦନ୍ତ ଜାରି ରଖିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ସଂସ୍ଥାରେ କାମ କରୁଥିବା ରଶ୍ମିତା ସାନଭାଇ ଶିବାଶିଷଙ୍କୁ ବହୁତ ଭଲ ପାଉଥିଲେ। ଦଶହରାରେ ଘରକୁ ଆସିବା ସମୟରେ ନୂଆ ପୋଷାକ ଆଣି ଦେବାକୁ ସାନଭାଇ ରଶ୍ମିତାଙ୍କୁ କହିଥିଲେ। ସାନଭାଇଙ୍କ ମୃତ୍ୟୁ ଖବର ପାଇ ରଶ୍ମିତା ମାନସିକ ସ୍ତରରେ ଭାଙ୍ଗି ପଡିଥିଲେ। ଶେଷରେ ଯେଉଁଠି ଶିବାଶିଷ ଆତ୍ମହତ୍ୟା କରିଥିଲେ ସେଠାରେ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଚାକିରି କରୁଥିବା ଗଦାଧର ଏହି ଘଟଣାରେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଛାତ ଉପରେ ରଶି ଲଗାଇ ଆତ୍ମହତ୍ୟା କରିବା ପାଇଁ ସେମିତି କିଛି ସୁଯୋଗ ନାହିଁ ବୋଲି ପୋଲିସ କହିଛି। ଦୁହେଁ ଯେପରି ଆତ୍ମହତ୍ୟା କଲେ ଏହା ନ କରିବାକୁ ଗଦାଧର ମଝିଆ ଝିଅକୁ କହୁଥିବାରୁ କାଳେ ଏହାର ପୁନରାବୃତ୍ତି ହେବ ସେହି ଆଶଙ୍କାରେ ପରିବାର ଲୋକଙ୍କୁ କାଉନସେଲିଂ ପାଇଁ କୋରାପୁଟ ଡିସିପିଓଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଜୟପୁର ଏସ୍‌ଡିପିଓ କହିଛନ୍ତି।

# ଦଳିତଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ୫ ଗିରଫ

## କୋରେଇ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲାନି

ଯାଜପୁର ଅଫିସ/କୋରେଇ(ସ୍ୱ.ପ୍ର.),୧।୧୦

ଦଳିତ ଦମ୍ପତିଙ୍କୁ ଦୁର୍ବ୍ୟବହାର କରିବା ଏବଂ ମାଡ଼ ମାରିବା ଅଭିଯୋଗରେ ଯାଜପୁର ଜିଲା କୋରେଇ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ନିଜ ନାମରେ ଏକ ମାମଲା ରୁଜୁ କରିଛନ୍ତି। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଏବଂ ଏସ୍‌ପି ରାହୁଲ ପି.ଆର୍.ଙ୍କ ନିର୍ଦ୍ଦେଶରେ ଥାନାଧିକାରୀ ମହାରଣାଙ୍କ ନାମରେ କେସ୍ ନମ୍ବର ୩୧୯/୨୦୨୨ରେ ୧୬ଟି ସଙ୍ଗିନ ଦଫା ଲାଗିଛି। ସୂଚନାଯୋଗ୍ୟ, ଏହି ଥାନା ଅନ୍ତର୍ଗତ ମୃତ୍ୟୁଞ୍ଜୟପୁର ଗ୍ରାମର ଟୁନା ପ୍ରତିହାରୀଙ୍କ ଏକ ଟ୍ରାକ୍ଟର ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ଗତ ୧୧ ତାରିଖରେ ଟୁନା ପ୍ରତିହାରୀ, ଲିପୁନ ପ୍ରତିହାରୀ, ପଣ୍ଡା ପ୍ରତିହାରୀ ପ୍ରମୁଖ ଛଞ୍ଚାଣିଆ ଗ୍ରାମର ବଳରାମ ଜେନାଙ୍କ ଘର ଲୋକଙ୍କୁ ଟ୍ରାକ୍ଟର ଚୋରି କରିଥିବା ସନ୍ଦେହରେ ଦୁର୍ବ୍ୟବହାର କରିବା ସହ ମାରପିଟ କରିଥିଲେ। ଏହାସହ ବଳରାମଙ୍କୁ ଉଠାଇ ଆଣି ପୋଲିସରେ ଜିମା ଦେଇଥିଲେ। ତା' ପରଦିନ ବଳରାମ କୋରେଇ ଥାନାରେ ଥିବା ଜାଣି ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ସେଠାରେ ପହଞ୍ଚିଥିଲେ। ଟ୍ରାକ୍ଟର ଚୋରି ଘଟଣାରେ ତାଙ୍କ ପରିବାର କେହି ବି ସମ୍ପୃକ୍ତି ନ ଥିବା କହି ତାଙ୍କ ସ୍ୱାମୀଙ୍କୁ ଛାଡ଼ିଦେବାକୁ ଅନୁରୋଧ କରିଥିଲେ। ହେଲେ ଥାନାଧିକାରୀ ମହାରଣା କୌଣସି କଥା ନ ଶୁଣି ଓଲଟା ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରିକି ବଳରାମଙ୍କୁ ବିନା ଦୋଷରେ ଥାନାରେ ୫ ଦିନ ଅଟକ ରଖି ମାଡ଼ ମରାଯିବା ସହ ନିର୍ଯାତନା ଦିଆଯାଇଥିଲା। ପରେ ଟ୍ରାକ୍ଟରଟି ମିଳିଯିବା ପରେ ବଳରାମଙ୍କୁ ପୋଲିସ ଛାଡ଼ିଦେଇଥିବା ନେଇ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନାର ସିସିଟିଭି ଫୁଟେଜ ମଧ୍ୟ ଯାଞ୍ଚ କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ପି ନାରାୟଣ ବାରିକ, ଡିଏସ୍‌ପି ପ୍ରମୋଦ କୁମାର ମଲ୍ଲିକ ଓ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଶୁକ୍ରବାର କୋରେଇ ଥାନାରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ଅଭିଯୋଗକାରୀଙ୍କ ଘରକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ଡିଏସ୍‌ପି ପ୍ରମୋଦ କୁମାର ମଲ୍ଲିକ ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଛନ୍ତି। ତେବେ ଦଳିତ ପରିବାରକୁ ମାଡ଼ ମାରିବା ସହ ଦୁର୍ବ୍ୟବହାର କରିବା ଅଭିଯୋଗରେ କୋରେଇ ଥାନା ପୋଲିସ ଶନିବାର ୫ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ମୃତ୍ୟୁଞ୍ଜୟପୁର ଗ୍ରାମର ପବିତ୍ର ମୋହନ ପ୍ରତିହାରୀ (୨୮), ବିଶ୍ୱ ରଞ୍ଜନ ରାଉତ( ୩୮), ରଘୁନାଥ ଜେନା(୨୫), ରାହୁଲ ମଲ୍ଲିକ (୧୯) ଓ ବିକାଶ କୁମାର ପ୍ରତିହାରୀ(୨୭)। ଅନ୍ୟପକ୍ଷେ ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାଧିକାରୀ ମହାରଣାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଥାନାଧିକାରୀଙ୍କୁ ସୁରକ୍ଷା ଦେବାକୁ ପୋଲିସ ଉଦ୍ୟମ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ତଦନ୍ତକାରୀ ଅଧିକାରୀ ମଲ୍ଲିକ କହିଛନ୍ତି, ତଦନ୍ତ ଆଧାରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

**Biju Patnaik University of Technology, Odisha**
**Rourkela**
Tender Notice No. BPUT/ CAPGS/ECE/79/2022/5866 Date: 29.09.2022
**TENDER FOR SUPPLY OF EQUIPMENTS FOR ELECTRONICS AND COMMUNICATION ENGG. LABORATORY**
**No.KK-179:**Sealed tenders (two bids system) are invited from the reputed and experienced Agencies/ Firms for supply of Equipments for Electronics and Communication Engineering Laboratory of CAPGS, BPUT. The details of the Tender is available in the website i.e www.bput.ac.in. University reserves right to reject any tender without assigning any reason thereof. The last date and time of receiving of sealed tender by Speed Post/ Registered Post addressing to the "Registrar, Biju Patnaik University of Technology, Chhend, Rourkela -769015 is 29.10.2022 up to 5.00 PM. The tender received beyond the due date and time shall be rejected summarily.
OIPR-44003/11/0017/2223 Sd/- REGISTRAR

**Biju Patnaik University of Technology, Odisha**
**Rourkela**
Tender Notice No. BPUT/ CAPGS/Furn/104/2022/ 5865 Date : 29.09.2022
**TENDER FOR SUPPLY OF FURNITURE FOR LABORATORIES**
**No.KK-174:**Sealed tenders (two bids system) are invited from the reputed and experienced Agencies/ Firms for supply of Furniture for Laboratories of CAPGS, BPUT. The details of the Tender is available in the website i.e www. bput.ac.in. University reserves right to reject any tender without assigning any reason thereof. The last date and time of receiving of sealed tender by Speed Post/ Registered Post addressing to the "Registrar, Biju Patnaik University of Technology, Chhend, Rourkela -769015 is 29.10.2022 up to 5.00 PM. The tender received beyond the due date and time shall be rejected summarily.
OIPR-44003/11/0012/2223 Sd/- REGISTRAR

**Biju Patnaik University of Technology, Odisha**
**Rourkela**
Tender Notice No. BPUT/ CAPGS/Mech/81/2022/5864 Date : 29.09.2022
**TENDER FOR SUPPLY OF EQUIPMENTS FOR BASIC MECHANICAL ENGG. LABORATORY**
**No.KK-173:**Sealed tenders (two bids system) are invited from the reputed and experienced Agencies/ Firms for supply of Equipments for Basic Mechanical Engineering Laboratory of CAPGS, BPUT. The details of the Tender is available in the website i.e www.bput.ac.in. University reserves right to reject any Tender without assigning any reason thereof. The last date and time of receiving of sealed tender by Speed Post/ Registered Post addressing to the "Registrar, Biju Patnaik University of Technology, Chhend, Rourkela -769015 is 29.10.2022 up to 5.00 pm. The tender received beyond the due date and time shall be rejected summarily.
OIPR-44003/11/0011/2223 Sd/- REGISTRAR

**Government of Odisha**
**Higher Education Department**
**Deteline for P.G. SPOT Selection and Admission under SAMS for the Academic Session 2022-23 in State Public Universities and Colleges**
No. N-46: Datelines for P.G. SPOT Selection and Admission for the Academic Session 2022-23 for State Public Universities and Colleges with P.G. Courses under project 'Student Academic Management System (SAMS)' is given below. Any change in the dateline will be published in the newspapers as well as in the website **www.samsodisha.gov.in**.

| Sl # | Activities | Timeline |
|---|---|---|
| 1) | Publication of SPOT Merit List | 10 Oct. 2022 (4.00 P.M.) |
| 2) | Reporting of Candidates for Spot Selection at the Institutions | 11 Oct. 2022 to 12 Oct. 2022 (05.00 P.M.) |
| 3) | Data updation of the candidates by the HEIs, reported from the Spot Merit List | 13 Oct. 2022 (07.00 P.M.) |
| 4) | Publication of Provisional Allotment List (Sport Round) | 18 Oct. 2022 (04.00 P.M.) |
| 5) | Reporting at allotted Institutions, Admission and data updation in the University/College e-space (Spot Round) | 19 Oct. 2022 to 20 Oct. 2022 |
| 6) | Data updation in the e-Space of the Students, Admitted from the Spot Merit List by the respective Institutions | 21 Oct. 2022 (05.00 P.M.) |
| 7) | Collection of Admission Fees at the respective HEIs (After Completion of e-Admission Process for the Session 2022-23) | Dates will be notified by the Higher Education Department later |

**For more details please contact:**
**e-Admission Helpline (Toll Free) Number 155335/1800-345-6770**
**N.B.:** Please go through the detailed P.G. SPOT Guidelines available in P.G. SAMS website **(https://pg.samsodisha.gov.in)**.
OIPR-11001/11/0034/2223 Sd./- Deputy Director, PTC Section

**Invitation of Expression of Interest for Rented Building for functional of Urban Health & Wellness Centre, SMC, Sambalpur**
Advt. No. Date:
**No.C-1331:**Applications are invited from the Trust/NGO/Agency House owner to provide building on rent at the various strategic locations i.e.1) Bariepali, 2) Sadeipali, 3)Sakhipada, 4) Durgapali, 5) Larpank, 6) Bhutapada, 7) Mahatab Nagar of Sambalpur Municipal Corporation area, Sambalpur for functioning of Urban Health & Wellness Center under XV-FC. The detailed applications in prescribed format available in district website www. sambalpur.nic.in. The applications needs to be sent through Registered Post/Speed Post/Courier/Drop Box in the Office of ADUPHO, SAMBALPUR, at UPHC, Ainthapali (UFWC) near Ainthapali police station, Dist-Sambalpur-768004" on or before 12th Oct. 2022 5 PM. The authority has right to accept or reject the proposals without assign any reason thereof. The undersigned will not be held responsible for any postal/courier delay.
OIPR-13122/11/0058/2223 Sd/- Commissioner, SMC, Sambalpur

**THE ODISHA STATE POLICE HOUSING & WELFARE CORPORATION LTD.**
PLOT NO. 80/81, MEDICAL BANK COLONY, 1ST LANE, P.O.- BERHAMPUR, DIST.- GANJAM. PIN 760004
**PRE-QUALIFICATION NOTICE**
**(for Enlistment of different class of Contractors for execution of work through K2 Agreement)**
**No.CAD-2023:**The Odisha State Police Housing & Welfare Corporation Limited (OSPHWC), Berhampur invites application for enlistment of civil contractors for execution of Civil, P.H. & Internal Electrical work of various Building Projects throughout Berhampur Division comprising Ganjam, Gajapati, Boudh, Kandhamal & Rayagada Districts. These applications will be received & evaluated by OSPHWC as per terms & conditions laid down in the Pre-qualification Documents for enlistment. After successful evaluation of pre-qualification documents, the firms will be registered in OSPHWC's Contractors list for a period of 1 (One) year from the date issue of enlistment letter.
The pre-qualification documents can be obtained from the office of the undersigned during office hours on payment of Rs. 2950/-(Rupees two thousand nine hundred fifty only) inclusive of GST (Non-refundable) in Cash or Demand Draft or Pay Order, drawn on any Nationalized Bank payable at Berhampur in favour of "The Odisha State Police Housing & Welfare Corporation Ltd, Berhampur.". The above documents can also be obtained through Speed Post by sending a self addressed envelope of size 35cm X 25cm stamped with Rs75.00 (Rupees seventy five only) along with Demand Draft or Pay Order of Rs. 2950/-(Rupees two thousand nine hundred fifty only) inclusive of GST (Non-refundable) on any Scheduled Bank payable at Berhampur in favor of "The Odisha State Police Housing & Welfare Corporation Ltd, Berhampur." However, in case of downloaded pre-qualification documents, an amount of Rs. 2950/-(Rupees two thousand nine hundred fifty only) (Non-refundable) inclusive of GST in shape of Demand Draft or Pay Order, drawn on any Nationalized Bank payable at Berhampur in favour of "The Odisha State Police Housing & Welfare Corporation Ltd, Berhampur" towards cost of the documents shall be enclosed along with the pre-qualification documents failing which pre-qualification documents shall be liable for rejection.
Application for pre-qualification shall be submitted in a sealed cover superscribing "Application for enlistment of civil contractors in OSPHWC Berhampur Division" to The Odisha State Police Housing & Welfare Corporation Ltd., Berhampur Division, Plot No. 80/81, Medical Bank Colony, 1st Lane, P.O.- Berhampur-04, Dist- Ganjam for award of work eventually to be drawn on K2 Agreement in line with the rules of OPWD Code & other clauses as decided by the Corporation.
The pre-qualification document not submitted in prescribed format or other than in the manner prescribed in the document shall be rejected.
Last date for issue of pre-qualification document : 20.10.2022 up to 5.00 PM
Last date for receipt of pre-qualification document : 21.10.2022 up to 2.00 PM
Date of opening of pre-qualification document : 21.10.2022 at 04.30 PM
OIPR-12082/11/0002/2223 Sd/-Project Manager

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER,TEL BASIN, BHAWANIPATNA-766001**
E-mail ID: cetelbasinbhp@gmail.com/Phone No.06670-230209
**NOTICE INVITING TENDER**
e-Procurement Notice No.CE&BM, TEL-05/2022-23
PERCENTAGE RATE e-TENDER
**No.A-557:**1.The Chief Engineer & Basin Manager, Tel Basin, Bhawanipatna, Dist-Kalahandi,Pin-766001, (Odisha) on behalf of Governor of Odisha invites "PERCENTAGE RATE Bids" IN DOUBLE COVER SYSTEM, in electronic tendering system for the construction works detailed in the table below.
**Table-1: Details of critical dates, Details of Works, bid Security**

| Sl. No. | Bid ID No. | Name of Work | Approx. value of work (Rs.in Lakhs) (Excluding GST) | Period of Completion | Class of Contractor | BID Security/ EMD (in Rs.) | Cost of BID Document (in Rs.) (Online) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | CETEL-(BID)-01/2022-23 | Improvement to canal service road of Ong Main Canal from RD 00M to 24235M of Ong Irrigation project in the District of Bargarh & Balangir | Rs.5,40,88,100.00 (Excluding GST) | 11 (Eleven) Calendar Months | 'A' Class only | Declaration is to be furnished in the prescribed form. | 10000/- |
| 2 | CETEL- (BID) 02/2022-23 | Improvement to canal service road of Ong Main Canal from RD 24400M to 57000M under Ong Irrigation project in the District of Balangir & Subarnapur. | Rs.5,71,26,477.00 (Excluding GST) | 11 (Eleven) Calendar Months | 'A' Class only | | 10000/- |

**(Two Nos. of Works only)**

| | |
|---|---|
| Tender Documents available on website | Can be downloaded from website (http://www.tendersodisha.gov.in) |
| Bid documents available Date and Time | 01.10.2022 at 11.00 Hrs. |
| Bid Clarification start date & closing date | 01.10.2022 to 18.10.2022 during office hours |
| Online Bid submission closing date and time | 20.10.2022 at 17.00 hrs. |
| Date, Time and Venue of Opening of bid Online | 21.10.2022 at 11.00 Hrs. Office of the Chief Engineer & Basin Manager, Tel Basin, Bhawanipatna, Dist- Kalahandi, Pin-766001, (Odisha) |
| Date/Time of Opening of Financial Bid | To be intimated after evaluation of Technical Bid |
| If situation arises the Tender will be decided through Lottery System | To be intimated after opening of financial Bid |

Further details can be seen from Govt. website. Any addendum/corrigendum/cancellation to the above notice will be published in the Govt. website www.tendersodisha.gov.in. only.
OIPR-32317/11/0007/2223 Sd./- Chief Engineer & Basin Manager, Tel Basin, Bhawanipatna

**Bhubaneswar Municipal Corporation**
Progress through Partnership for better Bhubaneswar
Notice No.46866 Date:29.9.2022
XXII(L) 33/2017
**Notice for enrollment of agencies/advertisers to undertake display of advertisement within jurisdiction of BMC as per BMC's Tax on Advertisement Regulations**
**No.C-1334:** According to the Clause 12 of BMC's Tax on Advertisement Regulation-2006, agencies who are conducting advertisement business under the jurisdiction of BMC, such agencies must get themselves registered with BMC. The agencies who enrol themselves with BMC shall be treated as licensed or registered advertisers to undertake the display of advertisements within jurisdiction of BMC. In pursuant to this, BMC issued a notice for enrolment of agencies/advertisers to undertake display of advertisement within jurisdiction of BMC 'as per BMC's Tax on Advertisement Regulations vide Notice No. 46865, dated 29.09.2022.
The detailed notice shall be made available in the website bmc.gov.in from 30.09.2022 at 5:00 PM onwards. The last date of receipt of application is till 5:00 PM on 15.10.2022. For any clarification, an e-mail may be sent on bmcpmu@bmc.gov.in. The detail of the notice is available in BMC Website - http://bmc.gov.in.
Sd./- Deputy Commissioner (Revenue)
Bhubaneswar Municipal Corporation
OIPR-13002/11/0115/2223

# କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର, ୧।୧୦ (କ୍ରୀଡ଼ା ପ୍ରତିନିଧି)




ଭାରତରେ ପ୍ରଥମଥର ପାଇଁ ହେବାକୁ ଯାଉଥିବା ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ପାଇଁ ଉତ୍ସାହ ବଢ଼ିବାରେ ଲାଗିଛି। ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଆଉ ୧୦ ଦିନ ବାକି ରହିଥିବାବେଳେ ଶନିବାର ପ୍ରତିଯୋଗିତାର ୩ ଭେନ୍ୟୁ ଭୁବନେଶ୍ୱର, ଗୋଆ ଓ ନଭି ମୁମ୍ବାଇରେ କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଟିକେଟ ମୂଲ୍ୟ ମାତ୍ର ୧୦୦ ଓ ୨୦୦ (୧୧ ତାରିଖ ପର୍ଯ୍ୟନ୍ତ ରିହାତି ଦରରେ ଏହା ୯୦ ଓ ୧୮୦ ଟଙ୍କାରେ ଉପଲବ୍ଧ) ଟଙ୍କା ରଖାଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଟିକେଟ ଗେଟ୍ ନମ୍ବର-୪ ନିକଟସ୍ଥ କାଉଣ୍ଟରରେ ଉପଲବ୍ଧ। ସେହିପରି ଗୋଆ ଫତୋର୍ଦା ସ୍ପୋର୍ଟ୍ସ କମ୍ପ୍ଲେକ୍ସ ସୁଇମିଂ ପୁଲ୍ ନିକଟରେ ଏବଂ ନଭି ମୁମ୍ବାଇର ଭୀମଶଙ୍କର ପାର୍କିଂ ଗ୍ରାଉଣ୍ଡ ନିକଟରେ ଟିକେଟ ଉପଲବ୍ଧ ହେଉଛି। ମ୍ୟାଚ ନ ଥିବା ଦିନ କାଉଣ୍ଟରରେ ଟିକେଟ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ଏବଂ ମ୍ୟାଚ୍ ଦିବସଗୁଡ଼ିକରେ ପୂର୍ବାହ୍ନ ୧୧ଟାରୁ ୨ୟ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବା ପର୍ଯ୍ୟନ୍ତ ମିଳି ପାରିବ। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ରେ ପ୍ରତ୍ୟେକ ଦିନ ୨ଟି ଲେଖାଏ ମ୍ୟାଚ ଖେଳାଯିବ। ପ୍ରଥମ ଗେମ୍ ଅପରାହ୍ନ ୪.୩୦ ମିନିଟ୍‌ରେ ଏବଂ ୨ୟ ମ୍ୟାଚ୍ ରାତି ୮ଟାରେ ଆରମ୍ଭ ହେବ।

ପ୍ରକାଶଯୋଗ୍ୟ ଯେ, fifa.com/tickets.ରେ ଟିକେଟ୍‌ଗୁଡ଼ିକର ଅନ୍‌ଲାଇନ୍ ବିକ୍ରି ମଧ୍ୟ ଜାରି ରହିଛି। ଟିକେଟ୍ କିଣିବା ପାଇଁ ଫିଫାର ଅଫିସିଆଲ ପେମେଣ୍ଟ ସର୍ଭିସ ପାର୍ଟନର୍ ହେଉଛି ଭିସା। ତେବେ ପେମେଣ୍ଟ କାର୍ଡ, ନେଟ୍‌ବ୍ୟାଙ୍କିଙ୍ଗ୍, ୟୁପିଆଇ ଓ ନଗଦ (ବକ୍ସ-ଅଫିସ୍‌ରେ କେବଳ ଅଫ୍‌ଲାଇନ୍ କ୍ରୟ ପାଇଁ) ଗ୍ରହଣ କରାଯିବ। ପ୍ରତ୍ୟେକ ଟ୍ରାଞ୍ଜାକ୍ସନରେ ସର୍ବାଧିକ ୧୦ଟି ଟିକେଟ୍ କ୍ରୟ କରାଯାଇପାରିବ।

ଦର୍ଶକଙ୍କ ପାଇଁ ୩ଟି ଷ୍ଟାଡିୟମ (ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ, ଗୋଆର ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମ, ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ)ରେ ଗେଟ୍‌ଗୁଡ଼ିକ ପ୍ରଥମ ମ୍ୟାଚ ଆରମ୍ଭ ହେବାର ୨ ଘଣ୍ଟା ପୂର୍ବରୁ ଅର୍ଥାତ୍ ଅପରାହ୍ନ ୨.୩୦ ମିନିଟ୍‌ରୁ ଖୋଲା ରହିବ। ଭେନ୍ୟୁରେ ଥିବା ସମୟରେ ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କ ସହ ଜଣେ ବୟସ୍କ ବ୍ୟକ୍ତି ରହିଥିବା ଜରୁରୀ ଏବଂ ୨ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ଷ୍ଟାଡିୟମରେ ପ୍ରବେଶ ଲାଗି ଟିକେଟ୍‌ର ଆବଶ୍ୟକତା ନାହିଁ। ଆକ୍‌ସେସିବିଲିଟି ଟିକେଟ୍‌ଗୁଡ଼ିକ ମଧ୍ୟ ସମସ୍ତ ୩ଟି ଷ୍ଟାଡିୟମରେ ଦୁଇଟି ବର୍ଗରେ ଉପଲବ୍ଧ ରହିଛି। ତାହା ହେଲା ହ୍ୱିଲ୍‌ଚେୟାର ବ୍ୟବହାରକାରୀ (ଏକ ହ୍ୱିଲ୍‌ଚେୟାର ଉପରେ ନିର୍ଭର କରୁଥିବା ପ୍ରଶଂସକଙ୍କ ପାଇଁ) ଏବଂ ଇଜି ଆକ୍‌ସେସ୍ ଷ୍ଟାଣ୍ଡାର୍ଡ (ହ୍ୱିଲ୍‌ଚେୟାର ଉପରେ ନିର୍ଭର କରୁ ନ ଥିବେ କିନ୍ତୁ ସର୍ବନିମ୍ନ ଷ୍ଟେପ୍ ଆକ୍‌ସେସ୍ ସହ ବସିବାର ଆବଶ୍ୟକ କରୁଥିବା ପ୍ରଶଂସକଙ୍କ ପାଇଁ)। ଆକ୍‌ସେସିବିଲିଟି ଟିକେଟ୍ ପାଇଁ +୯୧-୮୬୫୭୦ ୧୯୩୫୯ ରେ କଲ୍ କରି କିମ୍ବା ଇମେଲ୍ (contact@india2022wwc.com) ମାଧ୍ୟମରେ ଫାଷ୍ଟ କମ୍ ଫାଷ୍ଟ ସର୍ଭ ଆଧାରରେ ଅନୁରୋଧ କରାଯାଇପାରିବ ଏବଂ ଏଥିପାଇଁ ଯୋଗ୍ୟତା ପ୍ରମାଣପତ୍ରର ଆବଶ୍ୟକତା ରହିବ।

# ସୁଶାନ୍ତ ସାହୁଙ୍କୁ ବ୍ରୋଞ୍ଜ ପଦକ



ଭୁବନେଶ୍ୱର, ୧।୧୦ (କ୍ରୀଡ଼ା ପ୍ରତିନିଧି)

ଗୁଜରାଟର ୬ ସହର ଅହମଦାବାଦ, ଗାନ୍ଧୀନଗର, ସୁରଟ, ଭଦୋଦରା, ରାଜକୋଟ ଓ ଭାଭନଗରରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଶନିବାର ଓଡ଼ିଶାକୁ ଆଉ ଏକ ବ୍ରୋଞ୍ଜ ପଦକ ମିଳିଛି। ପୁରୁଷ ଭାରୋତ୍ତୋଳନ ୬୭ କେଜି ବର୍ଗରେ ସୁଶାନ୍ତ ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହାକୁ ମିଶାଇ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୧ ସ୍ୱର୍ଣ୍ଣ ୩ ବ୍ରୋଞ୍ଜରେ ପହଞ୍ଚିଛି। ପୂର୍ବରୁ ମହିଳା ରଗ୍‌ବୀ ଦଳ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ମହିଳା ଭାରୋତ୍ତୋଳନରେ ସ୍ନେହା ସୋରେନ ଓ ପ୍ରମିଳା କିର୍ସାନୀ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଓଡ଼ିଶାର ନିଲମ, ଅମିତ, ଦୀପସାନ ସାମିଲ

## ହକି ପ୍ରୋ-ଲିଗ୍ ପାଇଁ ସମ୍ଭାବ୍ୟ ଭାରତୀୟ ଦଳ ଘୋଷିତ

ଭୁବନେଶ୍ୱର, ୧।୧୦ (କ୍ରୀଡ଼ା ପ୍ରତିନିଧି)


ଅମିତ ରୋହିଦାସ


ଦୀପସାନ ତିର୍କୀ


ନିଲମ ସଞ୍ଜୀପ ଖେସ

ଚଳିତ ମାସ ୨୮ ତାରିଖରୁ ହକି ପ୍ରୋ-ଲିଗ୍ ୨୦୨୨-୨୩ ସିଜନ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଓ ସ୍ପେନ୍‌କୁ ଡବଲ ହେଡର ମ୍ୟାଚରେ ଭେଟିବ। ଏହାକୁ ଦୃଷ୍ଟିରେ ରଖି ଶନିବାର ୩୩ ଜଣିଆ ସମ୍ଭାବ୍ୟ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ନେଇ ଚଳିତ ମାସ ୩ ତାରିଖରୁ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପରିସରରେ ଏକ ୩ ମାସିଆ କ୍ୟାମ୍ପ ଆରମ୍ଭ ହେବ। ସମ୍ଭାବ୍ୟ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ନିଲମ ସଞ୍ଜୀପ ଖେସ, ଅମିତ ରୋହିଦାସ ଓ ଦୀପସାନ ତିର୍କୀ। ସମ୍ଭାବ୍ୟ ଦଳରେ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ସାମିଲ କରାଯାଇଛି।

କ୍ୟାମ୍ପ ସମ୍ପର୍କରେ ମତ ଦେବାକୁ ଯାଇ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ କହିଛନ୍ତି ଯେ, ୨୦୨୩ ହକି ବିଶ୍ୱକପ ପୂର୍ବରୁ ଆମର ଯେଉଁ ବିଭାଗରେ ଦୁର୍ବଳ ଅଛି ତାହାକୁ ପ୍ରୋ-ଲିଗ୍ ଅବସରରେ ସୁଧାରିବାର ସୁଯୋଗ ମିଳିବ। ସ୍ପେନ୍ ଓ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ମ୍ୟାଚଗୁଡ଼ିକ ଖେଳିବା ପାଇଁ ଖେଳାଳିମାନେ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି। ପ୍ରତିଭା ପ୍ରଦର୍ଶନ କରିଥିବା କିଛି ନୂଆ ଖେଳାଳିଙ୍କୁ ଆମେ କୋର୍ ଗ୍ରୁପ୍‌ରେ ନେଇଛୁ। ସେମାନେ ସୁଯୋଗ ପାଇଲେ ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ଆଶା ରହିଛି।

ଭାରତ ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୨୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଏହାପରେ ୩୦ ତାରିଖରେ ସ୍ପେନ୍ ବିପକ୍ଷରେ ଖେଳିବ। ଡବଲ ହେଡର ମ୍ୟାଚରେ ନ୍ୟୁଜିଲାଣ୍ଡକୁ ନଭେମ୍ବର ୪ ଓ ସ୍ପେନ୍‌କୁ ୬ ତାରିଖରେ ଭେଟିବ। ବେଙ୍ଗାଲୁରୁରେ ୩ ସପ୍ତାହ କ୍ୟାମ୍ପ ପରେ ଭାରତୀୟ ଦଳ ଅକ୍ଟୋବର ୨୧ରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।

**ଭାରତୀୟ ସମ୍ଭାବ୍ୟ ଦଳ**

ଗୋଲକିପର: ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ, ପୱନ।

ଡିଫେଣ୍ଡର: ଜରମନପ୍ରୀତ ସିଂ, ସୁରେନ୍ଦର କୁମାର, ହରମନପ୍ରୀତ ସିଂ, ନିଲମ ସଞ୍ଜୀପ ଖେସ, ଅମିତ ରୋହିଦାସ, ଜୁଗରାଜ ସିଂ, ମନଦୀପ ମୋର, ଯଶଦୀପ ସିୱାଚ, ଦୀପସାନ ତିର୍କୀ, ସଞ୍ଜୟ, ମନଜିତ, ସୁମିତ।

ମିଡ୍‌ଫିଲ୍ଡର: ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ଶମଶେର ସିଂ, ନୀଳକାନ୍ତ ଶର୍ମା, ରାଜକୁମାର ପାଲ୍, ପୱନ ରାଜଭାର।

ଫରୱାର୍ଡ: ଆକାଶଦୀପ ସିଂ, ଗୁରଜାନ୍ତ ସିଂ, ମନିନ୍ଦର ସିଂ, ମହମ୍ମଦ ରାହିଲ ମୌସିନ, ଏସ. କାର୍ଥୀ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଦିଲପ୍ରୀତ ସିଂ, ସୁଖଜିତ ସିଂ।

## ଜାତୀୟ କ୍ରୀଡ଼ା

# ଅମ୍ଲାନ, ଜ୍ୟୋତି ଦ୍ରୁତତମ





ଗାନ୍ଧୀନଗର, ୧।୧୦ (ପି.ଟି.)

ଏଠାରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଆସାମର ଅମ୍ଲାନ ବର୍ଗୋହେନ ଓ ଆନ୍ଧ୍ରର ଜ୍ୟୋତି ୟାରାଜି ଯଥାକ୍ରମେ ଦ୍ରୁତତମ ପୁରୁଷ ଧାବକ ଓ ମହିଳା ଧାବିକାବିବେଚିତ ହୋଇଛନ୍ତି। ଉଭୟେ ୧୦୦ମିଟର ଦୌଡ଼ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୧୦୦ ମିଟର ହର୍ଡଲ୍ସ ହେଉଛି ଜ୍ୟୋତିଙ୍କ ମନପସନ୍ଦ ଇଭେଣ୍ଟ। ଏଥିରେ ତାଙ୍କ ନାମରେ ଜାତୀୟ ରେକର୍ଡ ରହିଛି। ମାତ୍ର ୧୦୦ ମିଟର ଫାଇନାଲ ରେସ୍‌ରେ ସେ ଦୂତୀ ଚାନ୍ଦ (ଓଡ଼ିଶା) ଓ ହିମା ଦାସ (ଆସାମ)ଙ୍କ ଭଳି ଷ୍ଟାର ଆଥଲେଟ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ସେ ୧୧.୫୧ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ଜିତିଥିଲେ। ତାମିଲନାଡୁର ଅର୍ଚ୍ଚନା ସୁସିନ୍ଦ୍ରନ (୧୧.୫୫) ଓ ମହାରାଷ୍ଟ୍ରର ଡିଆଣ୍ଡ୍ରା ଭାଲାଡେୟାର୍ସ (୧୧.୬୨) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଜାତୀୟ ରେକର୍ଡ ଅଧିକାରିଣୀ ଦୂତୀ ୧୧.୬୯ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରି ୬ଷ୍ଠ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ହାଇକ୍ୱାଲିଟି ଲଙ୍ଗ୍ ଜମ୍ପ ପ୍ରତିଯୋଗିତାରେ ତାମିଲନାଡୁର ଜେସ୍ୱିନ ଆଲ୍‌ଡ୍ରିନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା କେରଳର ମୁରଲୀ ଶ୍ରୀଶଙ୍କରଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଆଲ୍‌ଡ୍ରିନ ୮.୨୬ ମିଟର ଜମ୍ପ କରିଥିଲେ।

# ବିଜୟ ସହ ଭାରତର ଅଭିଯାନ ଆରମ୍ଭ

## ମହିଳା ଏସିଆ କପ୍

ସିଲହଟ୍, ୧।୧୦ (ପି.ଟି.)



ପ୍ଲେୟର ଅଫ୍ ଦି ମ୍ୟାଚ ଜେମିମା ରୋଡ୍ରିଗ୍ସେଜ।

ବାଂଲାଦେଶରେ ଶନିବାରେ ଠାରୁ ମହିଳା ଏସିଆ କପ୍ ଟି ୨୦ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅଭିଯାନ ଆରମ୍ଭ କରିଥିବା ଭାରତ ୪୧ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଜେମିମା ରୋଡ୍ରିଗ୍ସେଜ୍‌ଙ୍କ ୭୬ ରନ୍ ବଳରେ ଭାରତ ୬ ଉଇକେଟରେ ୧୫୦ ରନ କରିଥିବା ବେଳେ ଶ୍ରୀଲଙ୍କା ମାତ୍ର ୧୦୯ ରନରେ ଅଲଆଉଟ ହୋଇଥିଲା। ସିଲହଟରେ ଖେଳାଯାଇଥିବା ମ୍ୟାଚରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଭାରତ ମାତ୍ର ୨୩ ରନରେ ଦୁଇ ଓପନର ଶେଫାଳି ବର୍ମା(୧୦) ଓ ସ୍ମୃତ ମନ୍ଧାନା(୬)ଙ୍କ ଉଇକେଟ ହରାଇଥିଲା। ଆହତ ସମସ୍ୟାରୁ ଫେରିଥିବା ଜେମିମା ଓ ଅଧିନାୟିକା ହରମନପ୍ରୀତ୍ ଭାରତକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଉଭୟ ତୃତୀୟ ଉଇକେଟରେ ୯୨ ରନ ଯୋଡି ଭାରତକୁ ଦୃଢ ସ୍ଥିତିରେ ପହଞ୍ଚାଇଥିଲେ। ଜେମିମା ୫୩ ବଲ ଖେଳି ୧୧ଚୌକା ଓ ଗୋଟିଏ ଛକା ମାରିଥିଲେ। ଅନ୍ୟ ପକ୍ଷରେ ୩୦ ବଲ ଖେଳି ହରମନ୍‌ପ୍ରୀତ୍ ୨ ଚୌକା ଓ ୧ ଛକା ସହିତ ୩୩ ରନ୍ କରିଥିଲେ। ମ୍ୟାଚର ୧୮ ତମ ଓଭରରେ ଜେମିମା ପ୍ୟାଭିଲିୟନ ଫେରିବା ପରେ ଅନ୍ତିମ ୧୪ ବଲରୁ ମାତ୍ର ୧୬ ରନ୍ ସଂଗୃହୀତ ହୋଇଥିଲା। ଶେଷ ଆଡକୁ ଡି ହେମଲତା ୧୩ ଓ ରିଚା ଘୋଷ ୯ ରନ୍ କରିଥିଲେ। ନିର୍ଦ୍ଧାରିତ ଓଭରରେ ଭାରତ ୬ ଉଇକେଟରେ ୧୫୦ ରନ୍ କରିଥିଲା। ଶ୍ରୀଲଙ୍କା ପକ୍ଷରୁ ଓଶାଡି ରଣସିଂଘେ ୩୨ ରନରେ ୩ଟି ଉଇକେଟ ନେଇଥିବା ବେଳେ ସୁଗନ୍ଧିକା କୁମାରୀ ଓ ଚମାରୀ ଅଟ୍ଟାପଠୁ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

୧୫୧ ରନ ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କା ଭାରତୀୟ ବୋଲିଂର ମୁକାବିଲାରେ ଅସମର୍ଥ ହେବା ସହିତ ୧୮.୨ ଓଭରରେ ମାତ୍ର ୧୦୯ ରନରେ ଅଲଆଉଟ ହୋଇଥିଲା। ରେଣୁକା ସିଂ ଉଇକେଟ ଶୂନ୍ୟ ରହିଥିବା ବେଳେ ଦୀପ୍ତି ଶର୍ମା ଓ ପୂଜା ବସ୍ତ୍ରକାର ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଉଭୟ ପ୍ରାରମ୍ଭିକ ବିପର୍ଯ୍ୟୟ ଘଟାଇଥିବା ବେଳେ ଦୟଲାନ ହେମଲତା ୩ଟି ଉଇକେଟ ନେଇ ନିମ୍ନକ୍ରମକୁ ସଫା କରି ଦେଇଥିଲେ। ଶ୍ରୀଲଙ୍କା ପକ୍ଷରୁ ହସିନୀ ପରେରା ସର୍ବାଧିକ ୩୦ ରନ୍ କରିଥିବା ବେଳେ ହର୍ଷିତା ମଦାଭି ୨୬ ଓ ଓଶାଡି ରଣସିଂଘେ ୧୧ ରନ୍ କରିଥିଲେ। ଏହି ୩ ଖେଳାଳିଙ୍କ ବାଦ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁପାରିନଥିଲେ। ଜେମିମା ରୋଡ୍ରିଗ୍ସେଜ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଅକ୍ଟୋବର ୩ ତାରିଖରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍ ମାଲେସିଆ ବିପକ୍ଷରେ ଖେଳିବ।

## ଇରାନୀ କପ୍

# ସର୍ଫରାଜଙ୍କ ଶତକରେ ଅବଶିଷ୍ଟ ଭାରତ ଦୃଢ଼

ରାଜକୋଟ, ୧।୧୦ (ପି.ଟି.)

ରଣଜୀ ଚାମ୍ପିୟନ ସୌରାଷ୍ଟ୍ର ବିପକ୍ଷ ଇରାନୀ କପ୍‌ର ପ୍ରଥମ ଦିନକୁ ନିଜ ନାମରେ କରିଛି ଅବଶିଷ୍ଟ ଭାରତ। ପ୍ରଥମେ ମୁକେଶ କୁମାର, କୁଲଦୀପ ସେନ୍ ଓ ଉମରାନ ମଲିକଙ୍କ ପେସ ଆକ୍ରମଣରେ ସୌରାଷ୍ଟ୍ର ୯୮ ରନରେ ଅଲଆଉଟ ହୋଇଥିଲା। ସର୍ଫରାଜ ଖାନ୍‌ଙ୍କ ଅପରାଜିତ ଶତକ ସହିତ ଅବଶିଷ୍ଟ ଭାରତ ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ୩ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଛି। ଅବଶିଷ୍ଟ ଭାରତ ଅଧିନାୟକ ହନୁମା ବିହାରୀ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଭାରତ'ଏ' ପାଇଁ ଖେଳୁଥିବା ମୁକେଶ କୁମାର(୨୩/୪), କୁଲଦୀପ ସେନ(୪୧/୩) ଓ ଉମରାନ ମଲିକ(୨୫/୩)ଙ୍କ ସୁଇଂ ଓ ପେସ ଆଗରେ ସୌରାଷ୍ଟ୍ର ବ୍ୟାଟର ହାର ମାନିଥିଲେ। ୨୪.୫ ଓଭରରେ ଦଳ ୯୮ ରନରେ ସମସ୍ତ ଉଇକେଟ ହରାଇଥିଲା। ଧର୍ମେନ୍ଦରସିଂ ଜାଡେଜା ସର୍ବାଧିକ ୨୮ ରନ୍ କରିଥିଲେ। ଷ୍ଟାର ବ୍ୟାଟର ଚେତେଶ୍ୱର ପୂଜାରା ମାତ୍ର ୧ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ।

ଅବଶିଷ୍ଟ ଭାରତର ଆରମ୍ଭ ମଧ୍ୟ ଏତେ ଭଲ ନ ଥିଲା। ମାତ୍ର ୧୮ ରନରେ ଦଳ ୩ ଉଇକେଟ ହରାଇଥିଲା। ଅଭିମନ୍ୟୁ ଇଶ୍ୱରନ୍(୦), ମୟଙ୍କ ଅଗ୍ରୱାଲ(୧୧) ଓ ଯଶ ଧୂଲ(୫) ପ୍ୟାଭିଲିୟନ ଫେରିଥିଲେ। ତେବେ ରଣଜୀ ଟ୍ରଫିର ସର୍ବାଧିକ ସ୍କୋରର ସର୍ଫରାଜ ଖାଁ (୧୨୫*) ଓ ହନୁମା ବିହାରୀ (୬୨*)ଙ୍କ ଶତକୀୟ ଭାଗୀଦାରି ବଳରେ ଦଳ ଡ୍ରାଇଭର ସିଟରେ ରହିଛି। ଉଭୟ ଅସମାପ୍ତ ୪ର୍ଥ ଉଇକେଟରେ ୧୮୭ ରନ୍ ଯୋଡିଥିବା ବେଳେ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଅବଶିଷ୍ଟ ଭାରତ ୧୦୭ ରନରେ ଆଗୁଆ ରହିଛି।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ


ଟ୍ରେନିଂ ଅବସରରେ ଭାରତର ସୂର୍ଯ୍ୟକୁମାର ଯାଦବ।

ଗୁଆହାଟୀ, ୧।୧୦ (ପି.ଟି.)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଟି୨୦ ସିରିଜର ଦ୍ୱିତୀୟ ମ୍ୟାଚ ରବିବାର ଗୁଆହାଟୀରେ ଖେଳାଯିବ। ଭାରତ ଏହି ମ୍ୟାଚକୁ ଜିତିବା ସହିତ ପ୍ରଥମ ଥର ପାଇଁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଘରୋଇ ସିରିଜ ଜିତିବାକୁ ପ୍ରୟାସ କରିବ। ଏହା ପୂର୍ବରୁ ଦକ୍ଷିଣଆଫ୍ରିକା ବିପକ୍ଷରେ ଭାରତ ଆଦୌ ଟି୨୦ ସିରିଜ ଜିତିନାହିଁ। ଭାରତ ମାଟିରେ ଉଭୟ ଦଳଙ୍କ ମଧ୍ୟରେ ୯ ମ୍ୟାଚ ଖେଳାଯାଇଥିବା ବେଳେ ଭାରତ ମାତ୍ର ୩ଟିରେ ବିଜୟୀ ହୋଇଛି। ତେବେ ଯଶପ୍ରୀତ୍ ବୁମ୍‌ରା ଆହତ ହୋଇ ବାଦ୍ ପଡିବା ଭାରତୀୟ ଦଳ ପାଇଁ ଚିନ୍ତାର ବିଷୟ ପାଲଟିଛି। ବିଶ୍ୱକପ୍‌କୁ ୩ ସପ୍ତାହ ବାକି ଥିବା ବେଳେ ବୁମ୍‌ରା ଷ୍ଟ୍ରେସ୍ ଫାକ୍ଚର କାରଣରୁ ବାଦ୍ ପଡିଛନ୍ତି। ଚଳିତ ସିରିଜରେ ବୁମ୍‌ରାଙ୍କ ସ୍ଥାନରେ ମହମ୍ମଦ ସିରାଜ୍ ଓ ମହମ୍ମଦ ଶାମିଙ୍କ ସ୍ଥାନରେ ଉମେଶ ଯାଦବ ସ୍ଥାନ ପାଇଛନ୍ତି। ତେବେ ଦଳ ଚୟନ ବର୍ତ୍ତମାନ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସବୁଠୁ କଷ୍ଟକର ବ୍ୟାପାର ହେବ। ମହମ୍ମଦ ଶାମି କୋଭିଡ୍ ମୁକ୍ତ ହୋଇଥିଲେ ହେଁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ତାଙ୍କୁ ସ୍ଥାନ ମିଳିନାହିଁ। ଅଭିଜ୍ଞତା ଦୃଷ୍ଟିରୁ ବିଶ୍ୱକପ୍ ଦଳରେ ରିଜର୍ଭ ବୋଲର ରହିଥିବା ଶାମିଙ୍କୁ ବୁମ୍‌ରାଙ୍କ ବିକଳ୍ପ ଭାବରେ ବିବେଚନା ମଧ୍ୟ କରାଯାଉଛି। କେରଳରେ ଖେଳା ଯାଇଥିବା ପ୍ରଥମ ଟି୨୦ରେ ଦୀପକ ଚହର ଏବଂ ଅର୍ଶଦୀପ ସିଂ ବେଶ୍ ଘାତକ ବୋଲିଂ କରିଥିଲେ। ଏହି ଦୁଇ ବୋଲରଙ୍କ ଘାତକ ବୋଲିଂ କାରଣରୁ ଭ୍ରମଣକାରୀ ଦଳ ମାତ୍ର ୧୦୮ ରନରେ ସୀମିତ ରହିଥିଲା। ଉଭୟ ବୋଲର ବଢିଆ ସ୍ୱିଙ୍ଗ ବୋଲିଂ କରିଥିବା ବେଳେ ଅଷ୍ଟ୍ରେଲିଆରେ ପିଚ୍ ଭିନ୍ନ ରହିବ। ସେହିପରି ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ମହଙ୍ଗା ସାବ୍ୟସ୍ତ ହୋଇଥିବା ହର୍ଷଲ ପଟେଲଙ୍କଠାରୁ ଦଳ ଦୃଢ ପ୍ରଦର୍ଶନ ଆଶା କରିବ।

ଆର. ଅଶ୍ୱିନଙ୍କ ସହିତ ଅକ୍ଷର ପଟେଲ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଉଭୟ ରନ୍ ରୋକିବାରେ ସଫଳ ହୋଇଥିବା ବେଳେ ବିଗତ ୪ ମ୍ୟାଚରେ ଅକ୍ଷର ଭାରତର ସର୍ବାଧିକ ଉଇକେଟ ନେଇଛନ୍ତି। ଜାଡେଜାଙ୍କ ବିକଳ୍ପ ଭାବରେ ଦଳରେ ସ୍ଥାନ ପାଇଥିବା ଅକ୍ଷରଙ୍କ ୭.୮୭ର ଇକୋନୋମୀରେ ୮ଉଇକେଟ ନେଇଛନ୍ତି।

## ଆଜି ଦ୍ୱିତୀୟ ଟି୨୦

**ମ୍ୟାଚ ସମୟ: ସନ୍ଧ୍ୟା ୭.୦୦**
**ସ୍ଥାନ : ଗୁଆହାଟୀ**

# ଆମେରିକାରେ ଉନ୍ମୁକ୍ତ ଚାନ୍ଦଙ୍କ ଆଖିରେ ଆଘାତ

ନୂଆଦିଲ୍ଲୀ, ୧।୧୦ (ପି.ଟି.)

ଯୁକ୍ତରାଷ୍ଟ୍ର ଆମେରିକାରେ ଚାଲିଥିବା ମାଇନର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ସିଲିକନ୍ ଭ୍ୟାଲି ଷ୍ଟ୍ରାଇକର୍ସ ତରଫରୁ ଖେଳୁଥିବା ଭାରତର ପୂର୍ବତନ ୧୯ ବର୍ଷରୁ କମ୍ ଅଧିନାୟକ ଉନ୍ମୁକ୍ତ ଚାନ୍ଦଙ୍କ ଆଖିରେ ଆଘାତ ଲାଗିଛି। ଏକ ସମ୍ଭାବ୍ୟ ବଡ଼ ବିପଦରୁ ବର୍ତ୍ତି ଯାଇଥିବାରୁ ସେ ଭଗବାନଙ୍କ ନିକଟରେ କୃତଜ୍ଞ ବୋଲି କହିଛନ୍ତି। ଆମେରିକାରେ ଖେଳିବା ଲାଗି ଭାରତୀୟ କ୍ରିକେଟରୁ ଅବସର ନେଇଥିବା ୨୯ ବର୍ଷୀୟ ଉନ୍ମୁକ୍ତ ସୋସିଆଲ ମିଡିଆରେ ତାଙ୍କ ଫୁଲିଯାଇଥିବା ଆଖିର ଏକ ଫଟୋ ଶେୟାର କରିଛନ୍ତି। ସୂଚନାଯୋଗ୍ୟ, ଉନ୍ମୁକ୍ତଙ୍କ ନେତୃତ୍ୱରେ ଭାରତ ୨୦୧୨ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଟାଇଟଲ ଜିତିଥିଲା। ଅଷ୍ଟ୍ରେଲିଆରେ ବିଗ୍ ବାଶ୍ ଲିଗ୍ ଖେଳିବାରେ ସେ ପ୍ରଥମ ଭାରତୀୟ ଖେଳାଳି। ସେ ଏହି ଟୁର୍ନାମେଣ୍ଟରେ ମେଲବୋର୍ନ ରେନିଗେଡ୍ସ ତରଫରୁ ପ୍ରତିନିଧିତ୍ୱ କରୁଥିଲେ। ସେ କିନ୍ତୁ ସିନିୟର ସ୍ତରରେ ଅନ୍ତର୍ଜାତୀୟ କ୍ରିକେଟରେ ପ୍ରତିନିଧିତ୍ୱ କରିବା ସୁଯୋଗ ପାଇ ନ ଥିଲେ।

# ବିଜୟ ସତ୍ତ୍ୱେ ଟାଇଗର୍ସ ପ୍ଲେ ଅଫ୍‌ରୁ ବଞ୍ଚିତ

ଯୋଧପୁର, ୧।୧୦

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍**

ରିକାର୍ଡୋ ପାୱେଲଙ୍କ ୯୬ ରନ୍ ସହାୟତାରେ ଲିଜେଣ୍ଡ୍ସ ଲିଗ୍ ଟି୨୦ କ୍ରିକେଟର ଅନ୍ତିମ ଲିଗ୍ ମ୍ୟାଚରେ ଇଣ୍ଡିଆ କ୍ୟାପିଟାଲ୍ସକୁ ୩ ଉଇକେଟରେ ହରାଇଛି ମଣିପାଲ ଟାଇଗର୍ସ। ବିଜୟୀ ହୋଇଥିଲେ ହେଁ ନେଟ ରନରେଟ୍ ଆଧାରରେ ପ୍ଲେ ଅଫ୍ ପ୍ରବେଶରେ ଦଳ ବିଫଳ ହୋଇଛି। ୩ ବ୍ୟାଟରଙ୍କ ଅର୍ଦ୍ଧଶତକ ସହିତ କ୍ୟାପିଟାଲ୍ସ ୨ ଉଇକେଟରେ ୧୮୩ ରନ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କ୍ୟାପିଟାଲ୍ସ ପକ୍ଷରୁ ଦୀନେଶ ରାମଦିନ(୬୪), ହାମିଲଟନ୍ ମାସାକାଡ୍‌ଜା(୬୦) ଓ ରସ୍ ଟେଲର (୫୨*) ଅର୍ଦ୍ଧଶତକ ହାସଲ କରିଥିଲେ। ଜବାବରେ ମଣିପାଲ ଟାଇଗର୍ସ ପ୍ରଥମ ଓଭରରେ ଟାଟେଣ୍ଡା ଟାଇବୁ(୦)ଙ୍କ ଉଇକେଟ ହରାଇଥିଲା। ତେବେ ରିକାର୍ଡୋ ପାୱେଲ ଧୂଆଁଧାର ୯୬ ରନ୍ କରିଥିଲେ। ଶେଷ ବଲରେ ୨ ରନ୍ ଆବଶ୍ୟକ ଥିବା ବେଳେ ରମେଶ କାଲୁୱିଥରାଣା ଚୌକା ମାରି ଜିତାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଣ୍ଡିଆ କ୍ୟାପିଟାଲ୍ସ:** ୨୦ ଓଭରରେ ୧୮୩/୨ (ଦୀନେଶ ରାମ୍‌ଦିନ-୬୪, ହାମିଲଟନ ମାସ୍‌କାଡ୍‌ଜା-୬୦, ରସ୍ ଟେଲର-୫୧*; କୋରେ ଆଣ୍ଡରସନ-୧/୧୧)।

**ମଣିପାଲ ଟାଇଗର୍ସ:** ୨୦ ଓଭରରେ ୧୮୬/୭ (ରିକାର୍ଡୋ ପାୱେଲ-୯୬, କୋରେ ଆଣ୍ଡରସନ-୩୯, ମହମ୍ମଦ କୈଫ୍-୨୬; ପ୍ରବୀଣ ତାମ୍ବେ-୨/୨୦, ଜନ୍ ମୁନି-୨/୩୯)।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ॥

୰ବିଶ୍ୱଜିତ୍ ଷଡ଼ଙ୍ଗୀ (ଲୁଲୁ)
୭୭, ଗୌତମ ନଗର, ଭୁବନେଶ୍ୱର
ଆବିର୍ଭାବ : ୧୦.୦୭.୧୯୬୭
ତିରୋଧାନ : ୨୮.୦୯.୨୦୨୨
କାଳର କରାଳ ଗତିରେ ତୁମେ ଆମ୍ଭମାନଙ୍କୁ ଚିରଦିନ ପାଇଁ ଶୋକ ସାଗରରେ ଭସାଇଦେଇ ଅସମୟରେ ଚାଲିଗଲ। ତୁମ ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୬୯୪

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ହୀରା ମଲ୍ଲିକ
କୁଜିବର, ରସୁଲପୁର, ଯାଜପୁର
ଆବିର୍ଭାବ: ୧୪।୦୫।୧୯୩୮
ତିରୋଧାନ: ୨୨।୦୯।୨୦୨୨
ତୁମେ ଆମ୍ଭମାନଙ୍କୁ ଛାଡ଼ି ଅଫେରା ରାଇଜକୁ ଚାଲିଯାଇଛ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର: ନିର୍ମଳ ଚନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର, ଗୋବିନ୍ଦ, ଦାଶରଥି, ପୁତ୍ରବଧୂ: କେଶନୀ, ସବିତା, ସୁଲୋଚନା, ମନ୍ଦାକିନୀ, ଝିଅ-ଜ୍ୱାଇଁ, ନାତୁଣୀ-ନାତୁଣୀଜ୍ୱାଇଁ, ନାତି-ନାତୁଣୀବୋହୂ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୬୮୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ହରିଶଙ୍କର ପ୍ରସାଦ ସିଂହ
ପୂର୍ବତନ କ୍ରୀଡ଼ାବିତ୍ ତଥା ରାଜସ୍ୱ ବୋର୍ଡର ଅବସରପ୍ରାପ୍ତ ସମୀକ୍ଷା ଅଧୀକ୍ଷକ, ଗୁଡ଼ିଆନାଳି, ସିଂହ ମାର୍କେଟ କମ୍ପ୍ଲେକ୍ସ, ଢେଙ୍କାନାଳ ଟାଉନ
ଧରାବତରଣ-୧୯।୧୧।୧୯୩୫
ସ୍ୱର୍ଗାରୋହଣ- ୧୨।୧୦।୨୦୨୧
ଚାହୁଁଚାହୁଁ ଏକ ବର୍ଷ ହୋଇଗଲା। ତଥାପି ଆପଣଙ୍କ ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ନ୍ୟାୟବନ୍ତ, ବନ୍ଧୁବତ୍ସଳ, ଆଦର୍ଶ, ସ୍ନେହ ଓ ତ୍ୟାଗ ଆମମାନଙ୍କ ଜୀବନରେ ଚିରସ୍ମରଣୀୟ ହୋଇ ରହିବ ଏବଂ ରହିଥିବା ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରକମଳରେ ବିନମ୍ର ପ୍ରାର୍ଥନା। ଆପଣଙ୍କ ସ୍ମରଣେ- ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୭୪୦୧୮

୧୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

୰ଦୀପ୍ତିରଞ୍ଜନ ମହାପାତ୍ର (ବାବୁନା)
ନିଳାଦ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୦/୦୮/୧୯୭୮
ତିରୋଧାନ : ୧୯/୧୦/୨୦୦୭ (ମହାଷ୍ଟମୀ)
ଧନରେ, ଚାହୁଁ ଚାହୁଁ ୧୫ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ ତୁ ଆଉ ଆମପାଖକୁ ଫେରିବୁ ନାହିଁ। ପ୍ରତି ମୁହୂର୍ତ୍ତରେ ତୋର ଅନୁପସ୍ଥିତି ଆମେ ଅନୁଭବ କରୁଛୁ ଓ ତୋତେ ଝୁରି ହେଉଛୁ। ତୁ ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିଛୁ ଓ ସବୁଦିନ ପାଇଁ ରହିଥିବୁ। ତୋର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ନନା ଓ ବୋଉ, ବଡ଼େଇ ଓ ଖୁଡିମାନେ, ନାନୀ ଓ ଭାଇନାମାନେ, ମାମୁଁ ଓ ମାଇଁ, ପିଉସା ଓ ପିଉସୀମାନେ, ଭାଇନା ଓ ଭାଉଜମାନେ, ଭାଇ ଓ ଭଉଣୀମାନେ, ଭାଣିଜୀ-ମୁନ୍‌ମୁନ୍ ଓ ଭୂମି, ଭଣଜା-ଆଦି, ସାଙ୍ଗସାଥି ମାନେ।
ଧ-୭୧୫୩୯

୧୨ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ପ୍ରମୋଦ କୁମାର ଦେବତା
ମୀନାବଜାର, ଢେଙ୍କାନାଳ
ଆବିର୍ଭାବ: ୨୦।୧୨।୧୯୪୩
ତିରୋଧାନ: ୧୫।୧୦।୨୦୧୦
ଆଶ୍ୱିନ ଶୁକ୍ଳପକ୍ଷ ଅଷ୍ଟମୀ ତିଥି
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମେ କେବେହେଲେ ଭୁଲିପାରିବୁ ନାହିଁ। ଆପଣଙ୍କ ଅମରାତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀବଳରାମଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ, ପୁଅ, ବୋହୂ, କନ୍ୟା, ଜାମାତା, ନାତିନାତୁଣୀ ଓ ପରିବାରବର୍ଗ।
ମେସର୍ସ ନଟବର ଦେବତା, ଶ୍ରୀବଳରାମ ଫେବ୍ରିକ୍ସ, ଓଁ ଟେକ୍ସଟାଇଲ୍ ମାଳତୀ ନିବାସ।
ଧ-୭୪୦୧୯

# ଅଭୁଲା ଦଶହରା

ଆସିଛି ପାର୍ବଣର ଋତୁ। ମା'ଙ୍କ ଆଗମନରେ ଗାଁଠୁ ସହର ଉତ୍ସବମୁଖର। ସଭିଙ୍କ ମନରେ ଖେଳିଯାଇଛି ଅପୂର୍ବ ଆନନ୍ଦ। ତେବେ ଏମିତିରେ କେବେକେବେ ମନେପଡ଼ିଯାଏ ପିଲାଦିନ ଦଶହରା କଥା । ଯାହାକି ଏବେବି ଅଭୁଲା ଅନୁଭୂତି ହୋଇ ରହିଛି ମନ ଭିତରେ...





### ଭସାଣିରେ ମିଳୁଥିଲା ଯାତ୍ରା ଖର୍ଚ୍ଚ

**ସଞ୍ଜୟ ନାୟକ** (ନିର୍ଦ୍ଦେଶକ)– ଦଶହରା ସମୟ ଆସିଲେ ମନ କେତେ ଖୁସି ହୋଇଯାଏ, ସେ କଥା ମୋ' ଭଳିଆ ଜଣେ କଟକିଆ ହିଁ ବେଶ୍ ଭଲରେ ବୁଝିପାରିବ। ଯଦିଓ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ବେଶ୍ ଜାକଜମକରେ ମା' ଦୁର୍ଗାଙ୍କ ପୂଜା କରାଯାଉଛି, ହେଲେ କଟକରେ ଦଶହରା ଦେଖିବାର ମଜା ଅଲଗା। ମନେପଡୁଛି ପିଲାଦିନ। କଟକ ଦୁର୍ଗାପୂଜାର ମୁଖ୍ୟ ଆକର୍ଷଣ ହେଉଛି ଚାନ୍ଦିମେଢ଼ ଓ ସୁନା ମକୁଟରେ ସଜ୍ଜିତ ମା'ଙ୍କ ମୃଣ୍ମୟ ମୂର୍ତ୍ତି। ପୂଜା ଦେଖିବାକୁ ବାହାରୁ ଲୋକେ ଦିନରେ କିମ୍ବା ସଂଧ୍ୟାରେ ଆସନ୍ତି, ହେଲେ ଆମେ ବାହାରୁ ରାତିରେ। ରାତିସାରା କଟକ ସହରର ବିଭିନ୍ନ ସ୍ଥାନରେ ପୂଜାମଣ୍ଡପ ବୁଲିବା ସାଙ୍ଗକୁ ମେଲୋଡ଼ି ଦେଖାର ମଜା ଥିଲା ନିଆରା। ତେବେ ସବୁଠୁ ମଜା ଲାଗୁଥିଲା ଭସାଣି ଦିନ। କାହିଁକି ନା ସେଦିନ ନୂଆ ଡ୍ରେସ୍ ପିନ୍ଧା ହେଉଥିଲା ଆଉ ତା' ସାଙ୍ଗକୁ ଜେଜେମା' ଆଉ ପରିବାରର ଅନ୍ୟ ବଡ଼ ସଦସ୍ୟମାନଙ୍କଠାରୁ ଯାତ୍ରା ଖର୍ଚ୍ଚ ବି ମିଳୁଥିଲା। ସେ ଟଙ୍କାରେ ଅନ୍ୟ କିଛି କିଣୁ କି ନ କିଣୁ, ଖେଳନା ବନ୍ଧୁକ ଆଉ ରିଲ୍ ବାଣ ନିହାତି କିଣୁଥିଲୁ। ଘର ପାଖାପାଖି ଯେତେସବୁ ଘରେ ଛୋଟ ପିଲା ଥିଲେ ସମସ୍ତଙ୍କ ଘରୁ ଖାଲି ଠୋ ଠା ବାଣଶବ୍ଦ ହିଁ ଆସୁଥିଲା। ଆମ ଘର ବାଟ ଦେଇ ସହରର ସମସ୍ତ ମେଢ଼ ଦେବୀଗଡ଼ା ପର୍ଯ୍ୟନ୍ତ ଯାଉଥିଲା। ସବୁ ସାହି ମେଢ଼ ଏକାଠି ବକ୍ସିବଜାରରୁ ଚୌଧୁରୀ ବଜାର ପର୍ଯ୍ୟନ୍ତ ଯେତେବେଳେ ଏକାଠି ହେଉଥିଲେ ଦେଖିବାକୁ ଖୁବ୍ ମଜା ଲାଗୁଥିଲା। ମେଢ଼ ସାଙ୍ଗେ କମ୍ପିଟିଶନ୍‌ରେ ଅଲଗା ଅଲଗା ପ୍ରସେଶନ୍ ଆସୁଥିଲା ଓ ଆମେ ନିର୍ଦ୍ଧୂମ୍ ନାଚୁଥିଲୁ। ଭସାଣି ବେଳର ଘୋଡ଼ାନାଚ, ଶିଖରପୁର ମେଢ଼ ସହ ଆସିଥିବା ଶ୍ରୀକାକୁଲମ୍ ବାଜାର ମଜା ଆଜିକାଲିର ଡିଜେରେ କାହିଁ! ବର୍ଷ ପରେ ବର୍ଷ ବିତୁଛି ଏବଂ ଆହୁରି ନୂଆନୂଆ ଢଙ୍ଗରେ ପୂଜା କରାଯାଉଛି, ହେଲେ ସେତେବେଳର କଟକ ଦଶହରା ମଜା ସତରେ ନିଆରା ଆଉ ଅଭୁଲା।

### ସେଦିନର ମେଢ଼ ଦେଖିବାର ମଜା ଭୁଲିନି: ଡା. ସରୋଜିନୀ ଷଡ଼ଙ୍ଗୀ

(ସ୍ତ୍ରୀ ରୋଗ ବିଶେଷଜ୍ଞା, କଟକ)– ପାର୍ବଣର ଏ ପରମଲଗ୍ନରେ ସାରା ପୃଥିବୀ ଆଜି ପୁଲକିତ। ମା'ଦୁର୍ଗା ଏବଂ ଦେବୀ ମେଢ଼ର ସାଜସଜ୍ଜା, ଚଣ୍ଡୀପାଠର ବିରଳ ମନ୍ତ୍ରଧ୍ୱନି, ନବରାତ୍ରି ପୂଜା ସମସ୍ତଙ୍କ ହୃଦୟକୁ ଏକ ଦିବ୍ୟ ଆନନ୍ଦରେ ଭରିଦିଏ। ସବାଶେଷରେ ହୁଏ ମେଢ଼ବୁଲା ଓ ଦେବୀଦର୍ଶନ। ମନେପଡୁଛି ଅନେକ ଦିନ ତଳର କଥା। ମୁଁ ସ୍କୁଲ୍‌ରେ ପଢୁଥିଲି ଏବଂ ଆମେ ରହୁଥିଲୁ ବ୍ରହ୍ମପୁରରେ। ସେତେବେଳେ କଟକରେ ଦୁର୍ଗାପୂଜା ଭାରି ସୁନ୍ଦର ଭାବରେ ହେଉଥିଲା। ନନା (ମୋ ବାପା) ଛୁଟି ନେଇ ବୋଉ ଓ ଆମ ଭାଇଭଉଣୀଙ୍କୁ ନେଇ କଟକ ଦୁର୍ଗାପୂଜା ଦେଖିବାକୁ ଆସିଲେ। ଆମେ ଟ୍ରେନ୍‌ରେ ଆସି କଟକରେ ପିଉସୀଙ୍କ ଘରେ ରହି ସଂଧ୍ୟାବେଳେ ଦୁଇଟି ରିକ୍ସାରେ ବାହାରିଲୁ। ସେଦିନ ଥିଲା ଦୁର୍ଗାଷ୍ଟମୀ। ନନା ସବୁବେଳେ କୁହନ୍ତି, ସବୁବେଳେ ଦୁର୍ଗାଷ୍ଟମୀ ଦିନ ଦେବୀଙ୍କୁ ଦର୍ଶନ କରିବ, କାରଣ ସେଦିନ ଦେବୀଙ୍କ ମୁହଁରୁ ଏକ ଅଖଣ୍ଡ ତେଜ ବାହାରୁଥାଏ। ଆମେ ରିକ୍ସାରେ ଧକଡ଼ ଚକଡ଼ ହୋଇ ରାଣୀହାଟ ସହ କଲେଜଛକ ମେଢ଼ ଦେଖି ପହଞ୍ଚିଲୁ ଛତ୍ରବଜାର ଭିତରେ। କେଉଁଠି ମା'ଙ୍କର ମୃଣ୍ମୟ ମୂର୍ତ୍ତି ତ' ଆଉ କେଉଁଠି ଶିବ-ପାର୍ବତୀ ମୂର୍ତ୍ତି। ଛତ୍ରବଜାର ହେଉଛି ପରିବାର ପେଣ୍ଠସ୍ଥଳୀ। ତା' ଭିତରେ ଦେଖିଲୁ ଗୋଟିଏ ଜାଗାରେ ପ୍ରବଳ ଭିଡ଼ ହୋଇଛି। ଆମେ ରିକ୍ସାରୁ ଓହ୍ଲାଇ ସେଠିକି ଗଲାବେଳକୁ ବିଭିନ୍ନ ପ୍ରକାର ମୂର୍ତ୍ତି ଦେଖିଲୁ। ଉପରେ ଲେଖା ହୋଇଛି, ପରିବା କାଟ୍‌କାଟ୍, ମସଲା ବାଟ୍‌ବାଟ୍। ସ୍ତ୍ରୀଲୋକର ମୂର୍ତ୍ତିଟିଏ ପନିକି ଧରି ପରିବାଗୁଡ଼ିକ କାଟି ପକାଉଛି। ଆଉ ଗୋଟିଏ ଜାଗାରେ ଆଉ ଗୋଟିଏ ସ୍ତ୍ରୀଲୋକ ଶିଳ ଉପରେ ଶିଳପୁଆ ଧରି ମସଲାକୁ ବାଟି ପକାଉଛି। ସେଇଠି ଆଉ ଗୋଟିଏ ମୂର୍ତ୍ତି ଢିଙ୍କି ଉପରେ ପାଦ ରଖି କୁଟି ପକାଉଛି। ତା' ପାଖକୁ ଲାଗି ଜଣେ ସ୍ତ୍ରୀଲୋକ କୂଅରୁ ଗରା ଗରା ପାଣି କାଢ଼ି ପକାଉଛି। ଏସବୁ ମୂର୍ତ୍ତିଙ୍କର ସାଜସଜ୍ଜା ସହ କାମ ଓ ହାବଭାବ ଦେଖି ଆମେ ହସିହସି ଗଡ଼ିଗଲୁ, ଯାହା ମୁଁ ଆଜିଯାଏଁ ଭୁଲି ନାହିଁ। ତା' ପରେ ବକ୍ସିବଜାର ମେଢ଼ ଦେଖି ସମସ୍ତେ ଦହିବରା ଓ ଆଳୁଦମ୍ ଖାଇଲୁ, କିନ୍ତୁ ଚାନ୍ଦିନୀଚୌକ ମେଢ଼ ଦେଖିବାକୁ ଗଲାବେଳକୁ ଟ୍ରାଫିକ୍ ଜାମ୍ ହୋଇଗଲା। ସାରା ରାତି ବସିରହିଲୁ ରିକ୍ସା ଉପରେ। ଏବେ ମଧ ମେଢ଼ ଦେଖିବାର ମଜା ମୁଁ ଭୁଲିନି। ବର୍ତ୍ତମାନ ମେଢ଼ ଦେଖିବାର ସେ ଆନନ୍ଦ ଓ ପିଲାଳିଆମି ମୋ ଭିତରେ ବଞ୍ଚିଛି।

### ଆନମନା କରେ ପିଲାବେଳର ମଉଳା ସ୍ମୃତି: ଗୋପାଳକୃଷ୍ଣ ଦାସ

(ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା)– ପିଲାବେଳେ ଦୁର୍ଗାପୂଜା ସମୟ ପାଖେଇ ଆସିଲେ ମନରେ ଏକ ଅପୂର୍ବ ଉତ୍କଣ୍ଠା ଭରିଯାଏ। ବିଶେଷକରି ଆମ କରଣ ଜାତିରେ ଏହା ଏକ ମୁଖ୍ୟ ପର୍ବ କୁହାଯାଇପାରେ। ଦୁର୍ଗାଷ୍ଟମୀ ବେଳେ ଭିନ୍ନଭିନ୍ନ ଜାତି ପାଟକଙ୍କ କୌଳିକ ବୃତ୍ତିରେ ବ୍ୟବହୃତ ସାଜସରଞ୍ଜାମ ପୂଜା ହୁଏ। ଯୁଦ୍ଧରେ ଗୁରୁଦାୟିତ୍ୱ ତୁଲାଉଥିବା କରଣମାନଙ୍କ ଘରେ ଖଣ୍ଡା, ପୋଥି ବସାଯାଏ। ଅସି ଓ ମସି ସହ ସଂଶ୍ଳିଷ୍ଟ କୁଳୀନ କରଣଙ୍କ ଘରେ ତାଳପତ୍ର ପୋଥି, ବିଭିନ୍ନ ଆକୃତିର ଲେଖନୀ, ତାଳପତ୍ରଚିରା ବେଣ୍ଟଲଗା ଛୋଟ ଛୁରି, କୁଟିକାମକରା ପିଢ଼ାରେ ସାଲୁକନା ଉପରେ ରଖାଯାଏ। ଖଣ୍ଡା, ଢାଲ, ବାଙ୍କଛୁରି, କଟାବାଡି ଆଦି ଅସ୍ତ୍ରଶସ୍ତ୍ରରେ ସିନ୍ଦୂର, ଭାଗବତ, ରାମାୟଣ ଆଦି ପୁରାଣ ପୋଥିମାନଙ୍କରେ ଚନ୍ଦନ ଟୋପା ଦିଆଯାଏ। ଉଖୁଡ଼ା, ପିଠାପଣା, ଭୋଗରାଗ, ଧୂପଦୀପ, ଝୁଣାଧୂଆଁରେ ଘର ମହକିଯାଏ। ସଞ୍ଜ ଗଡ଼ିଲେ କାଗଜରେ 'ଓଁ ଶୁଭମସ୍ତୁ' ଲେଖି ପୋଥି ଲେଖନି ଉଠାଯାଏ। ଖୋର୍ଦ୍ଧା ସନ୍ନିକଟ ହଳଦିଆ ଗଡ଼ରେ ଥିବା ବରୁଣେଇ ପୀଠରେ ଅଷ୍ଟଧାତୁର କନକଦୁର୍ଗା ପୂଜା ପାଆନ୍ତି। ବେଶ୍ ଧୁମ୍‌ଧାମରେ ପୂଜା ପାଳନ କରାଯାଏ। ଯଦିଓ ଏବେବି ପ୍ରତିବର୍ଷ ଦୁର୍ଗାପୂଜା ପାଳନ ହେଉଛି, ହେଲେ ଧୀରେ ଧୀରେ ଲିଭି ଲିଭି ଆସିଥିବା ବଉଳଫୁଲ ଭଳି ପିଲାବେଳର ସେ ମଉଳା ସ୍ମୃତି ଏବେବି ମନକୁ ଆନମନା କରେ।

### ଆମ୍ବପତ୍ର ମାଳରେ ମଣ୍ଡପ ସଜାହେଉଥିଲା: ବଙ୍କିମ ଚନ୍ଦ୍ର ନାୟକ

(ବିଶିଷ୍ଟ ଶିଶୁ ସାହିତ୍ୟିକ)– ପିଲାଦିନେ ସବୁ ପର୍ବ ପର୍ବାଣିରେ ଏକ ଭିନ୍ନ ମଜାଥିଲା। ବିଶେଷ କରି ଦଶହରା ସମୟରେ ବୁଲା ବୁଲି କରିବା ସତରେ ଖୁବ୍ ଆନନ୍ଦ ଲାଗୁଥିଲା। ମନେ ପଡୁଛି ସେ ସମୟରେ ଭୁବନେଶ୍ୱରରେ ଓଲ୍ଡ ଟାଉନ, ଷ୍ଟେସନ୍ ବଜାର, ବାପୁଜୀ ନଗର ଆଦି ମାତ୍ର ୪-୫ଟି ସ୍ଥାନରେ ଦୁର୍ଗାପୂଜା ହେଉଥିଲା। ୬ଷ୍ଠ ଶ୍ରେଣୀରେ ପଢିବା ବେଳେ ବାପାଙ୍କ ସାଙ୍ଗେ ସାଇକେଲ୍‌ରେ ପୂଜା ଦେଖିବାକୁ ଆସିଥିଲି। ରଙ୍ଗିନ କାଗଜ ପତାକା ଆଉ ଆମ୍ବପତ୍ର ମାଳରେ ମଣ୍ଡପ ସଜାଯାଇଥିଲା। ରାତିରେ ମଣ୍ଡପରେ ପେଟ୍ରୋମାକ୍ସ ଲାଇଟ୍ ଜଳୁଥିଲା। ପାଖରେ ଛୋଟ ଛୋଟ ଖେଳନା ଦୋକାନ ବସିଥିଲା। ସେଠାରୁ ପ୍ଲାଷ୍ଟିକ୍‌ର ଖଣ୍ଡା କିଣିଥିଲି ଗାଁରେ ଯାତ୍ରା କରିବୁ ବୋଲି। ପାଖରେ ହେଉଥିବା କଣ୍ଢେଇ ନାଚ ଦେଖିଲୁ। ଏବେ ଭଳି ସେତେବେଳେ ରାତିରେ ଗହଳି ନ ଥିଲା। ରାତି ପ୍ରାୟ ୯ଟା ହେବାରୁ ଘରକୁ ଫେରିଯିବାକୁ ବାହାରିଲୁ। ହେଲେ ହଠାତ୍ ଟାୟାର୍ ଲିକ୍ ହୋଇଗଲା କଳ୍ପନା ଛକଠାରେ। ବାଧ୍ୟ ହୋଇ ବାପପୁଅ ସାଇକେଲ୍ ଗଡାଇ ଗଡାଇ କିଛି ବାଟ ଚାଲିଲୁ। ଥକିଯିବାରୁ ସେଠାକାର ଜଣେ ବାସିନ୍ଦାଙ୍କୁ ସାହାଯ୍ୟ ମାଗିଲୁ। ସାଇକେଲ୍‌ଟି ଧରି ଚାଲିବା କଷ୍ଟ ହୋଉଥିବାରୁ ଗୋଟିଏ ରାତି ପାଇଁ ତାଙ୍କ ଘରେ ରଖି ପରଦିନ ଆସି ନେଇଯିବୁ ବୋଲି କହିଲୁ। ଏକଥା ଶୁଣିବା ପରେ ସେ ତୁରନ୍ତ ସାଇକେଲ୍‌କୁ ତାଙ୍କ ବାରଣ୍ଡାରେ ରଖିଲେ। ଏତେରାତିରେ ଚାଲି ନ ଯିବା ପାଇଁ କହି ଆମକୁ ନିଜ ସ୍କୁଟରେ ଆଣି ଘରେ ଛାଡିଥିଲେ। ଏବେବି ଦଶହରା ଆସିଲେ ସେଦିନର କଥା ଆଖିଆଗରେ ନାଚିଉଠେ ଆଉ ସେ ହୃଦୟବାନ୍ ବ୍ୟକ୍ତିଙ୍କ କଥା ମନେ ପଡିଯାଏ।


ବଙ୍କିମ ଚନ୍ଦ୍ର ନାୟକ


ସଞ୍ଜୟ ନାୟକ


ଡା. ସରୋଜିନୀ ଷଡ଼ଙ୍ଗୀ


ଗୋପାଳକୃଷ୍ଣ ଦାସ



## ଏ ସପ୍ତାହର ପ୍ରଶ୍ନ

୧– ଭାରତର ପ୍ରଥମ କଙ୍କି ଜୀବାଶ୍ମ (ଡ୍ରାଗନ୍ ଫ୍ଲାଏ ଫସିଲ୍) ......... ରାଜ୍ୟରେ ମିଳିଛି ?
୨– ନୀଳଗିରି ପର୍ବତମାଳାରୁ ମିଳିଥିବା ନିଆରା ପ୍ରଜାତି ପ୍ରଜାପତିର ନାମ ......... ?
୩– 'ଦି ମେକିଂ ଅଫ୍ ଆଧାର: ୱାର୍ଲ୍ଡସ୍ ଲାର୍ଜେଷ୍ଟ ଆଇଡେଣ୍ଟିଟି ପ୍ଲାଟ୍‌ଫର୍ମ' ପୁସ୍ତକର ଲେଖକ ............ ?
୪– 'ଇଣ୍ଟରନ୍ୟାଶନାଲ ସ୍ନୋ ଲିଓପାର୍ଡ ଡେ' ପ୍ରତିବର୍ଷ ............ ତାରିଖରେ ପାଳନ କରାଯାଏ ?
୫– ଲିଫ୍ଟର ଉଦ୍ଭାବକ ........... ?

## ଗତ ଥରର ଉତ୍ତର

୧ ନର୍ମାନ୍ ବୋର୍ଲଗ
୨ ଆମ୍ବ
୩ ଉତ୍କଳ କେଶରୀ ହରେକୃଷ୍ଣ ମହତାବ
୪ ନୀଳ ନଦୀ
୫ ହ୍ୱେଲ୍ ଶାର୍କ

## ଉତ୍ତରଦାତା


ଛବିଲାଲ୍ ଭାଟି, କଳାହାଣ୍ଡି


ଶେଖ୍ ୟାକୁବ୍, ଗୋପ


ସ୍ମୃତିରେଖା ପରିଡ଼ା, ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

**ୟୁଥ୍ ଫ୍ୟାଶନ**

# ଡାଣ୍ଡିଆ ଆଉଟ୍‌ଫିଟ୍‌ରେ ଫ୍ୟୁଜନ୍

ଆରମ୍ଭ ହୋଇସାରିଛି ପାର୍ବଣର ଋତୁ। ବୁଲି ବୁଲି ମା'ଙ୍କ ମେଢ଼ ଦେଖିବା, ନୂଆ ନୂଆ ପୋଷାକ କିଣିବା, ଭଳିକି ଭଳି ଖାଦ୍ୟ ଖାଇବାରେ ଦଶହରାର ଭରପୂର ମଜା ନେଉଛନ୍ତି ଯୁବପିଢ଼ି। ଏହାସହିତ ବର୍ତ୍ତମାନ ସ୍ଥାନରେ ଆୟୋଜିତ ଡାଣ୍ଡିଆ ନାଇଟ୍ସ ପୂଜା ମାହୋଲ୍‌କୁ ଆହୁରି ଆନନ୍ଦମୟ କରୁଛି। ଯଦି ଆପଣବି ଏଥିରେ ଅଂଶ ଗ୍ରହଣ କରିବାକୁ ଚାହୁଁଛନ୍ତି, ହେଲେ ଏଥିପାଇଁ କ'ଣ ପିନ୍ଧିବେ ଚିନ୍ତା କରୁଛନ୍ତି, ତେବେ ଏହି ଫ୍ୟୁଜନ୍ ଆଉଟ୍‌ଫିଟ୍ ଆପଣଙ୍କୁ ଡାଣ୍ଡିଆ ନାଇଟ୍ସରେ ଆଟ୍ରାକ୍ଟିଭ୍ ଲୁକ୍ ଦେବାରେ ବେଶ୍ ସାହାଯ୍ୟ କରିବ...





■ କେବେକେବେ ଇଚ୍ଛା ଥିଲେ ବି ଡାଣ୍ଡିଆ ଡ୍ୟାନ୍ସ ପାଇଁ ଆବଶ୍ୟକ ଘାଗରା-ଚୋଲି ଭଳି ଟ୍ରାଡିସିନାଲ୍ ପୋଷାକ ନ ଥିବାରୁ ଅନେକେ ଏହି ମଜା ନେବାରୁ ବଞ୍ଚିତ ହୋଇଥା'ନ୍ତି। ହେଲେ ଏମିତିରେ ଆପଣ କିଛି ଆଉଟ୍‌ଫିଟ୍‌କୁ ଫ୍ୟୁଜନ୍ କରି ପିନ୍ଧିପାରିବେ। ଯେମିତିକି, ଏଥିନିକ୍ ଲଙ୍ଗସ୍କର୍ଟ ସହିତ ସାଟିନ୍, ସିଲ୍କ ଭଳି ସାଇନିଂ ଶାର୍ଟ ଏବଂ ଦୁପଟା ଟିମ୍‌ଅପ୍ କରି ପିନ୍ଧିପାରିବେ। ଏହା ସହ ମ୍ୟାଚିଂ ଜୁଏଲେରି ବିଶେଷକରି ୱେଷ୍ଟ ବେଲ୍ଟ ପିନ୍ଧି ଆଇକ୍ୟାଚି ଲୁକ୍ ପାଇପାରିବେ। ମନେରଖନ୍ତୁ ଲାଲ୍, ପିଙ୍କ୍, ୟେଲୋ, ବ୍ଲୁ ଗ୍ରିନ୍ ଭଳି କଲରର ଆଉଟ୍‌ଫିଟ୍ ଆପଣଙ୍କୁ ଆକର୍ଷଣୀୟ ଲୁକ୍ ଦେବ।

■ ଲେହେଙ୍ଗା ଲୁକ୍ ପାଇଁ ଲଙ୍ଗ ସ୍କର୍ଟ ସହିତ ହେଭି ଏମ୍ବ୍ରଡୋରି, ବିଡ୍ କିମ୍ବା ମିରର୍ ୱାର୍କ ଥିବା ବ୍ଲାଉଜ୍, ଦୁପଟା ଏବଂ ୱେଷ୍ଟ ବେଲ୍‌ଟ ଟ୍ରାଏ କରିପାରିବେ। ସେହିପରି ସରାରା ଭଳି ଲୁକ୍ ଚାହୁଁଥିଲେ ଲଙ୍ଗ୍ ସ୍କର୍ଟ ସହିତ ଡିଜାଇନର୍ କୁର୍ତ୍ତି ପିନ୍ଧନ୍ତୁ, ଡିଫରେଣ୍ଟ ଲାଗିବେ। ଏହାସହ ହ୍ୟାଙ୍ଗିଂ କିମ୍ବା ଚୋକର ନେକ୍‌ଲେସ୍ ଏବଂ ରେଶମୀ ଧାଗା ଥିବା ଚୁଡ଼ି ବେଶ ସୁନ୍ଦର ମାନିବ।

■ ଆଜିକାଲି ଏକାଧିକ ଲେୟାର ଥିବା ରଫଲ୍ ଡ୍ରେସ୍ ଖୁବ୍ ଡିମାଣ୍ଡରେ ରହିଛି। ଆପଣ ଚାହିଁଲେ ରଫଲ୍ ଗାଉନ୍ କିମ୍ବା ଷ୍ଟାଇଲିଶ୍ ରଫଲ୍ ମ୍ୟାକ୍ସି ଡ୍ରେସ୍ ପିନ୍ଧିପାରିବେ। ଏହା ସହ ମ୍ୟାଚିଂ ଦୁପଟା ଖୋଜିବାର ଟେନ୍‌ଶନ୍ ବି ନାହିଁ। ତେବେ ଏହାକୁ ଗର୍ଜିଅସ୍ ଲୁକ୍ ଦେବା ପାଇଁ ହ୍ୟାଙ୍ଗିଙ୍ଗ୍ ନେକ୍‌ଲେସ୍, ଇୟରରିଙ୍ଗ୍, ମ୍ୟାଚିଂ ଚୁଡ଼ି ପିନ୍ଧିପାରିବେ। ଏହାକୁ ସୁଟ୍ କରିବା ଭଳି ହେୟାର୍ ଷ୍ଟାଇଲ୍ ଏବଂ ମେକ୍‌ଅପ୍ ନେଲେ ଖୁବ୍ ସୁନ୍ଦର ଲାଗିବେ।

■ ୱେଷ୍ଟର୍ନ ବା ମଡର୍ନ ଆଉଟ୍‌ଫିଟ୍ ପିନ୍ଧୁଥିଲେ କିପରି ଡାଣ୍ଡିଆ ନାଇଟ୍ସ ଯିବେ ଭାବୁଛନ୍ତି କି ? ତେବେ ବ୍ଲୁ କଲର ଜିନ୍ସ ସହିତ ସ୍ଲିଟ୍ କୁର୍ତ୍ତି ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହା ସହ ହେଭି ଜୁଏଲେରି ବଦଳରେ ଲାଇଟ୍ ଜୁଏଲେରି, ଡ୍ରପ୍ ଇୟରରିଂ, କୋହ୍ଲାପୁରି କିମ୍ବା ପଞ୍ଜାବି ଜୁତି ମିକ୍ସ ମ୍ୟାଚ୍ କରି ପିନ୍ଧିପାବେ।

**ୟୁଥ୍ ଆଲର୍ଟ**

# ଓଜନ ବଢୁଥିଲେ...

ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ ଅନେକଙ୍କଠାରେ ମେଦ ବହୁଳତାର କାରଣ ସାଜୁଛି। ବ୍ୟାୟାମ ନ କରି ଅଳ୍ପ ପରିଶ୍ରମ କରିବା ସହ ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବା, ମୃଦୁ ପାନୀୟ ପିଇବା ଦ୍ୱାରା ମେଦ ବୃଦ୍ଧି ହେଉଛି। ଆଉ ଏହି ମେଦ ବୃଦ୍ଧି କେତେ କ୍ଷତିକାରକ, ତାହା ସହଜରେ ଜାଣିହୁଏ ନାହିଁ ଏବଂ କେବେକେବେ ଏହା ହୃଦ୍‌ରୋଗ ଭଳି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ ...



– ଓଜନ ବଢ଼ିଲେ ଯଦି କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି, ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ବୟସ, ଓଜନ ଓ ଉଚ୍ଚତାର ମାପକାଠି ଅର୍ଥାତ୍ ବଡିମାସ୍ ଇଣ୍ଡେକ୍ସ ଅନୁଯାୟୀ ରକ୍ତ ପରୀକ୍ଷା କରାଇ ନିଅନ୍ତୁ। ବ୍ଲଡ୍ ସୁଗାର, କୋଲେଷ୍ଟରଲ୍ ଆଦି ମାତ୍ରା ଠିକ୍ ଅଛି ନା ନାହିଁ ଚେକ୍ କରିନିଅନ୍ତୁ।

– ଫାଷ୍ଟଫୁଡ୍ ଓ ଜଙ୍କ୍‌ଫୁଡ୍, ବାହାରେ ମିଳୁଥିବା ଛଣାଛଣି, ସ୍ନାକ୍ସ, ଆଇସକ୍ରିମ୍ ଆଦି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଓଜନ ବୃଦ୍ଧି ସହ ବିଭିନ୍ନ ରୋଗର ମୁଖ୍ୟ କାରଣ। ଏହା ବଦଳରେ ଘରୋଇ ସନ୍ତୁଳିତ ଆହାର ଗ୍ରହଣ କରନ୍ତୁ।

– ବର୍ତ୍ତମାନ ଶାରୀରିକ ବ୍ୟାୟାମ କମ୍ ହେଉଥିବାରୁ କ୍ୟାଲୋରି ଖର୍ଚ୍ଚ ନ ହୋଇ ମେଦ ବୃଦ୍ଧି ହେଉଛି। କେବଳ ଏତିକି ନୁହେଁ; ମୋବାଇଲ୍, କମ୍ପ୍ୟୁଟର ଆଦିର ଦୀର୍ଘ ବ୍ୟବହାର ବି ଏଥିପାଇଁ ଦାୟୀ। ତେଣୁ ପ୍ରତିଦିନ ଅତିକମ୍‌ରେ ଅଧ ଘଣ୍ଟା ଏକ୍ସରସାଇଜ୍ କରନ୍ତୁ।

– ଅନେକେ ବିଭିନ୍ନ କାରଣରୁ ମାନସିକ ଚାପ ଭିତରେ ଥାଆନ୍ତି। ଏହାସହ ଭାବପ୍ରବଣତା ଓ ବିରକ୍ତି ଭାବକୁ ଏଡ଼ାଇବାକୁ ଯାଇ ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି, ଯାହାକି ମେଦବୃଦ୍ଧି କରି ବିଭିନ୍ନ ରୋଗ ଉପୁଜାଇଥାଏ। ତେଣୁ ନିଜକୁ ମାନସିକସ୍ତରରେ ମଧ ଫିଟ୍ ରଖନ୍ତୁ। ଏଥିପାଇଁ ସ୍ଲୋ ମ୍ୟୁଜିକ୍ ଶୁଣିପାରିବେ।



– ସର୍ବୋପରି ପ୍ରତିଦିନ ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଇବା ସହ ଠିକ୍ ସମୟରେ ଖାଇବା ଏବଂ ଶୋଇବା ଅଭ୍ୟାସ ରଖନ୍ତୁ। ଏହା ମଧ ଶରୀରର ଓଜନ ନିୟନ୍ତ୍ରଣରେ ରଖିବାରେ ବେଶ୍ ସାହାଯ୍ୟ କରିଥାଏ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

Godrej 125 YEARS

UP TO 30% OFF*

THE GREAT INDIAN FURNITURE FEST

ADDITIONAL VOUCHERS WORTH UPTO ₹50,000**

Godrej interio



SOFA SETS (3+2) STARTING FROM ₹44,875*



MODULAR KITCHENS STARTING FROM ₹75,000*



QUEEN BEDS STARTING FROM ₹27,963*

**Not applicable on kitchens *Indicative starting prices for the category after discount. Not for products shown. T&C apply.

CALL 1-800-209-5511 TO FIND THE NEAREST OUTLET

SCAN TO GET YOUR E-CATALOGUE COPY

HOME FURNITURE & STORAGES | MODULAR KITCHENS | MATTRESSES

www.godrejinterio.com

THE EXCHANGE OFFER

EMI FINANCE

**GODREJ INTERIO STORE:** Bhubaneshwar: Sahid Nagar 9821101082 Lewis Road 0674-2433318 Patrapada 8280041182 **FURNITURE DEALER:** Bhubaneshwar: Chandrasekharpur 7873766075 Bapuji Nagar 0674-2597172 Angul 9040060801 Kaniha 9861351719 Balasore 9437264659, 9438062315 Barbil 9937733204 Baripada 9930428352 Berhampur 9437073545 Bhadrak 7381072649 Bhawanipatna 9337220039 Bolangir 7008924386 Cuttack 9040013191, 9583323370, 9337267036 Dhenkanal 8260022665 Jagatsinghpur 9937092786 Jajpur 9437245295, 9238320655 Jajpur Town 8328905795 Jharsuguda 9437058020 Brajrajnagar 9937522874 Kendrapara 9437088023 Keonjhar 8249419035 Koraput 6370626180 Malkangiri 9437030622 Nabarangpur 7008216327 Umerkote 9937387777 Nayagarh 9078685012 Paradeep 9437183494 Puri 9337740428 Rayagada 9437234691 Rourkela 9937040221 Sambalpur 7873078720, 9437050406, 9437017101 **MATTRESS DEALER:** Manjuri Road 8249674003 Rourkela 7008624298

**FOR MODULAR KITCHEN ENQUIRY CONTACT:** 9439445145



Divisa
www.divisastore.com

Made in India
Pride of India

# ଯେଉଁମାନେ ସତ୍ ପଥରେ ଚାଲିଥାଆନ୍ତି, ସେମାନଙ୍କର ପଦକ୍ଷେପ ସବୁବେଳେ ମଜଭୁତ ରହିଥାଏ

**ବାପୁ କହୁଥିଲେ** ''ଯେଉଁ ଶରୀର ଏଇ ଦେଶର ମାଟିରେ ଗଢ଼ା, ରୋଗ-ଶୋକରେ ତାହାର ଉପଚାର ମଧ ଏଇ ମାଟିରୁ ମିଳିବ''

ଏହି କ୍ରମରେ ଦିବିସା ପରିବାରର ଅତୁଟ ବିଶ୍ୱାସ ଯେ, ଆମେ ନିଜର ମୂଳ ସହିତ ଜଡ଼ିତ ରହିଲେ ହିଁ ପ୍ରକୃତ ଅର୍ଥରେ ସ୍ୱଦେଶୀ, ଆତ୍ମନିର୍ଭର ଏବଂ ସ୍ୱାବଲମ୍ବୀ ହୋଇପାରିବା । ଆସନ୍ତୁ, ଆମ ଭାରତ ଏବଂ ନିଜକୁ ଭାରତୀୟ ହୋଇଥିବାରୁ ଗର୍ବିତ ଅନୁଭବ କରିବା ଏବଂ ଏହା ସହିତ 'ଆତ୍ମନିର୍ଭର ଭାରତ'ର ମହତ ପ୍ରୟାସରେ ଭାଗୀଦାର ହେବା । ଆମେ ସ୍ୱଦେଶୀ ବସ୍ତୁ ଆପଣାଇ ଏହି ପ୍ରୟାସରେ ନିଜର ବହୁମୂଲ୍ୟ ଯୋଗଦାନର ଶୁଭାରମ୍ଭ କରିବା।

**ଦିବିସା ହର୍ବାଲ୍ସ ପ୍ରା. ଲିଃର** ଚିକିତ୍ସକୀୟ ଉତ୍ପାଦ ଡା. ଅର୍ଥୋ, ରୂପ ମନ୍ତ୍ରା, ପେଟ ସଫା, ସଚ୍ଚୀ ସହେଲୀ, ଇଚ୍‌କୁ, ଆଇ ମନ୍ତ୍ରା ଏବଂ ଏକ୍ୟୁମାସ୍ ଇତ୍ୟାଦି ଏହି ପ୍ରତିବଦ୍ଧତା ସହିତ ପ୍ରସ୍ତୁତ କରାଯାଇଛି କି ଆମେ ନିଜର ପ୍ରତ୍ୟେକ ଉତ୍ପାଦକୁ ସତ୍ୟତାର ସହିତ ମଜଭୁତ କରିବା ଏବଂ ରାଷ୍ଟ୍ରୀୟ ଉନ୍ନତିରେ ଭାଗୀଦାର ହେବା।

**'ସ୍ୱଦେଶୀ ଆପଣାନ୍ତୁ, ରାଷ୍ଟ୍ରୀୟ ଉନ୍ନତିରେ ଭାଗୀଦାର ହୁଅନ୍ତୁ'**



ଜାତିର ପିତା
**ମହାତ୍ମା ଗାନ୍ଧୀ**
ଙ୍କ ଜୟନ୍ତୀ ଅବସରରେ
ଶତ ଶତ ପ୍ରଣାମ



ସମ୍ପୂର୍ଣ୍ଣ ସ୍ୱଦେଶୀ, ସମ୍ପୂର୍ଣ୍ଣ ଆୟୁର୍ବେଦିକ
VOCAL FOR LOCAL
ଭାରତର ଉତ୍ପାଦ ଭାରତ ପାଇଁ

**ଡା.ଅର୍ଥୋ** Ayurvedic Oil, Capsules, Spray & Ointment — 8 ଗୁଣକାରୀ ଆୟୁର୍ବେଦିକ ଔଷଧିରେ ପ୍ରସ୍ତୁତ ଡା. ଅର୍ଥୋ ଆପଣଙ୍କ ଆଣ୍ଠୁ, କାନ୍ଧ, ଅଣ୍ଟା, ବେକ ଓ ମଣିବନ୍ଧ ବ୍ୟଥାରେ ସହାୟକ ଆୟୁର୍ବେଦିକ ଔଷଧି। ଯାହାର ପରିଣାମ ପ୍ରଥମ ଦିନରୁ ଦେଖାଯିବ।

**ପେଟ ସଫା** — ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟାବଲେଟ୍‌ସ କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟାକୁ ଦୂର କରିବାରେ ସହାୟକ । ଏହା ପ୍ରଥମ ଦିନରୁ ପ୍ରଭାବ ଦେଖାଏ, ମୁହଁରେ ଲାଖିରହେ ନାହିଁ ଓ ଏହା ଅଭ୍ୟାସରେ ମଧ ପରିଣତ ହୁଏନାହିଁ ।

**ରୂପ ମନ୍ତ୍ରା** — କେବଳ ହଳଦୀ ଚନ୍ଦନ ହିଁ ନୁହେଁ "ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍"ରେ ଅଛି ଏଲୋଭେରା, ଦ୍ରାକ୍ଷା, ତୁଳସୀ ଏବଂ ମୁଲେଠି ଭଳି ଅନ୍ୟ 12 ଜଡ଼ି-ବୁଟିର ଅଦ୍ୱିତୀୟ ସନ୍ତୁଳିତ ମିଶ୍ରଣ, ଯାହା ଆପଣଙ୍କ ଚେହେରାର ତ୍ୱଚାର ରଙ୍ଗକୁ ଭିତରୁ ଉଜ୍ଜ୍ୱଳ କରିବା ଓ କାନ୍ତିପୂର୍ଣ୍ଣ କରିବାରେ ଅତି ସହାୟକ ।

**ସଚ୍ଚୀ ସହେଲୀ** — 67 ଦୁର୍ଲଭ ପ୍ରାକୃତିକ ଜଡ଼ି-ବୁଟିରେ ପ୍ରସ୍ତୁତ ସଚ୍ଚୀ ସହେଲୀ ଆୟୁର୍ବେଦିକ ଟନିକ୍ ଓ ଟାବ୍‌ଲେଟ୍ ନାରୀଙ୍କ ପାଇଁ ବିଶେଷ ଉପଯୋଗୀ । ଏହା ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବା ଓ ଅନ୍ୟ ସମସ୍ୟାରେ ସହାୟକ ଉପାୟ ଅଟେ ।

**ଆଇ ମନ୍ତ୍ରା** EYE Drops — 12 ଗୁଣକାରୀ ଆୟୁର୍ବେଦିକ ଔଷଧର ଯୋଗରେ ପ୍ରସ୍ତୁତ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍ ଆଖିର ସମସ୍ୟା ଯେମିତି ଆଖିର କ୍ଳାନ୍ତି, ଜ୍ୱଳନ, ବ୍ୟଥା ହେବା ଆଦିକୁ କମ୍ କରିବାରେ ସହାୟତା କରିଥାଏ ।

**ଇଚ୍‌କୁ** ଆୟୁର୍ବେଦିକ ମଲମ — ଶୁଦ୍ଧ ଗନ୍ଧକ, ସ୍ଫଟିକା ଭସ୍ମ, ଟଙ୍କଣ ଭସ୍ମ, ଝୁଣା ଆଦିରେ ପ୍ରସ୍ତୁତ 'ଇଚ୍‌କୁ' ଆୟୁର୍ବେଦିକ ମଲମର ଗୁଣକାରୀ ତତ୍ତ୍ୱ ଯାଦୁ, କାଛୁ କୁଣ୍ଡିଆ, ତ୍ୱଚା ବିକାର ଆଦିକୁ ଦୂର କରିବାରେ ସହାୟକ ଅଟେ ।

NO.1 BRAND | Most Trusted Brand of Asia 2016 | WORLD'S GREATEST BRANDS | INDIA'S MOST TRUSTED BRAND

24x7 Helpline: 7876977777 | www.divisastore.com



ସଞ୍ଜୀବ ଜୁନେଜା

# ବଢୁଛି ଆବେଦନକାରୀଙ୍କ ସଂଖ୍ୟା

**କାଳିଆ ଯୋଜନା**
- ଅପେକ୍ଷାରେ ୧୦ହଜାର ଚାଷୀ
- ତଥ୍ୟ ଅସମ୍ପୂର୍ଣ୍ଣ ଦର୍ଶାଇ ପଡି ରହିଛି ୮ ହଜାର ଆବେଦନ ପତ୍ର

ନୟାଗଡ଼ ଅଫିସ,୧।୧୦

କାଳିଆ ଯୋଜନାରେ ସାମିଲ ହେବା ପାଇଁ ୧୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଅପେକ୍ଷାରେ ଅଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ ପାଖକୁ ବାରମ୍ବାର ଧାଇଁ ଧାଇଁ ନୟାନ୍ତ ହୋଇଥିଲେ ହେଁ ଏହି ଯୋଜନାରେ ସେମାନଙ୍କ ନାମ ତାଲିକାଭୁକ୍ତ ପାରୁନାହିଁ । ସେପଟେ ତଥ୍ୟ ଅସମ୍ପୂର୍ଣ୍ଣ ଦର୍ଶାଇ କୃଷି ବିଭାଗ ୮ ହଜାର ୭୯୫ ଚାଷୀଙ୍କ ଆବେଦନକୁ ପକାଇ ରଖିଛି ।

ସୂଚନା ଅନୁଯାୟୀ, ଜିଲାରେ ୯୧ ହଜାର ୮୯୩ ଜଣ ଚାଷୀ କାଳିଆ ଯୋଜନାରେ ରାଜ୍ୟ ସରକାରଙ୍କ ସହାୟତା ପାଉଛନ୍ତି । ଏଥିରେ ନୟାଗଡ଼ ବ୍ଲକର ୧୪ ହଜାର ୭୨୯, ଓଡ଼ଗାଁ ବ୍ଲକର ୨୧ ହଜାର ୫୫୮, ରଣପୁର ବ୍ଲକର ୧୨ ହଜାର ୩୨୩, ଖଣ୍ଡପଡ଼ା ବ୍ଲକର ୧୦ ହଜାର ୨୨୬, ଭାପୁର ବ୍ଲକର ୧୩ ହଜାର ୮୦୯, ଦଶପଲ୍ଲା ବ୍ଲକର ୧୦ ହଜାର ୨୪୬, ନୂଆଗାଁ ବ୍ଲକର ୪ ହଜାର ୭୩୪, ଗଣିଆ ବ୍ଲକର ୪ ହଜାର ୨୬୮ ଚାଷୀ ଅଛନ୍ତି। ଅନ୍ୟପକ୍ଷେ ୧୦ ହଜାର ୧୧୩ ଚାଷୀ କାଳିଆ ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିଥିଲେ । ଏଥିରୁ ୯ହଜାର ୪୨୪ଚାଷୀଙ୍କ ଅଭିଯୋଗ ଜିଲାସ୍ତରରେ ସମାଧାନ ହୋଇ ଯାଇଛି। ଯେଉଁମାନେ କି କାଳିଆ ଯୋଜନାରେ ସାମିଲ ହେବା ପାଇଁ ବାଟ ଚିହ୍ନିଛି । ତେବେ ନୟାଗଡ଼ ବ୍ଲକର ୬୫, ଓଡ଼ଗାଁ ବ୍ଲକର ୧୭୯, ରଣପୁର ବ୍ଲକର ୧୦୯, ଖଣ୍ଡପଡ଼ା ବ୍ଲକର ୧୯, ଭାପୁର ବ୍ଲକର ୯୩, ଦଶପଲ୍ଲା ବ୍ଲକର ୧୩୮, ନୂଆଗାଁ ବ୍ଲକର ୮୨, ଗଣିଆ ବ୍ଲକର ୪ ଏପରି ମୋଟ୍ ୬୮୯ ଚାଷୀଙ୍କ ଅଭିଯୋଗ ଶୁଣାଣୀ ହୋଇପାରି ନାହିଁ । ପୁଣି ଜିଲାରେ ୧୪ ହଜାର ୬୪୧ ଚାଷୀଙ୍କ ତଥ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଛି। ଏଥିରୁ ପୁଣି ୬ ହଜାର ୫୩୫ ଚାଷୀଙ୍କ ଜିଲାସ୍ତରରେ ସମାଧାନ ହୋଇଯାଇଛି । ଅପରପକ୍ଷେ ପୁଣି ନୟାଗଡ଼ ବ୍ଲକର ୨୨୯୮, ଓଡ଼ଗାଁ ବ୍ଲକର ୨୫୪୧, ରଣପୁର ବ୍ଲକର ୪୦୧, ଖଣ୍ଡପଡ଼ା ବ୍ଲକର ୪୩୬, ଭାପୁର ବ୍ଲକର ୯୪୦, ଦଶପଲ୍ଲା ବ୍ଲକର ୨୬୩, ନୂଆଗାଁ ବ୍ଲକର ୧୨୨୬, ଗଣିଆ ବ୍ଲକର ୧ ଏପରି ମୋଟ୍ ୮୧୦୬ ଚାଷୀଙ୍କ ଆବେଦନ ପତ୍ର ପଡ଼ି ରହିଛି । ଏନେଇ ନୟାଗଡ଼ର ଚାଷୀ ସୁଦାମ ପ୍ରଧାନ, ଗଣିଆରୁ ରୁଷିଆ ପ୍ରଧାନ, ଦଶପଲ୍ଲାରୁ ବେଣୁଧର ନାୟକ କୁହନ୍ତି, କାଳିଆ ଯୋଜନାରେ ୫୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ସହାୟତା ପାଇବାକୁ ଅପେକ୍ଷା କରିଛନ୍ତି । କେତେଜଣ ଚାଷୀ ନୂଆ କରି ଆବେଦନ କରିଛନ୍ତି । ପ୍ରାୟ ୧୦ ହଜାର ଆବେଦନ ପ୍ରଶାସନ ପାଖରେ ପଡି ରହିଛି। ତେବେ ପ୍ରକୃତ ଚାଷୀଙ୍କୁ ବାଦ୍ ଦେବା ଅନୁଚିତ ବୋଲି ମତ ପ୍ରକାଶ ପାଇଛି ।

ଏ ସଂକ୍ରାନ୍ତରେ ଜିଲା କୃଷି ଅଧିକାରୀ ସୁବାସ ଚନ୍ଦ୍ର ମହାପାତ୍ର କୁହନ୍ତି, କାଳିଆ ଯୋଜନାରେ ଯେଉଁମାନେ ଆବେଦନ କରିଛନ୍ତି ସେମାନଙ୍କ ଆବେଦନକୁ ଗୁରୁତ୍ୱ ଦେଇ ଜିଲାସ୍ତରରେ ଶୁଣାଣିରେ ସମାଧାନ କରାଯାଉଛି । ପ୍ରକୃତ ଚାଷୀ ଯେପରି ବାଦ୍ ନ ପଡିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି।




@ ସୌମ୍ୟଜିତ୍


@ ବିଶ୍ୱରଞ୍ଜନ


@ ଅମିୟ


@ ପଙ୍କଜ


@ କସ୍ତୁରୀ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍ଫି ଉଠାଇ ପଠାନ୍ତୁ। ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଦିଅନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍ଫି ଉଠାଇବା ଅନୁଚିତ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଖଡିଆରେ ବେଟୀ ବଚାଓ କାର୍ଯ୍ୟକ୍ରମ



ବେଟୀ ବଚାଓ କାର୍ଯ୍ୟକ୍ରମରେ ସଚେତନତା ବ୍ୟାନର ପ୍ରଦର୍ଶନ କରାଯାଉଛି ।

ନୟାଗଡ଼ ଅଫିସ,୧।୧୦

ନୟାଗଡ଼ ଜିଲା ରଣପୁର ବ୍ଲକ ଦର୍ପନାରାୟଣପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧୀନ ଖଡିଆ ଗ୍ରାମରେ ବେଟୀ ବଚାଓ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରର ଆବାହକ ବ୍ରଜ ଗୋପାଳ ଦତ୍ତ, ଖଡିଆ ପଞ୍ଚାୟତର ସରପଞ୍ଚ ପ୍ରଭାଞ୍ଜଳି ଦଳବେହେରା, ଖଡିଆ ଓ ଦର୍ପନାରାୟଣପୁରର ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ,ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଆଶା ସାଥି,ଗ୍ରାମର ୱାର୍ଡ ସଭ୍ୟାସଭ୍ୟ, ଗ୍ରାମ୍ୟ ମହିଳା ଓ କିଶୋରୀ ବାଳିକାମାନେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ସ୍ଥାନୀୟ ଅଞ୍ଚଳରେ ଝିଅ ସଂଖ୍ୟା କମ ରହିଛି। ଏଣୁ 'କନ୍ୟା ରତନ କର ଜତନ' ଓ 'ଝିଅ ଝିଅ ଝିଅ ଆଉ ସବୁ ତଳେ ପୁଅ' ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନତା କରାଯାଇଥିଲା । ସେହିପରି ଝିଅ ଜନ୍ମ ହେବାର ଜାଣି କିପରି ଲୋକମାନେ ଭ୍ରୂଣ ହତ୍ୟା ନ କରିବେ, ଓ ଝିଅମାନଙ୍କୁ ଘୃଣା ନ କରି ଭଲ ପାଇବେ ତା'ଉପରେ ଗୁରୁତ୍ୱ ଦିଆଯାଇଥିଲା ।

# ନାନା ଅବ୍ୟବସ୍ଥାରେ ସ୍ୱାସ୍ଥ୍ୟମେଳା

## ଅପେକ୍ଷା କରି ଫେରିଲେ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ

**ନୟାଗଡ଼ ଅଫିସ,୧।୧୦:** ଜିଲା ସାମାଜିକ ସୁରକ୍ଷା ବିଭାଗ ଓ ଜିଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ନୟାଗଡ଼ର ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବୃହତ୍ ସ୍ୱାସ୍ଥ୍ୟସେବା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ତେବେ ସ୍ୱାସ୍ଥ୍ୟମେଳାରେ ଅବ୍ୟବସ୍ଥା ଅଧିକ ସେବା କମ ମିଳିବାରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଫେରି ଯାଇଥିବାର ଦେଖିବାକୁ ମିଳିଥିଲା। ଡାକ୍ତରମାନେ ୨ ଘଣ୍ଟା ବିଳମ୍ବରେ ଆସିଥିଲେ। ଜିଲାପାଳ ମଧ ମଧ୍ୟାହ୍ନରେ ଆସି ଉଦ୍‌ଘାଟନ କରିଥିଲେ। ପରୀକ୍ଷଣ ମାନ ଭଲ ନ ଥିଲା ବୋଲି ଅନେକ ବରିଷ୍ଠ ନାଗରିକ ମତ ଦେଇଛନ୍ତି। ଏଥିରେ ଡାକ୍ତରଖାନାର ମାଗଣା ଔଷଧ ଓ ସାମ୍ପୁଲ ଔଷଧ ଦିଆଯାଇଥିଲା। ରୋଗୀମାନଙ୍କ ପାଇଁ କେବଳ ପାଣି ଦିଆଯାଇଛି। ଜଳଖିଆ ପ୍ୟାକେଟ ନ ଥିଲା। ତେବେ ୪ ଲକ୍ଷ ଟଙ୍କା ସରକାର ଦେଇଥିବାବେଳେ ପ୍ରଶାସନ କେତେଟଙ୍କା କେଉଁ ବାବଦରେ ଖର୍ଚ୍ଚ କଲା ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗ ଉଠିଛି। ଏଭଳିସ୍ଥଳେ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି ସବୁ କିଛି ଠିକ୍ ଠାକ୍ ଥିଲା। ଶିବିରରେ ୨୮୬ଜଣ ବରିଷ୍ଠ ନାଗରିକଙ୍କ ନାମ ପଞ୍ଜୀକୃତ କରାଯିବା ସହିତ ସେମାନଙ୍କୁ ଚିକିତ୍ସା କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନ ସାମିଲ ହୋଇଥିଲେ।

# ଶ୍ରୀଜୀଉଙ୍କୁ ବ୍ରହ୍ମକମଳ ସମର୍ପଣ

ନୟାଗଡ଼ ଅଫିସ,୧।୧୦

ଶରଣକୁଳ ଲଡୁବାବାଙ୍କ ମନ୍ଦିରର ପାର୍ଶ୍ୱଦେବତା ଜଗନ୍ନାଥଙ୍କୁ ଶନିବାର ବ୍ରହ୍ମକମଳ ଲାଗି କରାଯାଇଛି । ଶରଣକୁଳ ପଞ୍ଚାୟତ ସୁଆରସାହି ଗ୍ରାମର ପ୍ରଶାନ୍ତ କୁମାର ମିଶ୍ର କିଛିଦିନ ତଳେ ନିଜଘର ଅଗଣାରେ ଏକ ବ୍ରହ୍ମ କମଳ ଗଛ ଲଗାଇଥିଲେ। ଶୁକ୍ରବାର ରାତିରେ ଗଛଟିରେ ଏକ ବ୍ରହ୍ମକମଳ ଫୁଲ ଫୁଟି ଥିବାର ଦେଖିଥିଲେ । ପରିବାର ଲୋକେ ଗଛ ପାଖରେ ଦୀପ ଜାଳି ରାତିସାରା ଜଗି ରହିବା ସହିତ ଶନିବାର ସକାଳୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଫୁଲଟି ସମର୍ପଣ କରିଛନ୍ତି ।











## ଦାଦାବଟି ମାଗିବା ଅଭିଯୋଗରେ ୨ ଗିରଫ

**ବ୍ରହ୍ମପୁର ଅଫିସ, ୧।୧୦:** ଜଣେ ଗାଡ଼ି ଡ୍ରାଇଭରଙ୍କୁ ମାଡ଼ ମାରିବା ସହ ଦାଦାବଟି ମାଗିବା ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଯଦୁନାଥପଲିର ମନୋଜ କୁମାର ଦାସ (୨୮) ଓ ବିଦ୍ୟାଧର ଦାସ(୨୬)। ଘଟଣା ବେଳେ ସେମାନେ ବ୍ୟବହାର କରିଥିବା ଗାଡ଼ିକୁ ପୋଲିସ ଜବତ କରିଛି। ମାମଲା ନମ୍ବର ୪୫୫/୨୨ରେ ଉଭୟ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ତାରସିଂ ଥାନା ଅନ୍ତର୍ଗତ ସୋରିଷମୂଳି ଗ୍ରାମର ଲକ୍ଷ୍ମୀ ଗୌଡ଼ ଗାଡ଼ି ଚାଳକ। ସେ ସଦର ଥାନା ଅନ୍ତର୍ଗତ ବୋରିଗାଁରେ ଏକ ଘର ଭଡ଼ା ନେଇ ରହୁଥିଲେ। ଗତ ୨୯ ତାରିଖ ରାତି ପ୍ରାୟ ୯ ଟାରେ ଏକ ଟାଟା ଏସ୍ଇ ଗାଡ଼ିରେ ସେ ରାଶନ ସାମଗ୍ରୀ ଧରି ଗୁରୁଣ୍ଡି ଗ୍ରାମରୁ ଭୂତପଲି ଗାଁଦେଇ ବ୍ରହ୍ମପୁର ଆସୁଥିଲେ। ଭୂତପଲି ପୂର୍ବରୁ ଦୁଇଜଣ ଯୁବକ ତାଙ୍କ ଗାଡ଼ିକୁ ଅଟକାଇ ଥିଲେ। ଏହି ରାସ୍ତାଦେଇ ଗାଡ଼ି ନେଉଛ, ଏଣୁ ଆମକୁ ଦାଦାବଟି ଦେବାପାଇଁ କହିଥିଲେ। ମୋ ପାଖରେ କିଛି ଟଙ୍କା ନାହିଁ ବୋଲି ଡ୍ରାଇଭର ସେମାନଙ୍କୁ କହିଥିଲେ। ହେଲେ ସେମାନେ ତାଙ୍କୁ ସେଠାରେ ମାରପିଟ କରିବା ସହ ଗାଡ଼ିରେ ଥିବା ସାମଗ୍ରୀ ଲୁଟ ଉଦ୍ୟମ କରିଥିଲେ। ଲକ୍ଷ୍ମୀ ମାଡ଼ ଖାଇବା ପରେ କୌଶଳକ୍ରମେ ଗାଡ଼ିଟିକୁ ଧରି ସେଠାରୁ ବ୍ରହ୍ମପୁର ଖସି ଆସିଥିଲେ। ପରେ ସେ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ।









## ସଂକ୍ଷେପରେ

### ଗାଲେରୀ କଲେଜର ପ୍ରତିଷ୍ଠା ଦିବସ

ଭଞ୍ଜନଗର,୧।୧୦(ଡି.ଏନ.ଏ)-ନିକଟସ୍ଥ ଗାଲେରୀ ଦଣ୍ଡପାଣି ମହାର୍ଥୀ କଲେଜର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଟ୍ୟକାର ଏ.ସୁରେଶ ପାତ୍ର, ଅଧାପକ ଅଶୋକ ସ୍ୱାଇଁ, ସମିତିସଭ୍ୟା ମାମାଜିନି ଗୌଡ଼, ଖବରଦାତା ସୁଶାନ୍ତ ସାହୁ, କଣ୍ଠଶିଳ୍ପୀ ରୋଜାଲିନ୍ ପତି ଅତିଥି ଭାବେ ଯୋଗ ଦେଇଥିଲେ । ଅଧକ୍ଷ ସୁଶାନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଧାପକ ଦୁର୍ଗା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ଟିକି ବେହେରା ଓ ସନ୍ତୋଷିନି ଡାକୁଆ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିରୁପାକ୍ଷ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଆଇଆର୍‌ବି କ୍ୟାମ୍ପରେ ସ୍ୱାସ୍ଥ୍ୟ ଶିବିର

ଭଞ୍ଜନଗର,୧।୧୦(ଡି.ଏନ.ଏ):ଭଞ୍ଜନଗର ତନରଡ଼ାରେ ଥିବା ଆଇଆରବି ୮ମ ବାଟାଲିୟନ (ସ୍ୱତନ୍ତ୍ର) କ୍ୟାମ୍ପରେ ଶୁକ୍ରବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଭଞ୍ଜନଗର ଏବଂ ବେଲଗୁଣ୍ଠା ମେଡ଼ିକାଲର ଡାକ୍ତରମାନେ ଯୋଗଦେଇ ସମ୍ପୃକ୍ତ ଅଞ୍ଚଳବାସୀ ଏବଂ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। କମାଣ୍ଡିଙ୍ଗ୍ ଅଫିସର ଲିଙ୍ଗରାଜ ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଡେପୁଟି କମାଣ୍ଡେଟଂ ରମେଶ ଜେନା, ଆସିଷ୍ଟାଣ୍ଡ କମାଣ୍ଡେଣ୍ଟ ଶିବ ନାରାୟଣ ନାୟକ, ରଞ୍ଜିତ ବାର୍ଲା, ଇନସିପେକ୍ଟର ଏସ୍.ଡ଼ି.ସାହୁ, ଏସ୍.କେ.ବଡ଼ମାଲି, ବି.କେ.କଁଅର,ଡ଼ି.ଆର.ସୋରେନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

### ଅରବିନ୍ଦ ନଗର ରାସ୍ତା ଅବସ୍ଥା ଶୋଚନୀୟ

ବୁଗୁଡ଼ା,୧।୧୦(ଡି.ଏନ.ଏ.):ବୁଗୁଡା ଏନଏସି କଲ୍ୟାଣ ମଣ୍ଡପ ପଛପଟ ଅରବିନ୍ଦ ନଗର ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ୱାର୍ଡ ନଂ-୩ ଅନ୍ତର୍ଗତ ଏହି ରାସ୍ତା ସାରା ଖାଲଖମା ସାଙ୍ଗକୁ ସଦାବେଳେ ଦୁର୍ଗନ୍ଧ ପାଣି ଜମି ରହୁଥିବାରୁ ସେଠାରେ ଘୁଷୁରି ଲୋଟିବା ସହ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି। ସାମାନ୍ୟ ବର୍ଷା ହେଲେ ସେହି ରାସ୍ତା ଦେଇ କେହି ହେଲେ ଯିବାକୁ ଉଚିତ୍ ମଣୁ ନାହାନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ଏନ୍ଏସି ପ୍ରଶାସନ ନିଦାବିଷ୍ଣୁ ସାଜିଛି। ଅପରପକ୍ଷରେ, ଦୁଇରୁ ଚାରୋଟି ଘର ଥିବା ଜାଗାକୁ ପେବର ରାସ୍ତା ନିର୍ମାଣ କରାଯାଉଥିବା ବେଳେ ଅରବିନ୍ଦ ନଗରର ଏହି ଶୋଚନୀୟ ରାସ୍ତା ପ୍ରତି ଧାନ ନଦେବା ଏନ୍ଏସି ପ୍ରଶାସନର କିଭଳି ମାନସିକତା ତାହା ବୁଝା ପଡୁନାହିଁ ଏଣୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଧାନ ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ପୋଲସରା ନିର୍ବାଚନ ମଣ୍ଡଳୀ ବ୍ଲକ, ଏନଏସି ଯୁବ ବିଜେଡି ସଭାପତି ମନୋନୀତ

ପୋଲସରା,୧।୧୦(ଡି.ଏନ.ଏ.):ପୋଲସରା ବିଧାନସଭା କ୍ଷେତ୍ର ସମେତ ପୋଲସରା ଏନ୍ଏସି ଓ ପୋଲସରା ବ୍ଲକ ପାଇଁ ବିଜେଡିର ସଭାପତି ମନୋନୀତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀର ବିଜେଡିର ସଭାପତି ଭାବେ ସୁଶାନ୍ତ କୁମାର ପଲେଇ, ପୋଲସରା ବ୍ଲକ ସଭାପତି ଭାବେ ସୁଦୀପ୍ତ କୁମାର ଦଳେଇ, ଏନ୍ଏସି ବିଜୁ ଯୁବ ଜନତା ସଭାପତି ଭାବେ ସନ୍ତୋଷ କୁମାର ବେହେରା ମନୋନୀତ ହୋଇଛନ୍ତି। ନିର୍ବାଚନ ମଣ୍ଡଳୀର ସଭାପତି ପଲେଇ, ବ୍ଲକ ସଭାପତି ଦଳେଇ ଓ ଏନ୍ଏସି ସଭାପତି ବେହେରା ସଭାପତି ଭାବେ ନିଯୁକ୍ତି ପାଇଥିବା ଯୋଗୁ ପୋଲସରା ବିଧାୟକ ତଥା ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଗଞ୍ଜାମ ଜିଲା ପର୍ଯ୍ୟବେକ୍ଷକ ତଥା ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ କୁମାର ମଲ୍ଲିକ, ଗଞ୍ଜାମ ଜିଲା ବିଜେଡି ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ବ୍ୟୋମକେଶ ରାୟ ଓ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଭବାନୀ କାନ୍ତ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମା' ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା

- ଅସ୍ଥାୟୀ ଯାତ୍ରା ପୀଠରେ ବିଜେ ହେଲେ ମା' ସାଆନ୍ତାଣୀ
- ଫୁଲମଣ୍ଡା ଶୋଭାଯାତ୍ରାରେ ଭିଡ, ସହର ଉତ୍ସବ ମୁଖର

**ଦିଗପହଣ୍ଡି,୧।୧୦(ଡି.ଏନ.ଏ.)**



ପୀଠରେ ପୂଜା ପାଉଥିବା ମା' ବୁଢ଼ୀ ଠାକୁରାଣୀ।

ଦିଗପହଣ୍ଡି ସହରର ଗଣପର୍ବ ମା' ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ମହୋତ୍ସବ ଶନିବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇଛି। ଠାକୁରାଣୀ ଯାତ୍ରା ନିମନ୍ତେ ସହର ଉତ୍ସବ ମୁଖର ହୋଇଛି। ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ବହୁ ସଂଖ୍ୟକ ବାସିନ୍ଦା ଯାତ୍ରା ପାଇଁ ପିଲାଙ୍କୁ ନେଇ ଘରକୁ ଆସିଛନ୍ତି। ଯାତ୍ରା ପାଇଁ ଘରେ ଘରେ ପିଠା ପଣା ଭୋଜି ଭାତର ଆସର ପାଲଟିଛି। ଶନିବାର ମନ୍ଦିର ପୀଠକୁ ଗଙ୍ଗା ଜଳରେ ଶୋଧନ କରାଯିବା ପରେ ପୂର୍ବ ପ୍ରଚଳିତ ନୀତିକାନ୍ତି ଅନୁଯାୟୀ ମା' ଙ୍କୁ ମାଜଣା ସେବା ପୂଜା ବନ୍ଦାପନା କରାଯାଇଥିଲା। ମୁଖ୍ୟ ପୁରୋହିତ ପଣ୍ଡିତ ସନାତନ ରଥ, ମନ୍ଦିର ସେବାୟତ ଲିଙ୍ଗରାଜ ପାତ୍ର, ଶମ୍ଭୁନାଥ ପାତ୍ର, ସୋମନାଥ ପାତ୍ର, ପ୍ରଫୁଲ୍ଲ ପାତ୍ର, ତାରିଣୀ ପାତ୍ର, ଆଦିତ୍ୟ ପାତ୍ର ପ୍ରମୁଖ ଦୀର୍ଘ ସମୟ ଧରି ମା'ଙ୍କୁ ପୂଜାର୍ଚ୍ଚନା କରିବା ପରେ ମା'ଙ୍କ ସାନ୍ଧ୍ୟା ଆଳତି କରାଯାଇଥିଲା। ମନ୍ଦିର ପରିସରରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଢୋଲ, ମହୁରୀ, ମୃଦଙ୍ଗ, ଘଣ୍ଟ , ଗିନି କୀର୍ତ୍ତନ ବାଦ୍ୟ ବାଜଣା ସହ ମା' ଙ୍କ ଜୟ ଜୟକାର ଧ୍ୱନିରେ ମନ୍ଦିର ପୀଠ ପ୍ରକମ୍ପିତ ହୋଇଥିଲା। ମୁଖ୍ୟ ପୁରୋହିତଙ୍କ ଦ୍ୱାରା ଶକ୍ତିପଲ୍ଲବ ଦେବୀ ମନ୍ତ୍ର ପାଠ କରାଯାଇ ନବଶକ୍ତି ମଣ୍ଡଳ ପୂଜା କ୍ରମରେ ଆସନ, ସ୍ୱାଗତ, ପାଦ୍ୟ, ଅର୍ଘ୍ୟ, ଆଚମନ, ମଧୂପର୍କ, ପୁନଃ ଅଚମନ, ବସ୍ତ୍ର ଆଭରଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଓ ମହା ଆଳତି ବନ୍ଦାପନା ପରେ ମା' ଙ୍କୁ ଅସ୍ଥାୟୀ ଯାତ୍ରା ପୀଠକୁ ଆବାହନ କରାଯାଇଥିଲା। ରାତି ପ୍ରାୟ ୧୦ ଟା ୪୮ ମିନଟ ରେ ମା' ମସ୍ତକରୁ ଆଜ୍ଞା ମାଳ ଖସିବା ପରେ ଫୁଲମଣ୍ଡା ଖଚିତ ଚାଙ୍ଗୁଡ଼ିକୁ ମା' ବିରାଜମାନ କରିଥିଲେ। ପରେ ଫୁଲ ମଣ୍ଡା ଚାଙ୍ଗୁଡିକୁ ମୁଖ୍ୟ ସେବାୟତଙ୍କ ମସ୍ତକକୁ ଉଠା ଯାଇଥିଲା। ନୃତ୍ୟ ଗୀତ ବାଦ୍ୟ ବାଜଣା ଆତସବାଜି ଫୁଟାଯାଇ ବିଶାଳ ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିର ଛକ, ବଜାର ସାହି ପରିକ୍ରମା କରି ମା' ସାଆନ୍ତାଣୀ ବୁଢ଼ୀ ଠାକୁରାଣୀ ରାତି ପ୍ରାୟ ୧ ଟାରେ ଅସ୍ଥାୟୀ ଯାତ୍ରା ପୀଠରେ ପହଞ୍ଚି ଥିଲେ। ଯାତ୍ରା କମିଟି ସଭାପତି ବିକାଶ ପଶୁପାଳକ, ଉପସଭାପତି ପ୍ରଭାକର ରେଡ୍ଡୀ, ସମ୍ପାଦକ ନୀଳମାଧବ ଗୌଡ, ସହ ସମ୍ପାଦକ ଆଲୁ.ସୁଶାନ୍ତ, କୋଷାଧ୍ୟକ୍ଷ ହିମାଂଶୁ ଶେଖର ପାଣିଗ୍ରାହୀ, ସହ କୋଷାଧ୍ୟକ୍ଷ ଆଶିଷ କୁମାର ପଟ୍ଟନାୟକ, ଦୁର୍ଗା ମେକାପଙ୍କ ସମେତ ଯାତ୍ରା କମିଟିର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୮ ତାରିଖ ଶନିବାର ଭୋରରେ ଆଶ୍ୱିନ ପୂର୍ଣ୍ଣମୀ ତିଥିରେ ଏହି ଯାତ୍ରା ମହୋତ୍ସବ ଉଦ୍‌ଯାପିତ ହେବ। ପ୍ରତିଦିନ ସନ୍ଧ୍ୟାରେ ଯାତ୍ରା ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି।

# ଆୟୁର୍ବେଦ ଚିକିତ୍ସା ଶିବିର ଉଦ୍‌ଯାପିତ



ଡ.ସୀମାଞ୍ଚଳ ପତି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ।

**ଭଞ୍ଜନଗର,୧।୧୦(ଡି.ଏନ.ଏ)**

ଭଞ୍ଜନଗର ବାର୍ ଆସୋସିଏଶନ ଏବଂ ଭୁବନେଶ୍ୱର ପ୍ରତ୍ୟୁଷ ଅନୁଷ୍ଠାନର ମିଳିତ ସହଯୋଗରେ ସ୍ଥାନୀୟ କୋର୍ଟ ପରିସରରେ ଚାଲିଥିବା ଦୁଇଦିନିଆ ଆୟୁର୍ବେଦିକ ଚିକିତ୍ସା ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ୩୬୭ଜଣ ରୋଗୀ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା। ଶୁକ୍ରବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସଭାପତି ସନ୍ତୋଷ ନାୟକ ଅଧ୍ୟକ୍ଷତା କରିଥିଲେ । ଏଡିଜେ ଦେବଦତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବ୍ ଜଜ୍ ସୋମାଲିନା ମିଶ୍ର, ଏସ୍‌ଡିଜେଏମ୍ ଅମିତ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତ୍ୟୁଷର ନିର୍ଦ୍ଦେଶକ ନିରଞ୍ଜନ ପଣ୍ଡା ସଭାକୁ ସଂଯୋଜନା କରିଥିଲେ। ଦୁଇଦିନିଆ ଶିବିରକୁ ସମ୍ପାଦକ ଅମରେଶ ମହାପାତ୍ର, ଉପ ସଭାପତି ଧିରେନ ସ୍ୱାଇଁ, ମନୋଜ ପଟ୍ଟନାୟକ, ସହ ସମ୍ପାଦକ ଚନ୍ଦ୍ରମଣି ମହାପାତ୍ର, ଗିରିଜା ଶଙ୍କର ଭୂୟାଁ, ଅଶ୍ୱିନି ପାଣିଗ୍ରାହୀ, ସନ୍ତୋଷ ତିଆଡ଼ି, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ବନ୍ଧୁକ ସହ ଶିକାରୀ ଗିରଫ

**ଭଞ୍ଜନଗର,୧।୧୦(ଡି.ଏନ.ଏ)**

ଭଞ୍ଜନଗର ଉତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମର ଆରତ ଗମାଙ୍ଗୋଙ୍କୁ ଶୁକ୍ରବାର ରାତିରେ ବନ ବିଭାଗ ଗିରଫ କରିଛନ୍ତି। ଏଥିସହ ଶିକାର ପାଇଁ ବ୍ୟବହୃତ ହେଉଥିବା ଏକ ଦେଶୀ ବନ୍ଧୁକକୁ ମଧ୍ୟ ଜବତ କରାଯାଇଛି। ଆରତ ଶୁକ୍ରବାର ରାତିରେ ଜଙ୍ଗଲରେ ବାର୍‌ହା ଶିକାର ପାଇଁ ବନ୍ଧୁକ ଧରି ବୁଲୁଥିଲେ । ଏନେଇ ବନ କର୍ମଚାରୀ ଖବରପାଇ ଅଭିଯୁକ୍ତଙ୍କୁ ଧରିଥିଲେ।

# ହତ୍ୟାକାରୀଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ



ମହିଳାମାନେ ଧାରଣାରେ ବସିଛନ୍ତି।

**ନାରାୟଣ ମୃତ୍ୟୁ ଘଟଣା**

**ପାରଳାଖେମୁଣ୍ଡି,୧।୧୦(ଡି.ଏନ୍.ଏ.)**

ଗଜପତି ଜିଲା ସେରଙ୍ଗ ଥାନା ଅନ୍ତର୍ଗତ ନାମନଗଡ ଗ୍ରାମର ନାରାୟଣ ପାଇକଙ୍କ ଝୁଲନ୍ତା ମୃତଦେହ ସେପ୍ଟେମ୍ବର ୩ରେ ପୋଲିସ ଜବତ କରିଥିଲା। ଏହା ଆତ୍ମହତ୍ୟା ନୁହେଁ ହତ୍ୟା ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ହେଲେ ବର୍ତ୍ତମାନ ଯାଏ ନାରାୟଣଙ୍କ ମୃତ୍ୟୁର ରହସ୍ୟ ଜଣାପଡ଼ିନାହିଁ। ଏହି ଘଟଣାର ଠିକ୍ ତଦନ୍ତ ଦାବିରେ ଶନିବାର ମୃତକ ନାରାୟଣଙ୍କ ପରିବାର ଓ ଗ୍ରାମବାସୀ ଏସ୍‌ପି ଜୟରାମ ଶତପଥୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ନାରାୟଣ ପାଇକ ଗତ ସେପ୍ଟେମ୍ବର ୧ରୁ ନିଖୋଜ ଥିଲେ। ସେପ୍ଟେମ୍ବର ୩ରେ ଗାଁ ଠାରୁ ୩ କିମି ଦୂରରେ ମୁର୍କଡା ପାହାଡ଼ରୁ ଝୁଲନ୍ତା ଅବସ୍ଥାରେ ନାରାୟଣଙ୍କ କ୍ଷତବିକ୍ଷତ ମୃତଦେହ ପୋଲିସ ଜବତ କରିଥିଲା। ଏହା ହତ୍ୟା ବୋଲି ପରିବାର ଲୋକେ ସେରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପ୍ରଥମେ ଏତଲା ଗ୍ରହଣ କରିବାକୁ ଅନିଚ୍ଛୁକ ଥିବା ପୋଲିସ, ଅନଲାଇନ ଏତଲା ପଞ୍ଜିକୃତ କରିବା ପରେ ମଧ ତତ୍ପରତା ପ୍ରକାଶ କରୁ ନଥିବାରୁ ଗ୍ରାମର ଶତାଧିକ ଲୋକେ ଉତ୍ତ୍ୟକ୍ତ ଏସ୍‌ପିଙ୍କ ସହ ସାକ୍ଷାତ କରିଥିଲେ। ଉପଯୁକ୍ତ ତଦନ୍ତ କରି ହତ୍ୟାକାରୀକୁ ଖୋଜିବାକୁ ଗ୍ରାମବାସୀ ଓ ପରିବାର ଲୋକେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ମୃତ ନାରାୟଣ ନିଖୋଜ ହେବା ପୂର୍ବ ରାତିରେ ସାନଭାଇ ସିବାନନ୍ଦ ପାଇକଙ୍କୁ କହିଥିଲେ, ତାଙ୍କ ଗ୍ରାମର ଜଣେ ବ୍ୟକ୍ତି, ତାଙ୍କୁ ହତ୍ୟା ଧମକ ଦେଇଛି, କାରଣ ସମ୍ପୃକ୍ତ ବ୍ୟକ୍ତି ଜଣକ କିଛି ଦିନ ପୂର୍ବେ ଗାଁର ନଘରିଆ ସାହିର ଜଣଙ୍କ ଘରେ ନିଆଁ ଲଗାଇ ଦେଇଥିବା ବିଷୟରେ ନାରାୟଣ ଜାଣିଥିଲେ। ତେଣୁ ସିବାନନ୍ଦ ଲିଖିତ ଅଭିଯୋଗ କରିବାକୁ ବାରମ୍ବାର ସେରଙ୍ଗ ଥାନାକୁ ଯାଇଥିଲେ କିନ୍ତୁ ତାଙ୍କ ଏତଲା ଗ୍ରହଣ କରିନଥିଲେ ପୋଲିସ। ଏ ନେଇ ସିବାନନ୍ଦ ହତ୍ୟା ଅଭିଯୋଗ ଅନଲାଇନ ଜରିଆରେ ଦାଖଲ କରିଛନ୍ତି।

# ଓଡ଼ିଆ ପ୍ରାଧ୍ୟାପକଙ୍କ ପରଲୋକ

ଭଞ୍ଜନଗର,୧।୧୦(ଡି.ଏନ.ଏ) ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ବଟୁକେଶ୍ୱର ବାରିକ (୫୬)ଙ୍କ ଶନିବାର ପରଲୋକ ଘଟିଛି। ଶୁକ୍ରବାର ରାତିରେ ହଠାତ୍ ସେ ଭଞ୍ଜନଗର ଘରେ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସାପାଇଁ ଭୁବନେଶ୍ୱର ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରାଧ୍ୟାପକ ବାରିକଙ୍କ ଘର ବାଣପୁର। ସେ ଏଠାକୁ କିଛିବର୍ଷ ପୂର୍ବେ ବଦଳୀ ହୋଇ ଆସିଥିଲେ। ତାଙ୍କର ବିୟୋଗରେ ଭାରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ, ବିଭାଗୀୟ ଅଧାପିକା ରାଜଲକ୍ଷ୍ମି ରଥ, ରୋଜାଲିନ ମହାରଣା, ଦିପାଶ୍ରୀ ମହାପାତ୍ର, ଅଧାପକ ବିକ୍ରମ ପ୍ରଧାନ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଡମ୍ଫର ଧକ୍କାରେ ଇଞ୍ଜିନିୟରିଂ ଛାତ୍ର ଗୁରୁତର



ରାସ୍ତା ପାର୍ଶ୍ୱରେ ଅଟକି ରହିଥିବା ଯାନବାହାନ।

**ପାରଳାଖେମୁଣ୍ଡି,୧।୧୦(ଡି.ଏନ୍.ଏ.)**

ଗୋଷାଣୀ ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଆର ସୀତାପୁର ନିକଟରେ ଶନିବାର ଡମ୍ଫର ଧକ୍କାରେ ଇଞ୍ଜିନିୟରିଂ ଛାତ୍ର ଏଲ ମଧୁ ଗୁରୁତର ହୋଇଛନ୍ତି। ଛାତ୍ର ଜଣକ ପାରଳାଖେମୁଣ୍ଡି ଅଭିମୁଖେ ବାଇକ ଯୋଗେ ଯାଉଥିବା ବେଳେ ଆର ସୀତାପୁର ନିକଟରେ ପଛପଟୁ ଡମ୍ଫର ଧକ୍କା ଦେଇଥିଲା। ତାଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟ ପରେ ଶ୍ରୀକାକୁଲମ ମେଡିକାଲକୁ ସ୍ଥାନାନ୍ତର କରାଯାଇ ଥିବା ବେଳେ ଉତ୍ତ୍ୟକ୍ତ ଲୋକ ଡମ୍ଫର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମୋହନା – ପାରଳାଖେମୁଣ୍ଡି ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଏକ ଘଣ୍ଟା ଧରି ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଗଜପତି ଏସ୍‌ପି ଜୟରାମ ଶତପଥୀ,ଏସ୍‌ଡିପିଓ ରାମକୃଷ୍ଣ ପତି ଓ ଗୁରାଣ୍ଡି ଥାନାଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଗାଡ଼ି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।

# କୃଷି କାର୍ଯ୍ୟାଳୟରେ କୃଷିର ବିକାଶ ତାଲିମ

**ଜି.ଉଦୟଗିରି,୧।୧୦**



କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନରେ ଚାଷୀ ଓ ଅଧିକାରୀ।

ସ୍ଥାନୀୟ ଗୋଷ୍ଠୀ କୃଷି କାର୍ଯ୍ୟାଳୟରେ ଗୋଷ୍ଠୀ କୃଷି ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲା କୃଷି ଅଧିକାରୀଙ୍କ ଆୟୋଜନକ୍ରମେ ଓ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ସହାୟତାରେ ସମନ୍ୱିତ କୃଷି ପ୍ରଣାଳୀରେ କୃଷିର ବିକାଶ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ଡ. ଆୟୁର୍ଦ୍ଦେହି ମିଶ୍ର, ଜିଲା କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀ ଓ ବୈଜ୍ଞାନିକ ଡ. ସୁଜିତ୍ କୁମାର ମୁଖୀ ଉପସ୍ଥିତ ରହି ଚାଷୀମାନେ ମାଟି ପରୀକ୍ଷା, ଜିଆଖତ, ଉଦ୍ୟାନ ବିଭାଗ, ମୃତ୍ତିକା ବିଭାଗ, ପଶୁପାଳନ ବିଭାଗ ଆଦି ବିଭାଗ ଦ୍ୱାରା କିପରି ଚାଷର ବିକାଶ ହୋଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ କୃଷି ଅଧିଦର୍ଶକ କାଳୀ ଚରଣ ସାହୁ ପରିଚାଳନାରେ ସହଯୋଗ କରିଥିଲେ। ପରେ ୪ ବ୍ଲକର ୩୦ ଚାଷୀଙ୍କୁ ନେଇ କୃଷି ବିଜ୍ଞାନ କେନ୍ଦ୍ର ଭଞ୍ଜନଗରକୁ ପରିଦର୍ଶନ କରାଇଥିଲେ।

# ଚକ୍ଷୁ ପରାମର୍ଶ, ସଚେତନତା ଶିବିର

**ପାତ୍ରପୁର,୧।୧୦(ଡି.ଏନ.ଏ)**

ପାତ୍ରପୁର ବ୍ଲକ ଜରଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରେ ମାଗଣା ଚକ୍ଷୁ ପରାମର୍ଶ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ରୁବି ଚକ୍ଷୁ ଚିକିତ୍ସାଳୟ ଓ ଲାସିକ ସେଣ୍ଟର, ସଙ୍କର ଆଇ ଫାଉଣ୍ଡେଶନ ବ୍ରହ୍ମପୁର ଆନୁକୁଲ୍ୟରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସରପଞ୍ଚ ତିଳ ବେହେରା ଶୁଭାରମ୍ଭ କରିଥିଲା ବେଳେ ନାଏବ ସରପଞ୍ଚ ମାଧବ ବାଡତ୍ୟା ସହଯୋଗ କରିଥିଲେ। ଚକ୍ଷୁ ସହାୟକ ପରିଚାଳକ ପ୍ରଭାତ କୁମାର ପ୍ରଧାନ, ଚକ୍ଷୁ ସହାୟିକା ପ୍ରଜ୍ଞା ପ୍ରମିତା ସାହୁ ଗୀତାଞ୍ଜଳି ସାହୁ ଲୋକମାନଙ୍କ ଚକ୍ଷୁ ପରୀକ୍ଷା କରି ୧୧ ଜଣଙ୍କୁ ପରଳ ଅପରେଶନ ପାଇଁ ପରାମର୍ଶ ଦେଇ ଥିଲେ। ୨୫ ଜଣଙ୍କୁ ଔଷଧ ପ୍ରଦାନ କରାଯାଇଥିଲା।

# ୧୩୨୫ କିଗ୍ରା ଗଞ୍ଜେଇ ପୋଡ଼ିଲା ପୋଲିସ

**ଶେରଗଡ,୧।୧୦(ଡି.ଏନ.ଏ.)**

ଶେରଗଡ଼ ବ୍ଲକ କରଡ଼ାକଣା ପଞ୍ଚାୟତ ଅନ୍ତର୍ଗତ ଲାଉଗୁଡ଼ା ଓ ଅରଖପଦା ଗ୍ରାମ ମଝିରେ ଥିବା ଏକ ବ୍ଲାଷ୍ଟ ଫର୍ଣ୍ଣେସ୍‌ରେ ୧୩୨୫ କିଗ୍ରା ଗଞ୍ଜେଇକୁ ପୋଡ଼ି ନଷ୍ଟ କରାଯାଇଛି। ଆସିକା ପୋଲିସର ଏହି ଟିମରେ ଏସ୍‌ଡିପିଓ ଉମାକାନ୍ତ ସିଂ, ପାଟପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ଶେରଗଡ ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ ପ୍ରମୁଖ ପାଟପୁର ଥାନା ଅଞ୍ଚଳରୁ ବିଭିନ୍ନ ସମୟରେ ଜବତ ହୋଇଥିବା ଗଞ୍ଜେଇକୁ ଅଖାରେ ଭର୍ତ୍ତି କରି ବ୍ଲାଷ୍ଟ ଫର୍ଣ୍ଣେସ୍‌ରେ ପକାଇ ପୋଡ଼ିଥିଲେ। ଆସିକା ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଓ ଗଞ୍ଜାମ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏହା କରାଯାଇଛି।

# ୧୧ ଦିନ ବିତିଲା, ସ୍ୱାଭାବିକ ହେଉନି ଯାତାୟାତ

- ଗାଜଲବାଡ଼ି ଘାଟିରେ ଭୂସ୍ଖଳନ ଘଟଣା
- ବିପଦସଙ୍କୁଳ ଯାତାୟାତ ଅଭିଯୋଗ

**ଦାରିଙ୍ଗବାଡ଼ି,୧।୧୦(ଡି.ଏନ୍.ଏ)**



ରାସ୍ତା କାମ ଚାଲିଛି।

ଲଗାଣ ବର୍ଷାରେ ଦାରିଙ୍ଗବାଡ଼ିକୁ ସଂଯୋଗ କରୁଥିବା ୫୯ନଂ. ଜାତୀୟ ରାଜପଥର ଗାଜଲବାଡ଼ି ଘାଟିରେ ୧୧ଦିନ ତଳେ ଭୂସ୍ଖଳନ ହୋଇଥିଲା। ହେଲେ ଏବେ ସୁଦ୍ଧା ତାହା ସ୍ୱାଭାବିକ ହୋଇପାରୁନି। ଉକ୍ତ ରାଜପଥଟି ଗୋପାଳପୁରଠାରୁ ରାଇପୁରକୁ ସଂଯୋଗ ହେଉଥିବା ବେଳେ ଏହି ରାଜପଥ ଉପରେ କନ୍ଧମାଳ ସମେତ ପଡ଼ୋଶୀ ଗଞ୍ଜାମ, ଗଜପତି, କଳାହାଣ୍ଡି, ନୂଆପଡ଼ା ଆଦି ଜିଲାର ଲୋକ ନିର୍ଭର କରୁଛନ୍ତି। ଉକ୍ତ ରାଜପଥ ଏବେ ବନ୍ଦ ରହିଥିବାରୁ ପନିପରିବା, ଅତ୍ୟାବଶ୍ୟକ ସାମଗ୍ରୀ ନେବା ଆଣିବା କରୁଥିବା ଗାଡିଗୁଡିକ ଯାତାୟାତ ବନ୍ଦ ଯୋଗୁ ଦରଦାମ ବୃଦ୍ଧି ପାଉଛି। କାର୍ଯ୍ୟ ବିଳମ୍ବ ଯୋଗୁ ଏବେ ଦିନକୁଦିନ ସମସ୍ୟା ବଢ଼ିବାରେ ଲାଗୁଛି। ଆହୁରି କିଛିଦିନ ମରାମତି କାର୍ଯ୍ୟରେ ସମୟ ଲାଗିବ ବୋଲି ଜାତୀୟ ରାଜପଥ ବିଭାଗର କନିଷ୍ଠ ଯନ୍ତ୍ରୀ ଜୟଦେବ ଦେ କହିଛନ୍ତି। ତେବେ ବ୍ରହ୍ମପୁର, ଭୁବନେଶ୍ୱର ଯାତାୟାତ କରୁଥିବା ସମସ୍ତ ବସକୁ ପ୍ରଶାସନ ପକ୍ଷରୁ ବନ୍ଦ କରିଦିଆଯାଇଛି। ଶୁକ୍ରବାର ଏକ ଘରୋଇ ବସକୁ ସେହିରାସ୍ତାରେ ବିପଦପୂର୍ଣ୍ଣ ଭାବରେ ଯିବା ପାଇଁ ସୁଯୋଗ ଦିଆଯାଇଥିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଯାଇଛି। ଏ ନେଇ ଯନ୍ତ୍ରୀ ଜୟଦେବ କହିଛନ୍ତି, ସ୍କୁଲ ଛୁଟି ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ଯାତାୟାତ ପାଇଁ ଏକ ବସ୍‌କୁ ଛଡ଼ା ଯାଇଥିଲା ଆଉ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ କୌଣସି ଭାରିଯାନ ଛଡ଼ାଯିବନି ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ଶୀଘ୍ର କାର୍ଯ୍ୟ ଶେଷ କରାଯିବା ସହ ଯାତାୟାତ ସ୍ୱାଭାବିକ କରିବାକୁ ଦାବି ହୋଇଛି।

# ମିଶନ ଶକ୍ତି ପକ୍ଷରୁ ମେଗାଋଣ ମେଳା

**ଗୋପାଳପୁର,୧।୧୦(ଡି.ଏନ୍.ଏ.)**




ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅତିଥିଙ୍କ ଦ୍ୱାରା ଋଣ ଚେକ୍ ପ୍ରଦାନ କରାଯାଉଛି।

ରଙ୍ଗେଇଲୁଣ୍ଡା ବ୍ଲକରେ ମିଶନ ଶକ୍ତି ପକ୍ଷରୁ ଶନିବାର ମେଗା ଋଣମେଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବ୍ଲକ ପରିସରରେ ଥିବା ସଭାବନା କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ରୂପେ ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ ରାୟ, ଜିଲା ପରିଷଦ ଉପସଭାନେତ୍ରୀ ଏସ୍. ରାଜେଶ୍ୱରୀ ଦୋରା, ବ୍ଲକ ଅଧକ୍ଷ ସିଏଚ୍ ଉଷା ରାଣୀ, ଉପାଧକ୍ଷ ଅନିତା ମହାକୁଡ଼, ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, ବିଶ୍ୱନାଥପୁର ସମିତିସଭ୍ୟ ବିଷ୍ଣୁପ୍ରିୟା ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ପିଏମ୍ ଅଜୟ ଦାସ। ଅତିଥିମାନେ ରାଜ୍ୟ ସରକାର ମହିଳାଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି ଓ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି କହିଥିଲେ। ମହିଳାମାନେ ପୁରୁଷଙ୍କଠାରୁ କିଛି କମ୍ ନୁହନ୍ତି ଓ ଭଲ ଉଦ୍ୟୋଗୀ ହେବାକୁ କୁହାଯାଇଥିଲା। ଗୋଟିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୮ ଲକ୍ଷ ୮୦ ହଜାର, ଦୁଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୫ ଲକ୍ଷ ପ୍ରଦାନ କରିବା ସହ ୨୪୧ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମୁଦାୟ ୬ କୋଟି ୬୩ ଲକ୍ଷ ଟଙ୍କା ୪ଟି ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାଯାଇଥିଲା। ୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କୁକୁଡ଼ା ଫାର୍ମ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି ଅବସରରେ ନାଗେଶ୍ୱରୀ ରେଡ୍ଡୀ, ଭିଏସ୍ ଅସିତ ଶତପଥୀ, ବିଏଲ୍‌ସି ପବିତ୍ର ଦୋରା, ଚିତ୍ରସେନ ନାୟକ, ରୋଜାରାଣୀ ପଟ୍ଟନାୟକ, ବିପିସି ଶ୍ରୀରାମ ପଣ୍ଡା, ମିନତି ପାତ୍ର, ସିଏଚ୍ ଗାୟତ୍ରୀ ଆଚାରୀ, କାମାକ୍ଷୀ ପ୍ରଧାନ, ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ,ଏମ୍‌ବିକେ, ବ୍ୟାଙ୍କ ମିତ୍ର, ଅନ୍ୟ ଅଧିକାରୀ ଓ ମହିଳାମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୫୨୯ ଜଣଙ୍କୁ ମିଳିଲା ନୂତନ ଭତ୍ତା



ଧର୍ମଶାଳା,୧।୧୦(ଡି.ଏନ.ଏ.) ଧର୍ମଶାଳା ବ୍ଲକ ଅଧୀନ ୪୩ ପଞ୍ଚାୟତର ୫୨୯ଜଣ ବୃଦ୍ଧ, ବିଧବା ଓ ଭିନ୍ନକ୍ଷମଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ଶନିବାର ଭତ୍ତା ପ୍ରଦାନ କରାଯାଇଛି। ଏଥିରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ୧୩୨ ଭିନ୍ନକ୍ଷମ, ୨୭୨ ବିଧବା ଓ ୧୨୫ ବୃଦ୍ଧାବୃଦ୍ଧଙ୍କୁ ୬ ଲକ୍ଷ ୯୨ହଜାର ୫ଶହ ଟଙ୍କା ଭତ୍ତା ପ୍ରଦାନ କରିଥିଲେ। ୪୨୭ ଜଣଙ୍କୁ ୩ ମାସର ୧୫ଶହ ଲେଖାଏ ଓ ୧୦୨ଜଣଙ୍କୁ ଏକମାସର ୫ଶହ ଲେଖାଏ ଟଙ୍କା ସହ ପାସବୁକ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଏବିଡିଓ ଅସିତ କୁମାର ପାତ୍ର, ଡିଏସଏସ୍‌ଓ ଜ୍ଞାନରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ମଧୁବାବୁ ପେନ୍‌ସନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ ପିଇଓମାନେ ଉପସ୍ଥିତ ରହି ହିତାଧିକାରୀଙ୍କୁ ସହାୟତା କରିଥିଲେ।

### ଲିଙ୍ଗେଶ୍ୱର ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା

ପାଣିକୋଇଲି,୧।୧୦(ଡି.ଏନ.ଏ.): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ପୂର୍ଣ୍ଣତୋୟା ବୈତରଣୀ ନଦୀ କୂଳରେ ଅବସ୍ଥିତ ବାବା ଲିଙ୍ଗେଶ୍ୱର ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଲିଙ୍ଗେଶ୍ୱର ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତି ଭାବେ ଦୈତାରୀ ଧଳ, ଉପସଭାପତି ସଦାନନ୍ଦ ସାମଲ, ସମ୍ପାଦକ ପ୍ରଦୀପ କୁମାର ଧଳ, ସହସମ୍ପାଦକ ନିତ୍ୟାନନ୍ଦ ପରିଡ଼ା ଓ କୋଷାଧକ୍ଷ ଭାବେ ପ୍ରମୋଦ କୁମାର ସାହୁଙ୍କୁ ମନୋନୀତ କରାଯାଇଛି। ପରିଚାଳନା କମିଟି ସଦସ୍ୟଭାବେ ଦାମୋଦର ଧଳ, ଗୋଲକ ଚନ୍ଦ୍ର ମାଝି, ଶଙ୍କର୍ଷଣ ପରିଡ଼ା, କୈଳାସ ଚନ୍ଦ୍ର ସାହୁ, ବନମାଳୀ ଦାସ, ଗଦାଧର ଧଳ, ବୃନ୍ଦାବନ ସାହୁ, ପ୍ରତାପ ଚନ୍ଦ୍ର ଧଳ, ବାସୁଦେବ ପରିଡା, ଦିଲୀପ ଧଳ, ବିଷ୍ଣୁ ଧଳ, ଶରତ ଚନ୍ଦ୍ର ଧଳ, ଭଗବାନ ସାହୁ, ଆନନ୍ଦ ଚନ୍ଦ୍ର ପାଳ, ଅନିରୁଦ୍ଧ ସେଠୀ, ଅଶୋକ କୁମାର ସାହୁ, ତାପସ ଧଳ, ମଦନ ମୋହନ ମାଝି, ରାଜକିଶୋର ମଲ୍ଲିକ, ଅକ୍ଷୟ ଧଳ, ନାଣ୍ଡୁ ମଲିକ, ଭବ ରଞ୍ଜନ ଧଳ ଓ ମାନସ ରଞ୍ଜନ ଧଳଙ୍କୁ ଚୟନ କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ବୟସ ନ ହୋଇ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ

ଯାଜପୁର ଅଫିସ,୧।୧୦

- ଭୂତ ପାଉଛନ୍ତି ଭତ୍ତା
- ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଯାଜପୁର ଜିଲାରେ ମଧୁବାବୁ ପେନସନ ଯୋଜନା, ବିଧବା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ଯୋଜନାରେ ବ୍ୟାପକ ଅନିୟମିତତା ହେଉଛି। ବାର୍ଦ୍ଧକ୍ୟଭତ୍ତା ପାଇଁ ଆଇନ ଅନୁଯାୟୀ ୬୦ ବର୍ଷ ହୋଇ ନ ଥିବା ଏକାଧିକ ବ୍ୟକ୍ତିଙ୍କୁ ସାମିଲ କରାଯାଇଛି। ଏପରି କି ମୃତ ବ୍ୟକ୍ତିଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ଲୁଟ କରାଯାଉଛି। ଜିଲାର ବିଞ୍ଝାରପୁର ପରେ ଏବେ ବଡ଼ଚଣା ବ୍ଲକର ଗ୍ରାମବାସୀ ତଥ୍ୟଭିତ୍ତିକ ରିପୋର୍ଟ ସହ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ରାଜ୍ୟ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପସଚିବ ମଦନମୋହନ ବେହେରା ତୁରନ୍ତ ଅଭିଯୋଗର ତଦନ୍ତ କରି ବାର୍ଦ୍ଧକ୍ୟ ଭତ୍ତା ଗାଇଡ୍‌ଲାଇନ ଅନୁସାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳଙ୍କୁ ୩୦।୯।୨୦୨୨ରେ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାରେ ମଧୁବାବୁ ପେନ୍‌ସନ ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା ପ୍ରାୟ ୮୬ ହଜାର, ବିଧବା ଭତ୍ତା ପ୍ରାୟ ୩୫ ହଜାର ଓ ଭିନ୍ନକ୍ଷମ ଭତ୍ତା ପ୍ରାୟ ୧୬ ହଜାର ଜଣ ପାଉଛନ୍ତି। ଏବେ ବି ୩୦ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ଆବେଦନ କରି ଭତ୍ତା ପାଇବା ଅପେକ୍ଷାରେ ରହିଛନ୍ତି। ଜିଲାସ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଡିଜିଟାଲ ମାଧ୍ୟମରେ ଭତ୍ତା ପ୍ରଦାନ କରିବାକୁ ସରକାରଙ୍କ ନିର୍ଦ୍ଦେଶ ଜାରି ହୋଇଛି। ହେଲେ ଭତ୍ତା ଟଙ୍କା ହରିଲୁଟ କରିବାକୁ ଅସାଧୁ କର୍ମଚାରୀମାନେ ଡିଜିଟାଲ ମାଧ୍ୟମକୁ ବିଭିନ୍ନ ଆଳରେ ଟାଳି ଦେଉଛନ୍ତି। ବହୁ ହିତାଧିକାରୀଙ୍କ ୪/୫ ବର୍ଷ ହେବ ମୃତ୍ୟୁ ହୋଇ ସାରିଥିଲେ ହେଁ ପ୍ରଭାବଶାଳୀ ନେତାଙ୍କ ଇଙ୍ଗିତରେ ନକଲି ଟିପ ଚିହ୍ନ ଦେଇ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଉଠାଣ ହେଉଛି। ଅଭିଯୋଗ ଅନୁସାରେ ବଡ଼ଚଣା ବ୍ଲକ କୋଲଣଗିରି ଗ୍ରାମ ପଞ୍ଚାୟତର ଧ୍ରୁବଚରଣ ମହାପାତ୍ର, ଦେବକୀ ଦଲାଇଙ୍କ ୧ ବର୍ଷରୁ ଅଧିକ ଦିନ ତଳେ ମୃତ୍ୟୁ ଘଟିଥିଲା। କିନ୍ତୁ ସେମାନଙ୍କ ନାମରେ ଏବେ ବି ସମ୍ପୃକ୍ତ ନିର୍ବାହୀ ଅଧିକାରୀ ଭତ୍ତା ଟଙ୍କା ଉଠାଣ କରୁଛନ୍ତି। ଏଭଳି ଏକାଧିକ ମୃତ ବ୍ୟକ୍ତିଙ୍କ ନାମରେ ଚଞ୍ଚକତା କରି ଦୀର୍ଘ ବର୍ଷ ହେଲା ଲକ୍ଷାଧିକ ଟଙ୍କା ଲୁଟ ହେଉଥିବା ଅଭିଯୋଗ ହୋଇଛି। ଏହାସହ ମୋଟା ଅଙ୍କର ଅର୍ଥ କାରବାର କରାଯାଇ ଯୋଜନାବଦ୍ଧ ଭାବେ ବୟସ ଜାଲିଆତି କରି ୬୦ ବର୍ଷ ବୟସ ହୋଇ ନ ଥିବା ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି। ଏଥିରେ ସୁମିତ୍ରା ଦାସ(୫୫), ସୂରଥ କୁମାର ଭଞ୍ଜ(୫୨), ଲତିକା ସେଠୀ(୫୦), ମଞ୍ଜୁଲତା ମଲିକ(୫୦), ଗଣେଶ୍ୱର ଧଳ(୫୮), ଲତିକା ଧଳ(୫୨), ଉତ୍ତମଚରଣ ଜେନା(୫୫), ପ୍ରଫୁଲ୍ଲ ମହାପାତ୍ର(୫୯), ଯୁଧିଷ୍ଠିର ମଲିକ(୫୬), ଧନେଶ୍ୱର ମହାପାତ୍ର(୫୮), ବସନ୍ତ ଦଲାଇ(୫୫), ଉରିଆ ସାହୁ(୫୦), କ୍ଷେତ୍ରମୋହନ ମହାପାତ୍ର(୫୬), ମିନତି ଓଝା(୫୭) ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ଏହିମାନଙ୍କ ଭୋଟର ପରିଚୟ ପତ୍ର ସହ ଗ୍ରାମବାସୀ ସଚିବଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅସାଧୁ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହା ପୂର୍ବରୁ ୨୦୧୯ ଅଗଷ୍ଟରେ ବିଞ୍ଝାରପୁର ବ୍ଲକରେ ମୃତ ବ୍ୟକ୍ତି ଆକ୍ୟୁଟାନ୍ସ ରିପୋର୍ଟରେ ଟିପ ଚିହ୍ନ ଦେଇ ବିଭିନ୍ନ ଭତ୍ତା ଯୋଜନାରେ ହିତାଧିକାରୀ ପିଛା ମାସକୁ ୫୦୦, ୭୦୦ ଓ ୧୦୦୦ ଟଙ୍କା ଲେଖାଏ ଉଠାଣ ହୋଇଥିବା ଅଭିଯୋଗ ହୋଇଥିଲା। ୨୦ରୁ ଊର୍ଦ୍ଧ୍ୱ ମୃତ ବ୍ୟକ୍ତିଙ୍କ ନାମରେ ସରପଞ୍ଚଙ୍କ ଜଣେ ନିକଟତମ ବ୍ୟକ୍ତି ଟିପ ଚିହ୍ନ ଦେଇ ୫ ବର୍ଷ ହେଲା ଏହି ଟଙ୍କା ହରିଲୁଟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। କିନ୍ତୁ ଉଚ୍ଚପଦାଧିକାରୀ ଅତି ଚତୁରତାର ସହ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଦେବାରୁ ଅଭିଯୋଗ ମାମଲା ଫାଇଲ ତଳେ ଦବି ଯାଇଥିଲା। ଜିଲାରେ ତୃଣମୂଳଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ ପର୍ଯ୍ୟନ୍ତ ଯାହାର ଯେତିକି କ୍ଷମତା ସେହି ଅନୁପାତରେ ଏଭଳି ହରିଲୁଟ ବଢ଼ିବାଟା ବର୍ତ୍ତମାନ ଚିନ୍ତାର କାରଣ ହୋଇଛି। ଏହିକ୍ରମରେ ବଡ଼ଚଣା ବ୍ଲକବାସୀ ସେମାନଙ୍କ ଅଭିଯୋଗକୁ ନେଇ ନ୍ୟାୟ ପାଇବା ଉପରେ ଆଶଙ୍କା ପ୍ରକାଶ କରିଛନ୍ତି।

# ଭଦ୍ରକ ଜିଲା ପକ୍ଷରୁ ଭୋଟକା ପଞ୍ଚାୟତ ସମ୍ମାନିତ




ପଞ୍ଚାୟତ ପକ୍ଷରୁ ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ ରାଉତ ମାନପତ୍ର ଗ୍ରହଣ କରୁଛନ୍ତି।

ରସୁଲପୁର,୧।୧୦(ଡି.ଏନ.ଏ.)

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ଭଦ୍ରକ ଜିଲା ପକ୍ଷରୁ ଜିଲା ଟାଉନ ହଲରେ ଆୟୋଜିତ ସମାରୋହରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ଭୋଟକା ପଞ୍ଚାୟତକୁ ସମ୍ମାନିତ କରାଯାଇଛି। ୨୫ ଜୁଲାଇ ୨୦୨୨ରେ ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଉଦ୍ୟମରେ ଜୀବନ ବନ୍ଧୁ ଏବଂ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଏଥିରେ ଭଦ୍ରକ ଜିଲା ରେଡକ୍ରସ ପକ୍ଷରୁ ଏକ ଡାକ୍ତରୀଦଳ ଆସି ରକ୍ତଦାନକୁ ପରିଚାଳନା କରିଥିଲେ। ଭଦ୍ରକ ଜିଲା ରକ୍ତ ଭଣ୍ଡାରରେ ରକ୍ତ ଅଭାବ ପରିଲକ୍ଷିତ ହେଉଥିବା ସମୟରେ ଏହି ପଞ୍ଚାୟତ ପକ୍ଷରୁ ୧୦୧ୟୁନିଟ୍ ରକ୍ତ ଯୋଗାଇ ଦିଆଯାଇଥିଲା। ସରପଞ୍ଚ ରାଉତ, ସମିତିସଭ୍ୟ ରଞ୍ଜିତ ସାହୁ ଓ ତାଙ୍କ ସହଯୋଗୀଙ୍କ ଉଦ୍ୟମରେ ଏହିଭଳି ସଫଳତା ମିଳିବା ସମ୍ଭବପର ହୋଇଥିଲା। ଏହି ସଫଳତା ପାଇଁ ଜିଲା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତକୁ ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ପଞ୍ଚାୟତ ପକ୍ଷରୁ ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ ରାଉତ ମାନପତ୍ର ଗ୍ରହଣ କରିଥିଲେ। ଜିଲା ରକ୍ତଭଣ୍ଡାର କାଉନସିଲର ରତିକାନ୍ତ ବଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବାଳିରାମ ବୋନ୍ଦାର, ସମ୍ମାନିତ ଅତିଥି ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ପାତ୍ର, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ଡାକ୍ତର ସନ୍ତୋଷ କୁମାର ଜେନା ପ୍ରମୁଖ ଯୋଗଦେଇ ରକ୍ତଦାନର ମହତ୍ୱ ସମ୍ପର୍କରେ ମତ ରଖିଥିଲେ।

# ମିଳୁନି ଆବାସ, ଭଙ୍ଗାଘରେ ବିତୁଛି ଜୀବନ



ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ୨ ପରିବାର।

ବାଲିଚନ୍ଦ୍ରପୁର,୧।୧୦(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ୍ ଅଞ୍ଚଳରେ ସରକାରଙ୍କ ବିଭିନ୍ନ ଯୋଜନା ବାଟମାରଣା ହେଉଛି। ଫଳରେ ପ୍ରକୃତ ହିତାଧିକାରୀ ସରକାରୀ ସୁବିଧା ପାଇପାରୁନାହାନ୍ତି। ଏଠାରେ କୋଠା ଘରେ ରହୁଥିବା ଲୋକଙ୍କୁ ଆବାସ ମିଳୁଛି। ହେଲେ କଚାଘର ଥିବା ଗରିବ ଲୋକଙ୍କ ପାଇଁ ଏହା ସାତ ସପନ ପାଲଟିଛି। ଗରିବ ଲୋକେ ପଞ୍ଚାୟତଠୁ ଆରମ୍ଭ କରି ବ୍ଲକ ଓ ଜିଲାପାଳଙ୍କ ଜନଶୁଣାଣିରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଘର ଖଣ୍ଡିଏ ପାଇପାରୁନାହାନ୍ତି। ତଦନ୍ତ ପରେ ତାଲିକାଭୁକ୍ତ ହେଉଛନ୍ତି। ମାତ୍ର ରାଜନୈତିକ ଶିକାର ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ବାଦପଡ଼ି ଯାଉଛନ୍ତି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଉକ୍ତ ବ୍ଲକ ଅନ୍ତର୍ଗତ ନଳୀପୁର ପଞ୍ଚାୟତ ୮ନଂ. ୱାର୍ଡର ସେକ୍ ମହଲା ଗ୍ରାମରେ। ଚଳିତ ଲଗାଣ ବର୍ଷାରେ ଉକ୍ତ ଗ୍ରାମର ସେକ୍ ହାପିଜମ୍ମହମଦ ଇସାକ୍‌ଙ୍କ କଚାଘରର କାନ୍ଥ ପଡ଼ିଯାଇଥିବାରୁ ତାଙ୍କ ପରିବାର ରହିବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତିରେ ଚୋରଙ୍କ ଭୟ ଥିବା ବେଳେ ଦିନରେ ବିଲେଇ, କୁକୁର ଓ ଗୋରୁଙ୍କ ଭୟ ରହୁଛି। ଏପରି ଅବସ୍ଥାରେ ୬ ପ୍ରାଣୀ କୁଟୁମ୍ବକୁ ସାଥିରେ ଧରି ଦିନ କାଟୁଛନ୍ତି ସେକ୍ ହାପିଜମ୍ମହମଦ ଇସାକ୍‌ଙ୍କ ସ୍ତ୍ରୀ ମୋଜିବା ବିବି। ଏନେଇ ପ୍ରଶାସନ ନିକଟରେ ଖବର ପହଞ୍ଚିଥିଲା ବେଳେ ଦର୍ପଣ ତହସିଲ ପକ୍ଷରୁ ବାଲିଚନ୍ଦ୍ରପୁର ଆର୍‌ଆଇଙ୍କ ମାଧ୍ୟମରେ ଜରିପାଲ ଖଣ୍ଡିଏ ଯୋଗାଇ ଦିଆଯାଇଛି। ହେଲେ ଘର ଦେବାର ବ୍ୟବସ୍ଥା କରାଯାଇନାହିଁ। ସେହିପରି ଏହି ୱାର୍ଡରେ ଯାହେଦା ବିବିଙ୍କ ପରିବାର କଚାଘରେ ରହୁଛନ୍ତି। ହେଲେ ତାଙ୍କୁ ଘର ଖଣ୍ଡିଏ ମିଳି ପାରୁନାହିଁ। ସେ ସିଲେଇ କରି ଚାରି ପ୍ରାଣୀ କୁଟୁମ୍ବ ଚଳାଉଛନ୍ତି। ତାଙ୍କୁ ମଧ୍ୟ କେବଳ ପାଲଖଣ୍ଡେ ଦେଇ ପ୍ରଶାସନ ହାତ ଟେକି ଦେଇଛି। ଏବେ ଆବାସ ଯୋଜନା ପାଇଁ ସରକାରଙ୍କ ପକ୍ଷରୁ ତଦନ୍ତ ଚାଲୁ ରହିଛି। ତେଣୁ ଏହି ଦୁଇ ପରିବାରଙ୍କୁ ଆବାସ ଯୋଜନାରେ ସାମିଲ କରି ଗୃହ ଯୋଗାଇ ଦେବା ପାଇଁ ସମ୍ପୃକ୍ତ ୱାର୍ଡର ୱାର୍ଡ ସଭ୍ୟ ସେକ୍ ମୁରୁଜ୍ ଜମା ଓ ସମିତିସଭ୍ୟ ଧର୍ମଜିତ୍ ବଳ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

# ୨ ଗାଡ଼ି ଜବତ, ଜରିମାନା ଆଦାୟ

ଧର୍ମଶାଳା,୧।୧୦(ଡି.ଏନ.ଏ.)

ଧର୍ମଶାଳା ତହସିଲ ଅଫିସ ପକ୍ଷରୁ ଶୁକ୍ରବାର ରାତିରେ ବେଆଇନ କଳାପଥର ପରିବହନ କରୁଥିବା ଏକ ଟିପ୍ପର ଓ ଏକ ଟ୍ରାକ୍ଟରକୁ ଜବତ କରାଯାଇ ଜରିମାନା ଆଦାୟ କରାଯାଇଛି। ପରେ ଗାଡ଼ି ୨ଟିକୁ ଛଡ଼ାଯାଇଛି। ଧର୍ମଶାଳା-କବାଟବନ୍ଧ ରାସ୍ତାର ନାକପୋଲ ବଜାରରୁ କଳାପଥର ବୋଝେଇ ଏକ ଟିପ୍ପର ଓ କୁସ୍ତିରା ନିକଟସ୍ଥ ବ୍ରାହ୍ମଣୀ ସେତୁ ନିକଟରୁ କଳାପଥର ବୋଝେଇ ଏକ ଟ୍ରାକ୍ଟରକୁ ବଳରାମପୁରଗଡ-୧ ଆର୍‌ଆଇ ଚନ୍ଦନ କୁମାର ସାହୁ, ନାକପୋଲ ଆର୍‌ଆଇ ବିରଞ୍ଚି ବୋଇତେଇ ଓ ଏଆର୍‌ଆଇ ଜଗବନ୍ଧୁ ଜେନା ଜବତ କରିଥିଲେ। ଜବତ ଗାଡ଼ି ୨ଟିରୁ ୫୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଆରଆଇ ସାହୁ ସୂଚନା ଦେଇଛନ୍ତି।

# ନଭେମ୍ବର ୪ରେ ଚକ୍ରଧରପୁର ସମିତିସଭ୍ୟ ଉପନିର୍ବାଚନ

ଧର୍ମଶାଳା,୧।୧୦(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତରେ ସମିତିସଭ୍ୟ ପାଇଁ ଉପନିର୍ବାଚନ ନଭେମ୍ବର ୪ରେ ଅନୁଷ୍ଠିତ ହେବ। ୫ ତାରିଖରେ ଫଳାଫଳ ଘୋଷଣା କରାଯିବ। ଏନେଇ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ୬ ତାରିଖରେ ନାମାଙ୍କନ ଦାଖଲ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ଆଶାୟୀପ୍ରାର୍ଥୀ ଆସନ୍ତା ୧୦ରୁ ୧୨ ତାରିଖ ମଧ୍ୟରେ ବ୍ଲକ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିପାରିବେ। ୧୩ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ଓ ୧୫ରେ ନାମାଙ୍କନ ପ୍ରତ୍ୟାହାର ତାରିଖ ନିର୍ଦ୍ଧାରଣ କରାଯାଇଛି। ସୂଚନା ଅନୁଯାୟୀ, ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ କୁମାରୀ ଓ ଚକ୍ରଧରପୁର ପଞ୍ଚାୟତରେ ସମିତିସଭ୍ୟ ଭାବେ ପ୍ରାର୍ଥୀ ହୋଇ ବିଜୟଲାଭ କରିଥିଲେ। ପରେ ସେ ବ୍ଲକ ଅଧକ୍ଷ ଭାବେ ନିର୍ବାଚିତ ହୋଇ ଚକ୍ରଧରପୁର ପଞ୍ଚାୟତ ସମିତିସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହି ଆସନଟି ଖାଲିପଡିଥିରୁ ଏଠାରେ ଉପରୋକ୍ତ ତାରିଖରେ ନିର୍ବାଚନ କରିବାକୁ ରାଜ୍ୟ ନିର୍ବାଚନ କମିଶନର ପତ୍ର ସଂଖ୍ୟା ୮୪୫୯ ତା- ୨୮।୯।୨୨ରେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ବ୍ଲକ ଅନ୍ତର୍ଗତ ପରୁଣିଆ ପଞ୍ଚାୟତ ୫ ନମ୍ବର ୱାର୍ଡ ସଭ୍ୟା ପଦ ପାଇଁ ନଭେମ୍ବର ୪ରେ ଉପନିର୍ବାଚନ ହେବ। ଏହି ୱାର୍ଡ ସଭ୍ୟା ବେବିନା ଦଳେଇଙ୍କ ମୃତ୍ୟୁ ପରେ ଉକ୍ତ ସଭ୍ୟ ପଦବୀ ଖାଲି ପଡ଼ିଛି। ଏନେଇ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି।

# ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ସଂଗ୍ରାମୀ ନୀଳମଣି ସାମଲ

ଚଣ୍ଡିଖୋଲ,୧।୧୦(ଡି.ଏନ.ଏ.)

ଅଗଷ୍ଟ ୧୫ ତାରିଖରୁ ଅହିଂସା ରଥ ରାଜ୍ୟ ପରିକ୍ରମା କରୁଛି। ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀରେ ଲୋକସେବା ଭବନ ପରିସରରେ ରାଜ୍ୟସ୍ତରୀୟ ସମାରୋହରେ ଏହାର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଓଡ଼ିଶା ସ୍ୱାଧୀନତା ସଂଗ୍ରାମ ସମିତି ସଭାପତି ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀଙ୍କ ସାଧନାସ୍ଥଳ ଠକର୍ ବାପା ଆଶ୍ରମରୁ ମାଟି ଓ ଚରଖା ନେଇ ଶନିବାର ଭୁବନେଶ୍ୱର ଅଭିମୁଖେ ଯାଇଛନ୍ତି। ରବିବାର ରାଜ୍ୟସ୍ତରୀୟ ସମାରୋହରେ ଏହାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ସାମଲ କହିଛନ୍ତି। ଶନିବାର ମାଟି ସଂଗ୍ରହ ବେଳେ ଆଶ୍ରମ ପରିଚାଳକ ବିଜୟ କୁମାର ତ୍ରିପାଠୀ ଏହି ମାଟି ଓ ଚରଖା ପ୍ରଦାନ କରିଥିଲେ। ଏହି ସମୟରେ ସ୍ୱାଧୀନତା ସଂଗ୍ରାମୀଙ୍କ ଉତ୍ତର ଦାୟାଦ ଯତିନ୍ଦ୍ର ତ୍ରିପାଠୀ, ଧନଞ୍ଜୟ ତ୍ରିପାଠୀ, ପ୍ରଫୁଲ୍ଲ କୁମାର ସାମଲ, ଚନ୍ଦ୍ରକାନ୍ତ ସାମଲ ଓ ପଦ୍ମନାଭ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ସାମଲ ପ୍ରଥମେ ମହାତ୍ମା ଗାନ୍ଧୀ ଓ ବୃନ୍ଦାବନ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମାଟି ଓ ଚରଖା ଗ୍ରହଣ କରିଥିଲେ।

# ଗୋକର୍ଣ୍ଣିକାର ଶାରଦୀୟ ବିଶେଷାଙ୍କ ଉନ୍ମୋଚିତ

ଧର୍ମଶାଳା,୧।୧୦(ଡି.ଏନ.ଏ.)



ଅତିଥି ଗୋକର୍ଣ୍ଣିକାର ଶାରଦୀୟ ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

ଗୋକର୍ଣ୍ଣିକା ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ପର୍ବ ଶନିବାର ଧର୍ମଶାଳା ବ୍ଲକ ଅଧୀନ ଜାରକାଠାରେ ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ଲକ ଅଧକ୍ଷ ପ୍ରଭାତ ବଳବନ୍ତରାୟ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ପ୍ରେସ୍ କ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା ଯୋଗଦେଇ ଗୋକର୍ଣ୍ଣିକା ଶାରଦୀୟ ବିଶେଷାଙ୍କକୁ ଉନ୍ମୋଚନ କରିଥିଲେ। ଗ୍ରାମାଞ୍ଚଳରେ ସାହିତ୍ୟର ବିକାଶ ପାଇଁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ନିରବଚ୍ଛିନ୍ନ ଭାବେ ୪୮ ବର୍ଷ ଧରି କାର୍ଯ୍ୟ କରିବା ଓ ଗୋକର୍ଣ୍ଣିକା ପରି ଏକ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକାକୁ ୪୫ ବର୍ଷ ଧରି ପ୍ରକାଶ କରିବା ବିସ୍ମୟକର ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ସାହିତ୍ୟ ସମାଜର ସମ୍ପାଦକ ହୃଷୀକେଶ ସାମଲ ସୂଚନା ଦେଇଥିବା ବେଳେ ନିର୍ମଳ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ନାଗରିକ ରାଷ୍ଟ୍ର ପାଇଁ ଗୌରବ

ଯାଜପୁର ଟାଉନ,୧।୧୦(ଡି.ଏନ.ଏ.)

**ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ**

ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଶନିବାର ପାଳିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ଉପଜିଲାପାଳ ଗୋପୀନାଥ କୁଅଁର କହିଥିଲେ, ଶିକ୍ଷା ଅପେକ୍ଷା ଅଭିଜ୍ଞତା ଅଧିକ ଗୁରୁତ୍ୱପୂର୍ଣ୍ଣ। ପୁସ୍ତକର ପାଠ ଅପେକ୍ଷା ଜଣେ ବରିଷ୍ଠ ନାଗରିକଙ୍କ ଅନୁଭୂତି ଅଧିକ ପ୍ରଭାବୀ। ଅନ୍ୟତମ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ କହିଥିଲେ,ବରିଷ୍ଠ ନାଗରିକମାନେ ଯେ କୌଣସି ରାଷ୍ଟ୍ରପାଇଁ ଗୌରବ। ସେମାନଙ୍କୁ ଉପଯୁକ୍ତ ସମ୍ମାନ ଏବଂ ସେମାନଙ୍କ ପରାମର୍ଶ ପ୍ରତ୍ୟେକଙ୍କ ପାଇଁ ଆଶୀର୍ବାଦ ବୋଲି ଏକ କାହାଣୀ ଛଳରେ ମତବ୍ୟକ୍ତ କରିଥିଲେ। ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ଗୟାଧର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ବୟସ୍କ ଲୋକଙ୍କ ସମ୍ମାନ ଓ ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ ସମସ୍ତ ବିଭାଗ ତରଫରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତା'ର ସଦୁପଯୋଗ କରିବାକୁ ଅନ୍ୟତମ ଅତିଥି ତଥା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ଶେଖର ବଳ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ଦିବସର ମହନୀୟତା ପ୍ରତିପାଦନ ସହ ସମସ୍ତଙ୍କ ଦୀର୍ଘାୟୁ କାମନା କରିଥିଲେ।

କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଗଠନ ପକ୍ଷରୁ ବରିଷ୍ଠମାନେ କିପରି ରୋଗମୁକ୍ତ ଜୀବନଯାପନ କରିବେ ତାହା ଯୋଗ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ତଥା ଶତାୟୁ ଶଶିଭୂଷଣ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ସଂସ୍କୃତି ଭବନ ପରିସରରେ ସକାଳ ୯ଟାଠାରୁ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ଏକ ସଚେତନତା ରାଲି ରାମ ମନ୍ଦିର ଛକରୁ ବାହାରି ସହର ପରିକ୍ରମା କରି ସଂସ୍କୃତି ଭବନରେ ପହଞ୍ଚିଥିଲା। ବୟସ୍କଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାର ସମସ୍ତ ବରିଷ୍ଠ ନାଗରିକ ସଂଗଠନ କର୍ମକର୍ତ୍ତା, ବୁଦ୍ଧିଜିବୀ, ଖବରଦାତା ଓ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ବରିଷ୍ଠ ନାଗରିକ ଶଶିଭୂଷଣ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଉଛି।

# ଜଳ ସମ୍ପଦ ବିଭାଗ ରାସ୍ତା ମରଣଯନ୍ତା

ବରୀ,୧।୧୦(ଡି.ଏନ.ଏ.)

- ଅଭିଯୋଗ ପରେ ବି ବନ୍ଦ ହେଉନି ବାଲି ଗାଡ଼ି ଚଳାଚଳ
- ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ

ଯାଜପୁର ବିରଜା କ୍ଷେତ୍ରରୁ କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ରକୁ ସଂଯୋଗ କରିବା ପାଇଁ ଜଳ ସମ୍ପଦ ବିଭାଗ ତରଫରୁ ନିର୍ମାଣ ହୋଇଥିବା ଦୋବୁଅ ଘେରି ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ଲୋକେ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହ ରାସ୍ତା ଦେଇ ବରୀ ବ୍ଲକ ଅଧୀନ ଚନ୍ଦନପୁର, ରତ୍ନଗିରି, ଅମଠପୁର, ମହାକାଳପଡା ଓ ଗମ୍ଭୁ ଆଦି ପଞ୍ଚାୟତର ଲୋକେ ନିକଟସ୍ଥ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥାନ୍ତି। ଏତଦ୍‌ବ୍ୟତୀତ ରତ୍ନଗିରିଠାରେ ଥିବା ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠକୁ ପର୍ଯ୍ୟଟକମାନେ ଆସିବା ବେଳେ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ମାତ୍ର ବେଆଇନ ଭାବେ ସ୍ଥାନୀୟ ମହାକାଳପଡ଼ା ବାଲି ଘାଟରୁ ବାଲି ଉଠାଣ କରାଯାଇ ଉକ୍ତ ରାସ୍ତାରେ ଚଳାଚଳ କରୁଛି। ଫଳରେ ଏହି ରାସ୍ତାରେ ଯାତାୟାତ ପ୍ରଭାବିତ ହେଉଛି। ୧୦୮ ଆମ୍ବୁଲାନ୍ସଟିଏ ମଧ୍ୟ ଏହି ରାସ୍ତାରେ ଯାଇ ପାରୁନାହିଁ।

ସ୍ଥାନୀୟ ମହାକାଳପଡ଼ା ସରପଞ୍ଚ ପ୍ରଜ୍ଞାପରମିତା ପରିଡ଼ା, ଗମ୍ଭୁ ସରପଞ୍ଚ ଜଗଦୀଶ ଜେନା, ରତ୍ନଗିରି ସରପଞ୍ଚ ସରଳା ମଲିକଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ଉକ୍ତ ରାସ୍ତା ଉପରେ ଭାରିଯାନ ଚଳାଚଳକୁ ବିରୋଧ କରିବା ସହ ଏ ଦିଗରେ ପଦକ୍ଷେପ ନେବାକୁ ବରୀ ତହସିଲଦାର ଓ ଯାଜପୁର ଜିଲାପାଳଙ୍କୁ ଲିଖିତଭାବେ ଜଣାଇଛନ୍ତି। ହେଲେ ପ୍ରଶାସନିକ ଅଧିକାରୀ ଭାରିଯାନ ଚଳାଚଳ ଉପରେ ରୋକ୍ ଲଗାଇବା କ୍ଷେତ୍ରରେ ବିଫଳ ହୋଇଛନ୍ତି, ଯାହାକି ବିଭାଗୀୟ କର୍ତ୍ତୃପକ୍ଷଙ୍କ ବାଲି ମାଫିଆଙ୍କ ସହ ଅସାଧୁ ମେଣ୍ଟ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବେଆଇନ ବାଲିଗାଡ଼ି ଚଳାଚଳ ସମ୍ପର୍କରେ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୋଦ ନାୟକ କହିଛନ୍ତି, ମୁଁ ନୂତନ ଭାବେ ଏଠାରେ ଯୋଗ ଦେଇଛି। ସ୍ଥାନୀୟ ଲୋକେ ଫୋନ୍ ମାଧ୍ୟମରେ ଏହି ଘଟଣା ବିଷୟରେ ମୋତେ ଅବଗତ କରିଛନ୍ତି। ଖୁବ୍‌ଶୀଘ୍ର ଘଟଣାସ୍ଥଳ ପରିଦର୍ଶନ କରିବା ସହ ପଦକ୍ଷେପ ନିମନ୍ତେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବରୀ ଭାରପ୍ରାପ୍ତ ତହସିଲଦାର ଚିନ୍ମୟ ଦାସଙ୍କୁ ପ୍ରତିକ୍ରିୟା ନେବା ପାଇଁ ଫୋନ୍‌ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।



ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି।

## ସଂକ୍ଷେପରେ

### ଆଶାକର୍ମୀ ନିଯୁକ୍ତିରେ ଚଞ୍ଚକତାକୁ ବିରୋଧ
#### ଅତିରିକ୍ତ ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

**ନୟାଗଡ଼ ଅଫିସ,୧।୧୦:** ନୟାଗଡ଼ ବ୍ଲକ ଜାମୁସାହି ମୌଜାରେ ଆଶାକର୍ମୀ ନିଯୁକ୍ତିରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦ କରି ଜାମୁସାହି ବାସିନ୍ଦା ଶନିବାର ଅତିରିକ୍ତ ଜିଲାପାଳଙ୍କୁ ଭେଟି ଫେରଦ୍ ହୋଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଆଶାକର୍ମୀଭାବେ କାର୍ଯ୍ୟ କରୁଥିବା ମହିଳାଙ୍କ ପରଲୋକ ହୋଇଛି । ଏହା ପରେ ଅନୁପମା ରାଉତ ଗାଁଲୋକଙ୍କ ଦ୍ୱାରା ମନୋନୀତ ହୋଇ ୩ମାସ କାର୍ଯ୍ୟ କରିଥିଲେ । ଏପରିକି ୨ମାସର ପ୍ରାପ୍ୟ ପାଇଥିଲେ । ତେବେ ଅନୁପମାଙ୍କୁ ହଟାଇ ତାଙ୍କ ସ୍ଥାନରେ ମାମିନା ନାୟକଙ୍କୁ ନିଯୁକ୍ତି କରାଯାଇଛି । ମାମିନା ନିଯୁକ୍ତି ପାଇବା ପରେ ଗାଁରେ ଉତ୍ତେଜନା ଦେଖା ଦେଇଛି ।

### ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ଖଣ୍ଡପଡ଼ା,୧।୧୦(ସ୍ୱ.ପ୍ର.):** କଣ୍ଟିଲୋ ପାଣୁ ସାହୁ ପାଟଣା ଆର୍ଯ୍ୟ ସମାଜ ପକ୍ଷରୁ ଗତ ୪୯ ବର୍ଷ ହେଲା ବିଶ୍ୱ ଶାନ୍ତି ପାଇଁ ବୈଦିକ ମହାଯଜ୍ଞ ଅନୁଷ୍ଠିତ ହୋଇ ଆସୁଛି । ଚଳିତ ବର୍ଷ ଶନିବାରଠାରୁ ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଏହି ଯଜ୍ଞ ଅନୁଷ୍ଠିତ ହେବ। ଏହି ଅବସରରେ ଅପରାହ୍ଣରେ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଗ୍ରାମର ମହିଳା ଓ ପୁରୁଷ ମହାନଦୀ ଘାଟରୁ ଜଳାଭାର ସହିତ ଗ୍ରାମ ପରିକ୍ରମା କରି ପାଣୁସାହୁ ପାଟଣା ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ । ଶନିବାରଠାରୁ ସନ୍ଧ୍ୟା ଉପାସନା, ପ୍ରବଚନ ଓ ବାଲ୍ୟଲୀଳା ଅନୁଷ୍ଠିତ ହେବ । ସେଦିନ ପୂର୍ବାହ୍ନରେ ଓମ୍ ଧ୍ୱଜା ଉତ୍ତୋଳନ ପରେ ଯର୍ଜୁ ବେଦ ପାରାୟଣ ଯଜ୍ଞ ସହ ପ୍ରତି ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ହେବ ।

### ରକ୍ତଦାନ ଶିବିର, ୭ ୟୁନିଟ୍ ରକ୍ତ ସଂଗ୍ରହ

**ନୟାଗଡ଼ ଅଫିସ,୧।୧୦:** ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଶନିବାର ଆୟୋଜିତ ହୋଇଥିଲା । ଏହି ଶିବିରରେ ୭ଜଣ ରକ୍ତଦାନ କରିଥିଲେ । ଆବଶ୍ୟକ ପ୍ରଚାର ଅଭାବରୁ ଅନେକ ଜାଣି ପାରି ନ ଥିବା କୁହାଯାଉଛି । ଗଣମାଧମକୁ ବି ଖବର ଦିଆଯାଉନି । ପରେ ରକ୍ତଦାନ ନିମନ୍ତେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ୫୬ଜଣ ରକ୍ତଦାତା ଯୋଗଦେଇଥିଲେ । ରକ୍ତଦାନର ମହତ ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଜିଲା ମୁଖ୍ୟଚିକିତ୍ସାଳୟର ଅଧୀକ୍ଷକ ସୁଧାଂଶୁ ଶେଖର ଷଡ଼ଙ୍ଗୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଶରତ ଚନ୍ଦ୍ର ଦାଶ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପା ନିଳିମା ଲାକ୍ରା, ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଅଜୟ କୁମାର ପାଣିଗ୍ରାହୀ, ଡାକ୍ତର ନୌସଦ୍ ଅଲ୍ଲୀ ଖାଁଙ୍କ ସହ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ବରିଷ୍ଠ ନାଗରିକ ଦିବସ ପାଳିତ

**ନୟାଗଡ଼ ଅଫିସ,୧।୧୦:** ଶନିବାର ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲାର ୮ ବ୍ଲକରୁ ୫୧ଜଣ ବରିଷ୍ଠ ନାଗରିକ ଯେଉଁମାନଙ୍କ ବୟସ ଶହେ ବା ତାଠାରୁ ଅଧିକ ସେମାନଙ୍କୁ ସମ୍ମାନିତ କରାଯାଇଥିଲା । ସେମାନେ ହେଲେ ଇଟାମାଟି ଗାଁର ଚନ୍ଦ୍ର ଶେଖର ସାହୁ(୧୦୪), ନୟାଗଡ଼ ପୁରୁଣା ସହରର ଗୋପି ଡାକୁଆ(୧୦୪), ବଉଳସାହି ଗାଁର ତଅପୋଇ ନାୟକ(୧୦୦), ବିଜିପୁର ଗାଁର ହନିଫା ବିବ(୧୧୧) । ଆଉଜଣେ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ରାଉତ(୧୦୧)ଙ୍କୁ ନନ୍ଦିଘୋର ବାସଭବନରେ ଜନଗଣନା କାର୍ଯ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା ।

# ରାଜପଥ ଅବରୋଧ ପରେ ବଢ଼ିଥିଲା ବିବାଦ

**ନୟାଗଡ଼ ଅଫିସ,୧।୧୦**

**ଚାଷୀଙ୍କ ଉପରେ ମୃଦୁ ଲାଠି ଚାଳନା**
- ୨ ବୋଲେରୋ, ୧୯ ବାଇକ ଜବତ
- ୬ ନୁହେଁ ୧୦ ଚାଷୀ ଅଟକ
- କୁକୁଡ଼ା ଫାର୍ମ ଜିଲା ସଭାପତି ଗିରଫ ପରେ ଖବରଦାତା ସମ୍ମିଳନୀ

ପଶୁପତି ଫିଡସ୍‌ର ୮ ହଜାର ୫୦୦ କୁକୁଡା ଚିଆଁକୁ ଇଟାମାଟି ଥାନାର ବିଜିପୁର ଓ ବାଉଁଶିଆପଡାର ନାଳରେ ଫୋପାଡିବା ଘଟଣା ଶୁକ୍ରବାର ରାତିରେ ବିବାଦୀୟ ରୂପ ଧାରଣ କରିଥିଲା । ପଶୁପତି ଫିଡ୍‌ସର ଅଭିଯୋଗ ପରେ ପୋଲିସର ଗିରଫଦାରୀକୁ ନେଇ ଜିଲା କୁକୁଡ଼ା ଫାର୍ମ ମାଲିକ ସଂଘ ପକ୍ଷରୁ ପ୍ରତିବାଦ କରାଯାଇଥିଲା । ଇଟାମାଟି ଥାନା ସମ୍ମୁଖରେ ବିଳମ୍ବିତ ରାତିରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା । ଏପରିକି ଥାନା ଘେରାଉ କରାଯାଇଥିଲା। ପୋଲିସ ଆନ୍ଦୋଳନକୁ ହଟାଇବା ପାଇଁ ବାରମ୍ବାର ପ୍ରଚେଷ୍ଟା କରିଥିଲେ ମଧ୍ୟ ହଟି ନ ଥିଲା । ଶେଷରେ ମୃଦୁ ଲାଠି ଚାଳନା କରି ରାସ୍ତାରୋକୋ ହଟାଇଥିଲା । ଏପରିକି ୬ଜଣ ଚାଷୀ ଗିରଫ ହୋଇଥିଲେ । ୧୯ ବାଇକ, ୨ ବୋଲୋରୋକୁ ପୋଲିସ ଜବତ କରିଥିଲା । ଅନ୍ୟପକ୍ଷେ ପୋଲିସ ପଶୁପତି ଫିଡସ୍‌ର କର୍ମଚାରୀ ରବି ନାରାୟଣ ସାହୁଙ୍କ ଅଭିଯୋଗ କ୍ରମେ ୨୨୬/୨୨ରେ ୧୨ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା । ଏହି ଘଟଣାରେ ନୟାଗଡ଼ ଜିଲା କୁକଡା ଫାର୍ମ ମାଲିକ ସଂଘର ସଭାପତି ତଥା ଡେଙ୍ଗେରାଗୋଡି ଗାଁର ମନୋରଞ୍ଜନ ରାଉତ(୪୪)ଙ୍କୁ ଗିରଫ କରିଛି । ରାସ୍ତାରୋକୋ ହଟିବା ପରେ ଚାଷୀମାନେ ପୋଲିସର କାର୍ଯ୍ୟକଳାପ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

ଏନେଇ ନୟାଗଡ ଜିଲା କୁକଡା ଫାର୍ମ ମାଲିକ ସଂଘ ପକ୍ଷରୁ ଶନିବାର ନୟାଗଡ଼ରେ ଏକ ଖବରଦାତା ସମ୍ମିଳନୀ କରାଯାଇ ପୋଲିସର କାର୍ଯ୍ୟକଳାପକୁ ନିନ୍ଦା କରାଯାଇଛି । ସଂଘ ପକ୍ଷରୁ କୁହାଯାଇଛି ରାତିରେ ଥାନା ଘେରାଉ ଓ ରାସ୍ତାରୋକେ ପରେ ପୋଲିସ ଲାଠି ଚାଳନା କରିଥିଲା । ଏପରିକି ସଂଘର ଜିଲା ସଭାପତିଙ୍କୁ ଗିରଫ କରିବା ସହ ୧୦ ଜଣଙ୍କୁ ଅଟକ ରଖିଛି । ତେବେ ଅଟକ ସଂଖ୍ୟା ୬ ନୁହେଁ ୧୦ ବୋଲି ଦାବି କରାଯାଇଛି । ଅପରପକ୍ଷେ ରାଜ୍ୟରେ କୁକୁଡ଼ା ଫାର୍ମ ମାଲିକମାନେ ଆନ୍ଦୋଳନ ଚଳାଇଛନ୍ତି । ଏଭଳିସ୍ଥଳେ ପଶୁପତି ଫିଡସ ପକ୍ଷରୁ ନୟାଗଡକୁ କୁକୁଡା ଚିଆଁ ଅଣାଯିବା ଘଟଣାକୁ ବିରୋଧ କରାଯାଇଥିଲା । ପୁଣି ରାତିରେ ଫାର୍ମକୁ କୁକୁଡ଼ା ଚିଆଁ ଆଣିବାକୁ ନିୟମ ରହିଥିବାବେଳେ ଦିନରେ ଆଣିବାରୁ ପ୍ରତିବାଦ ହୋଇଥିଲା । କୁକୁଡ଼ା ଫାର୍ମ ମାଲିକମାନେ ନ୍ୟାୟ ପାଇଁ ଆନ୍ଦୋଳନ କରିଥିବାବେଳେ ସେମାନଙ୍କୁ ଲାଠିମାଡ ଠିକ୍ ନୁହେଁ ବୋଲି କୁହାଯାଇଛି । ଏଣୁ ନୟାଗଡ ଜିଲା କୁକଡା ଫାର୍ମ ମାଲିକ ସଂଘକୁ ନ୍ୟାୟ ଦିଆଯାଉ ବୋଲି ସମ୍ପାଦକ ସନ୍ତୋଷ ସାହୁ, ସଦସ୍ୟ କୃପାସିନ୍ଧୁ ସୁବୁଦ୍ଧିଲ, ପ୍ରଭାତ ମହାନ୍ତି ପ୍ରମୁଖ ଦାବି କରିଛନ୍ତି । ଅଭିଯୋଗ ଅନୁସାରେ ପଶୁପତି ଫିଡସ୍‌ର ୮ ହଜାର ୫୦୦ କୁକୁଡ଼ା ଚିଆଁ ନୟାଗଡ଼କୁ ଆସୁଥିଲା । ନୟାଗଡ଼ ଜିଲା କୁକୁଡା ଫାର୍ମ ମାଲିକ ସଂଘ ପକ୍ଷରୁ କେତେଜଣ ଚାଷୀ ଗାଡି ଅଟକାଇ କୁକୁଡା ଚିଆଁକୁ ନାଳ ଭିତରକୁ ଫୋପାଡି ଦେଲେ । ଏହା ପରେ ବିବାଦ ଉଗ୍ରରୂପ ନେଇଥିଲା । ଇଟାମାଟି ଥାନା ଆଇଆଇସି ବିଶ୍ୱଜିତ ରାଉତରାୟ କୁହନ୍ତି ଆଇନ ହାତକୁ ନେଲେ ପୋଲିସ ବାଧ୍ୟ ହୋଇ କାର୍ଯ୍ୟାନୁଷ୍ଠାନ ନେବ । ତେବେ କୁକୁଡା ଚିଆଁ ଫୋପାଡିବା ଘଟଣାରେ ଜଣେ ଗିରଫ ହୋଇଥିବାବେଳେ ୧୯ ବାଇକ ଓ ୨ ବୋଲେରୋ ଜବତ ହୋଇଛି। ଅନ୍ୟପକ୍ଷେ ୬ ଅଟକଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦିଆଯାଇଛି ।


ଖବରଦାତା ସମ୍ମିଳନୀରେ ମାଲିକ ସଂଘ କର୍ମକର୍ତ୍ତା ।

## ବହୁ ପରିମାଣର କାଠ ଜବତ, ଜଣେ ଗିରଫ

**ଦଶପଲ୍ଲା,୧।୧୦ (ଡି.ଏନ.ଏ.)**

ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ଚୋରା ଶାଳ ଗଣ୍ଡି ସହ ପଟା ଜବତ କରାଯାଇଛି । ଏହି ଘଟଣାରେ ବନ ବିଭାଗ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ହେଲେ ବାଣୀଗୋଛା ଗ୍ରାମର ସୁଶାନ୍ତ ନାଏକ(୪୦) । ଏସିଏଫ୍ ଶ୍ୱେତାଲିନା ସାହୁଙ୍କ ନିର୍ଦ୍ଦେଶ କ୍ରମେ ଦଶପଲ୍ଲା,ଗଣିଆ, ମହିପୁର, ନୟାଗଡ଼ ମୋବାଇଲ୍ ଷ୍ଟାଫ୍ ଓ ପୋଲିସ ମିଳିତ ଚଢ଼ାଉ କରି ୨୮ ଖଣ୍ଡ ଶାଳ ଗଣ୍ଡି ଜବତ କରିବା ସହ ୧୮ ଖଣ୍ଡ ଶାଗୁଆନ ପଟା ଓ ୩ ଖଣ୍ଡ ପିଆଶାଳ ପଟା ଜବତ କରିଛନ୍ତି। ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ପ୍ରକାଶ କୁମାର ସେଠ୍‌ଙ୍କ ଉପସ୍ଥିତିରେ ଏହି କାଠ ଓ ପଟା ଜବତ କରାଯାଇଛି। ଏହି ଘଟଣାରେ ବନ ବିଭାଗ ପକ୍ଷରୁ ଏକ ମାମଲା(ନଂ.୧୮/୨୨) ରୁଜୁ ହୋଇଛି । ଜବତ କାଠ ଗଣ୍ଡିଗୁଡ଼ିକୁ ବନ ବିଭାଗ ପକ୍ଷରୁ ବନ ନିଗମକୁ ହସ୍ତାନ୍ତର କରାଯାଇଛି ।


ଦୁର୍ଗାପୂଜା ଉପଲକ୍ଷେ ନୟାଗଡ଼ରେ ନିର୍ମାଣ କରାଯାଇଥିବା ତୋରଣ ।

## ଚିନିକଳରୁ ଯନ୍ତ୍ରାଂଶ ଚୋରି କରି ୩ ଜେଲ ଗଲେ

**ନୟାଗଡ଼ ଅଫିସ,୧।୧୦**

ନୟାଗଡ଼ ପାଣି ପୋଲିଲାସ୍ଥିତ ଚିନିକଳରୁ ଯନ୍ତ୍ରାଂଶ ଚୋରି କରିବା ଅଭିଯୋଗରେ ସଦର ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଖେଡପଡା ସ୍କମିସାହିର କସ୍ତୁରି ଗୁରୁ, ଯୁଗଳ ବେହେରା, ପ୍ରହ୍ଲାଦ ପାତ୍ରଙ୍କୁ ନୟାଗଡ ସବଜେଲକୁ ପଠାଇ ଦିଆଯାଇଛି । ଚିନିକଳରେ ତାଲା ପଡିବା ପରେ ଏହାର ଯନ୍ତ୍ରାଶ ଚୋରି ହେଉଛି। ବର୍ତ୍ତମାନ ଚିନିକଳ ଜିଲା ପ୍ରଶାସନର ହେପାଜତରେ ଅଛି । ହେଲେ ପ୍ରଶାସନ ଚୋରି ରୋକିବାରେ ସକ୍ଷମ ହୋଇ ନାହିଁ।

## ବିପଦସଙ୍କୁଳ କୁସୁମୀ ସେତୁ ଆପ୍ରୋଚ ରୋଡ୍

**ଖଣ୍ଡପଡ଼ା,୧।୧୦ (ସ୍ୱ.ପ୍ର.)**

ଖଣ୍ଡପଡ଼ା ସହର ଜେଲଖାନା ଛକ ଠାରୁ ନିକଟସ୍ଥ ବନମାଳୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର କୁସୁମୀ ସେତୁ ଆପ୍ରୋଚ ରୋଡ୍ ବିପଦଶଙ୍କୁଳ ହୋଇପଡିଛି । ବର୍ଷା ଯୋଗୁ ରାସ୍ତା ପାର୍ଶ୍ୱରୁ ମାଟି ଧୋଇ ହୋଇଯାଇଛି । ଫଳରେ ତାହା ରାସ୍ତା ପ୍ରତି ବିପଦ ସୃଷ୍ଟି କରିଛି । ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇ ଖାଲ ସୃଷ୍ଟି ହୋଇଛି । ଯାନବାହନ ଚାଳକମାନେ ବିପଦ ଶଙ୍କୁଳ ରାସ୍ତା ଦେଇ ଯାତାୟତ କଲାବେଳେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କୁସୁମୀ ସେତୁର ଆପ୍ରୋଚ ରାସ୍ତା ପ୍ରତି ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଓ ନୟାଗଡ଼ ନିର୍ବାହୀ ଯନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା କୁସୁମୀ ସେତୁର ଉଭୟ ପାର୍ଶ୍ୱ ଆପ୍ରୋଚ ରୋଡ୍‌ର ପ୍ରଶସ୍ତିକରଣ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।


ଧୋଇ ଯାଇଥିବା ଆପ୍ରୋଚ ରୋଡ଼ ।

## ମା'ବିମଳାଙ୍କ ଭଦ୍ରକାଳୀ ବେଶ



**ଖଣ୍ଡପଡ଼ା,୧।୧୦(ସ୍ୱ.ପ୍ର.)**

ନୀଳମାଧବ ପୀଠର ଇଷ୍ଟଦେବୀ ମା'ବିମଳାଙ୍କ ଷୋଳପୂଜା ଦ୍ୱିତୀୟା ଓଷାଠାରୁ ଆରମ୍ଭ ହୋଇଛି । ଏହି ପାରମ୍ପରିକ ପର୍ବ ମହାନବମୀ ପର୍ଯ୍ୟନ୍ତ ଚାଲିବ । ମହାଳୟାଠାରୁ ମା'ଙ୍କ ନବରାତ୍ରୀ ପୂଜା ଆରମ୍ଭ ହେବା ସହ ପ୍ରତିଦିନ ଚଣ୍ଡୀପାଠ, ହୋମଯଜ୍ଞ କରାଯାଉଛି । ଉକ୍ତ ଯଜ୍ଞରେ କର୍ତ୍ତାଭାବେ ବ୍ରଜରାଜ ମିଶ୍ର, ପୁରୋଧା ଶ୍ରୀକାନ୍ତ ମିଶ୍ର ଓ ସମୀର ମିଶ୍ର ପ୍ରମୁଖ ପୂଜାରେ ସାମିଲ ହୋଇଛନ୍ତି। ମା'ଙ୍କ ନିକଟରେ ପ୍ରତିଦିନ ଖଇ, କୋରା, କାକରା, ଫଳମୂଳ, ଅନ୍ନଭୋଗ ଲାଗି କରାଯାଇଥାଏ । ନବରାତ୍ରୀ ପାଇଁ ପୂଜକ ମନୋଜ କୁମାର ମିଶ୍ର, ଦୟାନିଧି ମିଶ୍ର, ଶ୍ରବଣରାମ ମିଶ୍ର, ନୀଳମାଧବ ମିଶ୍ର, ମନୋରଞ୍ଜନ ମିଶ୍ର ଓ ଦୀପକ ମିଶ୍ର ପ୍ରମୁଖ ବ୍ରତଧାରଣ କରି ନବରାତ୍ରୀ ପାଳନ କରୁଛନ୍ତି । ଗୁରୁବାର ମା'ଙ୍କୁ ଭଦ୍ରକାଳୀ ବେଶରେ ସୁସଜ୍ଜିତ କରାଯାଇଥିଲା ।

## 'କହିଦେଲେ କଥା ସରିଯିବ' ନାଟକ ମଞ୍ଚସ୍ଥ
### ମା'ବାହାଡାଶୁଣୀଙ୍କ ପୀଠରେ ଯାତ୍ରା ମହୋତ୍ସବ

**ଖଣ୍ଡପଡ଼ା,୧।୧୦(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ବାହାଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ବାହାଡାଶୁଣୀଙ୍କ ପୀଠରେ ଶାରଦୀୟ ପର୍ବ ଶୁକ୍ରବାରରୁ ଆରମ୍ଭ ହୋଇଛି । ୨୦୦ ବର୍ଷ ହେବ ସେଠାରେ ପାରମ୍ପରିକ ଯାତ୍ରା ଅନୁଷ୍ଠିତ ହେଉଛି । ମହାଷଷ୍ଠୀ ତିଥି ଅବସରରେ ମା ଢ଼କେଇଶୁଣୀଙ୍କ ପୀଠରୁ ଏକ ଶୋଭାଯାତ୍ରା ବାହାରି ବାହାଡା ଗ୍ରାମ ପରିକ୍ରମା କରି ମା ବାହାଡାଶୁଣୀଙ୍କ ପୀଠରେ ପହଞ୍ଚି ଥିଲା । ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦୁଆରୀ ନାଟ୍ୟ ପରିବେଷଣ ହୋଇଥିବା ବେଳେ ରାତିରେ ଗ୍ରାମବାସୀଙ୍କ ପକ୍ଷରୁ ନାଟକ 'କହିଦେଲେ କଥା ସରିଯିବ' ମଞ୍ଚସ୍ଥ ହୋଇଥିଲା । ଶନିବାର ମହାସପ୍ତମୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱିପ୍ରହରରେ ରାମ ନାଟକ ମଞ୍ଚସ୍ଥ ହୋଇଥିଲା । ସନ୍ଧ୍ୟାରେ ମାଙ୍କ ଉଭାପର୍ବ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ ଲାଗିରହିଥିଲା । ରାତିରେ ସାମାଜିକ ନାଟକ 'ଏଠି ତୋର ଦୋଷ ନା ମୋର ଦୋଷ' ମଞ୍ଚସ୍ଥ ହୋଇଥିଲା । ଅତିଥି ରୂପେ ଖଣ୍ଡପଡା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଯୋଗ ଦେଇଥିଲେ । ରବିବାର ମା'ବାହାଡାଶୁଣୀଙ୍କ ଶାରଦୀୟ ପର୍ବ ଉଦ୍‌ଯାପିତ ହେବ ବୋଲି ଗ୍ରାମ୍ୟ ସଭାପତି କହିଛନ୍ତି । ସମ୍ପାଦକ ବିଜୟ କୁମାର ନାୟକ,ଜନ୍ମେଜୟ ଦଳେଇ, ଦୟାନିଧି ଦଳେଇ, ପ୍ରଫୁଲ୍ଲ ଖଟୁଆ, ବିନୋଦ ଦଳେଇ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ବରିଷ୍ଠ ନାଗରିକଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

**ଭାପୁର,୧।୧୦(ଡି.ଏନ.ଏ.)**

ଭାପୁର ବ୍ଲକ୍ ଜୁଡିସିଆଲ ଜୁନିୟର କୋର୍ଟ ପରିସରରେ ଥିବା ସଭା ଗୃହରେ ଶନିବାର ତାଲୁକ ସେବା ଆଇନ ତରଫରୁ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୁଡିସିଆଲ ମାଜିଷ୍ଟ୍ରେଟ ବନୀଲ କୁମାର ଖଟାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତାଲୁକ ସେବା ଆଇନର ସଂଯୋଜକ ପ୍ରଶାନ୍ତ କୁମାର ବାରିକ, ଭାପୁର ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘ ଆବାହକ ରମେଶ ଚନ୍ଦ୍ର ବରାଡ ଓ କୋଷାଧ୍ୟକ୍ଷ ପ୍ରଭାକର ସାହୁ ପ୍ରମୁଖ ପରିଚାଳନା କରିଥିଲେ । ବରିଷ୍ଠ ନାଗରିକମାନେ ନିୟମିତ ସକାଳ ସନ୍ଧ୍ୟାରେ କିଛି ସମୟ ଚାଲିବା ଦରକାର। ନିଜ ଦେହର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ । ବରିଷ୍ଠ ନାଗରିକମାନଙ୍କୁ କିପରି ମାଗଣାରେ ଆଇନ ସହାୟତା ମିଳିପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ବରିଷ୍ଠ ନାଗରିକମାନଙ୍କୁ ଆଇନର ବିଭିନ୍ନ ଦିଗ ବିଷୟରେ ଜଜ୍ ବୁଝାଇଥିଲେ । ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ସେମାନଙ୍କ ସମସ୍ୟା ଉପସ୍ଥାପନା କରିଥିଲେ । ଭାପୁର ବ୍ଲକ୍‌ରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଗୃହର ଆବଶ୍ୟକତା ରହିଛି ବୋଲି ଦାବି ଉପସ୍ଥାପନ କରିଥିଲେ । ଜଜ୍ ଖଟାଇ ପ୍ରଥମେ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟ ଦାବି ସଂକ୍ରାନ୍ତରେ ସେ ଭାପୁର ଗୋଷ୍ଠୀଉନ୍ନୟନ ଅଧିକାରୀ ରଞ୍ଜିତ କୁମାର ମଲ୍ଲିକ, ତହସିଲଦାର ତୃପ୍ତି ମହାନ୍ତି ,ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ସତ୍ୟପ୍ରିୟ ସାହୁଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ବୈଠକରେ ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଆଇନଜୀବୀ ପ୍ରଶାନ୍ତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।



ଭାପୁରରେ ଅନୁଷ୍ଠିତ ବରିଷ୍ଠ ନାଗରିକ ଦିବସ ସଭାରେ ମଞ୍ଚାସୀନ ଅତିଥି ।

## ସ୍ୱଚ୍ଛ ଭାରତ ଅଭିଯାନ-୨ ଆରମ୍ଭ

**ନୟାଗଡ ଅଫିସ,୧।୧୦**

ନୟାଗଡ଼ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଓ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନଏସଏସ, ଏନସିସି, ୱାଇଆରସିଙ୍କ ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ-୨ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି । ଏହା ଅକ୍ଟୋବର ୩୧ ପର୍ଯ୍ୟନ୍ତ ଚାଲୁ ରହିବ । ଜନଭାଗିଦାରୀ କାର୍ଯ୍ୟକ୍ରମରେ ଲୋକଙ୍କୁ ସଚେତନତା ଓ ପରିବେଶ ସଫାସୁତୁରା କରାଯିବ । ପରେ ସ୍ୱଚ୍ଛ ପରିବେଶ, ସ୍ୱଚ୍ଛ ଭାରତ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନେହେରୁ ଯୁବକେନ୍ଦ୍ରର ଜିଲା ୟୁଥ୍ ଅଫିସର ଅନୁରାଗ କୁମାର , ରିସୋର୍ସପର୍ସନ ସ୍ୱାନ୍ତନୁ ସ୍ୱାଇଁ ଯୋଗ ଦେଇ ସ୍ୱଚ୍ଛ ପରିବେଶ ଉପରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ବୁଝାଇଥିଲେ। ସିଙ୍ଗିଲ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ପାଇଁ ସମସ୍ତଙ୍କୁ ସଚେତନ କରାଯାଇଥିଲା ।

## ପଦ୍ମଚରଣ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ଦଶପଲ୍ଲା,୧।୧୦(ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲାର ବିଶିଷ୍ଟ ସମାଜସେବୀ ପଦ୍ମ ଚରଣ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଶନିବାର ପାଳିତ ହୋଇ ଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ମହାବୀର ମନ୍ଦିର ସମ୍ମୁଖରେ ଆୟୋଜିତ ସଭାରେ ଅତିଥିରୁପେ ଶିକ୍ଷାବିତ୍ ଲକ୍ଷ୍ମୀଧର ଦାଶ, ସାହିତ୍ୟକ ପ୍ରଦ୍ୟୁମ୍ନ ଶତପଥୀ, ଇଞ୍ଜିନିୟର ଭରତ ସ୍ୱାଇଁ, ସନ୍ତୋଷ ମହାପାତ୍ର, ନିବେଦିତା ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ମିଶ୍ର ଦଶପଲ୍ଲାର ବିକାଶ ପାଇଁ ଅହରହ ଉଦ୍ୟମ କରୁଥିଲେ । କାର୍ଯ୍ୟଶୈଳୀ ଆଜି ବି ଜନମାନସରେ ରହିଛି । ମରୁଡ଼ି ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ଆଡ଼ିବନ୍ଧ ନିର୍ମାଣ ଏବଂ ବାଳିକା ହାଇସ୍କୁଲର ଉନ୍ନତି କରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପୂର୍ବାହ୍ନରେ ସ୍ଥାନୀୟ ବାଳିକା ହାଇସ୍କୁଲଠାରେ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ଏଥିରେ ସମ୍ମାନୀତ ଅତିଥି ରୂପେ ପରିବେଶବିତ୍ ପ୍ରଶନ୍ନ କୁମାର ପଣ୍ଡା, ବାଞ୍ଛାନିଧି ମିଶ୍ର, ଏନ୍ଏନ୍‌ସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିର୍ମଳାବାଳା ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଏହାପରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବା ସହିତ ସ୍ମରଣିକା ଉନ୍ମୋଚିତ ହୋଇଥିଲା ।


ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

## ବରିଷ୍ଠ ନାଗରିକଙ୍କ ପାଖରେ ପହଞ୍ଚିପାରୁନି ସରକାରୀ ଯୋଜନା

**ଖଣ୍ଡପଡ଼ା,୧।୧୦ (ସ୍ୱ.ପ୍ର.)**

ଗ୍ରାମାଞ୍ଚଳର ବରିଷ୍ଠ ନାଗରିକମାନଙ୍କ ନିକଟରେ ସରକାରଙ୍କ ବିଭିନ୍ନ ଯୋଜନା ଠିକ୍ ଭାବେ ପହଞ୍ଚି ପାରୁ ନାହିଁ। ସେଥିପାଇଁ ବରିଷ୍ଠ ନାଗରିକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ଖଣ୍ଡପଡ଼ା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଶନିବାର ପୂର୍ବାହ୍ନରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ସ୍ଥାନୀୟ ଶୁଭମଣ୍ଡପ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ାର ବରିଷ୍ଠ ଦେୱାନୀ ଜଜ୍ ତଥା ସହକାରୀ ଦୌରାଜଜ୍ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫସି) ତସଲିମା ଦାସ ଅଧ୍ୟକ୍ଷତା କରି ଅସହାୟ ଗରିବ ଜନସାଧାରଣଙ୍କୁ କିପରି ପ୍ରଥମେ ନ୍ୟାୟ ପ୍ରଦାନ କରାଯାଇ ଆଇନ ସହାୟତା ଦିଆଯାଇ ପାରିବ ସେ ସମ୍ପର୍କରେ ବୁଝାଇଥିଲେ । ବରିଷ୍ଠ ନାଗରିକମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ ନ କରିବା ଏବଂ ସେମାନଙ୍କୁ ଆବଶ୍ୟକ ଆଇନ୍‌ଗତ ଓ ସାମାଜିକ ସୁରକ୍ଷା ଯୋଗାଇ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଆଇନଜୀବି ତଥା ଗ୍ରନ୍ଥକାର ଗିରିଜା ଶଙ୍କର ତରାସିଆ, ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମର ସଭାପତି ଅଖିଳ କୁମାର ମହାରଣା, ବିଡିଓ ଅରୁଣିମା ସାହୁ, ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ, ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଅଭିସାର ପଣ୍ଡା, ବରିଷ୍ଠ ଆଇନଜୀବୀ ବାସୁଦେବ ରଥ, ଖଣ୍ଡପଡ଼ା ଥାନା ଅଧିକାରୀ ରମେଶ ଚନ୍ଦ୍ର ଦେବତା ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ କ୍ଷେତ୍ରରେ ସ୍ୱାସ୍ଥ୍ୟଗତ ସମସ୍ୟା ଓ ପାରିବାରକ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି ।

ସମାଜକୁ ଦିଗ ଦର୍ଶନ ଦେଉଥିବା ଏହି ବରିଷ୍ଠ ନାଗରିକମାନଙ୍କୁ ଉଚିତ ସମ୍ମାନ ଦେବା ସହ ସମସ୍ତ ସେବା ଯୋଗାଇଦେବା ପାଇଁ ମତ ରଖିଥିଲେ। ବରିଷ୍ଠ ନାଗରିକମାନଙ୍କୁ ନିରାପତ୍ତା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ନିଃସଙ୍ଗ ବରିଷ୍ଠ ନାଗରିକମାନଙ୍କ ପାଇଁ ରାଜ୍ୟ ସରକାର ଜାପାନ ଓ ଇଂଲଣ୍ଡ ଦେଶ ପରି 'ଏକାକିତ୍ୱ ମନ୍ତ୍ରଣାଳୟ' ବିଭାଗ ଖୋଲି ସ୍ୱେଚ୍ଛାସେବୀ ସଙ୍ଗଠନ ମାଧ୍ୟମରେ ସେବା କରିବାକୁ ବରିଷ୍ଠ ନାଗରିକ ତଥା ଖବରଦାତା ପ୍ରଭାକର ଶିରୋମଣି ପ୍ରସ୍ତାବ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଆଇନଜୀବୀ ତରାସିଆ ସଂଯୋଜନା କରିଥିବା ବେଳେ ଆଇନଜୀବୀ ଯୁଧିଷ୍ଠିର ସାହୁ ଧନ୍ୟବାଦ ଦେଇଥିଲେ। ଖଣ୍ଡପଡ଼ା ସହର ସମେତ ବିଭିନ୍ନ ପଞ୍ଚାୟତରୁ ଶତାଧିକ ବରିଷ୍ଠ ନାଗରିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।